
ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା



# ଆହ୍ୱାନ

ଅପ୍ରେଲ ୨୦୨୩ ସଂଖ୍ୟା

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଉତ୍କଳୀୟ ନବବର୍ଷ ଉପଲକ୍ଷେ**
**ଆହ୍ୱାନ ଇ-ପତ୍ରିକାର ସମସ୍ତ**
**ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୯ |
| **ଗଳ୍ପ ବିଭାଗ** | | **୨୩** |
| ଅନେକ କଳାଛାଇ - ୧ | ଅଶୋକ ବିଶ୍ୱାଳ | ୨୪ |
| ଲୋଭ ଲାଳସା | ତ୍ରିନାଥ ନନ୍ଦୀ | ୩୭ |
| ପୁଅ ମୋର କଲେକ୍ଟର୍ | କୁନାଲ ମଲ୍ଲିକ | ୪୧ |
| ବଡ଼ ଝିଅ | ସୁନନ୍ଦା ମହାନ୍ତି | ୪୫ |
| ବିତିଗଲା ଦିନ | ବିନୟ ମହାପାତ୍ର | ୪୭ |
| ସେନେହର ଗଙ୍ଗା | ପବିତ୍ରା ଧଳ ମଲ୍ଲିକ | ୫୭ |
| ଥୋଇଲୀ | ସିଦ୍ଧେଶ୍ୱର ତ୍ରିପାଠୀ | ୬୧ |
| ଇର୍ମେ | ବୈଶାଖୀ ଦୀପ | ୬୪ |
| ଇଗଲ୍ | ଇନ୍ଦିରା ଚରଣ | ୭୨ |
| ନୀରବ ବ୍ୟଥା | ରୁଦ୍ରକାନ୍ତ ରାଉତରାୟ | ୭୫ |
| ଖଣ୍ଡଗିରି ମେଳା | ଅଭିଜିତ ସାହୁ | ୮୨ |
| ତୁମେ ଯେତେବେଳେ ଚାହିଁବ (ଶେଷ ଭାଗ) | ଦୀପକ ଷଡ଼ଙ୍ଗୀ | ୮୯ |
| **କବିତା ବିଭାଗ** | | **୯୧** |
| ଆମ ଗାଁ ନଈ ବୈତରଣୀ | ଶିବ ନାରାୟଣ ଦାଶ | ୯୨ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ତର୍ପଣ ତା'ର ସରିବ ନାହିଁ | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୯୮ |
| ବଞ୍ଚି ମୁଁ ପାରିବି ନାହିଁ | ତାରା ପ୍ରସାଦ ଜେନା | ୧୦୧ |
| ମଞ୍ଜୁଳ ସାୟାହ୍ନ | ଆଭାଞ୍ଜଳି ଶତପଥୀ | ୧୦୨ |
| ଏଇ ସମାଜରେ | ହରପ୍ରିୟା ପାତ୍ର | ୧୦୬ |
| ଲକ୍ଷ୍ୟପଥ | ରୀତା ଅପରାଜିତା ମହାନ୍ତି | ୧୦୯ |
| ଓଡ଼ିଆଙ୍କ ପ୍ରାଣ ପଖାଳ କଂସା | ରାମଚନ୍ଦ୍ର ପ୍ରଧାନ | ୧୧୧ |
| ବ୍ରହ୍ମାଣ୍ଡ ପଖାଳ ଦିବସରେ | ସନ୍ଦୀପ କୁମାର କର | ୧୧୨ |
| ସପନ ସପନ | ନୀଳମଣି ଚାନ୍ଦ | ୧୧୪ |
| ଅପେକ୍ଷା ଚାଷୀର ହସକୁ | ଶାନ୍ତନୁ କୁମାର ରାଉତ | ୧୧୫ |
| ବିଦ୍ୟୁଲତା | ଜଗଜୀବନ ସେଠୀ | ୧୧୬ |
| ଆମେ ସୁନାପିଲା ହେବା | ବିକାଶ କୁମାର ହୋତା | ୧୧୮ |
| ମନର କାହାଣୀ କବିତା | ଆଶୁତୋଷ ମେହେର | ୧୨୦ |
| ପ୍ରଶ୍ନବାଚୀ | ନିରଞ୍ଜନ ସାହୁ | ୧୨୧ |
| ବାପା ତୁମେ ଭାରି ମିଛୁଆ | ବର୍ଷାରାଣୀ ମହାମଲ୍ଲିକ | ୧୨୨ |
| ତୁମେ ଓ ମୁଁ | ସୌଦାମିନୀ ସାହୁ | ୧୨୬ |
| ମୁଁ ବି ହେବି ସୁଭାଷ | ସତ୍ୟନାରାୟଣ ମିଶ୍ର | ୧୨୭ |
| ଫଗୁଣ | ସୁନନ୍ଦା ମହାନ୍ତି | ୧୨୮ |
| କୃପାଭିକ୍ଷା | ସରୋଜିନୀ ମିଶ୍ର | ୧୨୯ |
| ଡିଜିଟାଲ୍ କୁନା | ବିଶ୍ୱରଞ୍ଜନ ସ୍ୱାଇଁ | ୧୩୧ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ମଫସଲୀ ବାହୁବଳୀ | ଦିବାକର ନାୟକ | ୧୩୩ |
| ନିଦାଘର ପଦପାତ | ବାଲାଜୀ ସେଠୀ | ୧୩୪ |
| ପ୍ରେମାନୟନ | ଆଦରମଣି ପ୍ରଧାନ | ୧୩୫ |
| ଥରେ ଦେଖା | ପୁଷ୍ପାଞ୍ଜଳି ପଣ୍ଡା | ୧୩୭ |
| ସୌଦାଗର | ରାକେଶ ଭୋକ୍ତା | ୧୩୮ |
| ପଳାଶ | ପ୍ରଗନ୍ କୁମାର ପାତ୍ର | ୧୩୯ |
| ବିଦେଶେ ସ୍ୱଦେଶ ସ୍ମୃତି | ମାନସ ରଞ୍ଜନ ନାୟକ | ୧୪୦ |
| ଲୋକଙ୍କ ସାହିତ୍ୟ | ଭାରତୀ ମୁଦୁଲି | ୧୪୨ |
| ତୁମ ଆଶାରେ | ଭବାନୀ ଶଙ୍କର ଦାଶ | ୧୪୪ |
| ବକ୍ରଦୃଷ୍ଟି - ୧୯୩୬ | ଦୀନବଂଧୁ ବେଜ | ୧୪୫ |
| ଛୋଟ ମୋର ଗାଁ'ଟି | ନିତ୍ୟରଞ୍ଜନ ନନ୍ଦ | ୧୪୭ |
| ଜନକ - ଜନନୀ | ପଙ୍କଜ କୁମାର ମଙ୍ଗଳ | ୧୪୯ |
| ମୋ ଓଡ଼ିଶା ଗାଏ ଉତ୍କର୍ଷର ଗାଥା | ସଞ୍ଜୀବ କୁମାର ଦାସ | ୧୫୧ |
| ପ୍ରତୀକ୍ଷା | ବାସନ୍ତୀ ଲତା ଜେନା | ୧୫୨ |
| ଆମ ଓଡ଼ିଶ | ମଧୁସ୍ମିତା ସାହୁ | ୧୫୩ |
| ଜୀବେଦୟା ଭାବ ଜଗତେ ଶ୍ରେଷ୍ଠ | ରଞ୍ଜିତା ରାଉଳ | ୧୫୫ |
| କରୁଣା ଟିକିଏ କର | ନିରୁପମା ପାଣି | ୧୫୬ |
| ତୁମେ ଯଦି ରାଜି ହୁଅନ୍ତ ! | ଦେବାର୍ଚ୍ଚନ ମେହେର | ୧୫୮ |
| ଆମ ଭାଷା ଓଡ଼ିଆ | ଇଂ ସୌମ୍ୟରଞ୍ଜନ ଲେଙ୍କା | ୧୬୧ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ପସରା | କୀର୍ତ୍ତନ ସାହୁ | ୧୬୨ |
| ମୋର ପ୍ରିୟ ପରିବାର | ପୂର୍ଣ୍ଣିମା ଦାଶ | ୧୬୪ |
| ସମ୍ପର୍କ | କଲ୍ୟାଣୀ ଦାସ | ୧୬୬ |
| ବେଙ୍ଗଲା ହେଲାଣି ସାତସପନ | ରାଧାମୋହନ ପୂଜାହାରୀ | ୧୬୭ |
| ଆଧୁନିକତା | ଅମୃତନାରାୟଣ ଶତପଥୀ | ୧୬୯ |
| କବିତା କୋଣାର୍କ | ଦଣ୍ଡାସି ପ୍ରଧାନ | ୧୭୧ |
| ମହାକାଶରୁ ମହାଦୃମ | ଚନ୍ଦନ କୁମାର ଜେନା | ୧୭୩ |
| ଆମ ପରିଚୟ | ରାମ ପ୍ରସାଦ ସିଂହ | ୧୭୫ |
| କ୍ରାନ୍ତିସୂର୍ଯ୍ୟ ଗୁରୁ ମହାତ୍ମାଫୁଲେ | ବେଣୁଧର ସୁରୁଜାଳ | ୧୭୬ |
| **ଲୋକଭାଷା ବିଭାଗ** | | **୧୭୮** |
| ଲକ୍ଷ୍ମୀ ପୁରାନ୍ | ସତ୍ୟ ନାରାୟଣ ମିଶ୍ର | ୧୭୯ |
| କାଳିଆ ରଜା | ବର୍ଷାରାଣୀ ମହାମଲ୍ଲିକ | ୧୮୨ |
| ମୁଁଇଁ ଗୁଟେ 'କୁକୁର୍' | ସୁନୀଲ କୁମାର ଅଗସ୍ତି | ୧୮୩ |
| ବଲିବୁକା | ସହଦେବ ଧରୁଆ | ୧୮୫ |
| **ପ୍ରବନ୍ଧ ବିଭାଗ** | | **୧୮୬** |
| ମୁଦ୍ରାସ୍ଫିତି ଓ ମୁଣ୍ଡପିଛା ଆୟ | ଶଙ୍କର ବିଶ୍ୱାଳ | ୧୮୭ |
| ବିରଳ ଅଲିଭ୍ ରିଡ଼ଲେ କଇଁଛ | ଡଃ ମନୋରଞ୍ଜନ ବିଷୋୟୀ | ୧୯୪ |
| କଳାକାରଙ୍କ ଚିହ୍ନନ୍ତୁ | ସୌମ୍ୟ ରଞ୍ଜନ ସାମଲ | ୧୯୮ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଜଙ୍ଗଲ ସୁରକ୍ଷା : ଜୀବନ ରକ୍ଷା | ଅକ୍ଷୟ କୁମାର ରାଉତ | ୨୦୧ |
| ଆନ୍ତର୍ଜାତିକ ମାତୃଭାଷା ଦିବସ | ଅସିତ ମହାନ୍ତି | ୨୦୪ |
| ତୈଳିକ ଜାତି ପ୍ରୀତି | ବିଜୟ କୁମାର ସାହୁ | ୨୦୭ |
| ବିଶ୍ୱ ପଖାଳ ଦିବସ | ଗୌତମ ନାୟକ | ୨୨୩ |
| ରାଷ୍ଟ୍ରୀୟ ଶିକ୍ଷାନୀତି ଓ ଗାନ୍ଧୀଙ୍କ ଚିନ୍ତାଧାରା | କିରନ୍ ସ୍ୱାଇଁ | ୨୨୬ |
| **ବିଶେଷ ସୂଚନା** | | **୨୩୬** |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

**https://www.youtube.com/@aahwaan**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଅପ୍ରେଲ ୨୦୨୩ ସଂସ୍କରଣ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ଆସନ୍ତାକାଲି ହେଉଛି ମହାବିଷୁବ ସଂକ୍ରାନ୍ତି । ଓଡ଼ିଆ ନବବର୍ଷ । ତେଣୁ ଆହ୍ୱାନ ଇ-ପତ୍ରିକାର ସମସ୍ତ ଲେଖକମଣ୍ଡଳୀ, ପାଠକମଣ୍ଡଳୀ ଏବଂ ଉପଦେଷ୍ଟା ତଥା ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଆଶା କରୁଛି ଆଗାମୀ ବର୍ଷ ଆପଣଙ୍କ ଜୀବନରେ ଅନେକ ଆନନ୍ଦ, ସମୃଦ୍ଧି ଓ ସୁଖ ନେଇ ଆସିବ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀଷ ସର୍ବଦା ଆପଣଙ୍କ ଉପରେ ରହିବ ।

ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିର ମହତ୍ତ୍ୱ ଯେତେ ଅଧିକ, ସେତେ ଅଧିକ ରହୁଛି ଓଡ଼ିଆ ନବବର୍ଷ ପାଳନ । ଆହୁରି ମଧ୍ୟ ଏହି ଦିନକୁ ଓଡ଼ିଶାରେ ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ଓ ମେରୁ ସଂକ୍ରାନ୍ତି ଭାବରେ ମଧ୍ୟ ପାଳନ କରାଯାଏ । ଗଞ୍ଜାମ ସମେତ ଉପକୂଳ ଓଡ଼ିଶାର ଅନେକ ଜିଲ୍ଲାରେ ଆୟୋଜିତ ହେଉଥିବା ଦଣ୍ଡ ନାଟ ସମାପନ ହୁଏ । ରାଜ୍ୟର ଅଧିକାଂଶ ଠାକୁରାଣୀ ମନ୍ଦିରରେ ଜନ ସମାଗମ ଦେଖିବାକୁ ମିଳିବ । ଆଜିର ଦିନ ମଧ୍ୟ ବହୁତ ବଡ଼ ଏବଂ ଅଧିକ ଗରମ ଅନୁଭବ ହେଉଥିବା ହେତୁ ଅନେକ ଅଞ୍ଚଳରେ ବଦାନ୍ୟ ବ୍ୟକ୍ତି ତଥା ଅନୁଷ୍ଠାନ ମାନେ ପଣା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଣ୍ଟନ କରନ୍ତି । ବ୍ରହ୍ମପୁର ସହରର ପ୍ରତ୍ୟେକ ଗଳିକନ୍ଦିରେ ପଣା ବଣ୍ଟନ କାର୍ଯ୍ୟକ୍ରମର ଛବି ସୋସିଆଲ୍ ନେଟୱର୍କରେ ବିସ୍ତୃତ ଭାବରେ ଦେଖାଦେବ । ସାମାଜିକ ସଂହତି, ଭାତୃତ୍ୱଭାବ ତଥା ଜାତି ଓ ଗୋଷ୍ଠୀ ନିର୍ବିଶେଷରେ ସମାଜରେ ସମସ୍ତେ ଏକାକାର ହେବାର ଏହିଭଳି ମହାର୍ଘ ପର୍ବ ଅନ୍ୟ ଧର୍ମରେ ବିରଳ ।

ସାହିତ୍ୟିକ ମାନଙ୍କ ପାଇଁ ମଧ୍ୟ ମହାବିଷୁବ ସଂକ୍ରାନ୍ତିର ମହତ୍ତ୍ୱ ଅଧିକ ରହିଛି । ଅନେକ ସାହିତ୍ୟାନୁଷ୍ଠାନ ଆଜିର ଦିନରେ ବିଶେଷ ସଭାମାନ ଆୟୋଜନ କରିଥାନ୍ତି । ବରେଣ୍ୟ ସାହିତ୍ୟିକଙ୍କୁ ସମ୍ମାନିତ କରିବା ସହ ସାହିତ୍ୟର ଉତ୍ତରୋତ୍ତର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଆଲୋଚନାଚକ୍ର ଆୟୋଜିତ ହୋଇଥାଏ ।

ଚଳିତ ବର୍ଷ ଏହି ଦିବସକୁ ଓଡ଼ିଆ ଧୋତିପିନ୍ଧା ଦିବସ ଭାବରେ ପାଳନ କରିବାର ଆହ୍ୱାନ ଦେଇଛନ୍ତି ଓଡ଼ିଶାର ଜଣେ ବରିଷ୍ଠ ପକ୍ଷୀ ବିଶେଷଜ୍ଞ ଶ୍ରୀ ପ୍ରମୋଦ ଧଳ । ଓଡ଼ିଶାର ପ୍ରକୃତ ପୋଷାକ କହିଲେ ଧୋତିକୁ ହିଁ ବୁଝାଇଥାଏ । ଆମେ ପିଲାଦିନେ ଆମ ନିଜ ଘରେ ତଥା ସମାଜରେ ଅନେକ ବ୍ୟକ୍ତିଙ୍କୁ ଧୋତି ପିନ୍ଧିବାର ଦେଖି ଆସିଛୁ । ଏହା ବାଦ, ଆମର ସମସ୍ତ ପର୍ବପର୍ବାଣୀରେ ସମ୍ମାନ ପାଇଁ ଧୋତି ଦିଆଯାଏ । ବିବାହ ହେଉ ବା ବ୍ରତ, ସବୁ ସ୍ଥାନରେ ଧୋତି ଦେବା ନେବାର ପ୍ରଥା ଅତି ପ୍ରାଚୀନ । ଆଧୁନିକତାର ତାଳରେ ଆମେ ଧିରେ ଧିରେ ଧୋତି ପିନ୍ଧିବାରୁ ବିରତ ରହି ଆସିଛୁ । କିନ୍ତୁ ଓଡ଼ିଶାଭଳି ଏକ ଅଧିକ ଗରମ ହେଉଥିବା ସ୍ଥାନରେ ଧୋତିର ଆବଶ୍ୟକତା ଯେ କେତେ ଅଧିକ ତାହା ଧୋତି ପିନ୍ଧୁଥିବା ବ୍ୟକ୍ତିମାନେ ଜାଣିଛନ୍ତି । ତେଣୁ ଆମେ ସମସ୍ତେ ଏହି ଦିବସକୁ ସମର୍ଥନ ଜଣାଇ ଧୋତି ପିନ୍ଧିବା ।

ସେହିଭଳି ଗଞ୍ଜାମ ଜିଲ୍ଲାର ଜଣେ ପ୍ରଖ୍ୟାତ ଶିଳ୍ପୀ ଶ୍ରୀ ସ୍ମିତାଧୀ ରଥ ଭାଇ, ଏହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିବସକୁ ଗଞ୍ଜାମ କଳାକାର ଦିବସ ଭାବରେ ବିଗତ ଅନେକ ବର୍ଷ ଧରି ପାଳନ କରି ଆସୁଛନ୍ତି । ଏହି ଉତ୍ସବରେ ସେ ଗଞ୍ଜାମ ଜିଲ୍ଲାର ଉଦୀୟମାନ ତଥା ପ୍ରବୀଣ କଳାକାରଙ୍କୁ ସମ୍ମାନିତ କରି ଆସିଛନ୍ତି । ଛୋଟ ଛୋଟ ଶିଶୁମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ମାନ ଆୟୋଜନ କରି ଓଡ଼ିଶୀ ତଥା ଅନେକ ଲୋକ ନୃତ୍ୟକୁ ସେ ପ୍ରୋତ୍ସାହିତ କରି ଆସୁଛନ୍ତି । ସେ ଏହି କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ସ୍ଥିତ ବୁଗୁଡ଼ା ସହରରେ ପ୍ରତିବର୍ଷ ପାଳି ଆସୁଥିବା ବେଳେ ଚଳିତ ବର୍ଷ ଏହି ଉତ୍ସବ ସେ ବ୍ରହ୍ମପୁର ସହରରେ ପାଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ଆମେ ଉଦୀୟମାନ କଳାକାର ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେଇ ପାରିଲେ ସେମାନେ ଭବିଷ୍ୟତରେ ଜଣେ ଜଣେ ପୋଖତ କଳାକାର ଭାବରେ ନିଜକୁ ପ୍ରତିଷ୍ଠା କରି ପାରିବେ ବୋଲି ସ୍ମିତାଧୀ ଭାଇ ମତ ଦିଅନ୍ତି ।

ବିଗତ ତଥା ଚଳିତ ମାସ ଭାରତ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ କୋଳାହଳମୟ ତଥା ଘଟଣାପୂର୍ଣ୍ଣ ଥିଲା । ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ଦୁର୍ଘଟଣା ଏହି ମାସରେ ଜନମାନସକୁ ଆନ୍ଦୋଳିତ କରିଥିଲା । ଚାଲନ୍ତୁ ଜାଣିବା ଭାରତର ତଥା ରାଜ୍ୟର କିଛି ଉଲ୍ଲେଖନୀୟ ଘଟଣାବଳୀ ।

ବର୍ଷ ୨୦୧୯ରେ କର୍ଣ୍ଣାଟକର ଏକ ନିର୍ବାଚନୀ ସଭାରେ ରାହୁଲ ଗାନ୍ଧୀ ଭାଷଣ ଛଳରେ କହିଥିଲେ ଯେ କାହିଁକି ସମସ୍ତ ଚୋରଙ୍କ ନାଁ କେବଳ ମୋଦୀ ହିଁ ହୋଇଥାଏ । ଏହି ଭାଷଣ ପରେ ମୋଦୀ ସମୁଦାୟ ତରଫରୁ ତାଙ୍କ ବିରୋଧରେ ମାନହାନୀ ମକଦ୍ଦମା ଦାୟର କରାଯାଇଥିଲା ଯାହା ପରେ ପରେ ସିଭିଲ୍ କେସରୁ ଅପରାଧିକ ମାମଲାରେ ପରିଣତ ହୋଇଥିଲା । ସେହି ମାମଲାର ଶୁଣାଣୀ କରି ଗୁଜୁରାଟରେ ସୁରତର ଏକ ଅଦାଲତ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ପାଇଁ ତାଙ୍କୁ ଦୁଇବର୍ଷର ଜେଲ ଦଣ୍ଡ ଶୁଣାଇଥିଲେ । ଏହା ଏକ ଅପ୍ରତ୍ୟାଶିତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖବର ଥିଲା । କାରଣ ନିର୍ବାଚନ ସମୟରେ ଅନେକ ନେତା ପ୍ରତିପକ୍ଷ ନେତାଙ୍କ ବିରୋଧରେ ଅନେକ ପ୍ରକାର ମନ୍ତବ୍ୟ ଦେଇଥାଆନ୍ତି, ତେଣୁ ଏହି ମାମଲାରେ ଜେଲଦଣ୍ଡ ହେବ ବୋଲି କେହି ଆଶା କରିନଥିଲେ । ସେ ଯା ହେଉ, ରାହୁଲ ଗାନ୍ଧୀଙ୍କୁ ଜେଲ ଦଣ୍ଡ ଶୁଣାଣୀ ପରେ କଂଗ୍ରେସ୍ ଦଳ ଏହି ମାମଲାକୁ ନେଇ ଖୁବ୍ ରାଜନୀତି କରିବା ଆରମ୍ଭ କରିଦେଲେ । କୁହାଗଲା ଯେ ମୋଦୀଙ୍କ ନିର୍ଦ୍ଦେଶରେ ଏହିଭଳି ନିଷ୍ପତ୍ତି ନିଆଯାଇଛି । କାରଣ ବିଗତ କିଛି ସମୟ ହେବ ରାହୁଲ ଗାନ୍ଧୀ ମୋଦୀ ଏବଂ ବ୍ୟବସାୟିକ ସମୁହ ଅଡ଼ାନୀଙ୍କୁ ନେଇ ଅନେକ ପ୍ରକାର ଅଭିଯୋଗ ଉପସ୍ଥାପନ କରିବା ସହ ପାର୍ଲିଆମେଣ୍ଟରେ ପ୍ରଧାନମନ୍ତ୍ରୀ ଏହି ମାମଲାରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବୀ କରୁଥିଲେ । ଏହା ସହିତ ଏହି ମାମଲା ବର୍ତ୍ତମାନ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ସତ୍ତ୍ୱେ ଏହାକୁ ନେଇ ସର୍ବଦଳୀୟ କମିଟି ଗଠନ କରିବା ଦାବୀ ମଧ୍ୟ ସେ କରୁଥିଲେ । ତେଣୁ କୁହାଗଲା ଯେ ରାହୁଲ ଗାନ୍ଧୀଙ୍କୁ ନିରବ କରିଦେବା ପାଇଁ ମୋଦୀଙ୍କ ପ୍ରରୋଚନାରେ ଏହି ମାମଲାକୁ ଏବେ ଖୋଲାଯାଇ, ନିଷ୍ପତ୍ତି ତ୍ୱରାନ୍ୱିତ ଭାବରେ ନିଆଯାଇଛି ।

ରାହୁଲ ଗାନ୍ଧୀ ଅପରାଧିକ ମାମଲାରେ ଦୁଇବର୍ଷର ଜେଲଦଣ୍ଡ ପାଇବା ନିଷ୍ପତ୍ତି ପରେ ସଂସଦର ନିୟମ ଅନୁସାରେ ତାଙ୍କ ସଦସ୍ୟତା ରଦ୍ଦ କରି ଦିଆଗଲା ଏବଂ ଏହି ସୂଚନା ପ୍ରକାଶ ପାଇବା ପରେ ପୁଣିଥରେ କଂଗ୍ରେସ ଏବଂ ବିରୋଧୀ ଦଳ ସମୁହ ଶାସକ ଦଳଙ୍କ ବିରୋଧରେ ଅନ୍ୟାୟ କରୁଥିବା କଥା କହିଲେ । ଏବଂ ଏହାପରେ ପରେ ରାହୁଲ ଗାନ୍ଧୀଙ୍କୁ ତାଙ୍କର କ୍ୱାର୍ଟର ଖାଲି କରିବା ପାଇଁ ନିର୍ଦ୍ଦେଶନାମା ଜାରୀ କରାଯାଇଥିଲା । ଏହି ସବୁ ଘଟଣାଚକ୍ର ଏକ ଅଶୋଭନୀୟ ପରିସ୍ଥିତି ସୃଷ୍ଟି କରିଥିଲା ।

ଆଶ୍ଚର୍ଯ୍ୟର କଥା କଂଗ୍ରେସ ଦଳରେ ଅନେକ ବରିଷ୍ଠ ଓକିଲ ରହିଥିବା ସତ୍ତ୍ୱେ କିଭଳି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାହୁଲ ଗାନ୍ଧୀଙ୍କୁ ଏହି ମାମଲାରେ ଦଣ୍ଡବିଧାନ ହେଲା ? କିଛି ବୁଦ୍ଧିଜୀବିଙ୍କ ମତରେ କଂଗ୍ରେସ ଦଳ ଜାଣି ଜାଣି ଏହି ମାମଲାକୁ ଘଟିବାକୁ ଦେଲେ ଯାହାଫଳରେ ୨୦୨୪ ପୂର୍ବରୁ ମୋଦୀଙ୍କୁ ଘେରାଉ କରାଯାଇ ପାରିବ ।

ଅନ୍ୟ ପକ୍ଷରେ କିଛି ବୁଦ୍ଧିଜୀବି ମତ ଦେଉଥିଲେ ଯେ ସମ୍ଭବତଃ କଂଗ୍ରେସ ଦଳରେ ଅଭ୍ୟନ୍ତରୀଣ ଦ୍ୱନ୍ଦ ହେତୁ ରାହୁଲ ଗାନ୍ଧୀଙ୍କୁ ଜାଣିଶୁଣି ଏହି ମାମଲାରୁ ବଞ୍ଚାଇବାକୁ କେହି ପ୍ରଚେଷ୍ଟା କରିଲେ ନାହିଁ । ସୂଚନାଯୋଗ୍ୟ ଯେ ଗତ ମାସରେ କଂଗ୍ରେସ ଦଳର ଜଣେ ମୁଖପାତ୍ର ମୋଦୀଙ୍କୁ ପିତାଙ୍କ ନାଁକୁ ବିକୃତ କରି କହିବା ହେତୁ ତାଙ୍କୁ ବିମାନ ଭିତରୁ ଗିରଫ କରାଯୀବା ପରେ ତୁରନ୍ତ ସୁପ୍ରିମ କୋର୍ଟରେ ମାମଲା କରାଯାଇ କିଛି କ୍ଷଣରେ ହିଁ ତାଙ୍କୁ ରିହାତି ମିଳି ପାରିଥିଲା । ସେଇଭଳି ସ୍ଥଳରେ ରାହୁଲ ଗାନ୍ଧୀଙ୍କୁ କାହିଁକି ବଞ୍ଚା ଗଲା ନାହିଁ, ତାହା ସନ୍ଦେହ ସୃଷ୍ଟି କରେ । କିଛି ଲୋକ କହନ୍ତି, ବୋଧହୁଏ ପ୍ରିୟଙ୍କା ଗାନ୍ଧୀଙ୍କୁ ଆଗାମୀ ନିର୍ବାଚନରେ ପ୍ରମୁଖ ଚେହେରା ଭାବରେ ଉପସ୍ଥାପନ କରିବା ପାଇଁ ଚେଷ୍ଟା କରାଯାଉଛି ।

ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ହେବାପରେ ମଧ୍ୟ ଯଦି ଏହି ଦୁଇବର୍ଷର ଦଣ୍ଡ ସ୍ଥିର ନିଶ୍ଚିତ ହୋଇଯାଏ ତା ହେଲେ ଆଗାମୀ ଆଠବର୍ଷ ପର୍ଯ୍ୟନ୍ତ ନିର୍ବାଚନରେ ଅଂଶ ଗ୍ରହଣ କରି ପାରିବେ ନାହିଁ । ସଂସଦର ନିୟମ ଅନୁସାରେ ଦଣ୍ଡ ଭୋଗୁଥିବା ସଦସ୍ୟଙ୍କୁ ଛଅବର୍ଷ ପର୍ଯ୍ୟନ୍ତ ନିର୍ବାଚନରେ ଠିଆ ହେବାପାଇଁ ମନା ରହିଛି ।

ରାହୁଲ ଗାନ୍ଧୀଙ୍କୁ ଏହି ସମସ୍ୟାରୁ ନିସ୍ତାର ପାଇବା ପାଇଁ ଅଦାଲତ ତରଫରୁ ଏକ ମାସ ସମୟ ଦିଆଯାଇଥିଲା, ସେ ଚାହିଁଲେ ନିଜର ଦଣ୍ଡବିରୋଧରେ ପୁଣିଥରେ ମାମଲା କରି ପାରିବେ । ଯଦି ଅଦାଲତ ମାମଲା ଶୁଣାଣି ସମୟ ଭିତରେ ତାଙ୍କର ସଂସଦୀୟ କ୍ଷେତ୍ରରେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ହୋଇଯାଏ, ତା ହେଲେ ସେ ସ୍ଥାୟୀ ଭାବରେ ନିଜର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଦସ୍ୟତା ହରାଇବେ । ଦଣ୍ଡର ଶୁଣାଣି ପରେ ପ୍ରାୟ ଦୁଇ ସପ୍ତାହ ପରେ କଂଗ୍ରେସ ଦଳ ତରଫରୁ ସୁରତ ଅଦାଲତରେ ଆବେଦନ କରିବା ପାଇଁ ଏକ ବିରାଟ ସଦସ୍ୟଙ୍କ ଦଳ ପହଞ୍ଚିଥିଲେ କିନ୍ତୁ ଅଦାଲତର ନ୍ୟାୟାଧୀଶ ଏହି ମାମଲା ତୁରନ୍ତ ଶୁଣାଣି ହୋଇ ପାରିବ ନାହିଁ ବୋଲି କହି ନୁଆ ତାରିଖ ଦେଇ ସେମାନଙ୍କୁ ଫେରାଇ ଦେଇଥିଲେ ।

ବିଗତ ମାସରେ ଦିଲ୍ଲୀ ସରକାରର ଶିକ୍ଷାମନ୍ତ୍ରୀ ମନିଷ ଶିସୋଦିଆ, ଦିଲ୍ଲୀ ମଦ ବ୍ୟାପାର ମାମଲାରେ ପକ୍ଷଭୁକ୍ତ ହୋଇ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ । ଏହାପରେ ସେ ବାରମ୍ବାର ଜାମିନରେ ଯିବାପାଇଁ ଆବେଦନ କରିବା ସତ୍ତ୍ୱେ ତାଙ୍କୁ ଜାମିନ ମିଳିନାହିଁ । ଏବଂ ଏହି ସମୟରେ ଆମ୍ ଆଦମୀ ପାର୍ଟି ତରଫରୁ ଅରବିନ୍ଦ କେଜରିୱାଲ୍ ଏକ ନୂତନ ନାଟକ ଆରମ୍ଭ କରିଦେଲେ । ପ୍ରଧାନମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ଦେଖାଇବା ପାଇଁ ସେ ଗୁଜୁରାଟ ବିଶ୍ୱବିଦ୍ୟାଳୟରେ ସୂଚନା ଅଧିକାର ଆଇନ ବଳରେ ଆବେଦନ କରିଥିଲେ । କିନ୍ତୁ ବିଶ୍ୱବିଦ୍ୟାଳୟ ଏହାକୁ ଗୁରୁତର ସହ ନ ନେଇ ଅଦାଲତକୁ ଜଣାଇଥିଲେ ଯେ କୌଣସି ବ୍ୟକ୍ତିଙ୍କ ବ୍ୟକ୍ତିଗତ ତଥ୍ୟକୁ ସେମାନେ ପ୍ରଘଟ କରି ପାରିବେ ନାହିଁ । ଏହାପରେ ଅଦାଲତ ମତ ଦେଇଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଇଣ୍ଟରନେଟରେ ଉପଲବ୍ଧ ଥିବା ବେଳେ କେଜରିୱାଲ ଜାଣି ଜାଣି ଅଶାନ୍ତି ସୃଷ୍ଟି କରୁଛନ୍ତି ତେଣୁ ତାଙ୍କୁ ପଚିଶି ହଜାର ଟଙ୍କାର ଜୋରିମାନା ନିର୍ଦ୍ଦେଶ ଦେଇଥିଲେ ।

ଅଦାଲତରୁ ଭର୍ତ୍ସନା ପାଇବା ସତ୍ତ୍ୱେ କେଜରିବାଲ୍ ନିଜ ବକ୍ତବ୍ୟକୁ ବାରମ୍ବାର କହିବା ସହ, ସେ ଆମ୍ ଆଦମୀ ପାର୍ଟି ତରଫରୁ ଦେଶବ୍ୟାପୀ ଏହି ମାମଲାରେ ଆନ୍ଦୋଳନ କରିବାପାଇଁ ଘୋଷଣା କରିଦେଲେ । ଅବଶ୍ୟ ଅନେକ ବିରୋଧୀ ଦଳ ଏଥିରେ ସହମତ ନଥିବା ଭଳି ଜଣାପଡୁଛି । ରାଷ୍ଟ୍ରବାଦୀ କଂଗ୍ରେସ ଦଳ ପ୍ରମୁଖ ଶରଦ ପାବାର କହିଛନ୍ତି ଯେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଧାନମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ରାଜନୀତି କରିବା ଅନୁଚିତ । କିନ୍ତୁ କେଜରିବାଲ ଅଭ୍ୟାସଗତ ଭାବେ ବାରମ୍ବାର ମୋଦିଙ୍କୁ ଅପମାନିତ କରିବାକୁ ପଛାଇ ନାହାନ୍ତି । ତାଙ୍କ ଦଳର ସଦସ୍ୟମାନେ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି । ତେଣେ ମଦମାମଲାରେ ଜେଲରେ ଥିବା ଶିଶୋଦିଆ ମଧ୍ୟ ପ୍ରଧାନମନ୍ତ୍ରୀ ଶିକ୍ଷିତ ହେବା କଥା କହି, ଚିଠି ଲେଖିଛନ୍ତି । ଭାଜପା ତରଫରୁ କୁହାଯାଇଛି ଯେ ଅଶିକ୍ଷିତ ପ୍ରଧାନମନ୍ତ୍ରୀ ବୋଲି ବାରମ୍ବାର ବକ୍ତବ୍ୟ ଦେଉଥିବା ଆପ୍ ଯଦି ସତରେ ଶିକ୍ଷାକୁ ଏତେ ମହତ୍ତ୍ୱ ଦେଉଛନ୍ତି ତା ହେଲେ ଦିଲ୍ଲୀର ଶିକ୍ଷାମନ୍ତ୍ରୀ ମାତ୍ର ବାର ଶ୍ରେଣୀ ପଢିଥିବା ଏବଂ ପଞ୍ଜାବର ମୁଖ୍ୟମନ୍ତ୍ରୀ ମଧ୍ୟ ଅଳ୍ପ ପଢିଥିବା କଥା ପାଇଁ ସ୍ୱଷ୍ଟୀକରଣ ଦିଅନ୍ତୁ ।

ସଦ୍ୟ ପ୍ରକାଶିତ ଦିଲ୍ଲୀର ବିଭିନ୍ନ ସ୍କୁଲ ମାନଙ୍କର ନବମ ଏବଂ ଦଶମ ଶ୍ରେଣୀର ପରୀକ୍ଷାଫଳ ଅତ୍ୟନ୍ତ ନିରୁତ୍ସାହିତ କରିଥିବା ଶୁଣାଯାଉଛି । ଖବରକାଗଜରୁ ମିଳିଥିବା ସୂଚନା ଅନୁସାରେ ପାଖାପାଖି ତିରିଶିରୁ ଅଧିକ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇନାହାନ୍ତି । ନିଜନାମ ଗୋପନ ରଖି କିଛି ଶିକ୍ଷକ ଏଭଳି ମଧ୍ୟ ଦାବୀ କରିଛନ୍ତି ଯେ ସେମାନଙ୍କୁ ବାଧ୍ୟ କରାଯାଉଛି, ପିଲାଙ୍କ ଖାତାରେ ଉତ୍ତର ନିଜେ ଲେଖିଦେଇ ପାସ୍ ମାର୍କ ଦେବାକୁ କୁହାଯାଉଛି । ବିଶ୍ୱସ୍ତରୀୟ ଶିକ୍ଷା ମଡେଲ୍ ବୋଲି ଦାବୀ କରୁଥିବା କେଜରିବାଲଙ୍କ ସମସ୍ତ ରହସ୍ୟ ଏବେ ଖୋଲିବାକୁ ବସିଛି ।

ଆମ୍ ଆଦମୀ ପାର୍ଟି ଗୁଜରାତ ନିର୍ବାଚନ ସମୟରେ ଯେଉଁଭଳି ଘୋଷଣାମାନ କରୁଥିଲେ, ସତେ ଯେମିତି ସେମାନେ ସଂଖ୍ୟା ଗରିଷ୍ଠତା ପାଇବେ ବୋଲି ଦାବୀ କରୁଥିଲେ ତାହାକୁ ଦେଖି ଅନେକ ହସିଥିଲେ ନିଶ୍ଚୟ କିନ୍ତୁ ପୋଖତ ରାଜନୀତିଜ୍ଞ କେଜରିବାଲ ସେଠାରେ ପାଇଥିବା ଭୋଟ୍ ଆଧାରରେ ଆଜି ଆପ୍ ଦଳକୁ ରାଷ୍ଟ୍ରୀୟ ଦଳ ଭାବରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିର୍ବାଚନ କମିସନ ଠାରୁ ସ୍ୱୀକୃତି ପାଇଛନ୍ତି । ତୃଣମୂଳ କଂଗ୍ରେସ, ରାଷ୍ଟ୍ରବାଦୀ କଂଗ୍ରେସ, ସିପିଆଇ ଭଳି ଦଳମାନଙ୍କ ଠାରୁ ରାଷ୍ଟ୍ରୀୟ ଦଳ ବୋଲି ପ୍ରତ୍ୟାହାର କରାଯାଇଥିଲା ବେଳେ ଆପ୍ ସଫଳ ହୋଇଛି ।

ଏବେ କେଜରିବାଲ ଯେଉଁ ମୋଦୀଙ୍କ ସାର୍ଟିଫିକେଟ୍ ପାଇଁ ନାଟକ କରୁଛନ୍ତି ତାହା ସେ ଜାଣିଶୁଣି ୨୦୨୪ରେ ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରତିଦ୍ୱନ୍ଦୀ ଭାବରେ ଉପସ୍ଥାପନ କରିବାର ପୂର୍ବାଭାଷ ଦେଇଛନ୍ତି ବୋଲି ବୁଦ୍ଧିଜୀବି ମାନେ ମତ ଦେଇଛନ୍ତି । ମମତା ବାନାର୍ଜୀ, ଶରଦ ପାବାରଙ୍କ ଭଳି ପୋଖତ ଖେଳାଳୀ ମାନେ ଏବେ ପଛକୁ ହଟିଗଲା ପରେ ରାହୁଲ ଗାନ୍ଧୀଙ୍କ ଭବିଷ୍ୟକୁ ନେଇ ସନ୍ଦେହ ଥିବା ବେଳେ କେଜରିବାଲ ନିଜକୁ ପ୍ରଧାନମନ୍ତ୍ରୀ ଭାବରେ ଉପସ୍ଥାପନ କରିବା ଆଶ୍ଚର୍ଯ୍ୟ ନ କରିପାରେ ।

କଂଗ୍ରେସ ଦଳକୁ ଗୋଟିଏ ପରେ ଗୋଟିଏ ବିପଦ ଘେରିବାକୁ ଲାଗିଗଲାଣି । ରାହୁଲ ଗାନ୍ଧୀଙ୍କ ସାଂସଦ ପଦବୀ ରଦ୍ଦ ହେବାପରେ ରାଜସ୍ଥାନରେ ଏବେ ସଚିନ୍ ପାଇଲଟ୍ ପୁଣିଥରେ ସମସ୍ୟା ସୃଷ୍ଟି କରିବା ଖବର ଆସିଲାଣି । ତେଣେ ଅନେକ ବରିଷ୍ଠ କଂଗ୍ରେସ ନେତା ଦଳରୁ ବିମୁଖ ହେଲେଣି । ଗତ ସପ୍ତାହରେ ରାହୁଲ ଗାନ୍ଧୀ କରିଥିଲେ ଏକ ଟ୍ୱିଟ୍ । ଅଦାନୀ ସମୁହର ନାଁକୁ ନେଇ ସେ ଅନେକ ବିଜେପି ସମର୍ଥକଙ୍କୁ ଟାର୍ଗେଟ୍ କରିଥିଲେ ଏହାପରେ ପ୍ରାକ୍ତନ କଂଗ୍ରେସ ସଦସ୍ୟ ଗୁଲାମ୍ ନବୀ ଆଜାଦ ଭାଷଣ ଛଳରେ କହିଥିଲେ ଯେ ସେ ଅନେକ ବର୍ଷ କଂଗ୍ରେସରେ ରହିବା ପରେ ଅନେକ ରହସ୍ୟ ଜାଣିଛନ୍ତି ଏବଂ ସେ ଜାଣନ୍ତି ଯେ ରାହୁଲ ଗାନ୍ଧୀ ପ୍ରତ୍ୟେକ ଥର ବିଦେଶ ଗଲେ କେଉଁ ସବୁ ଅବାଞ୍ଛିତ ବ୍ୟବସାୟିକ ଗୋଷ୍ଠୀଙ୍କ ସହ ମିଳାମିଶା କରନ୍ତି । ଏହା ଶୁଣିବା ପରେ ଭାଜପା ତରଫରୁ ଆକ୍ରମଣ କରାଯାଇଛି । ରାହୁଲ ଗାନ୍ଧୀ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବୀ ଉଠୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଞ୍ଜାବରେ ଅନେକ ବର୍ଷପରେ ପୁଣିଥରେ ଖାଲିସ୍ତାନର ଦାବୀ ମୁଣ୍ଡ ଟେକିଲାଣି । ଏହି ବାବଦରେ ବିଶ୍ୱବ୍ୟାପୀ ଆନ୍ଦୋଳନ କରାଯାଇ, ଭାରତ ସରକାରଙ୍କୁ ମୁଣ୍ଡ ନୁଆଇଁବାକୁ ଏକ ପ୍ରକାର ବାଧ୍ୟ କରାଯାଉଛି ବୋଲି କୁହାଯାଉଛି । ତେଣେ ଖାଲିସ୍ତାନ ଆନ୍ଦୋଳନର ପୁରୋଧା ବୋଲି କୁହାଯାଉଥିବା ଅମ୍ରିତପାଲ ବର୍ତ୍ତମାନ ଫେରାର୍ ଅଛି । ଅମ୍ରିତପାଲ ବିରୋଧରେ ସରକାର ତତ୍ପର ହେବାପରେ ବିଦେଶରେ ଖାଳିସ୍ତାନ ସମର୍ଥକମାନେ ଭାରତୀୟ ଦୁତାବାସ ସମ୍ମୁଖରେ ଆନ୍ଦୋଳନ କରିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଦେଶକୁ ଅସ୍ଥିର କରିବାକୁ ଉଭୟ ଦେଶ ଭିତରର ଏବଂ ବାହାରର ଶକ୍ତିମାନେ କୁପ୍ରଚେଷ୍ଟା ଚଳାଇଛନ୍ତି । ବ୍ରିଟେନ୍ ଏବଂ ଅଷ୍ଟ୍ରେଲିଆରେ ବିଶେଷ ଭାବରେ ଏହିଭଳି ଆନ୍ଦୋଳନ ଦେଖିବାକୁ ମିଳୁଛି ।

ବିଦେଶରେ ହୋଇଥିବା ଏକ ସର୍ବେକ୍ଷଣରେ ପୁଣିଥରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଶ୍ୱର ସବୁଠାରୁ ଅଧିକ ପସନ୍ଦ କରାଯାଉଥିବା ବ୍ୟକ୍ତିତ୍ୱ ଭାବରେ ମତ ପ୍ରକାଶ ପାଇଛି । ଅବଶ୍ୟ ଏହି ସମୟରେ ପୁଣିଥରେ ବିଶ୍ୱ ହାପିନେସ୍ ଇଣ୍ଡେକ୍ସ ପୁଣିଥରେ ପ୍ରକାଶିତ ହୋଇଛି ଯେଉଁଠି ଭାରତର ସ୍ଥାନ ପାକିସ୍ତାନ ଓ ଶ୍ରୀଲଙ୍କାଠାରୁ ବି ତଳେ ରହିଛି । ଆଶ୍ଚର୍ଯ୍ୟ ଲାଗେ ଯେ ଏହି ସବୁ ସର୍ବେକ୍ଷଣ କେଉଁ ସଂସ୍ଥା ସବୁ କରନ୍ତି, ଯେଉଁମାନେ ଖୋଲା ଆଖିରେ ଦେଖାଯାଉଥିବା ଅବସ୍ଥାକୁ ଦେଖି ପାରୁନାହାନ୍ତି । ଶ୍ରୀଲଙ୍କା ଦେବାଳିଆ ବୋଲି ଘୋଷିତ ହୋଇଯିବା ପରେ ବର୍ତ୍ତମାନ ଭାରତର ସହାୟତା ଉପରେ ନିର୍ଭର କରୁଛି । ସେମିତି ପାକିସ୍ତାନ ଅବସ୍ଥା ଭାରି ଖରାପ ହୋଇ ସାରିଛି । ଲୋକଙ୍କୁ ଖାଇବାକୁ ଆବଶ୍ୟକ ଅଟା ବି ମିଳୁନାହିଁ, ତଥାପି ସେଠାକାର ଅଧିବାସୀମାନେ ଭାରତ ଠାରୁ ଅଧିକ ସନ୍ତୋଷରେ ଅଛନ୍ତି ବୋଲି କୁହାଯାଉଛି । ଏହା ବିଶ୍ୱାସ କରିବା କେମିତି ?

ବିଗତ ମାସରେ ଭାରତରେ କିଛି ରାଜ୍ୟରେ ବ୍ୟାପକ ଜନଆକ୍ରୋଶ ଦେଖିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଳିଥିଲା । ରାମନବମୀ ସମୟରେ ଶୋଭାଯାତ୍ରା ଉପରକୁ ପଥର ଫୋପାଡ଼ିବାର ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଲା ଏବଂ ଅନେକ ସ୍ଥାନରେ ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ସମୟରେ ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ଯେଉଁଭଳି ଗୋଟିଏ ଧର୍ମର ଲୋକଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ହିନ୍ଦୁମାନଙ୍କୁ ଦୋଷୀ ବୋଲି ଦର୍ଶାଇଲେ ତାହା ବ୍ୟାପକ ଜନଅସନ୍ତୋଷ ସୃଷ୍ଟି କରିଥିଲା, ସେହିପରି ବିହାରରେ ମଧ୍ୟ ସମାନୁରୂପ ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଉତ୍ତର ପ୍ରଦେଶରେ କୌଣସି ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିନଥିଲା । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଭଳି ନେତୃତ୍ୱ ଦେଶବ୍ୟାପୀ ରହିଲେ ଦେଶ ସୁଧୁରି ଯାଆନ୍ତା ବୋଲି ଅନେକ ମତ ଦିଅନ୍ତି ।

ଆଉ ଏକ ଖବର ଯାହା ବେଶୀ ଭୃକୁଞ୍ଚନ ସୃଷ୍ଟି କରି ପାରିନଥିଲା ତାହା ହେଉଛି, ଏନସିଇଆରଟିର ପାଠ୍ୟପୁସ୍ତକର ଇତିହାସ ବହିରୁ ମୋଗଲଙ୍କ ଇତିହାସକୁ ବାଦ ଦେଇ ଅତିତର ଭାରତର ଇତିହାସକୁ ସମ୍ମିଳିତ କରିବା । ଅବଶ୍ୟ ଏହାପରେ ରାଜନୀତି ସରଗରମ ହୋଇଥିଲା କିନ୍ତୁ ଏତେ ବେଶୀ ଜୋର ନେଇ ପାରିଲା ନାହିଁ । ମୋଗଲମାନେ ଭାରତକୁ ଆକ୍ରମଣକାରୀ ଭାବରେ ଆସିଥିଲେ ଏବଂ ସେମାନେ ଭାରତରୁ ଅତି ମୂଲ୍ୟବାନ ଧନରତ୍ନ ଲୁଟି ନେଇ ମଧ୍ୟପ୍ରାଚ୍ୟ ଏବଂ ପାରସ୍ୟ ଆଦି ଦେଶରେ ଦେଉଥିବାର ଇତିହାସ ରହିଛି, ତେଣୁ ସେହିଭଳି ଅନୁପ୍ରବେଶକାରୀଙ୍କ ଇତିହାସକୁ ଗୌରବାନ୍ୱିତ କରି ଉପସ୍ଥାପନ କରିବା ବିରୁଦ୍ଧରେ ବ୍ୟାପକ ମତ ପ୍ରକାଶ ପାଉଥିଲା, ତାହା ଏବେ ଫଳବତୀ ହେବାପରେ କିଛି ଲୋକଙ୍କ ବିରୋଧ ହେବା ସ୍ୱାଭାବିକ । କିନ୍ତୁ ଭାରତର ଦୀର୍ଘ ପାଞ୍ଚ ହଜାର ବର୍ଷର ଇତିହାସ ଥିବା ବେଳେ କେବଳ ବିଗତ କିଛି ଶତାବ୍ଦୀର ଇତିହାସକୁ ପଢାଇବା ଦ୍ୱାରା ଆମର ପିଲାମାନେ ଆମର ନିଜସ୍ୱ ଇତିହାସକୁ ଭୁଲିବାକୁ ବସିଲେଣି । ତେଣୁ ଏହିଭଳି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଦକ୍ଷେପକୁ ସ୍ୱାଗତ କରାଯିବା ଉଚିତ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜାପାନ ଗସ୍ତରେ ଯାଇ, ଓଡିଶାପାଇଁ ବ୍ୟାପାରର ବ୍ୟାପକ ସୁଯୋଗ ନେଇ ଆସୁଥିବା ଖବର ମିଳିଛି । ଶୁଣାଯାଉଛି ଯେ ଅତୀତରେ ବନ୍ଦ ହୋଇଯାଇଥିବା ପୋସ୍କୋ ପ୍ରକଳ୍ପ ପୁଣିଥରେ ଓଡ଼ିଶାରେ ସ୍ଥାପନ ହେବାର ସମ୍ଭାବନା ଦେଖାଯାଉଛି । ଯଦି ଏଭଳି ହୁଏ ତାହେଲେ ଓଡ଼ିଶାରେ ବ୍ୟାପକ କର୍ମନିଯୁକ୍ତି ସୃଷ୍ଟି କରିହେବ । ଏବଂ ଏହା ଆମ ରାଜ୍ୟପାଇଁ ଶୁଭଙ୍କର ହେବ ।

ଆଉ ଗୋଟିଏ ଖବର ଯାହା ଓଡ଼ିଶାରେ ଏବେ ବ୍ୟାପକ ଭାବରେ ପ୍ରସାରିତ ହେଉଛି ଓଡ଼ିଶାରେ ଶିକ୍ଷକ ନିଯୁକ୍ତିପାଇଁ ସର୍ବନିମ୍ନ ଅଙ୍କର ଆବଶ୍ୟକତା । ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ ପାଇଁ କେବଳ ଅଧା ଅଙ୍କ ଆସିଥିଲେ ଶିକ୍ଷକତା କରିବା ପାଇଁ ଯୋଗ୍ୟ ବୋଲି ବିବେଚିତ ହେବେ ବୋଲି ଖବର ଏବ ସମସ୍ତଙ୍କ ମୁହଁରେ ପ୍ରସାର ହେଉଛି । ଏହିଭଳି ବ୍ୟବସ୍ଥା ଯେ କେତେ ପିଲାଙ୍କ ଭବିଷ୍ୟକୁ ନଷ୍ଟ କରିଦେବ ତାହା ସମସ୍ତେ କହୁଛନ୍ତି । ଯେଉଁ ଶିକ୍ଷକ ନିଜେ ଶହେରୁ ଅଧା ଅଙ୍କ ରଖି ପାରୁନାହାନ୍ତି ସେମାନେ ପୁଣି ପିଲାଙ୍କୁ କଣ ଶିଖାଇବେ ? ଏଭଳି ଶିକ୍ଷକ ଶିକ୍ଷା ବ୍ୟବସ୍ଥାକୁ ସବଳ କରିବେ ନା ଦୁର୍ବଳ କରିବେ । ସଂରକ୍ଷଣର ଦୁଷ୍ପରିଣାମ ଯେ କେତେ ଭୟାବହ ତାହା ଏହି ଖବରକୁ ଦେଖିଲେ ଜଣା ପଡୁଛି । ଜଣେ ବନ୍ଧୁ ମତ ଦେଇଛନ୍ତି ଯେ କେବଳ ଏକ ଅଙ୍କ ରଖି ଯେଉଁମାନେ ଏବେ ଶିକ୍ଷକ ଭାବେ ଯୋଗ ଦେବେ ସ୍ୱଳ୍ପ ସମୟ ମଧ୍ୟରେ ସେମାନେ ପୁଣି ପଦୋନ୍ନତି ପାଇ ସେମାନଙ୍କଠାରୁ ଅଧିକ ଅଙ୍କରେ ଚାକିରୀ ପାଇଥିବା ଶିକ୍ଷକ ମାନଙ୍କ ଉପରେ ରାଜୁତି କରିବେ । ବାଃ ଭାରି ଭଲ ବ୍ୟବସ୍ଥା ଆମ ଦେଶର । ଏଭଳି ବ୍ୟବସ୍ଥା ଆଉ କେତେ ଦେଖିଲେ ଲୋକମାନେ ଚେତିବେ ? ସଂରକ୍ଷଣ ଆଳରେ ଦେଶକୁ ପଛକୁ ଠେଲି ଦିଆଯାଉନାହିଁ ତ ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏଣେ ସଂରକ୍ଷଣ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କୁ ସୁଯୋଗ ମିଳୁନଥିବା ବେଳେ ଓଡ଼ିଶାରେ ଏବେ ନକଲି ସାର୍ଟିଫିକେଟ୍ ଗୋଷ୍ଠିର ରହସ୍ୟ ଉନ୍ମୋଚନ ହୋଇଛି । ଶୁଣାଯାଉଛି, ନକଲି ସାର୍ଟିଫିକେଟ୍ ଦେଇ ଲୋକମାନେ ବିଭିନ୍ନ ସରକାରୀ ଓ ବେସରକାରୀ ଚାକିରୀ କରୁଛନ୍ତି । ଅନ୍ୟୁନ ପନ୍ଦର ହଜାର ବ୍ୟକ୍ତି ଏଭଳି ନକଲି ସାର୍ଟିଫିକେଟ୍ ବଳରେ ଚାକିରୀ କରୁଥିବା ଅନୁମାନ କରାଯାଉଛି । ଯଦି ସତରେ ଏଭଳି ହେଉଥାଏ ତାହେଲେ ଏହା ଅତ୍ୟନ୍ତ ଚିନ୍ତାଜନକ କଥା । ଅତୀତରେ ଏଭଳି ଘଟଣା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦେଖାଯାଉଥିଲା କିନ୍ତୁ ଧିରେ ଧିରେ ଏହା ଏତେ ବ୍ୟାପକ ହେଇଛି ଯେ ଏବେ ଏହି ବ୍ୟାପାରରେ ସଂଶ୍ଳିଷ୍ଟ ବ୍ୟକ୍ତିମାନେ କୋଟିପତି ହୋଇ ସାରିଛନ୍ତି ବୋଲି ଶୁଣାଯାଉଛି । ସର୍ବାଧିକ ନକଲି ସାର୍ଟିଫିକେଟ୍ ମାଧ୍ୟମରେ ଶିକ୍ଷକତା କରୁଛନ୍ତି । ଗତ ବର୍ଷମାନଙ୍କରେ ଗଞ୍ଜାମ ଜିଲ୍ଲାରେ ଏହି ଭଳି ଖବର ବ୍ୟାପ୍ତ ହେବାପରେ ପରେ ଶିକ୍ଷା ପରିଦର୍ଶକଙ୍କ ନିର୍ଦ୍ଦେଶରେ ସମସ୍ତ ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କରାଯାଇ ଅନେକ ନକଲି ଶିକ୍ଷକଙ୍କୁ ଚାକିରୀରୁ ବରଖାସ୍ତ କରାଯାଇଥିଲା ।

ପ୍ରବଳ ଗ୍ରୀଷ୍ମପ୍ରବାହ ବର୍ତ୍ତମାନ ସମଗ୍ର ରାଜ୍ୟକୁ କଲବଲ କରୁଛି । ସେଇଥିପାଇଁ ରାଜ୍ୟ ସରକାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ତଥା ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲକୁ ଆଗାମୀ ଷୋହଳ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି, ଏବଂ ସମ୍ଭବତଃ ଏହା ଆଗାକୁ ବଢ଼ିପାରେ । ତେଣୁ ସାବଧାନ ରହନ୍ତୁ । ଅତି ଜରୁରୀ ନ ହେଲେ ଖରାରେ ବାହାରକୁ ବାହାରନ୍ତୁ ନାହିଁ । ସାଙ୍ଗରେ ପାଣି ବୋତଲ ନେଇ ଯାଆନ୍ତୁ । ଛାଇରେ ରହନ୍ତୁ । ମୁଣ୍ଡରେ ପଗଡ଼ି କରନ୍ତୁ କିମ୍ବା ଛତା ବ୍ୟବହାର କରନ୍ତୁ । ଖରା ଜନିତ ଜଳୀୟ ଅଂଶର କ୍ଷୟରୁ ବଞ୍ଚିବା ପାଇଁ, ଅଧିକ ପାଣିଥିବା ଖାଦ୍ୟ ଯଥା ପଖାଳ, ଦହି, ସରବତ, ପଣା, ତରଭୁଜ, ପଇଡ଼, ପାଣି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାକୁଡ଼ି ଇତ୍ୟାଦି ସେବନ କରନ୍ତୁ । ଦୁର୍ବଳ ଲାଗିଲେ କିମ୍ବା ସ୍ୱାସ୍ଥ୍ୟରେ ଅବନତି ହେଲେ ନିକଟସ୍ଥ ଡାକ୍ତରଖାନା କିମ୍ବା ଚିକିତ୍ସୀୟ ପରାମର୍ଶ ନିଅନ୍ତୁ ।

ଆପଣ ଆହ୍ୱାନର ୟୁଟ୍ୟୁବ୍ ଚ୍ୟାନେଲକୁ ସବସ୍କ୍ରାଇବ୍ କରିଲେଣି ତ ? ? ଗତ ମାସରେ ଏଥିରେ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ କିଛି କାହାଣୀ ଉପସ୍ଥାପନ କରାଯାଇଛି । ଆଗାମୀ ଦିନରେ ଆହୁରି ଅନେକ କାହାଣୀ ଓ କବିତା ଏଥିରେ ଦିଆଯିବ । ତେଣୁ ଆମ ୟୁଟ୍ୟୁବ୍ ଚ୍ୟାନେଲକୁ ନିଶ୍ଚୟ ସବସ୍କ୍ରାଇବ୍ କରନ୍ତୁ ।

ଶେଷରେ ଆପଣ ସମସ୍ତଙ୍କୁ ପୁଣିଥରେ ମହାବିଷୁବ ସଂକ୍ରାନ୍ତି ଏବଂ ଉତ୍କଳୀୟ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଆଶା କରୁଛି ଆପଣଙ୍କୁ ଏହି ମାସର ଆହ୍ୱାନ ଭଲ ଲାଗିବ । ଆସନ୍ତୁ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା । ଆହ୍ୱାନ ସହ ଯୋଡ଼ି ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ।


## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନେକ କଳାଛାଇ - ୧



ଅଶୋକ ବିଶ୍ୱାଳ

ବଡ ସହରରେ ଅତି ଜୋରରେ ଧାଉଁଥିବା ଲୋକମାନେ ଦିଶିଯାଆନ୍ତି । କ'ଣ ଏଇଥି ପାଇଁକି ଦୌଡିବା ପାଇଁ ଲମ୍ବାଭୂମି ଅଛି ?- ଅବିନାଶ ମନ ଭିତରେ କିଏ ପ୍ରଶ୍ନ କରୁଥିଲା ।

ଲମ୍ବା ଦୌଡପାଇଁ ଏକ ବଡ଼ ଭୂମି ଦରକାର । ସେଇଟା ସହର ଭିତରେ କେବଳ ଅଛି । ତେଣୁ ଲୋକମାନେ ଜୋରରେ ଧାଆଁନ୍ତି ।- ଆଉ ଏକ କଣରୁ ତା' ଭିତରେ ଉତ୍ତର ଥିଲା ।

ସହରରୁ ଦୂରରେ । ମାନ ଜଙ୍ଗଲରେ ? ସେଠି ଲୋକମାନେ କ'ଣ ଧାଆଁନ୍ତିନି ?

ଜଙ୍ଗଲରେ କଳା ଛାଇ ଆଉ ସେମାନେ କଥା କୁହନ୍ତି ।- ଅବିନାଶ ଭିତରେ କିଏ ଜୋରରେ କହୁଥିଲା ଆଉ ମୁଣ୍ଡ ଭିତରେ ଯେମିତି ଘଣ୍ଟାରେ କେହି ବାଡ଼ଉଥିଲା । ଢାଉଁ, ଢାଉଁ ଶବ୍ଦରେ ତା' ଭିତରେ କେମିତି ସବୁ ଥରିଯାଉଥିଲା ।

ଅବିନାଶର ବଡ଼ ସହରରେ ଦିନଗୁଡା ସରି ଆସୁଥିଲା ଆଉ ସେଥିପାଇଁ ସେ ସ୍ମୃତିସବୁକୁ ଜୀବିତ ରଖିବ ବୋଲି ବହୁତ ବୁଲିଲା । ଅନେକ ଦିନ ରହିଲା ପରେ ସହରଟା ଉପରେ ମାୟା ଆସିଯାଇଥିଲା । ସେ ନିଜକୁ ଯେତେବେଳେ ଏକାକୀ ମନେ କରୁଥିଲା ସେତେବେଳେ ରାସ୍ତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରକୁ ଚାଲିଯାଉଥିଲା । ଅସଂଖ୍ୟ ଲୋକ । ଜଣେ ଜଣଙ୍କ ଉପରେ ଚଢ଼ିଯାଉଛନ୍ତି । ଅବଶ୍ୟ ସେଥିରେ ସେ ଲୋକଟି ଷଣ୍ଢ ଭଳି ଜାଣିକି ଚଢ଼ିଯାଉନାହିଁ । ପ୍ରକୃତରେ ଏତେ ସ୍ଥାନ ନାହିଁ । ତା'କୁ କିଏ ଭଲ ଲାଗୁଥିଲେ, କିଏ ଆଶ୍ଚର୍ଯ୍ୟ ଲାଗୁଥିଲେ ତ କିଏ ଲାଗୁଥିଲେ ମ୍ୟାଜିସିଆନ । ତା'କୁ ଲାଗୁଥିଲା ସମସ୍ତେ ଦେହରେ ଖାଲି କପଡା ଗୁଡାଇହୋଇଛନ୍ତି ନା କ'ଣ ? ସେ ଭିତରେ କିଛି ମନ ନା ମଣିଷ ଅଛନ୍ତି, ନା ନାହାନ୍ତି ? ସେ ଏଣେତେଣେ ବୁଲିଲା ଆଉ ନଦୀ କୂଳରେ ଠିଆହୋଇ ଫଟୋ ନେଲା ଆଉ ବହୁତ ଭାବିଲା । ସହରରେ ଗୋଡକୁ ଗୋଡ ବାଜୁଛି, ତାହାହେଲେ ଲୋକ ଦୌଡୁଛନ୍ତି କେମିତି ?

ଏତେ ଲୋକ ଭିତରେ ତରୁଣ ତରୁଣୀଟିଏ କାହାକୁ ନଦେଖିଲା ଭଳି ଜଣେ ଜଣଙ୍କର ଦେହରେ ପଡି ଯାଇଥିଲେ । ସେପଟେ ତଳେ ନଦୀରେ ପାଣି ବୋହିଯାଉଥିଲା ଆଉ ପୋଲରୁ ସୁନେଲୀ ଆଲୋକ ଝରି ପଡୁଥିଲା । ଝିଅଟା ପତଳୀ ଆଉ ସୁନ୍ଦରୀ ଥିଲା ନିଶ୍ଚିତ, ସେ ଏକଲୟରେ ପୁଅକୁ ଅନାଇଥିଲା ଆଉ ପୁଅ ଛାତିରେ ଧିରେ ମୁଣ୍ଡ ରଖିଦେଲା । ପୁଅର ମୁଣ୍ଡଟା ତା' ବାଳଉପରକୁ ନଇଁ ଆସୁଥିଲା । ପାଖରେ କେତେ ଲୋକ ଯିବା ଆସିବା କରୁଥିଲେ । ସେମାନେ କାହାକୁ ନଦେଖି ନିଜ ଭିତରେ ବ୍ୟସ୍ତ ଥିଲେ ।

ସହରଟା ଏକ ଜଙ୍ଗଲ ।– ତା' ଭିତରେ କିଏ କହିଲା ବେଶ ଜୋରରେ ।

ଏଠି କେହି କାହାକୁ ଦେଖନ୍ତିନି । ନଦୀର ପ୍ରବାହରେ ସମୟ ବୋହିଯାଏ । ନଦୀର ପ୍ରତିଫଳନରେ ସେ ସ୍ଥାନର ସେହି ମୁହୂର୍ତ୍ତର ଅନୁଭବ କମ୍ପୁଥାଏ । ନଦୀରେ ପାଣି କିଛି ସମୟ ପରେ କେଉଁଆଡେ ବୋହିଯାଏ ଆଉ ତା'ପରେ ସେହି ସ୍ଥାନରେ ଆଉ କିଏ ବସିଯାଏ । ପୁଣି ପାଣିରେ ପ୍ରତିଫଳନ ଆସେ । ଅବିନାଶ ଭାବିଲା ମଣିଷ କ'ଣ ଖାଲି କିଛି ମୁହୂର୍ତ୍ତର । ଭାବିଲା ସିଏ ସହରରେ ମଣିଷ ଖୋଜିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତରେ ପ୍ରକୃତ ଲୋକଟିଏ କିଏ ? ଯିଏ ଦୌଡୁନଥିବ ?

ଅଜଣା ମଣିଷ । କଳାଛାଇଗୁଡା ! ଆରେ ସେଗୁଡାକ କେଉଁଠି ଯେ ଅଛି ?

ତା'ପରେ ସେ ପୋଲ ଧାରରେ ଥିବା ଫୁଲ ଦୋକାନମାନଙ୍କୁ ଆସିଲା । କେତେ ଜାତିର ଫୁଲ ଧରି ଲୋକେ ପସରା ମେଲାଇ ବସିଯାଇଛନ୍ତି । ରାସ୍ତା ଧାରରେ ଫୁଲ ପସରା ଧରି ମହିଳାମାନେ ବସିଛନ୍ତି ଆଉ ଦୋକାନରେ ପୁରୁଷମାନେ । ସେ ଫୁଲକୁ ଦେଖିଚାଲିଲା କିଛି ସମୟ । ନଦୀ କୂଳରେ ଏକ ସୁନ୍ଦରୀ ଝିଅର ଫଟୋ ଏକ ପୁଅ ଉଠାଉଥିଲା । ସେ ଝିଅକୁ ଦେଖି ଅବିନାଶକୁ ନିଜ ତରୁଣ ଦିନ କଥା ମନେ ପଡିଲା । ଝିଅଟା କେତେ ପୋଜରେ ଫଟୋ ଦେଉଥିଲା । ତା'ର ପୋଜ ଦେଖି ଲାଗୁଥିଲା ଯେମିତି ଏକ ଅପସରୀ ତଳକୁ ଓହ୍ଲାଇ ଆସିଛି । ସେ ତା' ପାଇଁ ଏକ କବିତା ମନେମନେ ଆବୃତ୍ତି କଲା । କିଛି ସମୟ ପରେ ସେମାନେ ହଜିଗଲେ । ନଦୀରେ ପାଣି ଆଉ ବ୍ରିଜର ଛାଇ ପଡିଥିଲା । ସେ କବିତାର ପାତ୍ରୀ ତା'ହେଲେ କୁଆଡେ ଗଲା ? ସବୁଆଡେ ବୁଲିବୁଲି ସେ ଶେଷରେ ଏକ ଶ୍ମଶାନ ଘାଟରେ ପହଞ୍ଚିଲା । ତା'ର ଉଦ୍ଦେଶ୍ୟ କିଛି ନଥିଲା । ସେଠି ଶବଦାହ ଚାଲିଥିଲା, ଲୋକଙ୍କ ଆଖିରେ ଲୁହ ଶୁଖିଯାଇଥିଲା । ସେ ଲମ୍ବା ନିଃଶ୍ୱାସ ନେଉଥିଲା ।

ସହରଟା ଜଙ୍ଗଲ ହୋଇଯାଇଛି । କେହି କାହାର ଉପସ୍ଥିତି ଠଉରାଇ ପାରୁନାହାନ୍ତି । ନହେଲେ ପ୍ରତିଫଳନ ସବୁ କ'ଣ ମୁହୂର୍ତ୍ତରେ ଉଭାନ ହୋଇଯାଆନ୍ତା । ଭାବିଲା ମୁଁ ଲୋକଟିଏ ଖୋଜିବି । ଅଜଣା ମଣିଷ ହେଉ ପଛେ, ମୁଁ ନିଶ୍ଚୟ ଖୋଜିବି ।

ସହରର ଠିକ ବିପରୀତ, ଜଙ୍ଗଲରେ ଖୋଜିନିଅ ।– ତା' ମନ ଭିତରେ କିଏ ବାଡ ଟାଙ୍ଗାରରୁ ପାଟି କରୁଥିବା ଭଳି କହିଲା । ତା'ଭିତରେ ସବୁ କନ୍ଦି ବିକନ୍ଦି ବତୀଘରରେ ଆଲୋକରେ ଆଲୋକିତ ହୋଇ ପୁଣି ଅନ୍ଧାରୁଆ ହୋଇଯାଉଥିଲା । ବତୀଘରର ଆଲୋକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠାଏ ଠାଏ ପଡି ସେ ଜାଗାକୁ କିଛି କ୍ଷଣ ପାଇଁ ହାଲ୍ଲୋଳ କରାଇ ପୁଣି ଅନ୍ୟଯାଗାକୁ ଚାଲିଯାଏ । ସେମିତି କିଛି ଗୋଟାଏ ହେଲେ ବେଶ ମଜା ହୁଅନ୍ତା । ମଣିଷ ମନରେ ଆଲୁଅ ଆସେ, ଆଲୁଅ ଚାଲିଯାଏ । ବର୍ଷା ଝରିପଡୁଥିଲା । ଲୋକେ କେହି ଚାଲୁନଥିଲେ, ଥକି ଯାଉଥିଲେ ଆଉ ଅବିନାଶ ଥକି ଯାଉଥିଲା, ଅଣନିଃଶ୍ୱାସୀ ହୋଇଯାଉଥିଲା ।

ଏକ ଦ୍ୱୀପକୁ ଗଲେ ଦୌଡିବାକୁ ତ ପଡ଼ିବନି । ବହୁତ ସୁନ୍ଦର ଦ୍ୱୀପ । ଆଉ ସେଠି ବତୀଘର ଥିବ, ଆଲୋକ ପଡି ପୁଣି ଲୁଚିଯାଉଥିବ । ଅବଶ୍ୟ ଅନ୍ଧାରରେ । ଆଉ ତୁମେ ସେଠି କେବଳ ଛାୟା ପାଇବ, ବହୁତ ବହୁତ କଳା କଳା ଛାଇ ତୁମକୁ ଘେରି ରହିଥିବେ । ଆଲୋକଟା ସବୁବେଳେ ରହେନିନା ।

ସତ କହୁଛ କଳା କଳା ଛାଇ । ମୋତେ ଡର ଲାଗିବନି ତ ? କଳାଛାଇମାନେ ପରା ଭୟଙ୍କର ଲାଗନ୍ତି ।

ସମସ୍ତେ ତୁମ ଚାରିପାଖରେ ନାଚୁଥିବେ ।

ଅବିନାଶ ଆଫ୍ରିକାନ ଡ୍ୟାନ୍ସ କଥା ଭାବିଲା । କି ଜୋରରେ ସେମାନେ ନାଚନ୍ତି । ଦେହରେ ଶକ୍ତିର ଅଫୁରନ୍ତ ଧାର । କିଛି ଆଫ୍ରିକୀୟ ନାଚର ବର୍ଣ୍ଣନା ତା' ଆଗରେ କିଏ କରୁଥିଲା । ବହୁ ଜୋରରେ ନାଚ । ଆଫ୍ରିକୀୟ ନୃତ୍ୟରେ ବେଶ ଜୀବନ ଅଛି । ସେମିତିଆ ନାଚ ଦେଖିଲେ ତା' ଗୋଡ ମନକୁ ମନ ତାଥେଇ ତାଥେଇ କରିବ । ସେ ନୃତ୍ୟ ଦେଖିଲେ ନିଜକୁ ଭୁଲିଯିବା କଥା । ଥକି ଯାଇଥିବା ଦେହରେ ଏକ ଉଷ୍ମ ପ୍ରବାହକୁ ଅନୁଭବ କରିପାରିବ । ଭଲ ହୁଅନ୍ତା ତାହାହେଲେ ।

ମୁଁ ଯିବି ।– ସେ ନିଜକୁ ନିଜେ ଜୋରରେ କହିଲା ।

ତମେ ସେ ଛାଇ ଭିତରେ ମଣିଷ ପାଇବ ତ ? ମଣିଷ ଯଦି ଅଜଣା ଥିବେ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବିନାଶ ଚମକି ପଡିଲା । ସତେ ଯଦି ସମସ୍ତେ ଛାଇ ଭଳି ଲାଗୁଥିବେ, ସମସ୍ତେ ଯଦି ଅଜଣା ଥିବେ ତେବେ ମଣିଷ କେମିତି ଖୋଜିବ ? ମଣିଷମାନେ କଥା କୁହନ୍ତି, ସେମାନେ ହସନ୍ତି, ଗାଆନ୍ତି, ନାଚ କରନ୍ତି, ସେମାନେ ଦୌଡନ୍ତି ।

ଛାଇ କ'ଣ ତା' କରିପାରିବ ? ତାହାହେଲେ ଛାଇ ସିନା ମଣିଷ ହେବ । ଅବିନାଶ ଭାବିଲା । ଉତ୍ତର ତା' ପାଖକୁ ହଠତ୍ ଆସୁନଥିଲା । ମଣିଷ ଏକ ଛାଇଠାରୁ କେମିତି ଭିନ୍ନ ହେବ ? ଆଉ ସେଇଟା କେମିତି ସେ ଜାଣିବ ?

ଏତେ ଭାବିବା କ'ଣ ଦରକାର । ସିଧା ଚାଲିଯାଅ । ଉତ୍ତର ପାଇଯିବ ।- ତା' ଭିତରେ ସେମିତି ଘଣ୍ଟାର ଢାଉଁ ଢାଉଁ ଶବ୍ଦ ଆସିଲା । ସେଇ ଶବ୍ଦଗୁଡା ତା' ଭିତରେ ଜୋରରେ ପ୍ରତିଧ୍ୱନିତ ହେଲା ଆଉ ସେ ନିଜ ଭିତରେ ଏକ ଆଲୋକର ଉତ୍ସ ଦେଖିବାକୁ ପାଇଲା ।

ମୁଁ ଖୋଜୁଛି ଏକ ପୂର୍ଣ୍ଣ ମଣିଷ । ଜୀବନକୁ ଅନୁଭବ କରିଥିବା ଏକ ମଣିଷ, ଭଲ ଆଉ ଭେଲ ଭିତରେ ପ୍ରଭେଦ ଜାଣିଥିବା ମଣିଷ । ଶହ ଶହ ଦ୍ୱନ୍ଦ ଆଉ ଦ୍ୱିଧା ରହିଥିବା, ଏକଦମ ଚରମ ସୀମାକୁ ନଯାଉଥିବା ମଣିଷ । ମଣିଷର ହୃଦୟରେ ଦରଦ ଆଉ ପ୍ରେମ ଭରି ରହିଥିବ । ଶରୀର ଆଉ ହୃଦୟ ଭିତରେ ସମନ୍ୱୟ ଥିବ । ମନ ଭିତରର ଦ୍ୱନ୍ଦ ନିଜ କର୍ମକୁ ପ୍ରଭାବିତ କରୁନଥିବ । ହୃଦୟରେ ବୋହୁଥିବ ଶୀତଳ ବାରି ।

ତା'ପରେ ଅବିନାଶ ଦାର୍ଶନିକ ଭଳି ମଣିଷର ଏକ ଯାତ୍ରା କଥା ଭାବିଲା । ସେ ମଣିଷ ଉପରେ କେତେ ଦିନ ବିତିଯାଇଥିବ, ଆଖି ପଲକ ପଡ଼ିବା ସହିତ । ବିତିଯାଇଥିବ ଖୁସି, ଆଉ ବୋହିଯାଇଥିବ ଦୁଃଖ । ଆସିଥିବେ ଅନେକ ଜୀବନରେ, ଚାଲିଯାଇଥିବେ ଜଳଦି ଗଡାଣିରେ, କେହି ଅଟକି ନଥିବେ । ସମୟ ବୋହିଯାଇଥିବ ମଳୟ ପରାୟେ । ନିଜେ ଠିଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିବ, ନିଜ ପାଇଁ ରାସ୍ତା ଖୋଜୁଥିବ ନିରନ୍ତର । ଯାହା ଦିନେ ବଡ଼ ଥିଲା, ଆଜି ଛୋଟ ହୋଇଯାଉଥିବ, ଆଉ ଛୋଟ ବଡ଼ ହୋଇଯାଉଥିବ । କିନ୍ତୁ ସେ ଚାଲୁଥିବ । ଯାହକୁ ଆଜି ଆଣିଥିବି, କାଲି ଫୋପାଡି ଦେଉଥିବ ଅଜଣାରେ, ଜାଣତରେ । ଭୟ ଓ ଆଶଙ୍କା, ଶେଷରେ ଛାଡି ଚାଲିଯାଉଥିବ । କେତେ ବାଣ୍ଟିଥିବ, କେତେ ସାଉଁଟିଥିବ ରାସ୍ତାରୁ । କେତେ ପ୍ରେମ ଦେଇଥିବ, କେତେ ସ୍ନେହ ପାଇଥିବ ଯିବାର ଆଗରୁ ।

ମୁଁ ନିଶ୍ଚିତ ଭାବେ ନୂଆ ମଣିଷ ଖୋଜିବି । ପାଇଯିବି ।- ଅବିନାଶ ମନକୁ ମନ କହିଲା ।

ସମୁଦ୍ର ଉପରେ ଏକ ବାୟବୀୟ ଯାତ୍ରା ପରେ ଆକାଶରେ ଫରଫର ହୋଇ ପତାକା ଉଡୁଥିଲା ଆଉ ଆଲୋକ କପଡା ଉପରେ ଫୋକସ ଥିଲା ।

ଏହି ମୁହୂର୍ତ୍ତର ସହ ମୁଁ ବଞ୍ଚିନିଏ, ଅନୁଭବ କରେ ମୁଁ ନିଜର ଭିତରେ । ଜୀବନକୁ ମୋ ଭିତରେ ବୋହିଯିବାକୁ ମୁଁ ଦିଏ ଛଳଛଳ ହୋଇ । ଦେଖେ ମୁଁ, କ'ଣ ଅଛି ମୋ ଆଗରେ, ଏକ ସ୍ୱଚ୍ଛ ଦୃଷ୍ଟି ହେଉ ମୋର । ସମ୍ମୁଖୀନ ହୁଏ ମୋ ଡରକୁ, ମୋତେ ଠେଲି ଯିଏ ମୋ ଅଗୋଚରରେ ଆଗରେ ସବୁବେଳେ ଚାଲିଥିଲା । ସେହି ଅଜଣା ଲୋକଙ୍କୁ କରେ ମୁଁ ସ୍ୱାଗତ । ନିଜକୁ କ୍ଷମା କରେ ମୁଁ ନିଜ ଭୁଲ ପାଇଁ । ଏହି ମୁହୁର୍ତ୍ତ ମୋ ପାଇଁ, ଆଉ ଫେରିବନି, ହରାଇବିନି ମୁଁ ଯେ ଏହାକୁ । କେତେ ଜଲଦି ବିତିଯାଉଅଛି ।

ସମସ୍ତଙ୍କର ଏକ କଳାଛାଇ ଅଛି । ନରମ, କଠିନ ଅବିନାଶ । ତୁମ ଚାରିପାଖେ ସେ ଛାଇମାନ । ନରମ ଏକ ତୁଳା ଶେଜ ପରି, ଏତେ ନରମ, ଏତେ ମସୃଣ, ସତେ ଏକ ନିର୍ଝରିଣୀ ବୋହିଯାଉଅଛି । ଏକ ମୋହକ ସୁଗନ୍ଧ ଏକ ପଥର ଦେହରେ, କ'ଣ କହୁଛି ଅବିନାଶ ।- ସେ ଭିତରେ କିଛି ଶୁଣୁଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଆସିବା ପୂର୍ବରୁ ଭାବନାଟା ମନେ ଅଛି ତ ? ତୁମ ଚାରିପାଖେ କଳା ଛାଇ ଘେରି ରହିଥିବେ । ଅଜଣା ମଣିଷ ଖୋଜିବ ?-ସେ କଥାଟା ଅବିନାଶ ମୁଣ୍ଡରେ ସେମିତି ଘଣ୍ଟାକଣ୍ଟା ପରି ଟିକ୍ଟିକ୍ ଶବ୍ଦ କରି କିଏ କହୁଥିଲା ।

ଛାଇକୁ ତୁମେ ବୁଝ ତ ଅବିନାଶ । ଆଲୋକ ପଡିପାରୁନଥିବ । ଆଲୋକର ଉତ୍ସକୁ ଏକ ପଦାର୍ଥ ଅଟକାଇ ଦେଇଥିବ । ଆଉ ଆକାର କେବେ ବଡ଼ ହୋଇଯାଉଥିବ, କେବେ ଛୋଟ ହୋଇଯାଉଥିବ, କେବଳ ଆଲୋକର ଉତ୍ସ କାରଣରୁ । କିନ୍ତୁ ଜାଣିଛ ତ, ଛାଇର ରଙ୍ଗ କେବଳ କଳା, ସେଥିରେ ରଙ୍ଗ କିଛି ତ ନଥିବ । କେବଳ କୃଷ୍ଣ ବର୍ଣ୍ଣ । ଏତେ ରଙ୍ଗ ଯେ ପଦାର୍ଥରେ, ସବୁ ରଙ୍ଗ ହଜିଗଲା, ଯେବେ ଉତ୍ସରୁ ଆଲୋକ ସେ ପଦାର୍ଥକୁ ଭେଦ ନକରି ଆଗକୁ ଗଲାନି ।

ଆଲୋକର ଉତ୍ସ ବଡ଼ ହଲେ ହୁଏତ ଛାଇ ଛୋଟ ହୋଇଯିବ, ଆଉ ଛୋଟ ଉତ୍ସ ପାଇଁ ଛାଇର ଲମ୍ବ ଅସରନ୍ତି ହେବ ।

ତେଣୁ ଅବିନାଶ ଜାଣିରଖ ତୁମେ ଖୋଜୁଛ କ'ଣ ? ଆଉ ତୁମପାଇଁ ଆଲୋକର ଉତ୍ସ ଯେ କେଉଁଠି ?

କିଛି ଉତ୍ତର ନାହିଁ ବୋଲି ତୁମେ କହୁଛ ?

ଅଛି ଅବିନାଶ, ଅଛି, ଆଲୋକର ବହୁ ଉତ୍ସ ଥିଲେ, ପଛରେ ଛାଇ ଆପେ ମିଳେଇ ତ ଯିବ । କିନ୍ତୁ ସେହି ଅସ୍ୱଚ୍ଛ ପଦାର୍ଥ ଦେଇ ପଦାର୍ଥ ବିଜ୍ଞାନର ନିୟମରେ କେବେ ଆଲୋକ ଯିବନି ।

ଛାୟା ଏକ ଅଶରୀରୀ ନୁହେଁ କି ?

ସେଇମିତି ଭାବିପାର ତୁମେ ଅବିନାଶ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ୍ତ ସେମାନଙ୍କ ପାଇଁ ଅସ୍ୱଚ୍ଛ ହୋଇଯାଇଛି ଆଉ କେଉଁ ଅଜଣା ଦୂରରୁ ଆଲୋକ, କିଛି ଭେଦ କରୁନି, ଏକ ଆକାର କେବଳ ତିଆରି କରୁଛି ।

ଅବିନାଶ ନିଜ ଚାରିପାଖେ ବୁଲୁଥିବା ଲୋକମାନଙ୍କୁ ଆନଇଲା । ସେ ଭିତରେ କଳାଛାଇ କେଉଁଟା ? ସମସ୍ତେ ମଣିଷ ଲାଗୁଛନ୍ତି । ଯଦି ସେମାନେ କଳ ମଣିଷ ହୋଇଥିବେ ? ଆଉ କେମିତି ଖୋଜିବ ଏକ ଛାଇ ପରି ଦେଖାଯାଉଥିବା ଅଜଣା ମଣିଷ ?

ସେମାନେ ତେବେ କିଏ ?- ନିଜ ଭିତରର ପ୍ରଶ୍ନ ଥିଲା ।

ସମାନେ ଯେ ସିପାହୀ ଆନ୍ଦୋଳନର ବ୍ରିଟିଶ ବିରୋଧି ଲୋକେ, ବିଦ୍ରୋହୀ ଗଣ, ରୁମ୍ପା ଆନ୍ଦୋଳନର ବିଦ୍ରୋହୀ, ୱାହାବୀ ଆନ୍ଦୋଳନର କର୍ମୀମାନେ, ଅତି ଦୁର୍ଦ୍ଧାନ୍ତ କଇଦୀମାନେ । ଲାହୋର କନସ୍ପାରେସି, ନାସିକ କନସପାରେସି, ଚିଟାଗଙ୍ଗ ଆର୍ମସ ରବରୀ ବା ମାନିକତାଲା ବମିଙ୍ଗ ଇତ୍ୟାଦିର ବିଦ୍ରୋହୀମାନେ ।- ଏକ ସ୍ୱରରେ ବହୁଲୋକ ଅତି ଧିରରେ କହୁଥିଲେ । ସେଦିନର ଲୋକମାନଙ୍କ ଉପରେ ବର୍ଣ୍ଣନା ଅନେକ ଥିଲା, କେମିତି ଲୋକେ କ'ଣ କରୁଛନ୍ତି, ଆଜି ଲୋକମାନେ କେମିତି ହସି ଧାଉଁଛନ୍ତି ।

ନିଜ ହିସାବରେ ସମସ୍ତଙ୍କୁ କଳ ମଣିଷ ଭାବରେ ବଦଳାଇଦେବ ଅବିନାଶ ।- ସେ ନିଜ ଭିତରେ ଏକ ଏକ ଶବ୍ଦ ମିଶାଇ ବାକ୍ୟ ତିଆରି ହେବା ଦେଖୁଥିଲା । ଆଜି ଲୋକମାନେ ମୋବାଇଲରେ ଫଟୋ ଉଠାଇ ଚାଲୁଥିଲେ । ସମୁଦ୍ର କୂଳରେ ରଙ୍ଗବେରଙ୍ଗୀ ଆଲୋକ ଥିଲା । ପଛ ଆକାଶ କାଳିଚିଆ ନୀଳ ଥିଲା ଆଉ ସେଇଠି କଳାବାଦଲମାନ ମୁଣ୍ଡ ଟେକିଥିଲେ । ସମୁଦ୍ର ଭିତରେ ଅତି ଉଜ୍ଜ୍ୱଳ ଆଲୋକ ଦେଉଥିବା ଏକ ଜାହାଜ ନଙ୍ଗର ପକାଇଥିଲା ।

ଅବିନାଶ ଭାବିଲା କାହାକୁ ଖୋଜିବ ? ଏଠି ସବୁଲୋକ ସହରୀ ଲାଗୁଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳାବାଦଲ ପଛରେ କିଛି ଲୋକ ଥିବେ ।

୧୯୪୩ ଅକ୍ଷର ଚାରିଟା ସୁନ୍ଦରଭାବେ କଂକ୍ରିଟରେ ଲେଖାଯାଇଥିଲା ଆଉ ତା' ଉପରେ ଆଲୋକ ଫୋକସ କରି ରଖାଯାଇଥିଲା । ପାଖରେ କିଛି ଆଉ ଆକାରମାନ ଖୋଦାଇ କରାଯାଇଥିଲା । ସେ ନେତାଜୀ ସୁବଷ ବୋଷଙ୍କ ଖୋଦିତ ମୂର୍ତ୍ତୀକୁ ଅନାଇ ରହିଲା ।

ଅବିନାଶ ନିଜର ବିଶ୍ବାସ ଆଉ ସ୍ଥାନ ପାଇଁ ଏ ଲଢାଇମାନ । ସେଇଠି ହୁଏ ତ ତୁମ ଖୋଜିବା ସ୍ଥାନ ଥିବ?- କିଏ ତା' କାନରେ କହୁଥିଲା । ସେଇଟା ସେ ନିଜକୁ ନିଜେ କହିହେଉଥିଲା କି ଆଉ କିଏ କହୁଥିଲା ଜାଣିପାରିଲା ନାହିଁ । ଆବଶ୍ୟକ ନାହିଁ ।

ଅବିନାଶ, ବିଶ୍ବାସ ହେଉଛି ମନରେ । ସତରେ କିଛି ଅଛି ବା ହେବ, ଏହାହିଁ ବିଶ୍ବାସ । ଏହାହିଁ ହେବ ।

ବିଶ୍ବାସ ଏକ ବୁଝିହେଉନଥିବା ଶବ୍ଦ ନୁହେଁକି ? କେମିତି ଭାବିପାରିବ, ଏହାହିଁ ହେବ ?

ବିଶ୍ବାସର ନାମ ନାହିଁ ଅବିନାଶ, ସବୁବେଳେ ଅଜଣା, ଆଉ କେବେ ରୂପ ନେଇ ତ ନଥିଲା, କେବେ ଆକାର ପାଇନି, ବସା କେବଳ ବାନ୍ଧିଛି ହୃଦୟରେ ।

ଅବିନାଶ, ପ୍ରତିଟି ଦିନରେ ବିଶ୍ବାସ ଆରମ୍ଭ ହୁଏ ଏକ ଧଳା କାଗଜରୁ, ଆଉ ଯଦି ରଙ୍ଗ ନ ଲାଗିଲା, ତା' ଅର୍ଥ ଆମେ କେବଳ କଳା ରଙ୍ଗ ନେସି ତ ଦେଇଛେ ।

ଏ ଜାଗା ବହୁତ ସୁନ୍ଦର ଲାଗୁଛି । ଆଲୋକର ପ୍ଲାବନ । ସେପଟେ ରସ ଆଇଲାଣ୍ଡକୁ ମଧ୍ୟ ଆଲୋକିତ କରାଯାଇଛି । ସମୁଦ୍ର ଭିତରେ ଜାହାଜମାନଙ୍କରେ ଉଜ୍ଜ୍ବଳ ଆଲୋକ ଜଳୁଛି । ଲୋକମାନେ ବେଶ ହସଖୁସି ହେଉଛନ୍ତି । ଅନେକ ଲୋକେ ପ୍ରତିମୂର୍ତ୍ତୀମାନଙ୍କ ପାଖରେ ଠିଆହୋଇ ନିଜ ନିଜର ଫଟୋ ନେଉଛନ୍ତି । ଅନେକ ତରୁଣ ତରୁଣୀ, ସମସ୍ତେ ଖୁସିରେ ଫାଟି ପଡୁଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନେ ଘୋର ଅରଣ୍ୟ ଥିଲା । – ତା'କୁ କଳା ବାଦଲ ପଛରୁ କିଛି ଲେଖା ହୋଇଥିବା ଚମକ ଆସୁଥିଲା ।

ଅବିନାଶ ପୃଥିବୀରେ ଦିନେ ଅରଣ୍ୟ ଭରିରହିଥିଲା । ଡାଇନୋସରମାନେ ଘୁରୁଥିଲେ । ମଣିଷର ସ୍ଥାନ ନଥିଲା । ଆଉ ମଣିଷ ଆସିଲା, ନିଜ ସଭ୍ୟତା ଆରମ୍ଭ କଲା । ସଭ୍ୟତାର ଅର୍ଥ କିଛି ନୂଆ ସୃଷ୍ଟି । ତେଣୁ ତୁମେ କେବଳ ଅରଣ୍ୟ କଥା ଭାବନା ।

୨-

ଅବିନାଶ ପୋର୍ଟବ୍ଲେଆରର କଳା ଆକାଶକୁ ଅନାଇଲା । ସନ୍ଧ୍ୟା ଯଦିଓ ବଢିଗଲାଣି ତଥାପି ଆକାଶ ଅତି ସାମାନ୍ୟ ଆଲୋକିତ ଅଛି ଉପର ଆଡକୁ । କଳାକଳା ମେଘମାନ ମୁଣ୍ଡଟେକିଥିଲା । ସେ ମେଘର ଆକାରମାନଙ୍କୁ କିଛି ରୂପ ଦେବାକୁ ଭାବୁଥିଲା, ଡାଇନୋସର, ଗଛ, ପଥର, କି ରୂପ ଦେବ ବୋଲି ଅବିନାଶ ନିର୍ଦ୍ଦିଷ୍ଟ ଭାବୁନଥିଲା । ମଣିଷ ନିଜ ଭାବନା ହିସାବରେ ତ ରୂପ ତିଆରି କରେ । ସେ ଆଖି ବନ୍ଦକଲା । ମଧୁର ସଙ୍ଗୀତ ଧିରଭାବେ ବାଜୁଥିଲା । ଦେଶପ୍ରେମ ବୋଧକ ସଙ୍ଗୀତ । ସେ କିଛି ସମୟ ପରେ ଆଖି ଖୋଲିଲା । ଜାଗାଟା ହଠାତ୍ କେମିତି ଟିକିଏ ଅନ୍ଧାରୁଆ ଲାଗିଲା । ଗୋଟିଏ ଛୋଟ ପିଲା ସେ ପ୍ରତିଛବିମାନଙ୍କ ଆଗରେ ଘୁରିବୁଲୁଥିଲା । ଛୋଟ ଛୁଆଟିଏ । ତା' ଛାଇ ସବୁ ପ୍ରତିମୂର୍ତ୍ତୀ ଉପରେ ପଡୁଥିଲା ଆଉ ଟିକିଏ ଅନ୍ଧାରୁଆ ହୋଇଯାଉଥିଲା । ତା'କୁ ଆଲୁଅ କମ ହୋଇଗଲାପରି ଲାଗିଲା ।

କିଛି ଲୋକ ମରିପାରନ୍ତିନି ।- କିଏ ତା' କାନ ପାଖେ ଯେମିତି କହୁଥିଲା । ଅବିନାଶ କିନ୍ତୁ କିଏ କହୁଛି ଦେଖିବାକୁ ମୁଣ୍ଡ ବୁଲାଇଲାନାହିଁ । ତା' ଆଖି ପାଣିରେ ନାଚୁଥିବା ଆଲୋକର ଧାର ଉପରେ ଲାଗି ରହିଥିଲା । ପାଖରେ କେତେ ଲୋକ ଯାଉଛନ୍ତି ଆସୁଛନ୍ତି,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏକ ଛୋଟ ମେଳା ଲାଗିଛି । ତେଣୁ କିଏ ନିଜ ନିଜ ଭିତରେ ସେମିତି କଥା ହେଉଥିବ ବୋଲି ସେ ଭାବିଲା ।

ସେ ଆକାରମାନ ଦେଖୁନ । ତଳେ କଳା ଜଙ୍ଗଲ । - ସେ ସ୍ୱର ସେମିତି କହୁଥିଲା । ସେପଟେ ଦୂରରେ ଦକ୍ଷିଣ ଆଣ୍ଡାମାନର ଜଙ୍ଗଲ କଳା ପାହାଡ ପରି ଦେଖାଯାଉଛି, ଉପସାଗରର ଠିକ ବିପରୀତରେ । ବେଶି ଦୂର ମଧ୍ୟ ନୁହେଁ । ଅବିନାଶ ସାମାନ୍ୟ ମୁଣ୍ଡ ବୁଲାଇ ପାଣିର ଆଗକୁ ଅନାଇଲା । ଏପଟେ ସମୁଦ୍ରକୂଳ ଏକ ଅର୍ଦ୍ଧଚନ୍ଦ୍ର ପରି ବୁଲିଆସିଛି ଆଉ ରାସ୍ତାରେ ନିଅନ ଆଲୋକମାନ ଲଗାଇ ଦିଆଯାଇଛି । ସମୁଦ୍ର ପାଣି ଏପଟେ ଚକଚକ କରୁଛି । ଟିକିଏ ମୁଣ୍ଡ ଉଠାଇ ଡାହାଣକୁ ଅନାଇଲେ କଳା ପାହାଡର ଶ୍ରେଣୀ ଦେଖାଯାଉଛି । ସେପଟୁ ମଝିରେ ମଝିରେ ଲାଇଟ ହାଉସର ଆଲୋକ ଜକଜକ କରିଉଠୁଛି ।

ଦୁନିଆ ଦିନେ କଳାଥିଲା । ଏକଦମ କଳା । –ସେ ନିଜ ଭିତରେ ଏକ ସ୍ୱର ଶୁଣିଲା ।

ଆଣ୍ଡାମାନର ଆକାଶ ତଳେ ଦୁନିଆ କଳା ହେବା କଥା । କଳାପାଣି । ଆଉ ଆକାଶ, ତଳେ ମାଟି ମଧ୍ୟ ସନ୍ଧ୍ୟାରେ କଳାହେବା କଥା । ଆଉ ମୋର ଅଜଣା ଲୋକ ଖୋଜିବାଟା ? କ'ଣ କଳା ଲୋକ ନା ? କିଛି କଳା ପାଣିରେ ବୋହିଯାଉଥିବା ସ୍ରୋତ ହୋଇଥିବ କି ?- ଅବିନାଶ ଭାବିଲା ।

ଦିନେ ସେହି କଳା ଲୋକମାନେ ଆକ୍ରମଣ କଲେ । ଅନ୍ୟର ଅଧିକାର ଉପରେ ପ୍ରଥମ ପ୍ରଶ୍ନ । ଅଧିକାର ପାଇଁ ଏ ମାଟିରେ ପ୍ରଥମ ସଂଗ୍ରାମ । ସେମାନେ ନିଜ ହରାଇ ବସୁଥିବା ସ୍ୱାଧିନତା ଖୋଜୁଥିଲେ । ତୁମେ ଯଦି ସଂଖ୍ୟା ଦୃଷ୍ଟିରୁ ଦେଖ, ପ୍ରତିଶତ ହିସାବରେ ଦେଖ. ତା'ହେଲେ କହିବ ସବୁଠାରୁ ବଡ଼ ବିଦ୍ରୋହ ।

ଅଧିକାର ପାଇଁ ସଂଗ୍ରାମ କ'ଣ ସ୍ୱାଧୀନତା ସଂଗ୍ରାମ ନୁହେଁକି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ୟ ଜାଗାଗୁଡାକୁ ତୁମେ ରାଜ୍ୟ କହିପାର । ଦେଶ, ମୁଁ ଆଣ୍ଡାମାନକୁ କହିବି । ଏଇଠୁ ଏକ ପ୍ରକୃତ ଦେଶର ଉତ୍ପତ୍ତି ହୋଇଛି । ଅନ୍ୟ ସବୁ ଲଢାଇ ଥିଲା କିଛି ରାଜ୍ୟର କିଛି ପ୍ରଭୁତ୍ୱ ଆଉ ସ୍ୱାର୍ଥ ପାଇଁ । ହୁଏତ ସେମାନଙ୍କୁ ଆଉ କିଛି ଅର୍ଥ ଲୋଭ ବା ଅନ୍ୟ କିଛି ଲୋଭ ଦେଇଥିଲେ ଶାନ୍ତ ହୋଇଯାଇଥାନ୍ତେ । କିନ୍ତୁ ପ୍ରକୃତ ମାଟି ପାଇଁ ସେମାନଙ୍କ ଲଢାଇ ଥିଲା କି ନାହିଁ, ତୁମେ ସବୁବେଳେ ପ୍ରଶ୍ନ ଉଠାଇପାର ।

ତୁମେ ସେମିତି କହିପାର ।

ତୁମେ ରାଜ୍ୟ ଆଉ ଦେଶ ମଧ୍ୟରେ ପ୍ରଭେଦ ଭଲକରି ଜାଣିନ । ସଭ୍ୟତା ଆଉ ଦେଶ ଏ ଭିତରେ ମିଶ୍ରିତ ଚିତ୍ର ଭିତରେ ପ୍ରଭେଦ ଜାଣିପାରୁନ । ମିଶରୀୟ ସଭ୍ୟତା, ଗ୍ରୀକ ସଭ୍ୟତା, ଆଉ ଚୀନର ସଭ୍ୟତା ବା ଭାରତର ମେସୋପୋଟାମିଆ ସଭ୍ୟତା, ସବୁକିଛି କିଛି ରାଜ୍ୟରୁ ଆରମ୍ଭ । ଆଉ ପରେ ଆମେ ତା'କୁ ଦେଶ ହିସାବରେ ଚିତ୍ରଣ କରୁଛେ । ଐତିହାସିକମାନେ ଆମ ଭିତରେ ଏମିତି ସଜ୍ଞା ଦେଇଛନ୍ତି ଯେ ତା'ର ବର୍ଣ୍ଣନାର ବୃତ୍ତ ଭିତରୁ ଆମେ ଆଗକୁ ଦେଖି ପାରୁନେ । ବୁଲି ସେଇ ଜାଗାକୁ ଫେରି ଆସୁଛେ । ଦେଶ ଗଢା ହୁଏ ଲୋକଙ୍କ ବିଶ୍ୱାସକୁ ନେଇ, ସେମାନଙ୍କୁ ଏକ ଭୌଗୋଳିକ କ୍ଷେତ୍ର ବାନ୍ଧିଦେଇଥାଏ । ସେଇଟା ହୋଇପାରେ ଭାଷା, କିଛି ଏଥାନସିଟି, କିଛି ଟ୍ରାଡିସନ, ଧର୍ମ ବା ଇତିହାସ, କିଛି କିନ୍ତୁ ଲୋକଙ୍କୁ ଯୋଡୁଛି । ଭାଷା ନେଇ ଦେଶ ଗଢି ହୋଇଯାଇଛି । ଏକ ଇତିହାସକୁ ନେଇ ଦେଶ ଗଢି ହୋଇଛି ।

କିନ୍ତୁ ଏଇଠି ପ୍ରକୃତ ଦେଶ ହିସାବରେ ଆଉ ନିଜ ସ୍ଥାନରୁ ସଂପୂର୍ଣ୍ଣ ବିଦେଶୀ ବିତାଡନ କରିବାର ସଂଘର୍ଷ ଆରମ୍ଭ ହୋଇଥିଲା କିଛି କଳା ଲୋକମାନଙ୍କ ଠାରୁ । ସେମାନଙ୍କ ପାଇଁ ଭୌଗୋଳିକ ଆୟତନ ଛୋଟ, କିନ୍ତୁ ଟ୍ରାଡିସନ, ଏଥାନସିଟି ଥିଲା ଯୋଡର ସୂତ୍ର । ଏଇଠି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାହାର ଲୋକମାନଙ୍କୁ ନିଜ ସ୍ଥାନରୁ ତଡିଦେବା ପାଇଁ ଲୋକସଂଖ୍ୟାର ପ୍ରତିଶତ ହିସାବରେ ସବୁଠାରୁ ବଡ଼ ରକ୍ତାକ୍ତ ସଂଘର୍ଷ ଆରମ୍ଭ ହୋଇଥିଲା । ଏଇଟା ମୁଁ ବିଶ୍ୱାସ କରେ ।

ତୁମେ ମୋତେ କ'ଣ ସେଇ ଲୋକମାନଙ୍କୁ ଚିହ୍ନେଇ ଦେବାପାଇଁ ପାଖରେ ଠିଆହୋଇଛ କି ? ସେହିମାନେ କି ଅଜଣା ଲୋକ ?

ଅବିନାଶ ନିଜ ଉପରେ ପବନ ବୋହିଯିବାର ଅନୁଭବ କରୁଥିଲା । ସମୁଦ୍ର ଢେଉ କୂଳରେ ବାଡେଇହେଉଥିବାର ଛୋଟ ଶବ୍ଦ ତା' କାନରେ ପହଞ୍ଚୁଥିଲା, ବାହାରେ ଯଦିଓ କିଛି ମଧୁର ମ୍ୟୁଜିକ, କିଛି ସ୍ୱର ଥିଲା ପଥୁରିଆ ସମୁଦ୍ରକୂଳରେ ଢେଉର ଭାଙ୍ଗିପଡ଼ିବା ଶବ୍ଦ ସୁଉଉ କରି ଆସୁନଥିଲା ।

ଅଜଣା ମଣିଷ ଖୋଜିବା ପାଇଁ ପରା ତୁମେଏଠାକୁ ଆସିଛ ଅବିନାଶ ।


କ୍ରମଶଃ. . .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋଭ ଲାଳସା



ତ୍ରିନାଥ ନନ୍ଦୀ

ଲୋଭ, ଗ୍ରାସ କରେ ଲୋଭିକୁ । ତା ଭିତରେ କେମିତି ଗୋଟାଏ ଶିହରଣ ଖେଳିଗଲା ପରି ମନେ ହୁଏ । ଯେମିତି କେହି ଜଣେ ଅଦୃଶ୍ୟ ରୁ ଚୁମ୍ବକ ପରି ଟାଣିନେଲାପରି ମନେ ହୁଏ । କେବଳ ଏତିକି ନୁହେଁ ଯେତେବେଳ ଯାଏ ସେ ଲୋଭ ର ଲାଳସା ମେଣ୍ଟେନାହିଁ ସେ ପର୍ଯ୍ୟନ୍ତ ଲୋଭ ଅଗ୍ରଗତି ହୁଏ ।

ଯେ ପର୍ଯ୍ୟନ୍ତ ଲୋଭ ଅଗ୍ରଗତି ହୁଏ ସେ ପର୍ଯ୍ୟନ୍ତ ଲୋଭ ଲାଳସା ମେଣ୍ଟେନାହିଁ । କିନ୍ତୁ ଯେତେବେଳେ ସେଥିରେ ଅସଫଳ ହୁଏ ସେ ସମୟରେ ଲୋଭ ଲାଳସା ଉପରେ ଘୃଣା ଜାଗ୍ରତ ହୁଏ । ଏତିକିରେ ଶେଷ ହୁଏ ନାହିଁ ସେ ଲୋଭ । ମନର ଆନ୍ଦୋଳନ କେବେହେଲେ ଶେଷ ହୁଏ ନାହିଁ । ଯେତେ ବୁଲାବୁଲି କରିଲେ ମଧ୍ୟ ଆମ ମନ କେବେ ବୁଝେ ନାହିଁ ।

ମହୋତ୍ସବ ଆୟୋଜିତ ହେବା କଥା ଶୁଣିଲେ ମନର କେତେ ନାହିଁ ନଥିବା ହସ ଖୁସି ଉଲ୍ଲାସର ବାତାବରଣ । ତେଣୁ ମନକୁ ଖୁସି କରେଇ ହସରେ ବିତିବା ପାଇଁ ମିଟୁ ମଧ୍ୟ ମହୋତ୍ସବ ଆରମ୍ଭ ଦିନ ଠାରୁ ଦୁଇ ଦିନ ଯାଏ ଯାଏ ମହୋତ୍ସବର ରଂଗିନ ଆଲୁଅର ଅନ୍ଧାରୁଆ ଫୁଲ ତାରାକୁ ଦେଖିବାକୁ ।

ପାଠପଢ଼ା ପାଇଁ କିନ୍ତୁ ସେ ଫେରିଯାଏ ଛାତ୍ରାବାସକୁ । ହେଲେ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନରେ ଉତ୍ସୁକତା ପୁଣି ଟିକେ ସେ ରଂଗୀନ ଆଲୁଅର ଅନ୍ଧାରୁଆ ଫୁଲ ତାରା ଗହଣରେ ଟିକେ ଭିଜି ବୁଲନ୍ତି । ତେଣୁ ମନର ଆନ୍ଦୋଳନକୁ ଅଟକାଇ ନପାରି ଫେରିଲି ମହୋତ୍ସବ ବୁଲିବାକୁ ଘରକୁ । ପାଖରେ ପଇସା ନାହିଁ । ମାତ୍ର ୮୦ ଟଙ୍କା ସେ ଦିନ ପକେଟ୍ ରେ ଥାଏ ।

ତେଣୁ ମନ ଖୁସିରେ ବନ୍ଧୁ ବାନ୍ଧବ ସୁହୃଦ ଚିହ୍ନା ପରିଚୟ ବ୍ୟକ୍ତି ମାନଙ୍କ ସହ ସେ ଦିନ ସନ୍ଧ୍ୟାରେ ମହୋତ୍ସବର ନାରଙ୍ଗୀ ରଙ୍ଗର ବିଜୁଳି ଚମକ ପରି ଆଲୁଅ ତାରା ଭିତରେ ବୁଲାବୁଲି ହୁଏ । ପୁଣି ରଂଙ୍ଗମଞ୍ଚ ଆଡ଼କୁ ଯାଇ ସେଠାରେ ପ୍ରଦର୍ଶିତ ନୃତ୍ୟ ସଙ୍ଗୀତକୁ ମଧ୍ୟ ଉପଭୋଗ କରୁଥାଏ ।

ଅନେକ ସମୟ ବୁଲାବୁଲି ପରେ ମହୋତ୍ସବର ଗୋଟିଏ ସ୍ଥାନରେ ଜଣେ ଟଙ୍କା ଖେଳ ପ୍ରଦର୍ଶିତ କରୁଥାନ୍ତି । ଆଞ୍ଚଳିକ ଭାଷାରେ କହିଲେ ଜୁଆ । ସେଇଠି ପଡେ ଆଖି । ଆଉ କିଛି ସମୟ ସେଇଠି ଠିଆ ହୋଇ ବିତେ । ମନରେ ଅନେକ କିଛି ଜାଗ୍ରତ ହୁଏ ହେଲେ ଦୂରେଇ ଯାଏଁ ମୁଁ । ବୁଲାବୁଲି ଶେଷ କରି ସେ ଘରକୁ ଫେରେ ପାଠପଢ଼ା ଭବିଷ୍ୟତ କଥା ଜାନି ଜାତରା ଏପରି ଅନେକ ଆସିବ । ତେଣୁ ସେ ଫେରିଯାଏ ଛାତ୍ରାବାସକୁ ।

ଫେରେ ଶୁକ୍ରବାର ଦିନ ଦ୍ୱିପହରରେ ପୁଣି ପାଠପଢ଼ାରେ ଲାଗିଯାଏ । ହେଲେ ଯେତେ ହେଲେ ମଧ୍ୟ ନିଜ ଅଞ୍ଚଳର କଥା ଛାତ୍ରାବାସ ବି ବେଶି ଦୂର ନୁହେଁ । ଏଇ ପାଖାପାଖି ୬୦ ରୁ ୭୦ କି.ମି । ପରବର୍ତ୍ତୀ ରବିବାର ଦିନ କୋଚିଙ୍ଗ ପାଠପଢ଼ା ଅପରାହ୍ନରେ ନ ହୋଇ ଦିନରେ ଶେଷ ହୋଇଯିବ ବୋଲି ଘୋଷଣା ହୋଇଯାଏ । ତେଣୁ ଅପରାହ୍ନରେ ପୁଣି ମହୋତ୍ସବ ବୁଲିବାକୁ ମନ ଆକର୍ଷିତ ହୁଏ । ତେଣୁ ଆଗରୁ ଘରକୁ ଜଣେଇ ଦିଏ ମିଟୁ । ଆଉ ଘରୁ ମଧ୍ୟ କହନ୍ତି ହଁ ଆସେ ।

ତେଣୁ ତା ମନରେ ଆସେ ସେ ମହୋତ୍ସବର ରଂଗିନ ଆଲୁଅର ଅନ୍ଧାରୁଆ ଫୁଲ ତାରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁଡିକ ଆଖି ଆଗରେ ନାଚି ଉଠନ୍ତି । ଏବଂ ମନ କହେ ଅନେକ କିଛି ଆଣିବା । କିନ୍ତୁ ଅଜଥା ଖର୍ଚରେ ପଇସା ଖର୍ଚ୍ଚ ପାଇଁ ଘରେ ପଇସା ଦିଅନ୍ତି ନାହିଁ । ତେଣୁ ମନରେ ତାର ଘୂରି ବୁଲେ ସେଇ ପଇସା ଖେଳର ଦୃଶ୍ୟ । ତେଣୁ ସେ ସୁନିଶ୍ଚିତ ହୁଏ ଯେ ସେ ମଧ୍ୟ ସେଥିରୁ ଅର୍ଥ ପାଇବ ।

ସେଇ ଆଶାରେ ସେ ତାର ଅନେକ କିଛି ସ୍ୱପ୍ନ ଖୋଲା ଆଖିରେ ଦେଖେ । ପାଖରେ ମୋବାଇଲ ଥାଏ ସେଥିରେ ଗୋଟାଏ ସିମ୍ କାଡ ଆଉ ଗୋଟିଏ ଆଣିବି । ମହୋତ୍ସବର ରଂଗିନ ଆଲୁଅରେ ଝୁଲୁଥିବା ଦୋଳିରେ ବୁଲିବି । ଏଇପରି ଅନେକ କିଛି । ତେଣୁ ସେ ତାର ଏଇ ସ୍ୱପ୍ନ ନେଇ ପକେଟରେ ପଇସା ଧରି ସେଇ ଖେଳ ପାଖରେ ପହଁଞ୍ଚିଲା । କିଛି ସମୟ ଖେଳ ଦେଖେ ଆଉ ତା ପରେ ବଢେଇ ଦିଏ ଏକ ଶହ ଟଙ୍କା । ହେଲେ ସେ ପଇସାଟି କଟିଯାଏ । ପୁଣି ଆଉ ଏକ ଶହ ଟଙ୍କା ଲଗେଇଲା ।

ହେଲେ ସେ ମଧ୍ୟ ଗଲା । ଏତେବେଳକକୁ ତା ର ମନରେ ଛନକା ପଶିଗଲା । ତାର ପଇସା ସବୁ ବର୍ବାଦ ହୋଇଗଲା । ଆଖି ଆଗରେ ଦେଖିଥିବା ସବୁ ସ୍ୱପ୍ନ ଭାଙ୍ଗିଗଲା । ହେଲେ ମନରେ ଆଶା ଭାଙ୍ଗିନି । ପୁଣି ଘରକୁ ଯାଇ ଆଉ ଶହେ ଟଙ୍କା ଆଣିଲା । ହେଲେ ଏଥର ଦେଖୁଥାଏ ରହୁଥାଏ, ହେଲେ ଦିଏ ନାହିଁ । କିନ୍ତୁ ମନରେ ଥାଏ ଅଧିକ ଟଙ୍କା ନୁହେଁ ମୋର ସେଇ ମୂଳ ତକ ତ ଫେରି ଆସିବ ।

ଏତିକି ବେଳକୁ ଜଣେ ମଉସା ଆସି ତା ପାଖେ ଠିଆ ହେଲେ । ତାକୁ ଟିକିଏ ଟିକିଏ ଠେଲିଦିଅନ୍ତି । ହେଲେ ସେ ଯାଏ ନାହିଁ । ପୁଣି ଠେଲିଦିଅନ୍ତି ପୁଣି । ଏହିପରି ଦୁଇ ତିନି ଥର ପରେ ସେ ତାକୁ ସେଠାରୁ ବାହାରକୁ ଡାକି ବୁଝେଇ ଦିଅନ୍ତି । ଆଉ ମହୋତ୍ସବ ବୁଲିବାକୁ କହନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇଠୁ ସେ ଶୁଣିବା ପରେ ଆଉ ସେ ପାଖକୁ ସେ ଯାଇନାହିଁ । କାରଣ ତା ମନରେ ସୃଷ୍ଟି ହୋଇଛି "ଲୋଭର ପ୍ରେମ ବିନାଶର ଝରଣା" ଅର୍ଥ ଲୋଭର ଆକର୍ଷଣରେ ଆକର୍ଷିତ ହୋଇଗଲେ ଆମର ବିନାଶର ଝରଣା ଝରୀ ଝରୀ ଚାଲିବ । ସୁଖର ଦୁନିଆଁ ଦୁଃଖରେ ଗଡିବ । ତେଣୁ ଲୋଭକୁ ଏଡ଼ାଇ ସତ୍ ରେ ସ୍ୱଳ୍ପରେ ସନ୍ତୁଷ୍ଟ ହେବା ପାଇଁ ଆମେ ପ୍ରସ୍ତୁତ ହୋଇ ଅଗ୍ରସର ହେବା ଉଚିତ ।

ଦେଉଳି ପଞ୍ଚୁଘଣ୍ଟା, ଜଳେଶ୍ୱର, ବାଲେଶ୍ୱର

ମୋ-୮୧୧୮୦୪୦୩୯୦

Email - trinathanandi2006@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଅ ମୋର କଲେକ୍ଟର୍



କୁନାଲ୍ ମଲ୍ଲିକ

ବନମାଳିପୁର କଟକ ଜିଲ୍ଲାରେ ଅବସ୍ଥିତ ଏକ ଗାଆଁଟିଏ । ସେଇ ଗାଆଁରେ ମୁରଲୀ ତା ପରିବାର ସହ ରୁହେ । ପରିବାର କହିଲେ ସେ ତା ସ୍ତ୍ରୀ, ଏବଂ ତାର ୧୩ ବର୍ଷର ପୁଅ । ପୁଅଟିର ନାମ ରାକେଶ କିନ୍ତୁ ବାପା, ମା ତାକୁ ଗେହ୍ଲାରେ ଡାକନ୍ତି ମଧୁ । ମଧୁ ସପ୍ତମ ଶ୍ରେଣୀରେ ତାଙ୍କ ଗାଆଁ ସ୍କୁଲରେ ପାଠ ପଢେ । ମୁରଲୀ ଗାଆଁ ସାହୁକାରଙ୍କ ଇଟା ଭାଟିରେ କାମକରି ଯାହା ପଇସା ରୋଜଗାର କରେ ମଧୁର ପାଠପଢାରେ ସବୁ ଯାଏ । ଆଉ ଯାହା ଖୁଚୁରା ଖୁଚୁରି ବଳେ ଘର ଖର୍ଚ୍ଚରେ ଯାଏ । ତେଣୁ ମୁରଲୀ କିଛି ସଞ୍ଚୟ କରିପାରିନାହିଁ । ବହୁତ ଦୁଃଖ, କଷ୍ଟରେ ଚଳେ । ନିଜେ ପଛେ ଦିନସାରା ଉପାସ ରହେ କିନ୍ତୁ ପୁଅକୁ ଭଲ କରି ପାଠ ପଢାଏ । ଭଲ ଟ୍ୟୁସନ ଛାଡେ କାରଣ ମୁରଲୀର ଭାରି ଇଚ୍ଛା ପୁଅକୁ ଭବିଷ୍ୟତରେ କଲେକ୍ଟର ରୂପରେ ଦେଖିବ । ସେ ଦୁଃଖ, କଷ୍ଟ କରି ଧାର, କରଜ କରି ପୁଅକୁ ବିଏ ପଢେଇଲା । ମଧୁ ମଧ୍ୟ ଭଲ ପାଠ ପଢି ସବୁ କ୍ଲାସରେ ଫାର୍ଷ୍ଟ ଡିଭିଜନ ରଖି ବିଏ ପାସ କଲା । ଏଣିକି ପୁଅ କଲେକ୍ଟର ପାଠ ପଢିବ ତେଣୁ ମଧୁକୁ ଭୁବନେଶ୍ୱର ଯିବାକୁ ପଡିବ ଏଥିପାଇଁ ପଚିଶ ହଜାର ଟଙ୍କା ଆବଶ୍ୟକ । ମୁରଲୀ କେଉଁଠୁ ଆଣିବ ଏତେ ଟଙ୍କା । ପୁଅକୁ କଲେକ୍ଟର ରୂପରେ ଦେଖିବ ବୋଲି ମୁରଲୀର ଭାରି ଇଚ୍ଛା । କଣ ସେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖିଥିବା ସ୍ୱପ୍ନ ଏମିତି ସ୍ୱପ୍ନରେ ରହିଯିବ ? ଏମିତି କଥା ଭାବି ଭାବି ସେ ଚିନ୍ତା କରି ମନସ୍ତ କଲା ସାହୁକାରଙ୍କୁ କହି କିଛି ଟଙ୍କା ଧାର ଆଣିବ । କିନ୍ତୁ ସାହୁକାର କଣ ତାକୁ ଏତେ ଟଙ୍କା ଦେବେ ? ସେ ମନେ ମନେ ଭାବିଲା ଶେଷରେ ସାହୁକାରଙ୍କ ଗୋଡ ହାତ ଧରି ଟଙ୍କା ମାଗି କହିଲା ପୁଅଟି ଚାକିରି କଲେ ସବୁ ଶୁଝିଦେବି । କିନ୍ତୁ ସାହୁକାର ତାକୁ ରୋକଠୋକ ମନା କରିଦେଲେ । ତେଣୁ ସେ ମନସ୍ଥ କଲା ତା ଘରଟିକୁ ବନ୍ଧା ରଖି ଟଙ୍କା ଆଣିବ । ସେ ଘରଟିକୁ ଛାଡିଦେଲେ ତା ପାଖରେ ଆଉ କୌଣସି ଜାଗା, ବିଲ, ବାଡ଼ି କିଛି ନାହିଁ । ଯାହା ଥିଲା ମଧୁର ବିଏ ପଢିଲା ସମୟରେ ସବୁ ବିକି ଦେଇଚି । ତେଣୁ ସେ ଆଉ କିଛି ନଭାବି ଘରର ପଟା ଧରି ସାହୁକାରଙ୍କ ପାଖକୁ ଯାଇ ଟଙ୍କା ଆଣିଲା ଏବଂ ତା ଆରଦିନ ସକାଳୁ ମଧୁକୁ ଧରି ସକାଳ ଗାଡିରେ ଭୁବନେଶ୍ୱର ଅଭିମୁଖେ ବାହାରିଗଲା । ସେଠି ମଧୁକୁ ଛାଡିଦେଇ ଆସିଲା ଓ ଆସିଲା ବେଳେ କହି ଆସିଲା ମନ ଦେଇ ପାଠପଢିବୁ, ଆଉ ଯେତେବେଳେ ଟଙ୍କା ଦରକାର ହବ ମୋତେ ଚିଠି ଲେଖିବୁ । ମୁଁ ମାସକୁ ମାସ ଟଙ୍କା ପଠାଉଥିବି । ମୁରଲୀ ଇଟା ଭାଟିରେ କାମ କରେ ମଧୁକୁ ପଇସା ପଠାଏ । ଏବଂ ସ୍ୱପ୍ନ ଦେଖୁଥାଏ ଦିନରାତି ମଧୁ କଲେକ୍ଟର ହେବାର । ଦିନ ପରେ ଦିନ ବିତି ଚାଲିଥାଏ ମୁରଲୀର ବୟସ ମଧ୍ୟ ଗଡି ଚାଲିଥାଏ । ଏପଟେ ମୁରଲୀ ଦିନ ରାତି ଇଟାଭାଟିରେ କାମ କରି ତା ହାତର ପାପୁଲି ଖଣ୍ଡିଆ ହୋଇଯାଇଥାଏ । ସେ ସକାଳୁ ସକାଳୁ ବାହାରିଥାଏ ବୈଦ୍ୟଙ୍କ ପାଖକୁ ଯିବାକୁ ହଠାତ୍ ଘର ଦୁଆର ମୁହଁରେ ଚିଠି ଆସି ପହଞ୍ଚିଲା । ମୁରଲୀ ଚିଠି ଖୋଲି ଦେଖିଲା ମଧୁର ଚିଠି । ସେ ଲିଖିତ ପରୀକ୍ଷା ପାସ କରିଛି ଏବଂ ସାକ୍ଷାତକାର, ପରୀକ୍ଷା ତେଣୁ କୋଟଟିଏ ଦରକାର । ଏଥି ପାଇଁ ତିନିଶହ ଟଙ୍କା ଦରକାର । ମୁରଲୀ ପାଖରେ ଥିବା କିଛି ପଇସା ଓ ଘରର କିଛି ଜିନିଷ ବିକି ପୁଅକୁ ପଇସା ପଠାଇଲା । ପାପୁଲି ସେମିତି ଖଣ୍ଡିଆ ହୋଇ ରହିଥାଏ । ସେଇଥିରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଇଟା ଭାଟିରେ ମୁରଲୀ କାମ କରୁଥାଏ । ଏହି ପରି ଦୁଃଖ, କଷ୍ଟରେ ସମୟ ଅତିବାହିତ ହେଉଥାଏ । ମଧୁ ସାକ୍ଷାତକାର୍ ପରୀକ୍ଷା ଦେଇ ଆସି ଘରେ ଥାଏ । ଦିନେ ଚିଠି ଆସିଲା ମଧୁ କଲେକ୍ଟର ହୋଇଯାଇଛି ମଧୁ ଭାରି ଖୁସି ହେଲା । ସିଧା ଯାଇ ବାପା, ବୋଉଙ୍କୁ ଜଣାଇଲା । ମୁରଲୀ ମଧ୍ୟ ଭାରି ଖୁସି ପୁଅକୁ ସରକାର, ତରଫରୁ, ଗାଡି, ଘର,ଚାକର ସବୁ ମିଳିବ । ପୁଅ ଭୁବନେଶ୍ୱରରେ ରହିବ । ମୁରଲୀ ଗାଁରେ ସମସ୍ତଙ୍କୁ କହିଲା ପୁଅ ମୋର କଲେକ୍ଟର । ବେଶ୍ ଖୁସିରେ ଅଛି । ଏଣିକି ପୁଅ ଯାଇ ଭୁବନେଶ୍ୱରରେ ସରକାରୀ ବାସଭବନରେ ବିଳାଶବ୍ୟସନ ଜୀବନ ଅତିବାହିତ କରୁଥାଏ । ଆଉ ଏପଟେ ମଧୁର ମା ପକ୍ଷାଘାତ ରୋଗରେ ପଡ଼ିଲେ ମୁରଲୀ ମଧୁକୁ ଚିଠି ଲେଖିଲା କିଛି ଟଙ୍କା ଆଣି ଆସିବାକୁ । କିନ୍ତୁ ମଧୁ ସିଧା, ସିଧା ଚିଠିରେ ଲେଖିଦେଲା କାମର ଭିତରେ ଯାଇ ହେବନାହିଁ ଏବଂ ଟଙ୍କା ମଧ୍ୟ ଦେଇ ହେବନାହିଁ । ଚିକିତ୍ସା ଅଭାବରୁ ମଧୁର ମା ଆରପାରିକୁ ଚାଲିଗଲେ । ପରେ, ପରେ ସାହୁକାର ଆସି ମୁରଲୀର ଘର ନିଲାମ କଲେ । ମୁରଲୀ ଏବେ କରିବ କଣ ଭାବି ଭାବି ମନ ସ୍ଥିର କଲା ପୁଅ ପାଖରେ ଯାଇ ରହିବ । କାମ କରିବାକୁ ଦେହରେ ଆଉ ବଳ ନାହିଁ । କି ବୟସ ମଧ୍ୟ ନାହିଁ ଯାଇ ପହଞ୍ଚିଲା ପୁଅର ବାସଭବନରେ ଯାଇ ଡାକିଲା ମଧୁ, ମଧୁରେ, ମଧୁ ହଠାତ୍ ଘରୁ ବାହାରିଆସି ଇଂରାଜୀ ଶବଦରେ କହିଲା ଷ୍ଟୁପିଡ଼ । ମୁଁ ଆଉ ତୁମର ସେ ମଧୁ ନୁହେଁ । ମୁଁ କଲେକ୍ଟର ବାବୁ । ରାକେଶ ବାବୁ ଡାକ ନହେଲେ କଲେକ୍ଟର ବାବୁ ବୋଲି ଡାକ । ଆଉ ମୁଁ ତୁମ ପୁଅ ବୋଲି ଏଇଠି କାହାକୁ ଯେମିତି ପରିଚୟ ନ ଦିଅ ଆଉ ତମର ସେ ଖଣ୍ଡିଆ ହାତ ଆଉ ସେ ରୂପ ମୁଁ ଯେମିତି ନ ଦେଖେ ।

ମୁରଲୀ ଧୀର ସ୍ୱରରେ ହଉ କହିଲା । କଲେକ୍ଟର ବାବୁଙ୍କ ଘରକୁ ସଞ୍ଜରେ ଅଫିସର ମାନେ ଆସନ୍ତି ବେଶ୍ ଖିଆ, ପିଆ କରି ହସ, ଖୁସ୍ କରି ଯାଆନ୍ତି ଦିନେ ଅଫିସର ମାନେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଲେକ୍ଟର ବାବୁଙ୍କ ସହ ମିଶି ଡିନର କରୁଥାନ୍ତି । ହଠାତ୍ ଖାଇବା କଲେକ୍ଟର ବାବୁଙ୍କ ତଣ୍ଟିରେ ଲାଗିଲା ସେ ଖୋ ଖୋ ହୋଇ କାଶିବାକୁ ଲାଗିଲେ ମୁରଲୀ ପାଣି ଗ୍ଲାସ ଆଣି ମଧୁକୁ ଦେଲେ । ମଧୁ ରାଗି ଯାଇ ସମସ୍ତଙ୍କ ଆଗରେ ମୁରଲୀକୁ କହିଲା ତୁ ଛୋଟ ଲୋକ ତୋ ହାତରୁ ମୁଁ ପାଣି ପିଇବି । ବୁଢ଼ାଟା ମତେ ଛୁଇଁ ଦେଲା । ମୋତେ ଏବେ ଯାଇ ଗାଧୋଇବାକୁ ପଡିବ । ଅଫିସର ମାନେ ପଚାରିଲେ ମୁରଲୀର ପରିଚୟ । ମଧୁ କହିଲା ଏ ହେଲା ଏ ଘରର ଚାକର । ଏହା ଶୁଣି ମୁରଲୀର କହିବା ପାଇଁ ପାଟିରେ ଆଉ ଭାଷା ନଥିଲା । ସଙ୍ଗେ ସଙ୍ଗେ ରାତି ଅଧରେ ଯାଇ ମଧୁ ମୁରଲୀକୁ ବାହାରେ ଛାଡି ଦେଇ ଆସିଲା ଏବଂ କହିଲା ତୁମେ ମୋ ପାଇଁ କିଛି କରିନାହଁ ତୁମେ ମୋ ସହିତ ରହିପାରିବ ନାହିଁ, ମୋ ସମ୍ମାନ ହାନି ହେବ ମୋର ତୁମ ସହିତ କୌଣସି ସମ୍ପର୍କ ନାହିଁ । ମୁରଲୀର ମୁଣ୍ଡରେ ବଜ୍ର ପଡିଲା ଭଳି ଲଗିଲା ।

ମୁରଲୀ ଯାଇ ବୃଦ୍ଧା ଆଶ୍ରମରେ ରହିଲା ଏପଟେ ମଧୁ ସହରୀ ଝିଅକୁ ବାହା ହୋଇ ବେଶ୍ ଖୁସି ଆନନ୍ଦରେ ରହିଲା ।

ମୋବାଇଲ:-୯୩୪୮୭୨୩୯୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଡ଼ ଝିଅ



ସୁନନ୍ଦା ମହାନ୍ତି

ବୋଉକୁ ହସ୍ପିଟାଲ ନେବାର ସିଦ୍ଧାନ୍ତ କିଏ ନେବ ? ବୋଉ ଦୁଇ ଦୁଇଥର ଆଇ.ସି.ୟୁରୁ ଫେରିଛି । ଏମିତିକି ତୃତୀୟ ଥର ଭେଣ୍ଟିଲେଟରରେ ରହି ସୁଧୁରିଛି । ସମୟ କ୍ରମେ ହାର୍ଟ ରୋଗୀ, ଆଲଜାଇମର ପେସେଣ୍ଟ ଓ ଆସ୍ତେ ଆସ୍ତେ ବୟସ ବଢୁଛି । ଏଥର ରାତିରେ ସବୁଦିନ ପରି ରୁଟି କ୍ଷୀର କଦଳୀ ଛେନା ସହ ହାଲକା ସନ୍ତୁଳା ଖାଇ ଶୋଇଲା । ସକାଳୁ ଉଠୁନି, ଆଖି ଫିଟାଉନି, କଥା କହୁନି । ଯେତେ ବୋଉ ବୋଉ ଡାକିଲେ ବି ନୁହଁ । ବଡ ଝିଅ ଜୋଇଁଙ୍କୁ ବଡ଼ ପୁଅ ପଚାରିଥିଲା, କଣ କରିବା ? ? ଚାରି ଦିନ ହେଲାଣି ଆଖି ଖୋଲୁନି, କଥା କହୁନି, ଗୋଡ଼ ହାତ କେତେବେଳେ କେମିତି ଟିକେ ଅଳ୍ପ ହଲଚଲ ସହିତ ପାଟି ବାଟେ କେବେ ନାକ ବାଟେ ନିଶ୍ୱାସ ନେଉଛି ଯାହା ।

ଯିଏ କରୁଛି, ନେଇଆଣି  ଆଜିଯାଏଁ ଥୋଉଛି, ବୁଝୁଛି, ଲୋକ ରଖି ସବୁ ସୁବିଧା କରିଛି, ସେ ଆଜି ସ୍ଥିର, ଭାଙ୍ଗିଯାଇଛି ମନ ହୃଦୟ ଓ ଶରୀର, ନିଜର ହୋଇଛି ଷ୍ଟୋନ ଅପରେସନ । ତେଣୁ ବଡ଼ ଭଉଣୀ ତଥା ବୋଉର ବଡ଼ ଝିଅ କହିବାର ବାଟ ନପାଇ ତୋ ହୃଦୟ, ମନ ଶକ୍ତି ଓ ସାମର୍ଥ୍ୟକୁ ନେଇ ଯାହା ଠିକ ଭାବୁଛୁ କର । ଅନ୍ତରର କୋହ ଚାପି, ଆଖିର ଲୁହ ଜାକି ସ୍ୱାମୀଙ୍କୁ ଚାହିଁଲା ବଡ଼ ଭଉଣୀ । ବଡ଼ ଭିଣେଇ ବୋଲି ସମସ୍ତେ ମାନନ୍ତି ତାଙ୍କୁ, ସେ କହିଲେ ପଇସା ଖର୍ଚ୍ଚ ପାଇଁ ପଛିବନି ବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାମର୍ଥ୍ୟ ଅଛି ହସ୍ପିଟାଲ ନେଇଗଲେ, କ୍ଷତି କଣ ?

ସାନପୁଅ ଇନ୍‌ସୁରାନ୍‌ସ କରିଛି । ସେ ଆସିଲା ପରେ, ଚାରିଦିନ ଧରି ଘରେ ପଡ଼ିଥିବା ବୋଉ ସିଫ୍ଟ ହେଲା କିମ୍‌ସ ହସ୍ପିଟାଲକୁ । ଡାକ୍ତର କହୁଥିଲେ ଚାନ୍‌ସ ବହୁତ କମ । ସୋଡ଼ିଅମ, ପୋଟାସିୟମ ସବୁ ଠିକ ଅଛି ତ ଭେଣ୍ଟିଲେଟର ଲାଗିଲେ, ରୋଗୀ ପରବର୍ତ୍ତୀ ସମୟରେ ଆଉ ନିଜେ ଶ୍ୱାସକ୍ରିୟା କରିବାକୁ ଅସମର୍ଥ ହେଲେ ମଧ୍ୟ ଘୋର ଅସୁବିଧା ତେଣୁ, ଆଇ. ସି. ୟୁ ରେ ରହିବା ସାର । ସମସ୍ତଙ୍କ ଆଲୋଚନା ବହୁ ମର୍ମସ୍ପର୍ଶୀ ଥିଲା ।

ଏହି ସମୟରେ ବଡ଼ ଝିଅର ନିମନ୍ତ୍ରଣ ଦିଲ୍ଲୀରୁ, ଚବିଶ ଓ ପଚିଶ ତାରିଖ ଦିଲ୍ଲୀରେ ଓଡ଼ିଆ କବିତା ଉପରେ ଓ ଓଡ଼ିଆ ସାହିତ୍ୟ ଉପରେ ପର୍ଯ୍ୟବେକ୍ଷଣ ତଥା ସମ୍ବର୍ଦ୍ଧିତ ହେବାକୁ ଆହ୍ୱାନ । ଯୋଗକୁ, ବଡ଼ ଝିଅର ପୁଅ ଦିଲ୍ଲୀରେ ଥିଲା ତ ସେ ମାଆକୁ ଆସିବାକୁ ଘନ ଘନ ଆମନ୍ତ୍ରଣ କରି, ଆଇ ପାଇଁ ବ୍ୟସ୍ତ ନହେବାକୁ ବଡଝିଅକୁ କହିଚାଲିଥିଲା । ବଡ଼ ଝିଅ କେବଳ ଭାବୁଥିଲା, ସତରେ କଣ ଆଉ ତା ବୋଉ ଫେରିବନି ଘରକୁ ? ? ସମସ୍ତଙ୍କ ତଥ୍ୟ ଭିତ୍ତିକ ଖବର ଓ ଡାକ୍ତର ମାନଙ୍କର ନିରୁତ୍ସାହିତ ବାଣୀ ବଡ଼ଝିଅକୁ ଦିଲ୍ଲୀ ଯିବାକୁ ଆଗ୍ରହ ଆସୁନଥିଲା । ପୁଅ ତଥାପି କହୁଥିଲା ଆସ ଆସ । ବଡ଼ଝିଅ, ଖୋଲା ଆକାଶରେ ବିଛାଇ ହୋଇ ପଡ଼ିଥିବା ତାରା ଗୁଡିକୁ ଦେଖି ଭାବୁଥିଲା, ଭବିଷ୍ୟତରେ ତାଙ୍କ ବୋଉ ଏହି ଭଳି ଏକ ଅଜଣା ତାରା ହୋଇଗଲେ ସେ ବା ଅନ୍ୟ ଭାଇଭଉଣୀମାନେ କେମିତି ଜାଣିବେ କୋଉ ତାରା ତାଙ୍କ ବୋଉ ? ? ? ନା ନା ମୋ ବୋଉ ବଞ୍ଚିରହୁ ପ୍ରଭୁ । ପିଲାଦିନେ ବୋଉ ଗାଉଥିବା ସେଇ ଢଗଢ଼ ମାଳି, ଆକାଶରେ ଗୋଠେ ଗାଈ... ରାତି ପାହିଲେ ଗୋଟେ ନାହିଁ ଅର୍ଥ କଣ କହିଲୁ ? ତାରା ବୋଲି କହିଦେଇ ବୋଉ ପିଠିରେ ନାଉ ଦୃଶ୍ୟ ଏବେ ଲୁହ ହୋଇ ବୋହି ଆସୁଛି ବଡ଼ଝିଅର ।

ସାକ୍ଷୀଗୋପାଳ, ପୁରୀ, ୯୦୪୦୯୭୭୩୨୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିତିଗଲା ଦିନ



ବିନୟ ମହାପାତ୍ର

କେବେ ଯଦି ଆମ ଗାଆଁ ଆଡକୁ ଆସିବାର ପ୍ରୋଗ୍ରାମ ହୁଏ, ତେବେ ଟିକିଏ ସମୟ ବାହାର କରି, ଦୁଇ ମିନିଟ୍ ପାଇଁ ଆମ ଘର ଆଡେ ଆସିବ, ଥରେ ମୁହଁ ମାରି ଦେଇ ଯିବ । ବହୁତ ଦିନ ପରେ ଆସୁଛ, ପୁରୁଣା କଥା ସବୁ କିଛି ମନେ ଥିବ, କି ନଥିବ, ତେଣୁ ତୁମକୁ ଦି'ପଦ ଆଗୁଆ କହି ରଖେ, ଯେପରି ଘର ଖୋଜିବାରେ କିଛି ଅସୁବିଧା ନହେବ । ଆଗୁଆ କହି ଦେବାଟା ଠିକ୍ ହେବ । କାରଣ ବହୁତ କିଛି ବଦଳି ଯାଇଛି ଏଇ ଜନପଦରେ । ଯେମିତି ସମୟ ସହିତ ସମସ୍ତେ ବଦଳି ଯାଆନ୍ତି । ଟିକିଏ ବର୍ଷା ହେଲେ ଆମ ଗାଁରେ ରାସ୍ତା ଘାଟ ଆଉ କାଦୁଅରେ ପଚ୍ ପଚ୍ ହଉନି, ଝଡି ବର୍ଷାରେ ରାସ୍ତା ମଝିରେ ଆଉ ଝର ଫିଟି ଯାଉନି । ବର୍ଷା ଋତୁରେ ଗାଆଁ ମଝି ଦାଣ୍ଡରେ ଆଗରୁ ଯେମିତି ପାଣିର ସୁଅ ଚାଲୁ ଥିଲା, ଆମେ ସେ ପାଣିରେ କାଗଜ ଡଙ୍ଗା ଭସେଇ କେତେ ମଜା କରୁଥିଲୁ, ବର୍ଷାରେ ଭିଜି ଭିଜି କାଗଜ ଡଙ୍ଗା ପଛରେ ଗୋଡେଇ ଗୋଡେଇ ଯାଉ ଥିଲୁ, କାହା ଡଙ୍ଗା ଓଲଟି ଗଲା, କାହାର ସିଧା ଆଗକୁ ଚାଲିଗଲା ଦେଖିବାକୁ । ଏବେ ଆଉ ସେମିତି ପାଣି ବୋହୁନି ଗାଆଁ ମଝି ଦାଣ୍ଡରେ । ଏବେ ଗାଁରେ ଆଉ ପିଲାଏ ବି ନାହାନ୍ତି କାଗଜ ଡଙ୍ଗା ଭସେଇବା ପାଇଁ, ସମସ୍ତେ ନିଜ ନିଜର ଡାଡି, ମମିଙ୍କ ସାଥିରେ ସହରରେ ରହୁଛନ୍ତି । ଗାଁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାସ୍ତା ସବୁ ଏବେ ସିମେଣ୍ଟ କଂକ୍ରିଟ ହୋଇ ଯାଇଛି, ବର୍ଷା ପାଣି ଏବେ ରାସ୍ତା କଡ ଡ୍ରେନ୍ ରେ ବୋହୁଛି । ବର୍ଷା ପରେ ରାସ୍ତା ଏକଦମ ସୁଖିଲା, ପାଦରେ ପାଣି ଟୋପେ ବି ଲାଗୁନି ।

ଗାଆଁରେ ଏବେ ଚାଳଘର କଁ ଭାଁ ଗୋଟେ ଅଧେ କେଉଁଠି କେଇମିତି ଦିଶିଯିବ, ବାକି ସବୁ ଘର ପ୍ରାୟ କୋଠାଘର ହୋଇଗଲାଣି । ମୋ ଘରଟି କିନ୍ତୁ ଯେଉଁଠି ଥିଲା, ସେଇଠି ସେଇମିତି ମିଳିଯିବ ତୁମକୁ । ସେଇ ପୁରୁଣା ଧୂସର ନଡା ଛପର ଚାଳ, ଝାଟି ଆଉ ମାଟି ବୋଳା କଚ୍ଚା ଘର । ନାଲି ରଙ୍ଗମାଟିର ଲିପା ଚିକ୍କଣ କାନ୍ଥ, କାନ୍ଥରେ ଚାଉଳ ପିଠଉର ଚିତା ଲିଭିନି ଏବେ ବି ତାଜା ଅଛି, ମାଗୁଶିର ଶେଷ ଗୁରୁବାର ପାଇଁ, ଭାଉଜ ପକେଇ ଥିଲା, ଏବେ ଯାଏ ସେମିତି ଝଟକୁଛି । ତୁମେ ଆସିଲେ ନିଶ୍ଚୟ ଦେଖିବ । ଗୋବରରେ ଲିପା କସରା କଳା ରଙ୍ଗର, ଚିକ୍କଣିଆ ଉଚ୍ଚା ପିଣ୍ଡା, ଏବେ ବି ଗୋବରର ବାସ୍ନା ମହକି ଉଠେ । ସେ ମହକ ସତେ ଆତ୍ମାକୁ ଛୁଇଁ ଯାଏ । ତୁମେ ଯେବେ ଆସିବ, ମୋ ପିଣ୍ଡା ଉପରେ ସେଇ ଶିଶୁ କାଠର ପୁରୁଣା ଆରାମ ଚୌକିରେ ଖଣ୍ଡେ ପୁରୁଣା ବହି, ଅବା ବାସି ଖବର କାଗଜ ଧରି ଧୋବ ଫର ଫର ଧୋତି ପିନ୍ଧା ଲୋକଟିଏ ବସିଥିବାର ଦେଖିବ । ସେ ଆଉ କେହି ନୁହେଁ, ମୁଁ ହିଁ ଥିବି । ମୋତେ ଛାଡି ଦେଲେ ଧୋତି ପଞ୍ଜାବୀ ପିନ୍ଧୁଥିବା ଲୋକ ଆମ ଗାଁରେ ଆଉ କେହି ନାହାନ୍ତି ।

ଏବେ ଆମ ଗାଁରେ ତୁମକୁ ଦେଖି କେତେ ଜଣ ଚିହ୍ନି ପାରିବେ କେଜାଣି, ତୁମେ ବି ଚିହ୍ନି ପାରିବନି ଅନେକ ଲୋକଙ୍କୁ । କାଲି ଯେଉଁ ଛୁଆ ସବୁ ଏଇ ଗାଁ ଦାଣ୍ଡରେ ଲଙ୍ଗଳା ହୋଇ ବୁଲୁଥିଲେ, ଏଇ ଦାଣ୍ଡରେ ଗୁଲିଦଣ୍ଡା, ବାଟି କି କବାଡି ଖେଳୁ ଥିଲେ, ଆଜି ସେମାନଙ୍କର ପିଲା ମାନେ ବି ବଡ ବଡ ହୋଇ ଫୁଲ୍ ପେଣ୍ଟପିନ୍ଧା ବାବୁ ହୋଇଗଲେଣି । କିଏ ସ୍କୁଲ, କିଏ କଲେଜରେ ପଢିଲେଣି । ଏବେ ମୋଟର ସାଇକେଲରେ ବସି ସାଳ ସଂଜରେ ଗାଁରେ ଚକ୍କର କାଟୁଛନ୍ତି । ଆମର କେତେ ସାଙ୍ଗ ସାଥି ଏବେ ଆଉ ନାହାନ୍ତି । ଗଲା ମାସରେ ମଦନ ଭାଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାଲି ଗଲେ । ବ୍ଲଡପ୍ରେସର ବଢି ପାରାଲିସିସ୍ ହୋଇଯାଇଥିଲା ତାଙ୍କୁ । ପିଲାମାନେ ସହରରେ ରହୁଛନ୍ତି, ବୁଢା ବୁଢି ଦି'ଜଣ ରହୁଥିଲେ ଗାଆଁରେ । ପୁଅ ଝିଅମାନେ କେବେ କେମିତି ଆସୁଥିଲେ, ଦେହ'ପା ଖବର ବୁଝି ଯାଉ ଥିଲେ । ସହରରୁ ଔଷଧପତ୍ର ଆଣି ଦେଇ ଯାଉଥିଲେ । ବୁଢି ପାଖରେ ମୋବାଇଲ ଫୋନଟିଏ ବି ଦେଇଥିଲେ । ଯେତେ ବେଳେ ବେଶି ଜରୁରି ହେବ ଫୋନ କରିବାକୁ କହିଥିଲେ ।

ହଠାତ୍ ଦିନେ ରାତିରେ ମଦନ ଭାଇର ଦେହ ବେଶି ଖରାପ ହେଲା, ଭାଉଜ ଫୋନ କଲାରୁ ବଡ ପୁଅ ଆସି କଟକ ନେଇ ଯାଇଥିଲା, ବଡ ଡାକ୍ତରଖାନାରେ ଦୁଇଦିନ ରହି ଶେଷରେ ମଦନ ଭାଇ ଚାଲିଗଲା । ଗାଁରେ ଅଳ୍ପ ବହୁତ ସମସ୍ତଙ୍କର ଖବର ସେମିତି ଏକା ପରି । ଜୀବନ ସାରା ଗଧ ପରି ଖଟି ଖଟି, ପାଠଶାଠ ପଢାଇ ପିଲାମାନଙ୍କୁ ବଡ କଲେ, ହେଲେ ଏଇ ବୁଢା ବୟସରେ ପିଲାଙ୍କ ଠାରୁ କୋଶ ଦୂରରେ ଏକୁଟିଆ ନିର୍ବିସିତ ଜୀବନ କାଟୁଛନ୍ତି । ପିଲାଏ ଭାବୁଛନ୍ତି କିଛି ଟଙ୍କାପଇସା ପଠେଇ ଦେଲେ ମାଆବାପାଙ୍କ ପାଇଁ ତାଙ୍କ ଦାୟିତ୍ୱ ଶେଷ ହୋଇଯାଉଛି । ମାଆବାପା କଣ କେତେଟା ଟଙ୍କା ପାଇଁ ପିଲାଙ୍କୁ ପାଠ ଶାଠ ପଢାଇ ବଡ କରିଥାଆନ୍ତି । ସେମାନଙ୍କର ସ୍ନେହ ମମତାର ମୂଲ୍ୟ କିଛି ନାହିଁ? ପିଲାଏ କେମିତି ବୁଝିବେ, ଏ ବୁଢା ବୟସରେ ମାଆବାପା ଟଙ୍କା ପଇସା ନୁହେଁ ପିଲାଙ୍କ ସାହଚର୍ଯ୍ୟ, ସେମାନଙ୍କ ଠାରୁ ଟିକିଏ ସେବା ଆଦର ପାଇବାପାଇଁ ବ୍ୟାକୁଳ ହୃଦୟରେ ଚାହିଁ ରହିଥାଆନ୍ତି । ପିଲାଏ ପାଖରେ ଥିଲେ ବାପାମାଆଙ୍କୁ କେବେ ଲାଗେନା ସେମାନେ ବୁଢା ହୋଇ ଗଲେଣି ବୋଲି । ପୁଅ ଝିଅ ପାଖରେ ଥିଲେ କେତେ ସାହାସ ଆସେ ମନରେ । ନାତି ନାତୁଣୀଙ୍କ ସାଥିରେ ଦି'ଘଡି ହସି ଖେଳି ଦେଲେ ଏ ବୁଢା ବୟସରେ ବି ସେମାନେ ପୁଣି ଥରେ ପିଲାଟିଏ ପରି ହୋଇ ଯାଆନ୍ତି । ଏଇ ଟିକିଏ ଆନନ୍ଦ ପାଇବା ଦେଖିଲେ ଯମ ବି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାଆ ବାପାଙ୍କ ବୟସରେ ଆଉ କେଇଟା ଦିନ ଜୋଡି ଦେଇ ଯାଏ ।

ତୁମର ମନେ ଥିବ ବନ୍ଧୁ, ଆମ ଘର ସାମ୍ନା ଦାଣ୍ଡରେ, ଯେଉଁଠି ହଳେ କାଳିଆ କସରା ବଳଦ ବନ୍ଧା ହେଉ ଥିଲେ, ତାର ଟିକେ ଆଗକୁ ଖାଲି ଶଗଡ ଗାଡିଟାଏ ଦି'ପହର ସାରା ସେମିତି ଠିଆ ହୋଇ ରହୁଥିଲା । ସେଇ ଶଗଡ ଦଣ୍ଡାରେ ବସି କେତେ ମସ୍ତି କରୁଥିଲେ ଆମେ । ଏବେ ସେଇଠି କାହାର ଗୋଟେ, ମାରୁତି କାର ଠିଆ ହେଉଛି । ଆଜିକାଲି ଗାଁରେ ଲୋକବାକ ଚାଷ କାମ ଛାଡି ସାରିଲେଣି, ଆଉ କାହା ପାଖରେ ହଳ ବଳଦ ନାହିଁ, କି ଶଗଡ ବି ନାହିଁ । ପିଲାମାନେ ସବୁ ସହରରେ, ଗାଁରେ ଘର ଛପର କି ଚାଷ କାମ ପାଇଁ ମୂଲିଆ ମିଳୁ ନାହାନ୍ତି । ଟଙ୍କାକିଆ ଚାଉଳ ଖାଇ କାମିକା ଲୋକ ଗୁଡାକ ଅଳସୁଆ ହୋଇ ସାରିଲେଣି । ସବୁ ତ ମାଗଣା ମିଳୁଛି, ଗାଁ ଗାଁରେ ମଦ ଦୋକାନ । ପେଟରେ ଭୋକଥିଲେ ସିନା କିଏ କାମ କରିବାକୁ ଯିବ । ମାଗଣା ସବୁ ମିଳି ଗଲେ କିଏ କାହିଁକି ହାତ ହଲେଇବ । ଗାଁରେ ଚାଷ ଜମି ସବୁ ପଡିଆ ପଡିଛି । ସମସ୍ତେ ଭାବୁ ଛନ୍ତି ଚାଷ ନହେଲେ ନାହିଁ, ବଜାରରେ ସବୁ କିଛି କିଣିବାକୁ ତ ମିଳୁଛି, ଚାଷ କରିବା କଣ ଦରକାର ? କିନ୍ତୁ କହିଲ ଦେଖି, ସମସ୍ତେ ଯଦି ଏମିତି ଭାବି ଚାଷ ଛାଡି ଦେବେ, ତେବେ ବଜାରକୁ ଏତେ ସବୁ ଜିନିଷ ଆସିବ କେଉଁଠୁ ?

ତୁମେ ତ ଜାଣିଛ, ଆମ ଗାଁ ଚାରି ପାଖେ ଚାରୋଟି ପୋଖରୀ । ପୋଖରୀରେ ଗାଧୋଇବା ପାଇଁ ନୁଆ ବୋହୁ ଆଉ ତୁଠକୁ ଯାଉନି । ପୋଖରୀ ତୁଠରେ ଆଉ ସେ ଗହଳ ଚହଳ, ନଣନ୍ଦ ଭାଉଜଙ୍କ ଟାହି ଟାପରା ଶୁଭୁନି । କାହା ଘର ବୋହୁ କଣ କଲା, କାହା ଘରେ କଣ ହେଲା ସେ କଥା ଆଉ ଚର୍ଚ୍ଚା ହୁଏନି । ପୋଖରୀ କୂଳରେ, ତୁଠ ପଥର ଏବେ ବି ବାହୁନୁଛି, ନହୁଲି ବୟସର ବଧୁଲି ବୋହୁର ନରମ ପାଦର ପରଶ ଟିକିଏ ପାଇଁ, ରୁଣ୍ଣୁ ଝୁଣ୍ଣୁ ପାଉଜିର ମଧୁର ସଙ୍ଗୀତ ଶୁଣିବା ପାଇଁ । ଘରେ ଘରେ ଗାଧୁଆ ଘର ପାଇଖାନା ସବୁ ହୋଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଲାଣି । ଆମେ ସଭ୍ୟତା ଦିଗରେ ବହୁତ ଆଗକୁ ମାଡି ଗଲୁଣି । ହେଲେ ଗ୍ରାମ୍ୟ ଜୀବନର ସେଇ ସରସତା, ମଧୁରତା, ଆପଣା ପଣ ସବୁ ଯେପରି ଇତିହାସ ହୋଇ ଯାଉଛି । ଆମେ ଯେତେ ଦିନ ବଞ୍ଚିଛେ, ଆମ ନାତି ନାତୁଣୀ ମାନଙ୍କୁ ଶୁଣେଇ ଯିବା ଏସବୁ କଥା । ହେଲେ ସେମାନେ କଣ ଏ ସବୁ କଥା ଶୁଣିବେ ? ନା ଶୁଣିଲେ ବିଶ୍ୱାସ କରିବେ ? ବିଶ୍ୱାସ କଲେ ବି ନାକ ଟେକିବେ, କହିବେ ପୋଖରୀର ସେଇ ଅସନା ପାଣିରେ କିଏ କଣ ଗାଧାଏ? ଏସବୁ ଅନହାଇଜିନିକ । ହେଲେ ସେ କଣ ବୁଝିବେ, କେଉଁ ଯୁଗରୁ ଆମ ବାପା ଜେଜେ ବାପା ଏଇ ପାଣିରେ ଗାଧୋଉ ଥିଲେ, ହେଲେ କେହି କେବେ ପାଣି ଲାଗି ବେମାର ପଡିନି । ଧୋବା ତୁଠ କିନ୍ତୁ ଏବେ ବି ଅଛି ସେଇଠି । ତୁମେ ଆସିଲେ, ଦିନ ଦି'ପହରରେ ଧୋବା ଧୋବଣୀ ସେଇଠି ଲୁଗା ପିଟୁ ଥିବାର ଦେଖିବ । ହୁଡା ଉପରେ ମାଟି ହାଣ୍ଡିରେ ଖାର ସୋଡା ପାଣିରେ ଲୁଗା ଶିଝୁ ଥିବାର ଦେଖିବ । ଧୋବ ଫର ଫର ଲୁଗା ସୁଖୁ ଥିବାର ବି ଦେଖିବ ।

ସେଇ ପୋଖରୀରେ ଏବେ ବି ପଞ୍ଚାୟତି ମାଛ ଚାଷ ହୁଏ । ଖରା ଦିନେ ଯଦି ଆସିବ, ଆମ ଗାଁର ସୁଆଦିଆ ମାଛ ତିଅଁଣ ଖାଇବ । ଯଦି ଅନ୍ୟ ଦିନ ମାନଙ୍କରେ ଆସିବ, ତେବେ ବି ଚିନ୍ତା ନାହିଁ, ଗାଁରେ ଏବେ ଗୁରୁବାରକୁ ଛାଡି ଦେଲେ, ସବୁ ଦିନ ସବୁ କିଛି ମିଳି ଯାଉଛି । ମାଛ ମାଂସ, ବଏଲର ଚିକେନ, ଅଣ୍ଡା ସବୁ କିଛି । ଆଇଁଶ ଟିକିଏ ଖାଇବା ପାଇଁ ଆଉ ସାପ୍ତାହିକ ହାଟ ପାଳି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁନି । ଗାଁ ମୁଣ୍ଡର ସେଇ ଛୋଟ ବଜାରଟି ଏବେ ବଡ ହୋଇ ଗଲାଣି । ସବୁ ଦିନ, ସବୁ କିଛି ମିଳି ଯାଉଛି । ସପ୍ତାହରେ ମଙ୍ଗଳବାର, ଶୁକ୍ରବାର ହାଟ ଏବେ ବି ସେମିତି ଲାଗୁଛି ।

ଆଜି ବି ମନେ ପଡେ ପିଲା ଦିନ କଥା । ମାଆ, ବାପାଙ୍କୁ କହେ, ଏତେ ବଡ ପରିବାର ଖାଇବାକୁ, ହାଟ ପରିବା ପାଇଁ ପାଞ୍ଚ ଟଙ୍କା ଦିଅ, ହାଟରୁ ପରିବା ନଆଣିଲେ ଏଇ ଗାଁରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ବି ମିଳିବନି । ପାଞ୍ଚ ଟଙ୍କା ହାତରେ ଧରେଇ ଦେଇ ମାଆ ମୋତେ, ହାଟକୁ ପଠେଇ ଦିଏ । ଗଲା ବେଳେ ବଡ ବଡ ଦୁଇଟା ବ୍ୟାଗ୍ ବି ହାତରେ ଧରାଇ ଦିଏ । ହାଟ ସଉଦା ବଡ କଷ୍ଟକର କାମ, ଦଶ ଜାଗା ଦାମ ବୁଝ, ଭଲ ଭଲ ପରିବା ଶସ୍ତାରେ ବାଛି ବାଛି କିଣ । ପାଞ୍ଚ ଟଙ୍କା ପରିବାରେ ଦୁଇ ବ୍ୟାଗ ପୁରା ହୋଇ ଯାଉ ଥିଲା, ତଥାପି ଆଠଣି, ଚାରଣି ପକେଟ ଖର୍ଚ୍ଚ ବଞ୍ଚି ଯାଉ ଥିଲା । ହାଟ ସାରି ଯେତେ ବେଳେ ମୁଁ ଘରକୁ ଫେରେ, ବ୍ୟାଗ ଦୁଇଟା ପରିବାରେ ଭରି ଯାଇ ଥାଏ । ମୁଁ ଉଠାଇ ପାରେନି, ବଡ କଷ୍ଟରେ କୁନ୍ଥେଇ, କୁନ୍ଥେଇ ଘରେ ପହଞ୍ଚେ । ମନେ ମନେ ଖୁବ୍ ରାଗି ଯାଏ, ମାଆ ବାପାଙ୍କୁ ମନେ ମନେ କେତେ କଥା ବକିଯାଏ । କହେ ପିଲାଟା ଉପରେ ଟିକିଏ ହେଲେ ଦୟା ନାହିଁ କାହାର । ମୁଁ ପରା ଛୋଟ ପିଲା ଟିଏ, ଛୋଟ ପିଲାଙ୍କୁ ପାଞ୍ଚ ଟଙ୍କାର ପରିବା ଆଣିବା ପାଇଁ କିଏ କଣ ହାଟକୁ ପଠାଏ ? ପାଞ୍ଚ ପାଞ୍ଚ ଟଙ୍କାର ପରିବା ପାଇଁ ମାଆ ମୋତେ ହାଟକୁ ପଠାଇ ଦିଅନ୍ତି ।

ହେଲେ ବନ୍ଧୁ, ଆଜି ଆଉ ସେଇ କଥା ନାହିଁ, ଭାବିଲେ ଗପ ପରି ଲାଗୁଛି । ପରିବାର ସବୁ ଛୋଟ ହୋଇ ଗଲା । ଏବେ ତ ଘରେ ଆମେ ଦୁଇ ଜଣ, ପିଲା ମାନେ ସବୁ ସହରରେ ରହୁଛନ୍ତି । ହେଲେ ପରିବା ମହଙ୍ଗା ହୋଇ ଗଲାଣି । ହାଟ ପାଳିରେ ଘରଣୀ ଦୁଇ ଶହ ଟଙ୍କା ଧରେଇ ଦିଅନ୍ତି, ଆଉ ବ୍ୟାଗ କେବଳ ଗୋଟିଏ ଦିଅନ୍ତି । କୁହନ୍ତି ବୁଢା ହୋଇ ଗଲଣି, ବେଶି କିଛି ବୋହି ପାରିବନି, ଏତିକି ଟଙ୍କାରେ ଅଧା ମୁଣି ଭରି ଯିବ, ଆଣିବାକୁ ତୁମକୁ କଷ୍ଟ ବି ହେବନି । ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ପରିବା ଦାମ ବଢି ଗଲା ନା ପଇସାର ମୂଲ୍ୟ କମି ଗଲା ।

ଏବେ ଆମ ଗାଁ ଆଉ ଗାଁ ପରି ଲାଗେନି, ଛୋଟ ମୋଟ ସହରରେ ବଦଳି ଗଲାଣି, ସହରକୁ ଯିବା ପାଇଁ ବସ୍ ଲାଗି, ଏବେ ନୂଆ ବୋହୁକୁ ଆଉ ପାଞ୍ଚ କୋଶ ଦୂର, ଶଗଡରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯିବାକୁ ପଡୁନି । ଆଜି ବି ମନେ ପଡୁଛି, ପିଲା ଦିନେ ମାମୁଁ ଘରକୁ ଯିବାକୁ ହେଲେ, ସକାଳ ଚାରିଟାରୁ ଉଠିବାକୁ ପଡୁ ଥିଲା । ହଳିଆ ଶଗଡ ଗାଡି ସଜାଡି ଦିଏ । ସେଥିରେ ବସି ପାଞ୍ଚ ମାଇଲି ଯାଏ ଯିବାକୁ ପଡୁଥିଲା । ସେଇଠି ଗୋଟିଏ ସ୍କୁଲ ଥିଲା, ସେତେ ବେଳେ । ସେଇ ସ୍କୁଲ ବାରଣ୍ଡାରେ ଆମେ ବସି ଅପେକ୍ଷା କରୁ । ସକାଳ ଛଟା ବେଳେ ଗୋଟିଏ ବସ୍ ଆସେ, ସେଥିରେ ବସି ଆମେ ମାମୁଁ ଘରକୁ ଯାଉ । ଯଦି ସେ ବସ ଫେଲ ହୋଇ ଗଲ, ତା ହେଲେ ଆଉ ବସ ନାହିଁ ସେ ଦିନ । ପୁଣି ଆସନ୍ତା କାଲି ମିଳିବ ବସ । ତେଣୁ ଆଗୁଆ ବାହାରିବାକୁ ପଡେ । ଏବେ ପିଲାଏ ସହରକୁ କଲେଜ ପଢିବା ପାଇଁ ଯାଉଛନ୍ତି । ପୁଅ ଛୁଟିରେ ଘରକୁ ଆସିଲେ ସହର ଫେରିବା ପାଇଁ ବସ ଧରିବାକୁ ସାଇକେଲ ଖୋଜା ପଡେନି, ବସ ଯାଏ ଯିବା ପାଇଁ । ଗାଁରୁ ଏବେ ତିନି ଟାଇମ ସହର ପାଇଁ ବସ ବଡ ସୁବାଧାରେ ମିଳି ଯାଉଛି ।

ତୁମ ସହରର ସୂର୍ଯ୍ୟ ପରି, ମୋ ଗାଁର ସୁରୁଜ, ବେଳ ଉଛୁର ଯାଏ ଶୋଇ ରୁହେ ନାହିଁ । ମୋ ଗାଁର ଚଞ୍ଚଳିଆ କାଉ, ସିନ୍ଦୁରା ଫିଟିବା ଆଗରୁ, ସୂରୁଜ ଉଇଁବା ଖବର କହି ଦେଇ ଯାଏ । ନୂଆ ବୋହୁ ମାଛି ଅନ୍ଧାରରୁ ଉଠି ଅଗଣାରେ ଝାଡୁ ଲଗାଇ, ଗୋବରର ପିଣି ସିଞ୍ଚି ଦିଏ । ଏବେ ବି ସେମିତି ସହଳ ସକାଳୁ, ହଳ ବଳଦଙ୍କ ସଙ୍ଗରେ କ୍ଷେତ ଯୋଚିବାକୁ ଚାଷି ଟାକରା ଫୁଟାଇ ବାହାରି ଯାଏ । ସଂଜ ସକାଳେ ସେଇମିତି ମନ୍ଦିରରେ ଘଣ୍ଟ ଘଣ୍ଟା ମୁର୍ଦ୍ଦଳ ବାଜେ, ଚଉରା ମୂଳରେ ବୃନ୍ଦାବତୀଙ୍କ ପାଖରେ ସଂଜ ସଳିତା ଜଳେ ।

ଗାଁରେ ବାର ମାସରେ ତେର ଯାତ ଏବେ ବି ହେଉଛି । ରଥଯାତ୍ରା, ଦୋଳ ମେଲଣ, ରାସ ନାଚ, ପଣା ସଂକ୍ରାନ୍ତି ଆଦି । ଆଜି କାଲି ବଡ ଧୂମ ଧାମରେ ହେଉଛି ସବୁ ଜାନି ଯାତ୍ରା । ପୂଜା ଛୁଟିରେ ପିଲାଏ ସହରରୁ ଘରକୁ ଆସନ୍ତି, କିଛି ଦିନ ପାଇଁ ଗାଁ ପୁଣି ଭରପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗେ, ଗହଳ ଚହଳ ହୁଏ । ପିଲା ମାନଙ୍କୁ ପାଖରେ ପାଇ ମାଆ ବାପାଙ୍କର ଗୋଡ ତଳେ ଲାଗେନି । ମାଆ ଜାଣି ଥାଏ ପୁଅକୁ କଣ ଖାଇବାକୁ ଭଲ ଲାଗେ । ବାପାଙ୍କୁ ଦଶ ଥର ବଜାର ପଠେଇ ଦିଏ, ଅମୁକଟା ନେଇ ଆସ, ସମୁକଟା ନେଇ ଆସ । ନାତି ନାତୁଣୀଙ୍କ ପାଇଁ କେତେ କଥା ସାଇତି ରଖି ଥାଏ ଜେଜେ ମାଆ । ପାଖରେ ବସି ଏଇଟା ଖାଆ ସେଇଟା ଖାଆ, କହି କହି ପେଟ ପୁରାଇ ଖୁଆଇ ଦିଏ ପିଲା ମାନଙ୍କୁ । ହେଲେ ଏ ଖୁସି ବେଶି ଦିନ ରହେନି, ଦିନ ଦୁଇ ଚାରି ଦିନ ପରେ ପିଲା ମାନେ ପୁଣି ସହରକୁ ଫେରି ଯାଆନ୍ତି । ଘର ବାରି ଖାଲି ଖାଲି ଲାଗେ, ଘର ଖାଁ ଖାଁ କରି ଗୋଡାଏ । ଗାଁ ରାସ୍ତା ପୁଣି ଶୁନ ଶାନ ହୋଇ ଯାଏ ।

ଗାଁ ଏବେ ବଡ ଶୁନ୍ ଶାନ୍, ଖାଲି ଖାଲି ନିଛାଟିଆ ଲାଗେ । ଯୁଆନ ଭେଣ୍ଡିଆ ଯେତେକ, ସବୁ କାମ ପାଇଁ ଗାଁ ଛାଡି ସହରକୁ ଚାଲି ଯାଉ ଛନ୍ତି । ଗାଁ ଏବେ କେବଳ ବୁଢା ବାପା, ବୁଢି ମାଆଙ୍କର ଜିମାରେ ଅଛି । ବୁଢା ବୁଢି ଯେତେକ କେବଳ ଘରକୁ ଜଗି ରହିଛନ୍ତି । ସଂଜ ହେଲେ କେହି ଆଉ ଘରୁ ବାହାରକୁ ଯାଉନା । ଅଗଣାରେ ଦଉଡିଆ ଖଟଟା ଉପରେ ଆମେ ବୁଢା ବୁଢି ବସୁ, ଅତୀତର କଥା କହୁ ଶୁଣୁ, ଏଇ ଅଗଣାରେ ପିଲାଙ୍କର ଖେଳ କୁଦ, ଗହଳ ଚହଳ କଥା, ଭାଇ ଭଉଣୀର ଖେଣ୍ଟା ଖେଣ୍ଟି, ଛୋଟ ଛୋଟ ଲଢେଇ, ରାଗ ରୁଷା, ମାନ ଅଭିମାନ, ୟାର ତାର ଅଭିଯୋଗ, ପିଲା ମାନଙ୍କର ଛୋଟ ବେଳର କଥା ମନେ ପକାଉ, ଗପୁ ଥିଲେ କଥା ସରେ ନାହିଁ, ସେଇ ସ୍ମୃତି ଟିକକ ପରା ଆମ ଅସରନ୍ତି ଖୁସିର ଭଣ୍ଡାର । କେବେ କେବେ ମିଞ୍ଜି ମିଞ୍ଜି ଆଲୁଅରେ ପୁରୁଣା ଆଲବମ୍ ଅଣ୍ଡାଳୁ, ପିଲାଙ୍କ ଫଟୋ ଦେଖି ପୁଣି ସେଇ ପୁରୁଣା ଦିନରେ ହଜି ଯାଉ ।

ହଉ, କହୁ କହୁ ବହୁତ କଥା କହି ଦେଲିଣି, ଏବେ ମୁଁ ରହୁଛି, ଯେବେ ଆସିବ, ଦୁଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାରି ଦିନ ରହିବ ଆମ ସାଙ୍ଗରେ । ବହୁତ ଗପିବା, ରିଟାୟର୍ଡ ପରେ ଏବେ କରିବାକୁ ଆଉ କିଛି କାମ ବାକି ନାହିଁ । ପୁଅ ଝିଅଙ୍କର ବାହାଘର ସାରି ଦେଇଛି । ସେମାନେ ନିଜ ନିଜ ପରିବାର ନେଇ ସହରରେ ରହୁଛନ୍ତି । ଏଇଠି ଆମେ ବୁଢା ବୁଢି ଦି' ଟା ଘର ଜଗିବା ପାଇଁ ରହିଛୁ । ତୁମେ ଆସିଲେ ରୋଷେଇ ପାଖରେ ବସିବା, ବହୁତ ଗପିବା, ଭାଉଜ ବି ଶୁଣିବ, ଦି' ପଦ ସିଏ ବି କହିବ, ବଡ ଆନନ୍ଦ ଆସିବ । ପୁଣି ଥରେ ଅତୀତକୁ ମନ ଭରି ଜିଇଁବାର ବାହାନା ମିଳି ଯିବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେନେହର ଗଙ୍ଗା



ପବିତ୍ରା ଧଳ ମଲ୍ଲିକ

ସେଇଠୁ ସିଧା ବାହାରିଲି ଘରକୁ । ପହଞ୍ଚିଲା ବେଳକୁ ଦାଣ୍ଡ ପିଣ୍ଡାରେ ସୋନୀ ଅପେକ୍ଷା କରିଥିଲା; ସତେ ଯେମିତି ମୋ ଆସିବା ଖବର ଧାଇଁ ଯାଇ ପ୍ରଥମେ ମାଆକୁ ଦେବ । ଗାଆଁ ଲୋକମାନେ ମୋତେ ଦେଖି ଟୁପୁରୁ ଟାପୁରୁ ହେଉଥିଲେ । ଘର ଭିତରେ ମାଆ ବିଛଣାରେ ଶୋଇଥିଲା । ସୋନୀ ଡାକ ଛାଡୁଥିଲା, ମାଆ ! ଭାଇ ଆସିଲେଣି । ମୋତେ ଦେଖି ବାପା ବ୍ୟସ୍ତ ହୋଇପଡ଼ିଲେ । କହିଲେ ତୋ ମା ଅବସ୍ଥା ଅତ୍ୟନ୍ତ ଖରାପ । ମୋର ସବୁ ଚେଷ୍ଟା ବିଫଳ ହେଲାଣି । ମୋ ଆସିବା ଖବର ଶୁଣି ମାଆ ଆଖି ଖୋଲିଲା । ସୋନୀକୁ ଠାରିଲା, ମୋତେ ଡାକି ଦେବା ପାଇଁ ।

ମାଆର ଏପରି ଅବସ୍ଥା ଦେଖି ନିଜକୁ ଧିକ୍କାର ଆସୁଥାଏ । ଜନ୍ମଭୂମିକୁ ରକ୍ଷା କରିବା ଆଳରେ ଜନ୍ମଦାତ୍ରୀକୁ ଅବହେଳା କରିଥିବା ଭଳି ଅପରାଧ ବୋଧ ହେଉଥାଏ । ମନେ ହେଉଥାଏ ଯିଏ ନିଜ ମାଆର ସେବା କରି ପାରୁନି, ସେ ସୀମାରେ ବନ୍ଧୁକ ଧରି କେମିତି ଦେଶ ମାତୃକାର ସେବା କରି ପାରିବ .........

ବାପା ଓ ସୋନିଙ୍କର ଏପରି ଅବସ୍ଥା ଓ ବୋଉ ଏ କରୁଣ ପରିସ୍ଥିତି ଦେଖି ପାଦ ତଳର ମାଟି ଯେମିତି ମୋର ଖସି ଖସି ଯାଉଥାଏ । ଜୀବନର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲମ୍ବା ରାସ୍ତା ଓ ପୃଥିବୀର ପ୍ରତ୍ୟେକଟି କଥାବସ୍ତୁ ମୋ ପାଇଁ ଫିକାଫିକା ଲାଗୁଥାଏ । ଏଇ ବୋଉ ଯାହାକୁ ଘଡିଏ ଛାଡି ବଞ୍ଚିବା ମୋ ପିଲା ଦିନରେ ମୁସ୍କିଲ ଥିଲା ଆଜି ସେହି ବୋଉର ଏମିତି କରୁଣ ପରିସ୍ଥିତି ହେଲେ ମୁଁ ସେହି ଅବସ୍ଥାରେ କେତେ ଦୂରରେ ଏମିତି ଭାବାନ୍ତର ମନକୁ କାହିଁ କେଉଁ ଅଜଣା ରାଜ୍ୟକୁ ନେଇ ମୋତେ କ୍ଷତାକ୍ତ କରୁଥାଏ ସେମିତି ଭାବୁଭାବୁ କେତେବେଳେ ଯେ ଭାବନା ରାଜ୍ୟରେ ବୁଡିଯାଇଥାଏ ତାହା ମୁଁ ମଧ୍ୟ ଜାଣେନା । ଆଖି ଲୁହ ପାଦ ଉପରେ ବର୍ଷାର ଧାରାଟିଏ ରଚିଲାଣି । ତାହାବି  ମୋ ଭାବନାର ଉର୍ଦ୍ଧ୍ୱରେ । ଭାବନା ରାଜ୍ୟରେ ବୁଡି ଯାଉଯାଉ ମୋ ମନକୁ ଆସିଲା ସେ ଦିନର ସେହି ହଜିଲା କାହାଣୀ । ଖରାଦିନର ସଞ୍ଜୁଆ ଧୋବ ଫରଫର ଜହ୍ନ ରାତି । ବାତାୟନର ଫାଙ୍କ ଦେଇ ଜହ୍ନର ଜୋଛନା ଆମ ଭାଇ ଭଉଣୀଙ୍କ ଆଖି କୁ ଯେମିତି ଝଲସେଇ ଦେଇଥାଏ । ବୋଉ ସାଥିରେ ଆମେ ଅଳି କରୁଥାଉ ଗପଟିକୁ ଶୁଣିବା ପାଇଁ । ବୋଉ ଭାରତର ସ୍ୱାଧିନତା ଉପରେ ଗପଟିଏ କହିଲା । ଭାରତର ଅମୃତସରର ଜାଲିଆନାୱାଲାବାଗ୍ ଠାରେ ଅନୁଷ୍ଠିତ ହେଉଥାଏ ବୈଶାଖୀ ପର୍ବ । ଭାରତର କୋଣ ଅନୁକୋଣରୁ ଆବାଳ ବୃଦ୍ଧ ବନିତା ସ୍ୱାଧୀନତା ସଂଗ୍ରାମୀମାନେ ଯୋଗ ଦେଇଥାନ୍ତି । ପରାଧୀନ ଭାରତର ଅବସ୍ଥା ଓ ଇଂରେଜ ମାନଙ୍କ ର ଅତ୍ୟାଚାର ତ ସୀମା ସରହଦ ର ବହୁ ଉର୍ଦ୍ଧ୍ୱରେ  । ଅତ୍ୟାଚାରିତ ଭାରତ ବାସୀ । ଜମି,ଭୂମି, ପାଣି ସବୁଥିରେ କର  ।ପୋଡାଜଳା ବନ୍ଦୀ, ଫାସୀ ଏହା ହିଁ ତ ଭାରତ ବାସୀଙ୍କୁ ଇଂରେଜ ମାନଙ୍କ ଭେଟି ।ଏମିତି ରୋମଟାଙ୍କୁରା କାହାଣୀ ଶୁଣି ସୋନି ଓ ମୁଁ ଯେମିତି ସ୍ତବ୍ଧ ହୋଇଯାଇଥାଉଁ ।

ବୋଉ ଯେମିତି ନିରବଦ୍ରଷ୍ଟା ଭଳି ସବୁ ଦୃଶ୍ୟ ଅବଲୋକନ କରିଛି ତାର କାହାଣୀ ଜୀବନ୍ତ ପରି କହି ଚାଲିଥାଏ । ଇଂରେଜଙ୍କର ଅତ୍ୟାଚାର ଯେତେବେଳେ ସବୁକିଛି ସୁଖ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶାନ୍ତିକୁ ଧ୍ୱଂସ କରେ ସେତେବେଳେ ମାତୃଭୂମି ଭାରତକୁ ପରାଧୀନ ତାରୁ ମୁକ୍ତ କରିବା ପାଇଁ ଦେଶବାସୀଙ୍କର ମୁଖ୍ୟ ଆଲୋଚନାର କଥାବସ୍ତୁ ଥିଲା । ଆଲୋଚନା ଚାଲିଥିଲା ତା ବାଟରେ, ମନଧ୍ୟାନ ସହକାରେ ଶୁଣୁଥିଲେ ସରଳ ଭାରତବାସୀ ଓ ନେତୃବୃନ୍ଦ । ହଠାତ କାହାକୁ କିଛି ନକହି ଗୁଳି ବର୍ଷଣ କରିଚାଲିଥିଲା ଇଂରେଜ ଶାସନର ମଣିଷ ମରା ମେସିନ 'ଜେନେରାଲ ଡାୟାର' । କ୍ଷଣିକ ମଧ୍ୟରେ ଟଳିପଡିଥିଲେ ନିରୀହ ଭାରତବାସୀ । ଫାଟକର ମୂଖ୍ୟ ଦ୍ୱାରରେ ଗୁଳି ବର୍ଷଣ । ବର୍ବର ଭୂମି ପାଲଟିଥିଲା ରକ୍ତ ଯବା । ବାହୁନି ବାହୁନି କିଏ ଖୋଜୁଥିଲା ପୁତ୍ର ତ କିଏ ପିତା ପୁଣି ମାତା । ତାଙ୍କରି ମଧ୍ୟରେ ପିଲାଟିଏ ଥିଲା 'ଉଦାମ ସିଂହ' । ଆଖି ଆଗରେ ମାଆର କରୁଣ ମୃତ୍ୟୁ ଓ ଭାରତୀୟଙ୍କର କ୍ରନ୍ଦନ ତାର ହୃଦୟରେ ଗଭୀର ରେଖାପାତ କରିଥିଲା ଏବଂ ସେହି ରକ୍ତଭିଜା ମାଟିକୁ ଧରି ଶପଥ ନେଇଥିଲା ଏହାର ବଦଲା ନେବି ଏବଂ ଏହାହିଁ କରି ଦେଖେଇଥିଲା । ସେହି ଇଂଲଣ୍ଡ ମାଟିରେ ମାରି ପ୍ରତିଶୋଧ ନେଇଥିଲା । ମାତୃଭୂମିର ସ୍ୱାଧିନତା ଆଣିବାପାଇଁ ଏମିତି ପୁଅକୁ ମାଆ ସବୁବେଳେ ଖୋଜୁଥାଏ । ତାହା ସେ ମଧ୍ୟ କରି ଦେଖାଇ ଦେଇଥିଲା । ଆମ ଭାରତର ସ୍ୱାଧିନତା ଆଣିବା ପାଇଁ ଏମିତି ବହୁ ମହାପୁରୁଷ ଙ୍କୁ ବଳିଦାନ ଦେବାକୁ ପଡିଛି । ଯାହାଙ୍କ ପାଇଁ ଆମେ ସ୍ୱାଧିନ ଓ ମାଟି ମାଆ ମଧ୍ୟ ଧନ୍ୟ ହୋଇଛି । ଏମିତି ରୋମଟାଙ୍କୁରା ଗପଟିଏ ଶୁଣି ସୋନି ଓ ମୁଁ ଯେମିତି କ୍ରୋଧାଗ୍ନିରେ ଜଳିଯାଉଥାଉଁ ଓ ପ୍ରତିଶୋଧ ନେବା ପାଇଁ ଅଳି କରୁଥାଉଁ । ଆମର ଅବୁଝା ମନକୁ ବୁଝାଇ ବୋଉ ଆମର ମୁଣ୍ଡକୁ ଆଉଁସୁ ଆଉଁସୁ କହିଲା ଧନରେ ଆମେ ତ ଏବେ ସ୍ୱାଧିନ, ସେଦିନ ତ ଚାଲିଯାଇଛି ଆମେ କଣ ଆଉ ଇଂରେଜ ମାନଙ୍କ ସହ ଯୁଦ୍ଧ କରିବା ତୁ ଜିଦ୍ ଧରିଛୁ । ହଉ ତୋର ଯଦି ଭାରତ ମାଆର ସେବା କରିବାକୁ ଏତେ ମନ ଏବେବି ତାଙ୍କର ପଦାଙ୍କ ଅନୁସରଣ କରିବା ପାଇଁ ଆମ ସୀମାରେ ପ୍ରହରୀ ପରି ଭାରତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଆଙ୍କୁ ସେବାର ଚାଦର ଘୋଡ଼ାଉ ଥିବା ବୀରସୈନିକ ହୋଇପାରିବୁ । ସତରେ ତୁ ଯଦି ସେମିତି ହୋଇପାରିବୁ ତାଙ୍କ ପରି ମହାନ ହୋଇ ପାରିବୁ । ବୋଉର ଏଇ କେଇପଦ କଥା ମୋ ମନରେ ରେଖାପାତ କଲା । ମନର କେଉଁ ଏକ ଗହନରେ ଆଶାର ସ୍ରୋତଟିଏ ଝରିବାକୁ ଲାଗିଲା ତାହା ମୁଁ ମଧ୍ୟ ଜାଣେନା । ନିଦର ଇସାରାରେ ସୋନି ଓ ମୁଁ ନିଘୋଡ଼ ନିଦରେ ଶୋଇ ଗଲୁ । ସେହି କଥାର ଖିଅ ଦିନେ ଯେତେବେଳେ ମୋତେ ସୈନିକ ବେଶରେ ଉପନିତ କଲା ବୋଉର ଖୁସି କହିଲେ ନସରେ । ହସଖୁସି ମନରେ ଦେଶ ମାତୃକାର ସେବା କରିବା ପାଇଁ ମୋତେ ପଠାଇ ଦେଇ ଥିଲା ସେଇ କାରଗିଲ ସେକ୍ଟରକୁ । ଯାହାର ପ୍ରତ୍ୟେକଟି ପାହୁଣ୍ଡରେ ଶତୃର ଘନଘଟା ଲଢେଇ ଓ କଡା ପ୍ରହରା । ତାହାରି ମଧ୍ୟରେ ବୋଉର ଦୁଃସାଧ୍ୟ ରୋଗର ଶରୀର । ବାପାଙ୍କର ଟଙ୍କାର ବନ୍ୟା ବୋଉକୁ ରୋଗ ଶଯ୍ୟାରୁ ଆଉ ଫେରେଇ ଆଣିପାରି ନଥିଲା । ଫୋନ ପରେ ଫୋନ କରି ମୋତେ ବାପାଙ୍କର ଆସିବାକୁ ଅନୁରୋଧ । ସତର୍କ ପ୍ରହରି ପରି ଦେଶ ସେବକଟିଏ । ଗୋଟେ ପଟେ ମାଆ ଅନ୍ୟ ପଟେ ମାଟି ମାଆ । କାହାର ଡାକ ତା ପାଇଁ କମ୍ ବି ନୁହେଁ । ତଥାପି ସବୁ ପଛ କରି ପହଞ୍ଚିଲି ଗାଆଁ ମାଟିରେ । ବୋଉର ଅବସ୍ଥା ପୁରା ମୁସ୍କିଲ । ମୋର କଣ ଦେଶ ସେବା କରିବାର ଝୁଙ୍କ ଆଜି ମୋ ପାଇଁ ବୁମେରାଂ ସାଜିଲା । ଏମିତି ଏକ ଭାବାନ୍ତର ମନକୁ କ୍ଷତାକ୍ତ କରୁଥିବା ଅବସ୍ଥାରେ ଲୁହର କେଇବିନ୍ଦୁ ଯେ ବୋଉର ପାଦ ସ୍ପର୍ଶ କଲାଣି ତାହା ମୋର ଭାବନାର ଉର୍ଦ୍ଧ୍ୱରେ ।

ଭାବନାର ଲମ୍ବା କାହାଣୀର ଖିଅକୁ ସଂକୁଚିତ କରି ବୋଉର କରୁଣ ଡାକଟି ମୋତେ ସ୍ତବ୍ଧ କରି ଦେଲା । ଦରଦ ମିଶା ଗଳାରେ କହିଲା, ଧନରେ ତୁ ଏମିତି ଭାଙ୍ଗି ପଡ଼ିଲେ ଚଳିବ ? ତୁ ମୋ ପାଖରେ ନ ରହିଲୁ କଣ ହେଲା; ଗୋଟିଏ ମାଆ ପାଇଁ ପରା କୋଟିଏ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଆର ରୋଗ ଯନ୍ତ୍ରଣା ସନ୍ତାନ ସୁଖ ଅକ୍ଷୁର୍ଣ୍ଣ ରହି ପାରିଛି । ତାହାହିଁ ତ ମୋର ଇଚ୍ଛା ଥିଲା । ତାହା ତ ତୁ ପୁରଣ କରିଛୁ । ଆଉ ମୁଁ ମଧ୍ୟ ବହୁତ ଖୁସି । କାଲି ହୁଏତ କୌଣସି କାରଣରୁ ମରିଥାନ୍ତି, ଆଜି ମରିବି । କିନ୍ତୁ ଆଜି ଏତିକି ସାନ୍ତ୍ୱନା ପାଇ ମରିବି ଯେ ମୁଁ ଗୋଟିଏ ବୀର ପୁତ୍ର ର ମାଆ ରୂପରେ ମରି ପାରୁଛି । ଏହାହିଁ ତ ମୋ ପାଇଁ ବହୁ ସୌଭାଗ୍ୟ । ତୁ ଏଥିରେ ଖୁସି ହେବାର କଥା, କାନ୍ଦିବାର କଣ ଅଛି । ବାପା ଓ ସୋନି ତୋ ପାଖରେ ଅଛନ୍ତି । ତୁମମାନଙ୍କର ଖୁସି ତ ମୋ ଖୁସି । ଅଧିକ କିଛି ମୋର ଆବଶ୍ୟକ ନାହିଁ । ବୋଉର ଏଇ କେଇପଦ କଥା କେଜାଣି କେଉଁ ଏକ ଦୁନିଆ ରେ ହଜେଇ ଦେଲା ଓ ମୋର ସବୁ ଆବେଗକୁ ଚାପି ପୂର୍ଣ୍ଣଛେଦ ଟାଣିଦେଲା, ତାହା ମୁଁ ମଧ୍ୟ ଜାଣେନା ।

ଚାନ୍ଦକୁଡା, ଚାନ୍ଦବାଲି, ଭଦ୍ରକ
-୯୦୯୦୬୩୬୬୦୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଥୋଇଲୀ



ସିଦ୍ଧେଶ୍ୱର ତ୍ରିପାଠୀ

ମଧୁପୁର ଭାରି ବଡ଼ ଗାଆଁଟେ । ଗାଁରେ ପଧାନେଙ୍କର ଭାରି ଖାତିରି । ଦଶବାଟି ଜମି ଚାରିହଳ ବଳଦ ଶଗଡ଼ ନଙ୍ଗଳ ହଳିଆ ଚାକର ଆଉ  କୋଉଥିରେ ତାଙ୍କର କମି ଯେ ବଡ଼ ପୁଅ ଦାଶରଥି ସାନପୁଅ ଭାଗିରଥି  ଦୁହେଁ ଏବେ ବଡ଼ ହେଲେଣି ଘରକୁ ଦୁଇ ବୋହୁ ବି ଆସିଲେଣି ନାତି ନାତୁଣୀ ମାନଙ୍କ କୋଳାହଳ ରେ ଘର ଏବେ ପୁରି ଉଠୁଛି  ।

ସବୁ ଠିକ୍ ଠାକ ଚାଲିଥିଲା  ହେଲେ ବିଧିର ବିଧାନକୁ କଣ ଏଡେଇ ଦିଆଯାଇ ପାରେ କି ? ବଡ଼ ବୋହୁକୁ ସାପଟେ କାମୁଡି ଦେଲା ତାକୁ ଗୁଣିଆ ପାଖକୁ ନେଲେ ହେଲେ ସିଏ ମରିଗଲା । ଲୋକମାନେ କୁହାକୋହି ହଉଥିଲେ ତାକୁ ସହର ଡାକତର ପାଖକୁ ନେଇଥେଲେ କାଳେ ବଞ୍ଚି ଯାଇଥାନ୍ତା । ସେ ଯା ହେଉ ବଡ଼ ବୋହୁଟା ମଲା ଯାହା ଯେମିତି ଶୁଦ୍ଧଘରଟା ସରିଗଲା ।  ଛମାସେରେ ବୋହୂର  ବର୍ଷକିଆ କରି ପଧାନେ ବଡ଼ ପୁଅକୁ ଆଉ ଗୋଟେ ବାହାକଲେ । ଏଇ ବୋହୂଟି ରୂପରେ ଯେମିତି ଗୁଣରେ ବି ସେମିତି । ସେନେହ ଆଦରରେ ଘଡିକରେ ସଭିଙ୍କୁ ଆପଣାର କରିନେବ ସତରେ । ଗୋରା ତକତକୁ ଚେହେରାକୁ ସେ ନାଲି ଲୁଗା ସାଥେ ନାଲି ସିନ୍ଦୁର ଟୋପାଟେ ନଗେଇଦେଲେ ସତରେ ପୁରା ଦେବୀ ନେଖେ ଦୁଶୁଚି । ହେଲେ ମହାକାଳ ଫଳ ଭଳି ଏ ବୋହୁ ଭିତରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏତେ କେଁ ଅଛି ବୋଲି କିଏ ଜାଣିଛି ।

ଏଇ ପଧାନେ ଯୋଉ ଦେହ ଦୁଃଖରେ ପଡି ଚାଲିଗଲେ । ସେଇଠୁ ତ କଥାଟା ଧାରା ପଇଲା । ଏଇ ଶୁଦ୍ଧିକ୍ରିୟା ବେଳକୁ କଥାଟା ଦାଣ୍ଡରେ ପଡି ହାଟରେ ଗଡ ଗଡେଇଲା ପରା । କିଏ ଜଣେ ବ୍ରାହ୍ମଣ ନାହାକ ଦୁହିଁଙ୍କୁ ଚେଙ୍ଗିଦେଲା ପରା ଏଇ ବୋହୁଟା ଗୋଟେ ଥୋଇଲୀ । ଆଗରୁ ଆଉ କାହାକୁ ବାହା ହେଇଥେଲା । ବାହାଘର ଚାରିମାସ ହେଉଥେଲା ନାଁ କଣ ତା ସ୍ୱାମୀଟା ପାଣିରେ ବୁଡି ମରିଗଲା । କିଏ କହୁଛି ହାଣ୍ଡିଆ ପିଇଥିଲା କିଏ କହୁଛି ମହୁଲି ପିଇଥିଲା ଆଉ କେତେ ନୋକ କହୁଶନ୍ତି ତାକୁ କୁଆଡେ ଠାକୁରାଣୀ ଚିପିଦେଲା । ସେଇଠୁ ଇଏ ତା ବୋପା ଘରକୁ ଆସି ଇଆଡ଼େ ପଧାନଙ୍କ ବଡ଼ ପୁଅକୁ ଦ୍ୱିତୀୟ ହେଇଛି । ଛି ଛି ଛି ଏଗୁଡ଼ାକ ମୁହଁକୁ ଲାଜ ନାହିଁ ଲୋ ।

ଆଲୋ ଶୁଦ୍ଧଘର କଣ ହବ ଗାଁରେ ସଭା ବସିଲା ଲୋ ସମସ୍ତେ ହାଉ ହାଉ ହେଲେ ଛି ଛାକର କଲେ ଥୋଇଲୀ ହାତରୁ ପିଣ୍ଡପାଣି କିଏ ପାଇଛି ନାଁ ଏ ପଧାନେ ପାଇବେ ।

ଯାହା ଯେମିତି ହେଲା ହେଲା ଦାଣ୍ଡରେ ନିଶାପ ବସିଲା । କୋଉଠୁ କେମିତି ଖବର ପାଇ ବଡ଼ ବୋହୂର ଭାଇ ପାଞ୍ଚକୋଷ ବାଟରୁ ପୁଲିସି ନେଇକି ଆସିଲା । ପୁଲିସିକି ଦେଖି ଧର୍ମଶାସ୍ତ୍ର ପୁରାଣ ପ୍ରଥା ପରମ୍ପରା ଚୋବୋଉଥିବା ନାହାକ ବ୍ରାହ୍ମଣ ସବୁ ଚୁପ ହେଇଗଲେ ।

ସେ ଯାହା ହେଉ ଶୁଦ୍ଧିକ୍ରିୟା ତ ସରିଲା ହେଲେ ସମସ୍ତଙ୍କ ଗଞ୍ଜଣା ଠିକି ଠିକି ମାର ମାର ଭାରି ଅଡୁଆ ହେଉଥିଲା ଏଇ ବଡ଼ ବୋହୁ ପ୍ରତି । ସ୍ୱାମୀ ଦିଇଟା ବାହାହେଲେ ଛୁଆପିଲା ଦିଟା ଆଗରୁ ଅଛନ୍ତି ଚଳିଲା ହେଲେ ଇଏ ହେଲା ଥୋଇଲୀ ଯାକୁ କୁଆଡେ ଦେଖିଲେ ଅଶୁଭ ଯା ହାତରୁ ପିତୃ ପୁରୁଷ ପାଣି ପାଇବେନି ଲୋ ନୋକ କହୁଶନ୍ତି । ଦେଖୁନ ପଧାନେ କେତେ ଅର୍ଜିଥେଲେ ମଲାପରେ ପିଣ୍ଡ ଉଦକ ବାଢିବାକୁ ଏଇ ଥୋଇଲୀ ବୋହୁ ତାଙ୍କ ଭାଗ୍ୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲା ।

ଆଲୋ ଯାଇଁଲୁଣି ଏତେ ଟାହି ଟାପରା ସହି ନପାରି ସେ ବୋହୁଟା କୁଆଡେ ପଳେଇଛି ଯେ ଆଉ ତାର ଖୋଜ ଖବର ନାହିଁ । ଏ ଅଲାଜୁକ ବଡ଼ ପୁଅଟା ଏବେ ଛି ଛି ଛି କେତେବା ବୟସ ହେଇଥେବ ୟାକୁ । ହଉ ଚାଲେ ଲୋ ଅପା ଗାଧୁଆ ତୁଠରେ ଘଡ଼ିଏ ହେଲାଣି ଗପୁ ଗପୁ ବେଳ ଗଲାଣି ଚାଲେ ସିଆଡେ ସଞ୍ଜ ଗଡିଯିବ ଯେ ତେମେ ସବୁ କଣ ଗପ ଶୁଣୁଥିଲ କିଲୋ ଚାଲ ତମ ଘରେ କଣ ସଞ୍ଜ ଦବନି କି ?

ଆଜିକାଲି ପରଘର କଥା ଶୁଣିବାକୁ ସମତଙ୍କର ଭାଆରି ଆଗରହ ।

କବିର ଘର, କୁଣ୍ଡିଲୋ, କେରଙ୍ଗ


ଖୋର୍ଦ୍ଧା, ୭୫୨୦୫୫,

୮୦୧୮୬୪୬୭୦୪ / ୭୦୦୮୩୧୫୦୪୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଈର୍ମେ



ବୈଶାଖୀ ଦୀପ

ବୈଶାଖର ଝାଞ୍ଜି ଖରାରେ ମୁଣ୍ଡରୁ ଟୋପା ଟୋପା ଝାଳ ବୋହି ଆସି ଛାତି ଉପରେ ପଡୁଥାଏ । ଠେଲା ପେଲା ମଧ୍ୟରେ ବସ୍ ର ଆଗ ଭାଗରୁ କେତେବେଳେ ଯେ ଶେଷ ଭାଗକୁ ଚାଲି ଆସିଛି ତା ମଧ୍ୟ ଜାଣିପାରିଲିନି । ପାଖରେ ଶୁଖୁଆ ବୋଝେଇ ଚାଙ୍ଗୁଡ଼ି ମଧ୍ୟରୁ କେତେ ଯେ ସୁଗନ୍ଧ ଚାଲି ଆସୁଥାଏ, ତାକୁ ମଧ୍ୟ ନାକରେ ହାତ ଜାବୁଡିବାକୁ ହାତଟି ନାକ ପାଖକୁ ଆସିବା ଅସମ୍ଭବ । ଧକଡଚକଡ ରାସ୍ତାରେ ଝରକା କାଚ ଧଡ୍ କିନା ରାସ୍ତାରେ ପଡି ଚୂନା । ହଠାତ୍ ବ୍ରେକ... ଓ ହେଲପରର ଜୋରରେ ଡାକ ପଡିଲା ବାପନପଲ୍ଲୀ.... ଠେଲିକି ବସ୍ ରୁ ଓଲ୍ହାଇବା ଜୋଶ୍ ରେ ବ୍ୟାଗ୍ ଟି ଛିଡିପଡିଲା, କିନ୍ତୁ ଅଣନିଶ୍ୱାଶୀରୁ ମୁଁ ଏବେ ମୁକ୍ତ । ବାମପାର୍ଶ୍ୱରେ ଥିବା ଅଣଓସାରିଆ ରାସ୍ତାରେ ଚାଲିଲି । ପାଖରେ ବଡ଼ ବଡ଼ ତେନ୍ତୁଳି ଗଛ ଗୁଡାକ ଲଗାଲଗି ହୋଇ ରହିଛନ୍ତି । ଖରାଦାଉରୁ ଟିକେ ଆରାମ ଲାଗୁଥିଲା ସତ କିନ୍ତୁ ଗରମ ପବନଟି ବିରକ୍ତ କରୁଥାଏ । ସେହି ଗରମ ପବନ ମଧ୍ୟରେ ଏକ ଅପୂର୍ବ ବାସନା ତା ଥିଲା ମହୁଲ ଫୁଲ । ବାସ୍ନା ଭିତରେ ହଜିଯାଇ କେତେବେଳେ ଯାଇ ବାଳିକା ଆଶ୍ରମରେ ପହଁଚିଗଲି ତା ମଧ୍ୟ ଜାଣିପାରିଲି ନାହିଁ । ବାଳିକା ଆଶ୍ରମରେ ମୋର ଜଣେ ସମ୍ପର୍କୀୟ ଚାକିରୀ କରନ୍ତି ଚାରି ବର୍ଷ ପୂର୍ବେ ଗୀତା ବାହାଘରରେ ଖୁବ୍ ମଜା କରିଥିଲୁ । ଗୀତା ମୋ ମାଉସୀ ଝିଅ, ତା ପରେ ଆଉ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଖାନାହିଁ । ନୀଳିମା ସବୁଥର ଡାକେ ଆସି ବୁଲିଦେଇ ଯିବା ପାଇଁ କିନ୍ତୁ ଯାଇପାରେ ନାହିଁ । ଏ ଥର ବଡଯାତ୍ରା ଦେଖିବା ପାଇଁ ବହୁତ ଇଚ୍ଛା ଏଣେ ଘରର ଚାରି କାନ୍ଥରେ ମୁଁ ମଧ୍ୟ ବିରକ୍ତ । ତେଣୁ ଏଥର ସ୍ଥିର କଲି ଯେ ଏହି ଫାଲ୍ଗୁନରେ ବଡ଼ଯାତ୍ରା ଦେଖିବା ସହ ମାଲକାନଗିରି ବୁଲା ମଧ୍ୟ ହୋଇଯିବ । ମହୁଲ, ପଳାସ, କେନ୍ଦୁଗଛ ଘେରା ମଧ୍ୟରେ ଏହି ଆଶ୍ରମ । ଆଶ୍ରମଟି ବେଶ୍ ସ୍ୱଚ୍ଛ ଓ ସେଠାର ଛୋଟ ଛୋଟ ପିଲାଙ୍କ ହସ ମତେ ଯେମିତି ବାନ୍ଧି ନେଇଛି ତାଙ୍କ ଆଡକୁ । ଆଶ୍ରମ ରେ ପ୍ରାୟ ପାଞ୍ଚଶହ ପିଲା ସେମାନଙ୍କ ଭଲ ପାଇବା ଭିତରେ କେବେ ଯେ ସାତ ଦିନ ବିତିଗଲା ଜାଣି ପାରିଲିନାହିଁ । ଯେତେ ଦିନ ଗଡି ଚାଲୁଥାଏ ସେତେ ପାଖେଇ ଆସୁଥାଏ ବଡଯାତ୍ରା ମନରେ ମୋର ଉତ୍ସାହ ବଢ଼ିଚାଲୁଥାଏ, କେବଳ ଯେ ମୋର କାହିଁକି ପ୍ରତ୍ୟେକ ମାଲକାନଗିରିବାସୀ ମନରେ ଏହିପରି ଆନନ୍ଦ ଉଲ୍ଲାସ ଭରିଯାଏ ।

ଭୋର ସକାଳୁ ହଠାତ୍ ଅନେକ ଲୋକଙ୍କ ପାଟି, ଉଠି ଝରକା ଖୋଲି ଚାହିଁଲା ବେଳକୁ ପଛ ପାଚେରୀକୁ ଲାଗି ବୁଧୁବାର ହାଟ ଚାଲିଛି । ମୋର ବି ଏବେ ହାଟ ବୁଲା ହେବ, ହାଟରେ ଯାହା ଦେଖୁଥାଏ ତାହା ମୋପାଇଁ ପ୍ରଥମ । ହାଟର ଶେଷରେ ଗଞ୍ଜା ଲଢେଇ ତା ପାଖକୁ ମହୁଲି, ତାଡି, ପେଣ୍ଡାମ ରେ ଲୋକ ମାତିଛନ୍ତି । ମଝିରେ ବଙ୍ଗାଳୀମାନଙ୍କ ମାଛ ଛଣା ସହ ବଙ୍ଗାଳୀ କପଡାର ଢେର ପଡିଛି, ଆଦିବାସୀ ସଂଖ୍ୟା କମ୍ ଲାଗୁଥିଲା ସତେ ଯେପରି ଏହା ଏକ ବଙ୍ଗାଳୀ ହାଟ । ବୁଲୁ ବୁଲୁ ହଠାତ୍ ଦେଖିଲି ଗୋଟିଏ ବାର ତେର ବର୍ଷର ଝିଅ, ଦେହଟି ମାଟି ଧୂଳି, ଅସଜଡ଼ା ତେଲିଆ କେଶ, ତଳେ ପେଣ୍ଟ ନାହିଁ, ଦେହରେ ହଳଦୀ ରଙ୍ଗର ଫଟା ସାଲଵାର ଟି ଆଣ୍ଠୁ ଯାଏ ପଡୁଥାଏ । ନାକରେ ଦଣ୍ଡୀ(ନାକ ଫୁଲ), ଓଠରେ ତାର ଖିଲି ଖିଲି ହସ, ଆଖିରେ ତାର ଅସୁମାରୀ ସ୍ୱପ୍ନ, ଓ ଥିଲା ଅନେକ କାହାଣୀ । ପାଖରେ ଥାଏ ଆଉ ଏକ ଝିଅ ବୟସ ପ୍ରାୟ ସତରରୁ ଅଠର ହେବ ରଙ୍ଗଟି ଟିକେ ଶ୍ୟାମଳ ସାଲଵାର ଟି ପିନ୍ଧିଥାଏ ଓଢଣୀଟି କାନ୍ଧରୁ ନେଇ ଅଣ୍ଟାରେ ଭିଡିଥାଏ । ପାଖରେ ତିନୋଟି ହାଣ୍ଡି ଗୋଟେରେ ପାଣି ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନ୍ୟ ଦୁଇଟିରେ ହାଣ୍ଡିଆ, ଦୁଇଟି ଇଟା ଉପରେ ବସି ବିକୁଥାଏ । ସେହି ଛୋଟ ଝିଅଟିର ଆଖିରେ ମୁଁ ବନ୍ଧା ତା ହସ ମୋତେ ତା ଆଡକୁ ଟାଣି ନେଲା... । ପାଖକୁ ଯାଇ ପଚାରିଲି ତୋ ନା ? ପଚାରିବା ବେଳକୁ ସେ ଦୌଡ଼ି ଚାଲିଗଲା ଏଣେ ମତେ ପଛରୁ ଡାକ ପଡିଲା ଏପଟେ ଆସେ........ । ବୁଲି ବୁଲି ପଛକୁ ବାର ବାର ଚାହିଁ ଖୋଜୁଥିଲି କିନ୍ତୁ ଆଉ ଦେଖି ପାରିଲି ନାହିଁ । ସେଠାରୁ ଆସି ଆଶ୍ରମରେ ପହଞ୍ଚିଗଲି, କିନ୍ତୁ ସେହି ଝିଅଟିର ମୁହଁ ବାରମ୍ବାର ମୋ ଆଖି ସାମ୍ନାକୁ ଆସିଯାଉଥିଲା । ଦୁଇ ଦିନ ପରେ ବଡଯାତ୍ରା ମୋର ଆଶା ଯେ ଯାତ୍ରାରେ ନିଶ୍ଚୟ ଦେଖାହେବ ମୋର ତାରି ସାଥିରେ । ଯାତ୍ରାରେ ମୁଁ ଅବା କେଉଁଠି ତାକୁ ଖୋଜିବି, ଏଠାରେ ତ ମୋ କଳନା ଠାରୁ ମଧ୍ୟ ଅଧିକ ଲୋକ । ଯାତ୍ରା ଦେଖା ଲୋଭ ଥିଲେ ମଧ୍ୟ ମୋ ଆଖି କାଇଁ ଚାରିଆଡେ ବୁଲି ପଡୁଥାଏ । କାଳେ ତାକୁ ଦେଖିଦେବି କି ? ଯାତ୍ରା ମୋ ମନ ଛୁଆଁ ହୋଇଥିଲେ ମଧ୍ୟ, ଝିଅଟିକୁ ଦେଖିନପାରି ଥିବାରୁ ମୋତେ ହତାଶ କରୁଥାଏ ।

ଏଣୁ ଦେଖୁ ଦେଖୁ ବିତିଗଲା ଚାରିଦିନ, କିନ୍ତୁ ଝିଅଟି ସହ ଆଉ ଦେଖା ହେଲାନାହିଁ । ଆଖିରୁ ତା ଚେହେରା ହଜିଗଲା ସତ, ମନରେ ତାର ନିରୀହ ହସଟି ବାନ୍ଧି ହୋଇ ଯାଇଥିଲା । କିନ୍ତୁ ତାକୁ ଏବେ ଭୁଲିବାକୁ ପଡିବ ଆଉ ତା ସହ ମୋର ଦେଖା ନାହିଁ । ଏହା ହିଁ ସତ ବୋଲି ଏବେ ଆପଣାଇବାକୁ ପଡିବ ।

ସନ୍ଧ୍ୟା ସମୟ ପିଲାଙ୍କ ସହ ଖେଳୁ ଖେଳୁ କାହିଁ ସେ ଜଙ୍ଗଲ ଆଡକୁ ବୁଲି ଆସିବା ପାଇଁ ମନ ହେଲା । ବର୍ଷା, ସୁମି, ଜୟା ଆଉ ମୁଁ ବାହାରିଲୁ ବୁଲିବା ପାଇଁ । ଚାରିପଟ ଚାହିଁ ଦେଲା ବେଳକୁ ମହୁଲ, ବାହାଡା ଆଦି ଗଛର ଧାଡି ଲମ୍ବିଛି । ଅଳ୍ପ ଚାଲିବା ପରେ ହଠାତ ଦୁଇ ତିନୋଟି ଲୋକ ବଡ଼ ବଙ୍କା ଟାଙ୍ଗିଆ ଧରି ଠିଆ ହୋଇଛନ୍ତି । ଆଗକୁ ପାଦ ଥାପିବା ପାଇଁ ଡର ଲାଗୁଥାଏ, କିନ୍ତୁ ପିଲା ଆଗକୁ ଚାଲୁଥାନ୍ତି । ସେହି ଲୋକ ଭିତରୁ ଜଣେ ଟାଙ୍ଗିଆଟିକୁ ଧଡ଼କରି ତଳେ ପକେଇ ପାଖରେ ଥିବା ତାଳଗଛରେ ଆଖିପିଛୁଳାକେ ଚଢିପଡ଼ିଲେ ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାଡି ପାଇଁ ତାର ପ୍ରସ୍ତୁତି ଚଲାଇଲେ । ମୁଁ ଏବେ ଆରାମରେ ଆଗକୁ ବଢ଼ିଲି । ଦୂରରୁ କିଛି ଗୋଟେ ଶବ୍ଦ ଶୁଣାଯାଉଥାଏ ମୁଁ ନ ଚାହିଁବା ସତ୍ତ୍ୱେ ମଧ୍ୟ ଶୁଣିବାକୁ ବାଧ୍ୟ ହଉଥାଏ । ନିଜକୁ ରୋକି ନ ପାରି ସେହି ଧ୍ୱନି ଆଡ଼କୁ ଆଗେଇବାକୁ ଲାଗିଲି, ପହଞ୍ଚି ଦେଖିଲା ବେଳକୁ ତାହା ଏକ ଅଟୋରେ ବାଜୁଥିବା କୋୟାଗୀତର ଧ୍ୱନି ଥିଲା । ଧ୍ୱନି ଶୁଣି ଶୁଣି ଆସିବା ଭିତରେ ମୁଁ କେଉଁଠାକୁ ଆସି ପହଞ୍ଚିଗଲି ତା ମଧ୍ୟ ଜାଣିପାରିଲି ନାହିଁ । ଆଖିବୁଲାଇଲା ବେଳକୁ ସବୁଆଡେ ଧୂଳି ଉଡୁଥାଏ ଘର ଗୁଡାକର ମାଟି ଝଡି ବାଡ଼ି ଦେଖାଯାଉଥାଏ । କେଉଁ କେଉଁ ଘର ଉପର ଛଣ ଗୁଡାକ ଅଧା ଅଛି ତ କେଉଁଠାରେ ନାହିଁ । କାହା କାହା ଘର ଆଗରେ ଚୂଲିଟିଏ ତ କାହା ଘର ଆଗରେ ଛିଡା ଦୌଡ଼ି ଖଟଟିଏ ରହିଛି । ଆଗକୁ ଟିକେ ଚାଲିଲା ବେଳକୁ ଦୁଇଟି ଅର୍ଦ୍ଧନଗ୍ନ ଶିଶୁ,ଗୋଡ ହାତ ସରୁ ସରୁ, ମୁଣ୍ଡଟି ବଡ଼ ଓ ପେଟଟି ଆଗକୁ ବଢିଆସିଥାଏ, ଦୁହେଁ ଏକାଠି ବସି ଭାତ ଆଉ ଲଙ୍କା ବଟା ଖାଉଥାନ୍ତି । ପାଖରେ ଗୋଟିଏ କାଦୁଅ ଘୁଷୁରିଟି ଖାଦ୍ୟ ଖାଇବା ପାଇଁ ଆସୁଥାଏ ପିଲା ଦୁହେଁ ଯେତେ ଘୋଡେଇବା ପାଇଁ ଉଦ୍ୟମ ଚଲାଇଥିଲେ ମଧ୍ୟ ସେମାନେ ଅସଫଳ । ମୁଁ ଦେଖିବା ବେଳକୁ ଘୁଷୁରିଟି ଆସି ଦୁଇଥର ଭାତରେ ମୁହଁ ମାରିଲାଣି । ଆଗକୁ ଟିକେ ଗଲାବେଳକୁ ଜଣେ ବୃଦ୍ଧାଟି ଅଧା ଛିଡା ଲୁଗାଟିକୁ କାନ୍ଧରେ ଗଣ୍ଠି ମାରି ପିନ୍ଧିଥାଏ ବାର ବାର ତଳେ ପଡିଯାଉଥାନ୍ତି, ପୁଣି ଠିଆ ହୋଇ ଚାଲିବାକୁ ଉଦ୍ୟମ କରୁଥାନ୍ତି । ତା ପାଖରେ ଜଣେ ମହିଳାଟି ଯେତେ ଚେଷ୍ଟା ଚଲାଇଲେ ମଧ୍ୟ ନଳକୂଅରୁ ବୁନ୍ଦାଏ ପାଣି ମଧ୍ୟ ହାଣ୍ଡି ଭିତରକୁ ଯାଇପାରିଲା ନାହିଁ । ଏତେ ବଡ ଗାଁ ମଧ୍ୟରେ ଗୋଟିଏ ବି ଗଛ ଦେଖିବାକୁ ମିଳିଲାନି, ଯାହା ଗୋଟେ ଦୁଇଟି ଥିଲା ତା ମଧ୍ୟ ଲଣ୍ଡା । ସବୁ ଆଡେ ଧୂଳି ଓ ଧୂଆଁ । ସୁମି କୁ ପଚାରିଲି ଏହା କେଉଁ ଗାଁ ସୁମି କହିଲା ଦିଦି ଏଇଟା କୁଞ୍ଜଗୁଡା ।

ଗାଁରୁ ଫେରିକି ଗଲାବେଳେ ବାଟରେ ଚାରି ଜଣ ପିଲା ମାଟି ଖେଳୁଥାନ୍ତି । ସେଥି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟରେ ହାଟରେ ଦେଖା ହୋଇଥିବା ସେହି ଝିଅଟି ମଧ୍ୟ ଥାଏ । ଝିଅଟିକୁ ତା ନା ପଚାରିଲାରୁ କିଛି ନକହି ସାମ୍ନାରେ ଥିବା ଚାଳ ଘର ଆଡକୁ ହାତ ଦେଖାଉଥିଲା । ଯେତେ ପଚାରୁଥିଲେ ମଧ୍ୟ ଊଁ ଊଁ କରୁଥାଏ । ଏପଟେ ପିଲା ମଧ୍ୟ ବାର ବାର ଡାକୁଥାନ୍ତି hostel ଯିବା ସମୟ ହେଲାଣି, ବାଧ୍ୟ ହୋଇ ମତେ ଯିବାକୁ ପଡିଲା ।

ଆଖିରେ ମୋ ନିଦ ନାହିଁ କେବଳ ପାହାନ୍ତିଆ କୁ ମୋର ଅପେକ୍ଷା, ସୂର୍ଯ୍ୟର ପ୍ରଥମ କିରଣ କୁଞ୍ଜଗୁଡାରେ ସ୍ପର୍ଶ ହେବା ପୂର୍ବରୁ ମୁଁ ଯାଇ କୁଞ୍ଜଗୁଡାରେ ପହଞ୍ଚିଗଲି । ଝିଅଟି ଦେଖେଇ ଥିବା ଘର ଆଡକୁ ଆଗେଇଲି, ଘରେ ଭଙ୍ଗା କବାଟଟି ଲାଗିଛି ଏଠାରେ ସେଠାରେ ପାଞ୍ଚ ସାତଟି ବାସନ ପଡିଛି । କେଉଁଠାରେ ଲଙ୍କା ତ କେଉଁଠାରେ ମହୁଲ ଶୁଖୁଛି । ଏଣେ ଘର ମୁହଁକୁ ଚୂଲାରେ ମହିଳାଟି ହାଣ୍ଡିଆ ରାନ୍ଧୁଛି । ପାଖକୁ ଯାଇ ପଚାରିଲି ତୁମ ନା..... ଉତ୍ତରରେ ସେ କଣ କହିଲେ ତାହା ମଧ୍ୟ ଜାଣିପାରିଲି ନାହିଁ । ଠିକ୍ ସେତିକି ବେଳକୁ ପଛରୁ ଡାକ ପଡିଲା କଣ ..... ? ସେହି ଝିଅଟି ସେ ହାଟରେ ହାଣ୍ଡିଆ ବିକ୍ରି କରୁଥିବା ଝିଅ । ତାକୁ ମୋ ପରିଚୟ ଦେଇ ତାକୁ ତା ନା ପଚାରିଲି, କହିଲା..........ଦୁଲେ

ମା ନା......ମାଙ୍ଗୁଳି

ପାଖରେ ବସି ପଚାରିଲି ଘରେ କିଏ କିଏ ରୁହ

........

ଝିଅଟି ମତେ ସବୁ କଥା ବୁଝାଉଥାଏ । ଝିଅଟିକୁ ପଚାରିଲି ତୋର କେତେ class, ମା କହିଲା, ତାର ସାତ class ଯେ ସେ ଆଉ school ଯାଉ ନାହିଁ । କାଲି ସେ ମରିଚ ତୋଳା ଲାଗି ଆନ୍ଧ୍ରକୁ ଯିବ, ତା ସହ ଆମ ଗାଁର ପ୍ରାୟ କୋଡିଏ ବାଇଶି ଗାଁ ଲୋକ ମିଶି କି ଯିବେ । ସେଠାରୁ ତାଙ୍କୁ ଦିନକୁ ଚାରିଶରୁ ପାଞ୍ଚସହ ଲେଖାଏଁ ମିଳେ । ଏହି ସମୟରେ କେବଳ school ନୁହଁ ବରଂ ଗାଁ ମଧ୍ୟ ଖାଁ ପଡ଼ିଯାଏ ସମସ୍ତେ ଆନ୍ଧ୍ରକୁ ଯାଇଥାନ୍ତି ପିଲାଙ୍କ ସଂଖ୍ୟା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଧିକ । ଏହି ବୈଶାଖର ଝାଞ୍ଜି ଖରାରେ ମୁଣ୍ଡରୁ ଟୋପା ଟୋପା ଝାଳ ବୋହି ଆସି ଛାତି ଉପରେ ପଡୁଥାଏ । ଠେଲା ପେଲା ମଧ୍ୟରେ ବସ୍ ର ଆଗ ଭାଗରୁ କେତେବେଳେ ଯେ ଶେଷ ଭାଗକୁ ଚାଲି ଆସିଛି ତା ମଧ୍ୟ ଜାଣିପାରିଲିନି । ପାଖରେ ଶୁଖୁଆ ବୋଝେଇ ଚାଙ୍ଗୁଡ଼ି ମଧ୍ୟରୁ କେତେଯେ ସୁଗନ୍ଧ ଚାଲି ଆସୁଥାଏ, ତାକୁ ମଧ୍ୟ ନାକରେ ହାତ ଜାବୁଡିବାକୁ ହାତ ଟି ନାକ ପାଖକୁ ଆସିବା ଅସମ୍ଭବ | ଧକଡଚକଡ ରାସ୍ତାରେ ଝରକା କାଚ ଧଡ୍ କିନା ରାସ୍ତାରେ ପଡି ଚୂନା | ହଠାତ୍ ବ୍ରେକ...... ଓ ହେଲପର ର ଜୋରରେ ଡାକ ପଡିଲା ବାପନପଲ୍ଲୀ.... ଠେଲିକି ବସ୍ ରୁ ଓଲ୍ଲାଇବା ଜୋଶ୍ ରେ ବ୍ୟାଗ୍ ଟି ଛିଡିପଡିଲା, କିନ୍ତୁ ଅଣନିସ୍ୱାଶୀରୁ ମୁ ଏବେ ମୁକ୍ତ | ବାମପାର୍ଶ୍ୱ ରେ ଥିବା ଅଣଓସାରିଆ ରାସ୍ତାରେ ଚାଲିଲି | ପାଖରେ ବଡ଼ ବଡ଼ ତେନ୍ତୁଳି ଗଛ ଗୁଡାକ ଗୁଞ୍ଜାଗୁଞ୍ଜି ହୋଇ ରହିଛନ୍ତି | ଖରାଦାଉରୁ ଟିକେ ଆରାମ ଲାଗୁଥିଲା ସତ କିନ୍ତୁ ଗରମ ପବନଟି ବିରକ୍ତ କରୁଥାଏ | ସେହି ଗରମ ପବନ ମଧ୍ୟରେ ଏକ ଅପୂର୍ବ ବାସନା ତା ଥିଲା ମହୁଲ ଫୁଲ | ବାସ୍ନା ଭିତରେ ହଜିଯାଇ କେତେବେଳେ ଯାଇ ବାଳିକା ଆଶ୍ରମରେ ପହଁଚିଗଲି ତା ମଧ୍ୟ ଜାଣିପାରିଲିନାହିଁ | ବାଳିକା ଆଶ୍ରମରେ ମୋର ଜଣେ ସମ୍ପର୍କୀୟ ଚାକିରୀ କରନ୍ତି ଚାରି ବର୍ଷ ପୂର୍ବେ ଗୀତା ବାହାଘରରେ ଖୁବ୍ ମଜା କରିଥିଲୁ | ଗୀତା ମୋ ମାଉସୀ ଝିଅ, ତା ପରେ ଆଉ ଦେଖାନାହିଁ | ନୀଳିମା ସବୁଥର ଡାକେ ଆସି ବୁଲିଦେଇ ଯିବା ପାଇଁ କିନ୍ତୁ ଯାଇପାରେ ନାହିଁ | ଏ ଥର ବଡଯାତ୍ରା ଦେଖିବା ପାଇଁ ବହୁତ ଇଚ୍ଛା ଏଣେ ଘରର ଚାରି କାନ୍ଥରେ ମୁ ମଧ୍ୟ ବିରକ୍ତ | ତେଣୁ ଏଥର ସ୍ଥିର କଲି ଯେ ଏହି ଫାଲ୍ଗୁନରେ ବଡ଼ଯାତ୍ରା ଦେଖିବା ସହ ମାଲକାନଗିରି ବୁଲା ମଧ୍ୟ ହୋଇଯିବ | ମହୁଲ, ପଳାସ, କେନ୍ଦୁଗଛ ଘେରା ମଧ୍ୟରେ ଏହି ଆଶ୍ରମ | ଆଶ୍ରମଟି ବେଶ୍ ସ୍ୱଚ୍ଛ ଓ ସେଠାର ଛୋଟ ଛୋଟ ପିଲାଙ୍କ ହସ ମତେ ଯେମିତି ବାନ୍ଧି ନେଇଛି ତାଙ୍କ ଆଡକୁ | ଆଶ୍ରମ ରେ ପ୍ରାୟ ପାଞ୍ଚଶହ ପିଲା ସେମାନଙ୍କ ଭଲ ପାଇବା ଭିତରେ କେବେ ଯେ ସାତ ଦିନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିତିଗଲା ଜାଣି ପାରିଲିନାହିଁ । ଯେତେ ଦିନ ଗଡି ଚାଲୁଥାଏ ସେତେ ପାଖେଇ ଆସୁଥାଏ ବଡଯାତ୍ରା ମନରେ ମୋର ଉତ୍ସାହ ବଢ଼ିଚାଲୁଥାଏ, କେବଳ ଯେ ମୋର କାହିଁକି ପ୍ରତ୍ୟେକ ମାଲକାନଗିରିବାସୀ ମନରେ ଏହିପରି ଆନନ୍ଦ ଉଲ୍ଲାସ ଭରିଯାଏ ।

ଏହି ପରି ଧୂଆଁ ପତ୍ର ତୋଳା, ହାଣ୍ଡିଆ ରନ୍ଧାରେ ଯାହା ରୋଜଗାର ହୁଏ ସେଥିରେ ଚାରିପ୍ରାଣୀଙ୍କ ଜୀବନ ବଞ୍ଚେ । କେବେ ଜଳ ତ କେବେ ସାର ଅସୁବିଧା ହେତୁ ଧାନ ମଧ୍ୟ ବର୍ଷକୁ ଦୁଇ ବସ୍ତାରୁ ତିନିବସ୍ତା ହେଉନାହିଁ । ତେଣୁ ଗାଁର କେତେଜଣ ଯୁବକ ଓ ଦେବେ ମଧ୍ୟ ଚାଷ ଛାଡି ଅନ୍ୟ ରାଜ୍ୟକୁ ଗଲେଣି ଖଟିବାକୁ ।

ଠିକ ଏହି ସମୟରେ ଇର୍ମେ ମା ମା କହି ଦୌଡ଼ି ଆସିଛି ଓଠରେ ତାର ସେହି ଖିଲି ଖିଲି ହସ, ଓ ଆଖିରେ ତାର ଅନେକ ସ୍ୱପ୍ନ । ପିଲାଟି ଦିନୁ ଇର୍ମେ କୋୟା ପରିବେଶ ତଥା ଅବହେଳିତ ପରିବେଶ ମଧ୍ୟରେ ବଢିଥିଲେ ମଧ୍ୟ ପାଠ ପଢିବାକୁ ତାର ବେଶ୍ ଆଗ୍ରହ । ରାଣୀ ଗୁରୁମା ଦିନେ ପାଠ ପଢେଇବା ସମୟରେ କାଳିଆ ଘୋଡାରେ ଚଢ଼ିବ ମଧୁବାବୁ ପରି ଲଢ଼ିବ କଥା କହିଥିଲେ । ସେହି ଦିନ ଠାରୁ ଇର୍ମେ କୁ ଆଉ ନିଦ ନାହିଁ । ଇର୍ମେ ସେହିଦିନଠାରୁ ପ୍ରତ୍ୟକ ଦିନ school ଯାଉଛି ଓ ସ୍ୱଷ୍ଟ ଭାବେ ବହି ମଧ୍ୟ ପଢୁଛି । ଏଥି ମଧ୍ୟରେ ବିତିଛି ଅନେକ ବର୍ଷ ଆଗେଇ ଚାଲିଛି ସମୟ, କିନ୍ତୁ ଆଗେଇ ପାରିନି ଇର୍ମେ ।, ଇର୍ମେ ପାଇଁ ବଦଳିଛି ସମୟ । ବାପା ଦେବେ ଗାଁ କୁ ଫେରିବା ଦିନଠାରୁ ଝାଡା ବାନ୍ତି ରେ ପଡି ଆରପାରିକୁ ଚାଲିଗଲେ । ଏଣେ ଦୁଲେ ବାପା ଗଲା ଦିନ ଠାରୁ ପକ୍ଷାଘାତ ର ଶିକାର ହୋଇଛି । ଯାହା ରୋଜଗାର ହୁଏ ସେଥିରେ ଦିନକୁ ଦୁଇଓଳା ଖାଇବା ମଧ୍ୟ କଷ୍ଟ ହୋଇଗଲାଣି ।ଇର୍ମେ ଉପରେ ଏବେ ଦୁଇ ପ୍ରାଣୀଙ୍କ ବୋଝୋ । ଟୋଲ, ମହୁଲ ଗୋଟାଇବା ସହ ଇର୍ମେ ଏବେ ଲଙ୍ଗଳ ମଧ୍ୟ ଧରୁଛି । ଯାହା ଅଳ୍ପ ବହୁତ କରି ସଞ୍ଚିଛି ତହିଁରେ ଏହି ବର୍ଷ ପଡିଆ ମହାବିଦ୍ୟାଳୟ ରେ ଦ୍ୱାଦଶ ରେ ନାମ ଲେଖାଇଛି । କିନ୍ତୁ ଏଥି ସହ ସେ ବହୁ ଅଭାବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସୁବିଧା ର ସାମ୍ନା କରିଛି । ଏହି ସବୁ ମଧ୍ୟରେ କାଳିଆ ଘୋଡାରେ ଚଢିବା କଥାଟି ମନେ ପଡିଗଲେ ସବୁ ଭୁଲିଯାଇ ପାଠ ପଢିବାକୁ ଲାଗୁଛି । ଦିନକୁ ଦିନ ଯେମିତି ବଢୁଛି ସେମିତି ଇର୍ମେ ପାଇଁ ମଧ୍ୟ ପରିସ୍ଥିତି ଜଟିଳ ହେବାକୁ ଲାଗିଛି ଓ ବଢ଼ି ଚାଲିଛି ଦୁଃଖ । ଏବେ ଘରେ ଖୁଦ ମୁଠାଏ ପାଇବା ମଧ୍ୟ କଷ୍ଟ ହୋଇଗଲାଣି, ଯାହା ରୋଜଗାର ହେଉଛି ତହିଁରେ ଚଳିବା ମଧ୍ୟ କଷ୍ଟ । ତେଣୁ ଇର୍ମେ ସ୍ଥିର କରିଛି ଯେ,ସେ ମଧ୍ୟ ବାହାରକୁ ଯିବ ଓ ଟଙ୍କା ରୋଜଗାର କରିବ । ଏବେ ତାକୁ ପାଠ ଛାଡିବାକୁ ପଡିବ, ପରୀକ୍ଷା ସରିବା ପରେ କେତେଜଣ ଗାଁ ଝିଅଙ୍କ ସହ ମିଶି ଆନ୍ଧ୍ର କୁ ଯିବ ବୋଲି ସ୍ଥିର କରିଛି ।

ଏବେ ଯାହା ରୋଜଗାର ହଉଛି ତହିଁରେ ଆରାମ ରେ  ଚଳୁଥିଲେ ମଧ୍ୟ, ଇର୍ମେ କୁ ରାତି ରାତି ଶୁଆଇଦେଉନି କାଳିଆ ଘୋଡାରେ ଚଢ଼ିବା କଥାଟି । କାମରେ ମଧ୍ୟ ତାର ଆଉ ମନ ଲାଗୁନାହିଁ, କିନ୍ତୁ ଘର କଥା ଭାବି ସେ ବାଧ୍ୟ ହୋଇପଡୁଛି ।  ଦିନେ ତାଙ୍କ ମ୍ୟାଡ଼ାମ କାହା ସହ ଫୋନ ରେ ବୃତ୍ତି ବିଷୟରେ କଥା ହଉଥିବ ଶୁଣି, ମ୍ୟାଡ଼ାମ ଙ୍କ ଠାରୁ ବୃତ୍ତି ବିଷୟରେ ସବୁ ବୁଝିଛି ଓ  ମା କୁ ଯାଇ ମଧ୍ୟ ବୁଝାଇଛି । ଓ ପାଠ ପଢିବାକୁ ଚାଲିଯାଇଛି ରାଜ୍ୟ ବାହାରେ । ଏଥି ମଧ୍ୟରେ ବିତିଛି ଅନେକ ବର୍ଷ ଇର୍ମେ ର ପାଠ ପଢା ସରିବା ସହ କାଳିଆ ଘୋଡାରେ ଚଢ଼ିବ ମଧୁବାବୁ ସହ ଲଢ଼ିବା,ସ୍ୱପ୍ନ କୁ ମଧ୍ୟ ପୁରା କରିଛି ।କିନ୍ତୁ ଝିଅର ପୁରା ହୋଇଥିବା ସ୍ୱପ୍ନ ଦେଖିବା ପୂର୍ବରୁ ସବୁଦିନ ପାଇଁ ଗଭୀର ନିଦରେ ଶୋଇପଡିଛି ମଙ୍ଗୁଳି ।

ସୁନାବେଡା, କୋରାପୁଟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇଗଲ୍



ଇନ୍ଦିରା ଚରଣ

ଅଳ୍ପ ଅଳ୍ପ କରି ମଣ୍ଡା ପିଠାକୁ ଖାଇଦେଇ ଉଣା ଅଧିକେ ଗପ ମାରି ମଣ୍ଡା ଖିଆ ଅସୁର କଥା କହୁଥିଲେ ଜେଜେ ବାପା, ଅମ୍ଲାନ ତୁନି ହେଇକି ସବୁ ଶୁଣୁଥିଲା, ଦେଖୁଥିଲା ଜେଜେବାପାଙ୍କ ପାକୁଆ ପାଟିରେ ମଣ୍ଡା ପିଠା କେମିତି ଖିଆ ଯାଉଛି.... ଜେଜେଙ୍କ ଗପ ଅମ୍ଲାନ ପାଇଁ ନୂଆ ନୁହଁ ଏମିତି ବହୁତ ଗପ ଶୁଣେ ଯେମିତି କି – ଲାଲ ଟୁକ୍ ଟୁକ ସାଧବ ବୋହୂ, ଚକୁଳିଆ ପଣ୍ଡା କଥା, ବୁଢ଼ୀ ଅସୁରୁଣୀ, ବୁଢ଼ା ଶଙ୍ଖାରି, ନୀଳ ମାଷ୍ଟରାଣୀ କିନ୍ତୁ ଅମ୍ଲାନର ବୟସ ବଢିବା ସହିତ ଏସବୁ କାହାଣୀ ତାକୁ ସେତେ ମନଲୋଭା ଲାଗୁନାହିଁ । ଆଜି କାଲିର instagram ଯୁଗ ରେ କେମିତି ବା ସେ ଡାକ ଘର ଚିଠି ସୁହାଇବ ।

ଅମ୍ଲାନ ଧୀରେ ଉଠିକି ଯାଇ ଘର କୋଣରେ ବସି ପଡ଼ିଲା ଆଉ ହାଉଲେ ହାଉଲେ ଶିଖା ଦେଇଥିବା status ଟାକୁ ଦେଖୁଥିଲା, ମନ ଭରି ଦେଖିଲା... ଇଏ ସେଇ ଶିଖା ଯାହା ପାଇଁ ସେ ଗାଁ କଲେଜରେ ପଢିବା ପାଇଁ ଜିଦ୍ କରିଥିଲା, ଦୁଇ ଚାରି ଥର ସୋମବାର ଉପବାସ ବି ରଖିଥିଲା, ପିଲା ସାଧାରଣତଃ ଡକ୍ଟର ଇଞ୍ଜିନିୟରିଙ୍ଗ୍ ପାଠ ପାଇଁ ମନ ବଳାନ୍ତି କିନ୍ତୁ ଅମ୍ଲାନ ଓଡ଼ିଆ ଅନର୍ସ ରେ ପାଠ ପଢିବାରେ ବେଶୀ ଆଶାୟୀ ଥିଲା.. ସେ କବିତା ଲେଖିବାକୁ ଚାହୁଁଥିଲା ତା ପ୍ରିୟ ବାନ୍ଧବୀ ପାଇଁ, କବିତା ସୁରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁରେ ଗୀତ ବୋଲୁଥିଲା... ଗୀତର ତାଳେ ତାଳେ ନାଚୁଥିଲା.... ପିଲା ଗୋଟେ ସୁନାମୁଁଣ୍ଡାଟେ ପରି ଥିଲା, ସମୟ୍ସ ସହିତ ଏତେ ବଦଳିଗଲା ଯେ ଆଜି ତାକୁ ଲୋକେ ଚାଲିଲା ଶଗଡରେ ହାତ ଦେବା ପିଲା କହୁଛନ୍ତି ... କାହା ଘର ବାଡିରୁ କଦଳୀ, ନଡ଼ିଆ ଚୋରି କରି ନେଇ ଆସେ ତ କାହା ବିଲରୁ ଧାନ କାଟି ବଜାରରେ ବିକିଦିଏ ଏମିତିକି ବାପା ପଇସା ନ ଦେବାରୁ ବାହାରେ କାହାର ଚରୁଥିବା ମେଣ୍ଢାଟାକୁ ବିକି ସେଇ ପଇସାରେ ପ୍ରେମ ପ୍ରସ୍ତାବ ପାଇଁ ଗୋଟେ ଭଲ ରିଙ୍ଗଟା କିଣିଥିଲା... ବାପା ପୁଅର ଏସବୁ କଥା ଶୁଣି ହତବାକ । କୋଉ ଜନ୍ମର ପାପ କରିଥିଲି କେଜାଣି ଏଭଳି ଛୁଆ ଜନ୍ମ ହେଲା କହୁଥିଲା । ଅମ୍ଳାନ ବହୁତ୍ କିଛି ଭାବେ କଲେଜର ସେଇ ସାହିତ୍ୟ ମାଡ଼ମ କଥା ବି ସେ ଚିନ୍ତା କରେ ଯିଏ କୁହନ୍ତି – ମଣିଷ ସେ ପର୍ଯ୍ୟନ୍ତ ଗୋଟେ ଭଲ ସାହିତ୍ୟିକ ହେଇପାରିବ ନାହିଁ ଯେ ପର୍ଯ୍ୟନ୍ତ ସେ ନିଶାଶକ୍ତ କି ବେଶ୍ୟାଶକ୍ତ ହେଇ ନାହିଁ, ସାହିତ୍ୟ ଦୁନିଆ ପାଇଁ ଲେଖା ଯାଏନି, ସାହିତ୍ୟ ତ ନିଜ ପାଇଁ ଲେଖା ଯାଏ ଏ ଦୁନିଆଁ ତ ବାସ ତାକୁ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଦେଇ ବଡ କରେ ଅଥବା ଘୃଣା, ଅବହେଳା, ଉପେକ୍ଷା କରି ଅଶୌଚ, ଅଛୁଁଆ କିମ୍ବା ବାସନ୍ଦ କରିଦିଏ ।

ସାହିତ୍ୟ ପ୍ରତି ପ୍ରେମ ଆଉ ବିଜ୍ଞାନ ସହିତ ବିବାହ ଯେମିତି ତା ମନରେ ଗୋଟେ ନୂଆ ପ୍ରକାରର ବୈରାଗ୍ୟ ସୃଷ୍ଟି କରିଛି  ଯାହା ହୁଏତ ସେ ସାରା ଜୀବନ ଅନୁଭବ କରିପାରେ ? କରି ନପାରେ ମଧ୍ୟ ଯଦି ସେ ତା ପ୍ରେମିକାର ସାନିଧ୍ୟ ଲାଭ କରି ଏ ଜୀବନ ଡଙ୍ଗାରେ ମଙ୍ଗ ଧରି ଦୁହେଁ ଏକୁଟିଆ ଗୋଟେ ନିଛାଟିଆ ଯାଗାରେ ଘର କରି ସୁଖରେ ରହନ୍ତି । ଅନନ୍ତ ବ୍ରହ୍ମାଣ୍ଡର ଜ୍ଞାନ ଆହରଣ କରି ବିତରଣ କରୁଥାନ୍ତି.... କିନ୍ତୁ ଅମ୍ଳାନ ମନରେ ଭାବେ କଲେଜ ପିଲା, ସେ ସାହିତ୍ୟ ମାଡମ ଏମାନେ କଣ ଏସବୁ ଦେଇ ଯାଇ ନାହାନ୍ତି... ମୁଁ କଣ ଏ ଗାଁରେ ନୂଆ ନା ଏ ରାଇଜ କାହା ପାଇଁ ଉନ୍ମୁକ୍ତ ନଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାହିତ୍ୟକୁ ନେଇ ସେ ଭାବହରା ହେଇ ପଡେ, ଭାବେ କବି ବାରିତୋଟାରେ ଜହ୍ନି, ଶୃଙ୍ଖଳରେ ବହ୍ନି, ବାସ୍ନାହୀନ ପଳାଶରେ ପ୍ରେମର ରଙ୍ଗୀନ ଅଧ୍ୟାୟ ସୃଷ୍ଟି କରିପାରେ କିନ୍ତୁ ଗୋଟେ କବିକୁ ବୁଝିବାକୁ ହେଲେ କବି ଭାବନାରେ ଅନୁରକ୍ତି ରଖୁଥିବା ମଣିଷଟିଏ ଦରକାର.... ଧରା ଯେପରି ନଭକୁ ଆକର୍ଷିତ କରିବା ପାଇଁ ସଜେଇ ହେଇ ରହେ ଠିକ୍ ସେପରି ପ୍ରେମିକା ବି ପ୍ରେମିକ ପାଇଁ ଶୃଙ୍ଗାର କରେ କିନ୍ତୁ ସେଇ ସାଜସଜ୍ଜାରେ ପ୍ରେମିକ ଭିନ୍ନ ଅନ୍ୟ କେହି ଅଭିଳାଷୀ ହୁଏ ତାହେଲେ ଏଇ ପୃଥିବୀ ମତେ ଗୋଟେ କରୁଣ ଦଣ୍ଡକାରୁଣ୍ୟର ରାକ୍ଷସୀ ପରି ମନେ ହୁଏ..... ଏଇଟା ସେଇ ସାହିତ୍ୟ ମାଢ଼ମ ପାଇଁ ଗୋଟେ ଶକ୍ତ ଚାପୁଡ଼ାଟା ବୋଧେ ଯାହା ନିଜ ଜୀବନକୁ ତିଳ ତିଳ କରି ଜାଳି ସେ ପାଇଛି, ନିଆଁ ରେ ଝାସ ଦେଇ ସେ ଗୋଟେ ଯୁଗ ପାଇଁ ମଶାଲ ଜାଳିଚି......ପୁଣି ଗୋଟେ ମଣିଷ ପାଇଁ ଏଟା ବନ୍ଦ ନୁହେଁ, ଚିତ୍କାର କରି ବସେ ସେ ରାତି ଅଧରେ, ଅବେଳା ଅନ୍ଧାର ରେ ଆଖି ମିଟି ମିଟି କରେ, ଶୃଙ୍ଗାର କରି ଶୋଇଯାଏ ।

ସଭ୍ୟତାର ଏଇ ଏକବିଂଶ ଶତାବ୍ଦୀ ତା ପାଖରେ ରୁଣୀ, ସେ ଇଗଲକୁ ଦେଖି ପ୍ରେମ ପ୍ରସ୍ତାବ କରୁଛି, ପାରା ସହିତ ଗୁମୁରୀ ଗୁମୁରି ଗାଉଛି, ବିକାଶର ପ୍ରହସନ କରୁଥିବା ସମାଜକୁ ସେ ଭୁକୁଚି........ ସେକୁଆଡେ ରାତି ପାହିଲେ ଗଣ୍ଡେ ଖାଇବା ପାଇଁ ଏ ଦୁଆର ସେ ଦୁଆର ବୁଲୁଛି ହାତରେ ଗୋଟେ ଥାଳି ଆଉ ଚିରା ଫଟା କପଡା ଖଣ୍ଡେ ପିନ୍ଧି.....

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀରବ ବ୍ୟଥା



ରୁଦ୍ରକାନ୍ତ
ରାଉତରାୟ

ଶ୍ୟାମପୁରର ପାର୍ବତ୍ୟ ବୁକୁରେ ଗୋଧୂଳି ଶେଷର ଅନ୍ଧକାର କ୍ରମେ କ୍ରମେ ନିବିଡ ହୋଇ ଆସୁଛି । ଏ ଅନ୍ଧକାର କ'ଣ କେବଳ ଶ୍ୟାମପୁର ଜମିଦାର ମହଲର ଶାନ୍ତ କୋମଳ କାନ୍ତ-ବନ୍ଧୁର ବୁକୁରେ ! ?

ଶ୍ୟାମସୁନ୍ଦର ପାଇକରାଏଙ୍କ ଆରାମ ଚେୟାରଟା ସନ୍ଧ୍ୟାର ମିଞ୍ଜି ମିଞ୍ଜି ବିଜୁଳି ଆଲୋକରେ ଝାପ୍ସା ପ୍ରାୟ ଦେଖାଯାଉଥିଲା । କଇଁ କଇଁ କଟର କେଁ ଶବ୍ଦ ଛଡା କୌଣସି ପାର୍ଥିବ ଶରୀରର ଛାଇ ବି ଦିଶୁନଥାଏ । ହଠାତ୍ ଶୁଭ୍ର ବସ୍ତ୍ରାନ୍ୱିତା ମୁକ୍ତା (ଶ୍ୟାମବାବୁଙ୍କ ପତ୍ନୀ) ଚପଳ ସୂକ୍ଷ୍ମ ପଦଚାଳନା କରି ଧୀର କଣ୍ଠରେ କହିଲେ ବାସୁ ! ସେଦିନ ମୁକ୍ତା ମା'ଙ୍କର ଶରୀରର ମଳିନତାକୁ ସହିପାରିନଥିଲା ବାସୁ । ସୀମନ୍ତରଙ୍ଗ ଶୂନ୍ୟ, ସର୍ବାଳଙ୍କାର ଯୁକ୍ତା ଲକ୍ଷ୍ମୀପ୍ରତିମା ଆଜି ଶ୍ରୀହିନା ! ! ବାସୁ କିଛି କ୍ଷଣ ନିଜକୁ ବିଶ୍ୱାସ କରିପାରିଲା ନାହିଁ । ଦୈବର ବିଚିତ୍ର ବିଧାନ ଆଗରେ ସମସ୍ତେ ହତବାକ୍, ବାକଶୂନ୍ୟ, ଉତ୍ତରବିହିନ । ମୁକ୍ତା ବାସୁଙ୍କର ସବୁ ପ୍ରଶ୍ନର ସମାଧାନ ମାତ୍ର କ୍ଷଣିକରେ କରିଦେଲେ .... ! ! ! ।

ବାସୁ ଜମିଦାର ବାବୁଙ୍କ ଅତିପ୍ରିୟ ଗୁମାସ୍ତା । କଚେରୀ ଘର ଠାରୁ ଆରମ୍ଭ କରି ବଜାର ସଉଦା ପର୍ଯ୍ୟନ୍ତ ବାସୁ ହିଁ ବୁଝେ । ବଡ଼ ସାଆନ୍ତେଙ୍କର ଅକାଳ ବିୟୋଗ ପରେ ତାଙ୍କର ଏକମାତ୍ର ପୁତ୍ର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶ୍ୟାମସୁନ୍ଦର ପାଇକରାଏ ଜମିଦାର ଆସନ ସମ୍ଭାଳିଲେ, ହଁ କହିବାକୁ ଗଲେ ଆଧୁନିକ ଚଳଣିରେ ବି ଜମିଦାରୀ ଠାଣୀ ଆଜିବି ଶ୍ୟାମ ବାବୁଙ୍କ ମୁହଁରେ ଝଲସେ । ହୁକୁମଙ୍କୁ ଆଜିବି ବଡ ବଡ ପଦସ୍ଥ ଅଧିକାରୀ ଭୟ କରନ୍ତି । କହିବାକୁ ଗଲେ ଏଇ ବାସୁ ହିଁ ଶ୍ୟାମସୁନ୍ଦର ପାଇକରାଏଙ୍କର ବିବାହ ମୁକ୍ତାଙ୍କ ସହ କରାଇଥିଲେ ।

'ମୁକ୍ତା' ବ୍ରଜନାଥ ସାମନ୍ତଙ୍କର ଏକମାତ୍ର କନ୍ୟା । ଏକ ପ୍ରବହମାନ ପ୍ରଗଳ୍ଭା ନଦୀଟି ଭଳି କୁଳୁକୁଳୁ ହୋଇ ସଦା ହାସ୍ୟ ରଂଜିତା, ସରଳ, ସ୍ୱଚ୍ଛ, ଶୁଭ୍ର ସେ ହାସ୍ୟାଧାରାରେ ଦିନେ ବାସୁ ଅନୁବନ୍ଧିତ ହୋଇ ନିଜ ମରୁ ପ୍ରାଣରେ ପ୍ରିତିର ହାଲକା ଜଳବିନ୍ଦୁ ସଂଚରିତ କରିଥିଲା । ମୁକ୍ତାର ଭସାଣିଆ ଦୁଇ ଆଖି ବାସୁର ହୃଦସ୍ପନ୍ଦକୁ ଦ୍ୱିଗୁଣିତ କରିଦେଇଥିଲା । ସୁନ୍ଦର, ସୁଠାମ, ପ୍ରାପ୍ତ ଯୌବନ ସଂପନ୍ନ ବାସୁ, ମୁକ୍ତା ପ୍ରେମରେ ଯେମିତି ମଗ୍ନ ଥିଲା ସେଦିନ । ମୁକ୍ତାର ଯୌବନ ଉଦ୍ଦାମତା ବାସୁର ଉଷ୍ମ ଛାତିର କୋମଳ ସ୍ପର୍ଶରେ ଖୁବ ନୀରବ, ଶାନ୍ତ ।

ଜମିଦାର ଘର ନୃତ୍ୟଶାଳାରେ ନୃତ୍ୟର ପ୍ରତିଯୋଗିତାର ଆୟୋଜନ । ନୃତ୍ୟନିପୁଣା 'ମୁକ୍ତା' ଆଜି ପ୍ରତିଯୋଗୀ । ପାଦଛନ୍ଦରେ ନୃତ୍ୟଶାଳାର ପ୍ରତିଦୋନ୍ଦି ନ୍ୟତ୍ୟାଙ୍ଗନା ଯେମିତି ମୁକ୍ତା ଆଗରେ ସେଦିନ ମଳିନ, ତୁଚ୍ଛ, ଯୁକ୍ତିହୀନ । ଶ୍ୟାମ ବାବୁଙ୍କର କଟାକ୍ଷ ଚାହାଣୀ ମୁକ୍ତାର ପୂର୍ଣ୍ଣ ଯୌବନ ଯୁକ୍ତ ଅଙ୍ଗ ଚାତୁରୀ ଉପରେ । ତାର ଅପରୂପ ଦେହର ଲାବଣ୍ୟ, ତାର ବନ୍ୟ ଯୌବନର ଔଦ୍ଧତ୍ୟ, ଦେହରେ ତାର କ୍ଳାନ୍ତି ନାହିଁ, ମନରେ ନାହିଁ ଶୋଚନା, ଭଙ୍ଗୀରେ ତାର ସ୍ୱପ୍ନ ଆଉ ଦୃଷ୍ଟିରେ ସମ୍ମୋହନ, ନୃତ୍ୟର ଏକ ଅଜ୍ଞାତ ଆନନ୍ଦରେ ସେ ଉନ୍ମାଦିନୀ ହୋଇ ଉଠିଛି, ବିହ୍ୱଳିତା - ପାଗିଳି ପ୍ରାୟ ଓଃ କି ଭାବମୟ ନୃତ୍ୟଛନ୍ଦ । ହୃଦୟର ଅବିଚ୍ଛେଦ୍ୟ ଅଂଶଟିକୁ ଶ୍ୟାମବାବୁଙ୍କର ପଦୁଟେ କଥାରେ ବାସୁ ସେଦିନ କାଟି ଖଣ୍ଡଖଣ୍ଡ କରିଦେଲା । ବ୍ରଜନାଥ ନିଜର ଝିଅର ଇଚ୍ଛା ବିରୁଦ୍ଧରେ ଜମିଦାର ବାବୁଙ୍କ ସହ ତାର ବିବାହ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଦେଲେ । ଆଉ ସେ ବିବାହର ଆୟୋଜକ ବାସୁ !!!

ହେଲେ ବାସୁ ଜମିଦାର ବାବୁଙ୍କର ଚରିତ୍ରକୁ ଠିକ୍ ଭାବେ ପରଖିଛି, ପାଖରୁ ଦେଖିଛି ତାଙ୍କ ଉଦ୍ଧତାମିକୁ, ସ୍ଖଳିତ ଚରିତ୍ର ଜମିଦାରଙ୍କ ସହ ମୁକ୍ତାର ବିବାହକୁ ନେଇ ବାସୁ କେବେ ଖୁସିନଥିଲା । ତା ପରେ ସହଜେ ମୁକ୍ତା ତାର .... !!! ନିଜର ନୀରବ ବ୍ୟଥାକୁ କେବଳ ବାସୁର ହୃଦୟ ହିଁ ବୁଝିପାରୁଥିଲା ।

ବର୍ଷକ ତଳର କଥା, ଶେଷ ଭାଦ୍ରବର ଏକ କ୍ଲାନ୍ତ ମଳିନ, ବିବର୍ଣ୍ଣ ସନ୍ଧ୍ୟା । ଅନ୍ଧକାର । ପ୍ରିତିପୁରର ଗରିବ, ଦଳିତ ଦମ୍ପତି ଦୁହେଁ ନିଜ ପୁତ୍ରର ଜୀବନ ବଂଚେଇବା ପାଇଁ ଜମିଦାର ବାବୁଙ୍କର ଦ୍ୱାରସ୍ଥ ହେଲେ । ଜମିଦାର ବାବୁଙ୍କର ବଡ ବଡ ଲାଲ୍ଟକମକ୍ ଆଖି ଦୁଇଟିରେ ସେହି ସୁନ୍ଦରୀ, କୋଟି କାନ୍ତୀ ଜିଣା କାଇଁଚ ଚେହେରା ପ୍ରଜ୍ୱଳ ସୂର୍ଯ୍ୟାଲୋକ ପାଖରେ, ମଳିନ ସ୍ତିମିତ ଦୀପାଲୋକ ଭଳି ବଧୂଟିର ଅନୁପମ ରୂପଶ୍ରୀ ଯାହା ପାଖରେ ସାଧାରଣ ନାରୀ ଶ୍ରୀହିନା । ଏକାନ୍ତ ଭାବରେ ଏକ ମ୍ଲାନ ଶିଖା । ଭାବନା ଚୁମ୍ବକରେ ଲୌହର ଆକର୍ଷଣ ସାଧାରଣ ଯୁକ୍ତିର ସମାଧାନ । ସାମାନ୍ୟ ଅର୍ଥ ପ୍ରଦାନ ବଦଳରେ ଦଳିତ ବଧୂ 'କାଇଁଚ' ବନ୍ଧା ପଡିଗଲା ଜମିଦାର ବାବୁଙ୍କ ମାୟା ଜାଲରେ । ବିଚରା କାଇଁଚ ସ୍ୱାମୀ କିଣୁ ଦାସ ହୁଜରଙ୍କର ଆଦେଶ ଆଗରେ ଚୁପ, ନୀରବ ଉତ୍ତରହୀନ । ରଙ୍ଗଶାଳାର ସେବିକା 'କାଇଁଚ' ର ମଦିରା ଜମିଦାରଙ୍କୁ ସାତରଙ୍ଗି ଫଗୁରେ ରଙ୍ଗୀନ କରି ଦେଉଥିଲା । କାଇଁଚ ପ୍ରୀତିରେ ମଜଗୁଲ ଜମିଦାର ନିଜର ବାସନା ଚରିତାର୍ଥ କରିବା ପାଇଁ ମୁକ୍ତାଙ୍କୁ ମିଛ ମଧ୍ୟ କହିବା ଆରମ୍ଭ କରିଦେଲେ କିନ୍ତୁ ତାଙ୍କର ଭସାଣିଆ ଦୁଇ ଆଖିକୁ ମୁହୂର୍ତ୍ତ କେତୋଟି ନିଶ୍ଚଳ କରି ଦେଇ ମୁକ୍ତାଙ୍କୁ ସନ୍ଦେହ କରିବାର କାରଣ ଜିଜ୍ଞାସା କରିଥିଲା ।

ସେଦିନ ରଙ୍ଗଶାଳା, ନିସ୍ତବ୍ଧ ରାତ୍ରିର ନୀରବତା ଭଙ୍ଗ କରି ବିଦ୍ୟୁତ୍ ଆଲୋକର ବର୍ଣ୍ଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଭବରେ କକ୍ଷଟି ଉଦ୍ଭାସିତ ହୋଇ ଉଠିଲା । ଅନାଦୃତ ଲାବଣ୍ୟ । ତାର ବନ୍ୟ ଯୌବନ ପ୍ରତି ଆକର୍ଷିତ ଜମିଦାର ବାବୁ ନିଜର ପୁରୁଷାର୍ଥକୁ ଚରିତାର୍ଥ ଉଦ୍ଦେଶ୍ୟରେ ଆଗଭରା ଆଷାଢ଼ ଆକାଶର ଭାସମାନ କଜ୍ଜଳ ମେଘଖଣ୍ଡ ଭଳି କାଇଁଚର କେଶରାଜି ଝୁଲି ପଡିଛି । ତାର ଶୁଭ୍ର ପୃଷ୍ଠଦେଶରେ ବୃକ୍ଷା ବୃତ୍ତ କାଞ୍ଚୁଲିର ପରିଧି ଲଂଘନ କରି କାଇଁଚର ଅଙ୍ଗ ପ୍ରଦର୍ଶନ ଜମିଦାରଙ୍କ ଆଖିରେ ସୃଷ୍ଟି କରୁଛି ଲାଳସାର ସପ୍ତରଙ୍ଗି ଇନ୍ଦ୍ରଧନୁ । ଆଉ ନାରୀର ସହଜାତ ଇଚ୍ଛା ନିବାରଣ ପାଇଁ ସେ ନିଜ କଟି ଦେଶଠାରୁ ଜାନୁର ପ୍ରାନ୍ତଭାଗ ପର୍ଯ୍ୟନ୍ତ ଯେଉଁ ବସ୍ତ୍ର ବ୍ୟବହାର କରିଛି, ତାହା ସାମାନ୍ୟ ।

ବାସୁର ତୀକ୍ଷ୍ଣ ମନସ୍କତା ଏସବୁ ସହ୍ୟକରି ପାରୁନଥାଏ । ମୁକ୍ତା ପ୍ରତି ଥିବା ଅହେତୁକ ଆକର୍ଷଣ ପାଇଁ କିବା ଏକ ସଂସ୍କାରୀ ସଚେତନ ଧର୍ମାନୁରାଗୀ ମଣିଷ ଦୃଷ୍ଟିରୁ, ବାସୁ ସେଦିନ ତିଳେ ମାତ୍ର ବିଳମ୍ବ ନକରି ତୁରନ୍ତ ମୁକ୍ତାଙ୍କୁ ଏସବୁ କହିବାକୁ ଇଚ୍ଛା ପ୍ରକାଶ କରିଥିଲା । ମାତ୍ର ମୁକ୍ତାଙ୍କ ଉତ୍ତରରେ ବାସୁ ସେଦିନ ହତବାକ୍ "ମୁକ୍ତା କହି ଉଠିଲେ ବାସୁ" କେବଳ ସେ ଦଳିତ ଦାସ ଘରବୋହୂ କାଇଁଚ ତନୁହେଁ ସଂଖ୍ୟାହୀନ ନାରୀ ଦେହର ଉତ୍ତାପକୁ ନିଜ ବର୍ବର ଲାଳସାର ନିବାରଣ ପାଇଁ ସେ ବ୍ୟବହାର କରିଛନ୍ତି ସତ, କିନ୍ତୁ ତାଙ୍କର ଉଗ୍ର କାମନା କେବେ ଶୀଥିଳ ହୋଇନାହିଁ । ତାଙ୍କ ଦୈହିକ କ୍ଷୁଧାର ନିବୃତ୍ତ ନାହିଁ, ସମାପ୍ତି ନାହିଁ । ବାସୁ ସ୍ତବ୍ଧ .... ଭାବନାରୁ ମୁକୁଳି ଆସିପାରୁନଥାଏ ସେ । ଯେମିତି ଏକ ଭୁଲ୍ ଠିକଣାରେ ନିଜର ନାମକୁ ପଂଜିକରଣ କରି ଏକ ଅଜ୍ଞାତ ଲକ୍ଷ୍ୟରେ ପଥଖୋଜି ଚାଲୁଥିବା ପଥିକ ଭଳି ନିଜକୁ ମନେ କରୁଥିଲା ସେଦିନ । ହଠାତ୍ ନିସ୍ତବ୍ଧ ଅନନ୍ତ ଅନ୍ତରୀକ୍ଷର କେଉଁ ଏକ ନିଛାଟିଆ କୋଣରେ ଅନାମିକା ତିଥିର ଖଣ୍ଡିତ ଜହ୍ନ ଉଇଁ ଆସିଲା ଭଳି, ମୁକ୍ତା ବାସୁକୁ ଏକାନ୍ତରେ ଦେଖି ତାଙ୍କ ମନରେ କେଉଁ ଅବଜ୍ଞାତ କୋଣରେ ଉଇଁଆସେ ସେଇ ସ୍ମୃତିର ଜହ୍ନ-ମନ ବିଳାପ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଉଠେ ବାସୁ, ବାସୁ, ବାସୁ । ତାଙ୍କର ସେଇ ହୃଦୟଜିଣା ବାସୁ ! ! ! ମୁକ୍ତାଙ୍କର ପ୍ରିତିର ଅଗଣାରେ ସାତରଙ୍ଗୀ ଫଗୁ ଯେମିତି ବୋଳିହୋଇଯାଏ; ବାସୁ ବାସୁ କହି ଛାତିରେ ଲୋଟିପଡନ୍ତି ମୁକ୍ତା ।

ହେଲେ ବାସୁ ଯେ ଥିଲା ଜମିଦାର ବାବୁଙ୍କର ସେବକ, ନିଜ ଅନ୍ନଦାତାଙ୍କ ପତ୍ନୀ ଯେ ତାଙ୍କ ବାବୁଆଣି, ସେ ନିଜର ମାଲିକିଆଣୀ କୁ କେମିତି ... ! ! ନାନା ଏ ମହଲ, ଏ ଜମିଦାର ଭବନ, କାଳିମାରେ ଭର୍ତ୍ତି । ବାସୁ ନିଶ୍ଚିତ ହୋଇଲା ଯେ, ଅନ୍ଧାର ଡେଣା ମେଲେଇ ନିଖିଳ ଶ୍ୟାମପୁର ଗଡର ଅଖିଳ ଅଙ୍ଗରେ ଆଛନ୍ନ ହୋଇଆସୁଛି । ଏ ଅନ୍ଧାରକୁ ପଥରୋଧ କରି ବହ୍ନିମାନ ସୂର୍ଯ୍ୟକୁ କାଳିମା ଗ୍ରାସରୁ ରକ୍ଷା କରିବ କିଏ ? ବାସୁ ସେହିକ୍ଷଣି ଫେରିଗଲା ତାର ଗାଁକୁ । ବାସୁର ଗାଁ, ସେଇ ଶ୍ୟାମଳ ଶାଦ୍ୱଳ ବନଭୂମି ତାଳ-ତମାଳ ତରୁଘେରା ଗାଁ ମାଧପୁର । ପବନରେ ଦୋହଲୁଥିବା ନଡିଆଗଛର ବାହୁଙ୍ଗା, ଯିଏ ଡାକେ ଆସ ଆସ ଫେରି ଆସ ଏ ଗାଁ କୋଳକୁ । ଏଇ ଗାଁ ପରା ଦୁଃଖ-ପାଶୋରା ଅପସରା ଭବନ । ଗାଁକୁ ଫେରି ମାତୃତ୍ୱର ନିବିଡ ସ୍ପର୍ଶରେ ବାସୁ ଦେହର ଶୀତ୍କାର ଖେଳିଗଲା । ଆଖିରେ ଘନେଇ ଆସିଲା ଅସରନ୍ତି ଲୁହ । କାନ୍ଦି ଉଠିଲା ବାସୁ, ମାଁର ପଣତରେ ସାମାନ୍ୟ କୋହ ଶାନ୍ତ ହେଲା ସେଦିନ । ସେଦିନ ବାସୁ କେବେ ଜମିଦାର ମହଲକୁ ଫେରିଛି । ହେଲେ ଜମିଦାର ଘରର ସେ ଦୃଶ୍ୟ ରାଜି ବାସୁ ମନରେ ଆଜିବି ପ୍ରଶ୍ନବାଚୀ ସୃଷ୍ଟି କରୁଥାଏ । ବିଶେଷ ଭାବରେ ମନ ଆନ୍ଦୋଳିତ ହୁଏ ପୁରୁଣା ପ୍ରୀତିର ଅଭୁଲା ସ୍ମୃତି ମୁକ୍ତାର ଅଭିମାନ ଓ ଯନ୍ତ୍ରଣା ପାଇଁ ।

ପ୍ରାୟତଃ ଛଅମାସ ଅତିକ୍ରାନ୍ତ, ଏକ ଚିଠି ଡାକବାଲା ଦେଇଗଲା । ତାହା ଥିଲା ମୁକ୍ତାଙ୍କର ! ! ଗାଁ ପାଖ ମନ୍ଦିର ଅଗଣାକୁ ଦିନ ଲେଉଟାଣି ଦେଖା କରିବାକୁ ଡାକରା ଆସିଛି । ନିଜ ମନର ପ୍ରଶ୍ନ ଓ ଉତ୍ତର ଭିତରେ ବାସୁ ସମାଧାନ ପାଇଲା । ମୁକ୍ତା ସହ ଜୀବନର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶେଷ ଦେଖା ପାଇଁ ସେଦିନ ବାହାରି ପଡିଲା ସେ । ଦୂର ପାହାଡର ଶିଖରରେ ସୂର୍ଯ୍ୟ ଅସ୍ତ ଯାଉଛନ୍ତି, ଶତାୟୁ ଗୋଧୂଳିର ନାରଙ୍ଗୀ ଖରା ମନ୍ଦିର ଚୂଡାରେ ଆସି ଲେସି ହୋଇଗଲାଣି, ଖରା କର ଲେଉଟାଇଲାଣି, ଅନ୍ଧକାର ଏଥର ଆସିବ । ବାସୁର ଆଖି ଏକଡ ସେକଡ ବୁଲୁଥାଏ । ଆଉ ଖୋଜୁଥାଏ ଆଗନ୍ତୁକକୁ । ହେଲେ ସନ୍ଧ୍ୟାର ଅନ୍ଧକାର ମନ୍ଦିର ସ୍ପର୍ଶ କରିବା ଆଗରୁ ମୁକ୍ତାଙ୍କ ଘୋଡା ଆସି ଠିଆ ହେଲା ମନ୍ଦିର ପାଶ୍ୱର୍ ଭାଗରେ ।

ମୁକ୍ତା ଓହ୍ଲାଇ ଆଗ ବାସୁ ଆଡକୁ ଚାହିଁଲେ । ବାସୁର କିନ୍ତୁ ନୟନ ଭ୍ରୁଲ୍ଲତା ଅର୍ଦ୍ଧଗାମୀ । ମୁକ୍ତା କହି ଉଠିଲେ ନାଇଁ ବାସୁ ଆଜି ମୁଁ ତୁମ ପାଖରେ ପ୍ରେମ ନିବେଦନ କରିବାକୁ ଆସିନାହିଁ, ଆସିଛି ଶ୍ୟାମପୁର ଗଡର ଜମିଦାର ଘରର ବିଶ୍ୱସ୍ତ କର୍ମଚାରୀ ପାଖକୁ କିଛି ଜରୁରୀ ଖବର ନେଇ ।

ବାସୁ :- ଖବର ?

ମୁକ୍ତା - ହଁ ଖବର, ବାସୁ - କି, ଖବର ? ମୁକ୍ତା - କଣ ଏଇଠି କହିବି, ମହଲକୁ ଆସ, ବାସୁ ନିଜର ଜମିଦାରଙ୍କ ପ୍ରତି ତୁମର କର୍ତ୍ତବ୍ୟର ଦ୍ୱାହି ।

ବାସୁ : ଠିକ୍ ଅଛି, ଆସନ୍ତାକାଲି ଯିବି । ତା ପରଦିନ ବାସୁ ଯାଇ ପହଞ୍ଚିଲେ ଜମିଦାର ଘରେ .... ! ! ! (ଭାବନାର ଅନ୍ତ) ।

ବାସୁ ଜମିଦାର ଭବନ ଆଜି ହତଲକ୍ଷ୍ମୀ ପାଲଟି ଯାଇଛି, ଯେଉଁ କାଇଁଚର ଯୌବନର ଉଦ୍ଦାମତା ପାଇଁ ଜମିଦାର ବାବୁ ସ୍ତ୍ରୀ, କଚେରୀ, ବନ୍ଧୁ, ପ୍ରିୟ ପରିଜନଙ୍କୁ ତୁଛମନେ କରୁଥିଲେ । ସେଇ କାମନାର ଭୋକ ପାଇଁ ଆଜି ଜମିଦାର ଘର ଶ୍ରୀହୀନ ।

ବାସୁ - ମାନେ ?

ମୁକ୍ତା - ହଁ ବାସୁ ସେ ସାଧାରଣ ଦମ୍ପତି ନୁହଁ । ପ୍ରସାଦ ଗଡର ଡକାଏତ ମାନଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଠିଆ ଦୁଇଟି ଗୁପ୍ତଚର ।

ବାସୁ- କାଇଁଚ ? ମୁକ୍ତା - ହଁ କାଇଁଚ ଆଉ ତାର ସ୍ୱାମୀ ଜରିଆରେ ଡକାଏତ ମାନେ ଭବନ ଲୁଟ୍ କରି ନେଇଯାଇଛନ୍ତି ଜମିଦାର ବାବୁଙ୍କର ବନ୍ଧୁକ ଗୁଳି ମଧ୍ୟ ସେ ବିପ୍ଳାତକୁ ଅଟକାଇ ପାରିଲାନି । ଜମିଦାର ଶ୍ୟାମସୁନ୍ଦର ପାଇକରାଏଙ୍କର ଜମିଦାରୀ ସହ ତାଙ୍କର ସମାଧି ମଧ୍ୟ ଘଟିସାରିଛି, ଖାଲି ବାକିରହିଛି ଏଇ ଆରାମ ଚେୟାର, କଁ, କଁ କଟର କେଁ ଶବ୍ଦ ଆଉ ମୁକ୍ତାର ଫୁଙ୍ଗୁଳା ସିମନ୍ତ ସହ ଲୁହଭରା ନୟନ ଯୋଡିକ (ଭାବ ବିହ୍ୱଳ ହୋଇ ଭୋ ଭୋ କରି କାନ୍ଦିଉଠି ବାସୁକୁ ନିଜର ବାହୁ ବନ୍ଧନରେ କବଳିତ କରିଥାଏ ମୁକ୍ତା) । ଦୁହେଁ ନୀରବ । ଆଖିର କଥାରେ ବେଶ୍ ବୁଝାପଡୁଥାଏ ସେମାନଙ୍କ ଭାବାବେଗ ଆଉ ଅନ୍ତରର ବ୍ୟଥା ।

କ୍ରମେ, ଅଶ୍ରୁ ସଜଳ ନୟନରେ ମୁକ୍ତା ଓ ବାସୁ ବନ୍ଧିତ, କବଳିତ; ବିଜୁଳିର ଝାପସା ଆଲୋକରେ ଅଧ ଦୃଶ୍ୟମାନ ଦୁଇଟି ମୁହଁକୁ ଦେଖିଲେ ଲାଗିବ, ଯେମିତି ବହୁ ଦିନର ଖୋଜିଲା ଅସ୍ପଷ୍ଟ, ଅସଂଯଜତ ଅକ୍ଷର ଗୁଡିଏ ଯାହାକୁ ଯୋଡିବାକୁ ଗଲେ ହୁଏତ ସମ୍ଭବ ଆଶା ଖୁବ୍ କମ୍ ।

ରଚନା - ଶ୍ରୀ ରୁଦ୍ରକାନ୍ତ ରାଉତରାୟ

ଆଡଭୋକେଟ, ଭଦ୍ରକ

ମୋ. ୯୩୪୮୯୮୪୦୫୪

Email- rudrakanta456@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଖଣ୍ଡଗିରି ମେଳା



ଅଭିଜିତ୍ ସାହୁ

ଫେବୃଆରୀ ମାସ ୧ ତାରିଖ, ସମୟ ଅପରାହ୍ନ ଦୁଇଟା ପାଖାପାଖି ହେବ । ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଆସି ପହଞ୍ଚିଲି, ଅଟୋ ପଚାରିଲା ବେଳକୁ କହିଲା ୪୦୦ଟଙ୍କା ନେବି, ଖଣ୍ଡଗିରି ମେଳା ଚାଲିଛି ତ ଅଲଗା ବାଟେ ବୁଲେଇ ନେବାକୁ ହେବ । ଅଟୋରେ ୧୫୦-୧୮୦ କି ଅତି ବେଶୀରେ ୨୦୦ଟଙ୍କା ହେଉଛି ପ୍ରକୃତ ଭଡା । ମୋର ସଙ୍ଗେ ସଙ୍ଗେ ମନେ ପଡିଲା ମୁଁ ହିନ୍ଦୀରେ ପଚାରିଥିଲି "ଭୈୟା, ଖଣ୍ଡଗିରି ଚଲୋଗେ ?" ଓଡ଼ିଆରେ ପଚାରିବାରୁ କହିଲା ୩୦୦ଟଙ୍କା, ତା ପରେ ମୋତେ ବୁଝେଇବାରେ ଲାଗିଲା ମେଳା ପାଇଁ ସେହି ବାଟ ବନ୍ଦ ଅଛି, ଆମେ ଏହି ବାଟେ ଯିବା । ଦୀର୍ଘ ୨୦ ବର୍ଷ ହେବ ଖଣ୍ଡଗିରିରେ ରହିବା ଆମର, କିଛି ନହେଲେ ଅତି କମରେ ୬-୭ଟି ରୁଟ ତ ଜଣା ମୋତେ, ଏମିତିରେ କେହି ବୋକା ବନେଇ ପାରିବେନି । ସେ ଯାହା ହେଉ, କଥାଟା ହେଉଛି ସେ ନିଜେ ୧୬୦ ଟଙ୍କାରେ ମୋତେ ଘରେ ଆଣି ଛାଡିଲା । ୬ ମାସ ସହରରେ ନଥିଲି, କିଛି କିଛି ବଦଳି ଯାଇଛି, ବଡ ବଡ ଗଛଗୁଡିକୁ ଦାଢ଼ିନିଶ ଟ୍ରିମ କଲାଭଳି କଟା ଯାଇଛି, କିଛି କିଛି ଜାଗାରେ ନୂଆ ଗଛ ଲାଗିଛି । କିନ୍ତୁ ବରମୁଣ୍ଡା ଓଭରବ୍ରିଜ ତଳ ରାସ୍ତାରେ କୌଣସି ପରିବର୍ତ୍ତନ ଆସି ନାହିଁ । ତା ପରେ ଚାରିଛକ ଓ ଆମ୍ରି ହସ୍ପିଟାଲ ବାଟ ଦେଇ ଘରେ ପହଂଚିଲି । ଜାଣିକି ଖଣ୍ଡଗିରି ମେଳା ସମୟରେ ଆସିନି, ପ୍ଲାନ କଲା ପରେ ଜଣା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡିଲା କି ମେଳା ଚାଲିଛି । ଅନେକ ସ୍ମୃତି ରହିଛି ଏହି ମେଳା ସହିତ, କିଛି ଅଭୁଲା ସ୍ମୃତିକୁ ନିଶ୍ଚୟ ଭାବେ ମନ ପକେଇବାକୁ ଚାହିଁବି ।

ଖଣ୍ଡଗିରି ମେଳା ଭୁବନେଶ୍ୱରବାସୀଙ୍କ ହୃଦୟର ବହୁ ନିକଟତର, ଯେପରି ରାଉରକେଲା ବେଦବ୍ୟାସ ମେଳା, କଟକ ବାଲିଯାତ୍ରା ମେଳା, ସେହିପରି ଖଣ୍ଡଗିରି ମେଳା । ମେଳାକୁ ଆହୁରି ରଙ୍ଗୀନ ବନେଇ ଦିଏ ନାନା ଯାତ୍ରା ପାର୍ଟିର ସୁନ୍ଦର ନାଟକଗୁଡିକ; ପାଖାପାଖି ୧୦ ଯାତ୍ରା ପାର୍ଟି ବିଭିନ୍ନ ପେଣ୍ଡାଲରେ ନିଜର ଶ୍ରେଷ୍ଠ ଯାତ୍ରା ପରିବେଷଣ କରନ୍ତି ଓ ଅନେକ ଲୋକ ଏହାକୁ ଉପଭୋଗ କରନ୍ତି । ରାତି ଅନିଦ୍ରା ହୋଇ ଯାତ୍ରା ଦେଖିବାରେ ଏକ ନିଆରା ଅନୁଭୂତି ।

୨୦୦୨ ମସିହା କଥା, ୬-୭ ବର୍ଷର ହୋଇଥିବି, ଆସିଥିଲି ପ୍ରଥମ ଥର ଖଣ୍ଡଗିରି ମେଳା ବୁଲିବାକୁ । ସେବେଠାରୁ ୨୦୧୮ ମସିହା ଯାଏଁ ପ୍ରତି ବର୍ଷ ଯିବାଟା ସୁନିଶ୍ଚିତ । ତେବେ ଆସିବାର କାରଣଟା ବି କହି ଦେଉଛି; ଆମର ଛୋଟ ଫାବ୍ରିକେସନ ଦୋକାନଟିଏ ଥିଲା, ସେତେବେଳେ ଏହି ଶବ୍ଦ କହିଲେ ଅଧା ଲୋକ ବୁଝୁ ନଥିଲେ ତେଣୁ ମୁଁ ଲୁହା ଗ୍ରିଲ୍/ଗେଟ ଦୋକାନ କହିଦିଏ । ପାହାଡ ପାଦଦେଶରେ ଦୋକାନଟି, ନାଁ ଥିଲା "ମା ଇଂଜିନିୟରିଂ ୱାର୍କସପ୍" । ସେତେବେଳେ ବହୁତ କମ ଦୋକାନ ଥିଲା । ଏବେ ଯେଉଁ ଖଣ୍ଡଗିରି ପୋଷ୍ଟ ଅଫିସ ଧର୍ମବିହାରରେ ଅଛି, ସେଇଟା ସେତେବେଳେ ଆମ ଦୋକାନକୁ ଲାଗି ଏକ ଛୋଟିଆ ଘରଟାରେ ଥିଲା । ଆମ ଦୋକାନ ସମେତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ରଥ ଭେରାଇଟି ଷ୍ଟୋର, ଦାସ ଭେରାଇଟି ଷ୍ଟୋର, ବାୟା ଭାଇ ସେଲୁନ, ଦେବାଶିଷ ସାନିଟାରୀ ସିଣ୍ଡିକେଟ ଆଉ କେତୋଟି ହାତ ଗଣତି ଦୋକାନ । ସେତେବେଳେ ଏତେ ଗାଡି ମଟର ନଥିଲା, ନା ଥିଲା ଏତେ ବଡ଼ବଡ଼ କୋଠା । ଦୋକାନ ବଜାର ବସିବା ପାଇଁ ଜାଗା ଭରପୁର ଥିଲା, ଆଉ ବହୁ ଦୂରୁ ଖଣ୍ଡଗିରି-ଉଦୟଗିରି ପାହାଡ ଦୃଶ୍ୟମାନ ହେଉଥିଲା । ସେତେବେଳେ ଓଭରବ୍ରିଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନଥିଲା, ତେଣୁ ଖଣ୍ଡଗିରି ଛକକୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭୁବନେଶ୍ୱର-ଖୋର୍ଦ୍ଧା ରାସ୍ତାର ଏହା ଏକ ବ୍ୟସ୍ତବହୁଳ ଟ୍ରାଫିକ, ଦୁର୍ଘଟଣା ମଧ୍ୟ ବହୁତ ହୁଏ । ମେଳା ବେଳ ସନ୍ଧ୍ୟାରେ ସେହି ବାଟ ଦେଇ ଯିବାକୁ ଅତି କମରେ ଘଣ୍ଟେ ଲାଗିଯାଉଥିଲା । ତେବେ ଆଉ ଡେରି କାହିଁକି ଚାଲନ୍ତୁ ଯିବା ଟିକେ ଖଣ୍ଡଗିରି ମେଳା ବୁଲିବା, ରାମଦୋଳିରେ ବସିବା, ମଥୁରା କେକ ଓ ଶିମଲା ଲଙ୍କା ଚପ ଖାଇବା ।

ସେତେବେଳେ ମେଳାରେ ଲାଗୁଥିବା ଦୋକାନ ବଜାରର ଭେରାଇଟି ଥିଲା; ଜଳଖିଆ ଦୋକାନ, ବ୍ରହ୍ମପୁର ଆଚାର ଓ ପାମ୍ପଡ ଦୋକାନ, କେନ୍ଦ୍ରାପଡା ରସାବଳୀ, ପିପିଲି ଚାନ୍ଦୁଆ, କାଠ ତିଆରି ସାମଗ୍ରୀ, ମାଟି ତିଆରି ସାମଗ୍ରୀ, ପଥରର ବିଭିନ୍ନ କାରୁକାର୍ଯ୍ୟ, ମୂର୍ତ୍ତି, ରୋଷେଇ ସାମଗ୍ରୀ, ମଥୁରା କେକ ଓ ଶିମଲା ଚପ ଦୋକାନ, ହରେକମାଲ ୫/୧୦/୨୦ ଦୋକାନ, ଆଇସକ୍ରିମ ଦୋକାନ, କାଚ ଆକ୍ୱାରିୟମ ଓ ରଙ୍ଗୀନ ମାଛ ଦୋକାନ, ପ୍ଲାଷ୍ଟିକ ଓ କପଡାର ଫୁଲତୋଡ଼ା ଓ ଘରସଜା ସାମଗ୍ରୀର ଦୋକାନ, ନାନା ରକମର ଲଟେରୀ, ରାମ ଦୋଳି, ମୌତ କା କୁଆଁ, ଓଜନ ମାପିବା ରୋବର୍ଟ, ଭବିଷ୍ୟତ କହୁଥିବା ରୋବର୍ଟ, ବାଉଁଶ ଗଛର ଦୋକାନ, ବାଦାମ ଭଜା, ବୁଟ ଭଜାର ଠେଲା ସାଙ୍ଗକୁ ଆହୁରି ଅନେକ କିଛି । ସେତେବେଳ ପାହାଡ ପାଦଦେଶରେ ଥିବା ପାଣ୍ଠିକାରେ ଖାରବେଳ ମହୋତ୍ସବ ବି ହେଉଥିଲା, ରାଜ୍ୟର ବିଭିନ୍ନ ସ୍ଥାନରୁ ନୃତ୍ୟାଙ୍ଗନା ମାନେ ଆସି ନୃତ୍ୟ ପରିବେଷଣ କରନ୍ତି । ଓଡିଶା କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ପ୍ରୋତ୍ସାହନ ଦେବା ପାଇଁ ସରକାରଙ୍କ ତରଫରୁ ଅନେକ କାର୍ଯ୍ୟକ୍ରମ, ନାଟକ ଆଦି ଆୟୋଜନ କରାଯାଉଥିଲା । ଏତଦ ବ୍ୟତୀତ ସମ୍ବଲପୁରୀ ଓ ବରମ୍ପୁରୀ ବସ୍ତ୍ର, କଳାହାଣ୍ଡି ହଳଦୀ, ପିପିଲି ଚାନ୍ଦୁଆ, ଆଚାର/ପାମ୍ପଡ ଆଦିର ଷ୍ଟଲ ମଧ୍ୟ ପଡିଥାଏ ଯେଉଁଥିରେ ଗ୍ରାହକମାନେ ସୁଲଭ ଦରରେ ଏସବୁ ଜିନିଷ କିଣି ପାରିବେ ।

କିଛି ଲୋକ ହୁଏତ ଜାଣି ନ ଥିବେ, ମେଳାର ମାସେ ପୂର୍ବରୁ ଦୋକାନ ବଜାର ବସିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ପ୍ଲଟିଙ୍ଗ ହୁଏ, ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ ତରଫରୁ । ବିଏମସି ୱାଲା ଆସି ଜାଗା ମାପ ନେଇ ଯାଆନ୍ତି, ଆମ ଦୋକାନ ଆଗରେ ୧୦x୬ ଫୁଟର ଜାଗା । ସ୍କୋୟାର ଫୁଟର ହିସାବ ସେତେବେଳେ ବହୁତ କମ ଥିଲା, ପାଖାପାଖି ୩୦୦୦-୫୦୦୦ ଟଙ୍କା ବିଏମସିକୁ ଦେଇ ପ୍ରଥମେ ଜାଗା ବୁକିଂ କରିବାକୁ ପଡୁ ଥିଲା, ତା ପରେ ହେଉଥିଲା ଅକ୍ସନ ବା ନିଲାମି । ୧୦ ଦିନକୁ କିଏ କେତେ ଟଙ୍କା ଦେଇ ପାରିବ, ଯିଏ ଅଧିକ ଟଙ୍କା ଦେବ ଜାଗା ତାକୁ ଦିଆଯିବ, ସରଳ ହିସାବ । ଦଶ ଦିନ ପାଇଁ କିଏ ୨୦୦୦୦ କୁହେ ତ କିଏ ୨୫୦୦୦, କିନ୍ତୁ ସମ୍ପର୍କ ଗୋଟିଏ ଜିନିଷ ଯାହା ଆଗରେ ପଇସାର ମୂଲ୍ୟ ଦେଖା ଯାଏନି । ମାନସ ଓ ରାଜେଶ ବୋଲି ଦି ଜଣ ଥାନ୍ତି, ପଶ୍ଚିମ ଓଡିଶା ଘର ତାଙ୍କର । ଶଙ୍ଖ ଓ କାଚ ପ୍ଲେଟ, ଥାଳି, ପ୍ଲାଷ୍ଟିକ ଫୁଲ, ସମସ୍ତ ପ୍ରକାର ବାସନକୁସନ ଓ ସାଜସଜା ଜିନିଷ ସେମାନେ ବିକ୍ରି କରନ୍ତି । ଅଧା ଜାଗା ତାଙ୍କୁ ଦିଆଯାଏ, ଆଉ ଅଧା ପାଇଁ ଯିଏ ଆଗେ କୁହେ ବାପା ତାଙ୍କୁ ଦେଇ ଦିଅନ୍ତି, ବେଶୀ ମୂଲଚାଲ କରନ୍ତି ନାହିଁ । ମାନସ ଓ ରାଜେଶ ମୁଁ ଜାଣିବାରେ ପାଖାପାଖି ୧୬ ବର୍ଷ ଯାଏଁ ତ ଆସୁଥିଲେ, ଥରେ ଆସି ନଥିଲେ ତାଙ୍କର ଘରେ କେହି ଚାଲି ଯାଇଥିଲେ ବୋଲି । ଆଉ ଅଧା ଜାଗାଟାରେ ଆମେ ପ୍ରତି ବର୍ଷ ନୂଆ ଦୋକାନ ଦେଖୁ, ମେଳା ସରିଲା ପରେ ଯଦି କିଏ କୁହେ ବେଶୀ ବେପାର ହେଇନି ଏଥର ୩୦୦୦ କମ ଦେବି ତ ବାପା ବେଶୀ କିଛି କୁହନ୍ତିନି । ଆମ ଦୋକାନ ବାମ ପାଖ ଜାଗାଟା ୫୦x୩୦ ଫୁଟର ଥିଲା । ଆମ ଦୋକାନର ଯିଏ ମାଲିକ ଏହି ଜାଗର ବି ସିଏ ମାଲିକ, ତେଣୁ ୟାର ଦାୟିତ୍ୱ ବି ବାପାଙ୍କ ଉପରେ ଥାଏ । ଏତେ ବଡ ଜାଗାଟା, ୟାର ମୂଲ୍ୟ ବି ଟିକେ ଅଧିକ ଥାଏ, କିନ୍ତୁ ମୁଁ ଥିଲା ଯାଏଁ (୨୦୧୮) ଗୋଟିଏ ଦୋକାନ ପ୍ରତି ବର୍ଷ ସେଇଠି ବସେ । ଦୋକାନର ନାମ କାଳିଆ ଚାଟ, ଲୋକଟିର ନାମ ହିଁ କାଳିଆ ଥିଲା ଆଉ ପୁରୀ ତାର ଘର । ଶ୍ୟାମଳ ରଙ୍ଗର ଲୋକଟି, ସାମାନ୍ୟ ମୋଟା, ଉଚ୍ଚତା ୫ ଫୁଟ ୬ ଇଞ୍ଚ ଖଣ୍ଡ ହେବ, ମୁଣ୍ଡରେ ଘଞ୍ଚ ଚୁଟି ଆଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସବୁବେଳେ ହସହସ ମୁହଁ । ଏତେ ଭଲରେ ଚେହେରାଟା ମନେ ଅଛି କାହିଁକି ନା ଏତେ ବର୍ଷରେ ଗୋଟିଏ ଭଲ ସମ୍ପର୍କ ଗଢି ଉଠିଥିଲା । ତା ସ୍ତ୍ରୀ ବି ସାଙ୍ଗରେ ଆସେ, ଆଉ ତା ଦୋକାନରେ କାମ କରୁଥିବା ୫-୬ ପିଲା ଆସିଥାନ୍ତି । ଚାଟ, ଦହିବରା, ଚାଓମିନ, ଠୁଙ୍କା ପୁରୀ, ଜିଲାପି, ପକୋଡା, ଅଣ୍ଡା ଚପ ଆହୁରି କେତେ କଣ ତିଆରି କରେ କାଳିଆ । ପ୍ରତିଦିନ ଦ୍ୱିପ୍ରହର ସମୟରେ ତାଙ୍କର ମାଛ ମାଂସ ରୋଷେଇ ହୁଏ, ସବୁବେଳେ ବାପାଙ୍କୁ ଆଉ ଆମ ଦୋକାନ ପିଲାଙ୍କୁ ଡାକନ୍ତି, ବାର ଦେଖି ବାପା ବି ଖାଆନ୍ତି । କାଳିଆର ସ୍ତ୍ରୀ ବାପାଙ୍କୁ ଭାଇ ବୋଲି ଡାକେ, ଯାହା ରୋଷେଇ ହୋଇଥିବ ପିଲାଛୁଆ ଆଉ ଭାଉଜ ଖାଇବେ କହି ପ୍ୟାକିଂ କରି ଅଲଗା ସେ ରଖିଥବ । ସେଇ ୧୦ ଦିନ ଭାରି ଭଲ ଲାଗେ, ପରଲୋକ ଦି ଜଣ ପୁରା ଆପଣାର ହୋଇ ଯାଆନ୍ତି । ଆଉ ଗଲା ବେଳେ କାଳିଆ କହି ଦେଇକି ଯାଏ ହଉ ଭାଇନା ପୁଣି ଆର ବର୍ଷକୁ ଜାଗାଟା ରଖିଥିବ, ଅଧିକ ଟଙ୍କା ପାଇଲେ ଆଉ କାହାକୁ ଦେଇ ଦେବନି । ବାପା ସେ ଜାଗା କଥା କେବେ ବି ଭାବନ୍ତିନି । ବେଳେବେଳ ବିଏମସି ଵାଲାଙ୍କଠୁ ଯେତିକିରେ କିଣିଥିଲେ କାଳିଆକୁ କହିଦିଅନ୍ତି, ସେ ତାର ହିସାବ କରି ସେହି ହିସାବରେ ଦେଇଦିଏ । ନା ସେ ମନି ରିସିଟ ଦେଖେ, ନା ବାପା ସେ ଦେଇଥିବା ଟଙ୍କା ଦେଖନ୍ତି । ୨୦୧୪ ନା ୨୦୧୫ ମସିହା କଥା, ଜଣେ ସେ ଜାଗା ପାଇଁ ୫୦୦୦୦ ଟଙ୍କା ଦେବ ବୋଲି କହିଥିଲା ୧୦ ଦିନକୁ, ତଥାପି ବାପା ତାକୁ ମୁହଁରେ ମନା କରିଦେଇଥିଲେ । ଏହା ଥିଲା ଆମର ସମ୍ପର୍କ । ସେତେବଳେ ମୁଁ ଟିକେ ମୋ ସାଙ୍ଗ ମାନଙ୍କ ଆଗରେ ଷ୍ଟାଇଲ ମାରି କହୁଥିଲି "ତୁମେ ମାନେ ଖଣ୍ଡଗିରି ମେଳା ଆସ, ମୁଁ ବୁଲେଇ ଦେବି, ଦୋଳିରେ ବସିବା ଠୁ ଆରମ୍ଭ କରି ଖାଇବା - ସବୁ ଖର୍ଚ୍ଚ ମୋର" । ସାଙ୍ଗମାନେ ଆସିଲେ ତାଙ୍କୁ ନେଇ ପଳେଇ ଆସୁଥିଲି କାଳିଆ ଚାଟ, ଆମେ କଣ ଖାଉ ନ ଖାଉ କାଳିଆ ଭାଇ କିଛି ହିସାବ ରଖନ୍ତିନି । ଆଉ ରହିଲା ଦୋଳିରେ ବସିବା କଥା; ଯେମିତିକି ମୁଁ ଆମ ଦୋକାନ ବିଷୟରେ ଆଗରୁ କହି ରଖିଛି । ରାମ ଦୋଳି ହେଉ କି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେଉଁ ପ୍ରକାର ଦୋଳି ହେଉ ସେଥିରେ ଛୋଟ ମୋଟ ୱେଲ୍ଡିଙ୍ଗ ଦରକାର ପଡେ । ଆଉ ସାହୁ ବାବୁଙ୍କର ଦୋକାନକୁ ହିଁ ସମସ୍ତେ ଖୋଜନ୍ତି । ଛୋଟ କାମ ଥିବାରୁ, ଯେଉଁ ପିଲା ଯାଏ ୱେଲ୍ଡିଙ୍ଗ କରିବାକୁ ବାପା ତାକୁ ହିଁ ସେ ପଇସା ତକ ଦେଇ ଦିଅନ୍ତି, ଆଉ ରାମ ଦୋଳିର ମାଲିକ ବାପାଙ୍କୁ କହିଥାଏ ଯେତେବେଳ ଆପଣଙ୍କର କିଏ ଆସିବେ ତାଙ୍କଠୁ ଆମେ କିଛି ଟଙ୍କା ରଖିବୁନି । ତେଣୁ ରାମ ଦୋଳିରେ ମାଗଣା ବସିବାର ଅଛି ତ ସାହୁ ବାବୁଙ୍କର ନାମ ହିଁ ଯଥେଷ୍ଟ ଥିଲା ।

ସମୟର ସ୍ରୋତରେ ସଂସାର ଆମର, ୨୦୧୯ରେ ବେପାରରେ ମାନ୍ଦା ଓ ବର୍ଦ୍ଧିତ କ୍ଷତିକୁ ରୋକିବାକୁ ଆମର ଦୋକାନଟିକୁ ବନ୍ଦ କରିବାକୁ ପଡିଲା । ତା ପରେ ଆସିଲା କୋରୋନା । ସାଧାରଣ ଜୀବନଯାପନ ଫେରି ପାଇବାକୁ ଆମକୁ ୩ ବର୍ଷ ଲାଗିଗଲା । ଏହା ଭିତରେ ମୋର ଏମବିଏ ପାଠପଢା ସରିଲାଣି ଓ ମୁଁ ଏବେ ନୋଏଡାରେ ଏକ ବେସରକାରୀ ସଂସ୍ଥାରେ କାମ କରୁଛି । ୨୦୧୮ ପରେ ସିଧା ୨୦୨୩ ଖଣ୍ଡଗିରି ମେଳା । ଏହି ଭିତରେ ଅନେକ କିଛି ବଦଳି ଯାଇଛି, ଭୁବନେଶ୍ୱରର ରୂପରଙ୍ଗ ବଦଳି ଯାଇଛି । ଆଉ ଦୋକାନ ବଜାର ପଡିବା ପାଇଁ ଜାଗା କାଇଁ ? ମେଳା ବୁଲିବା ପାଇଁ ମୋତେ ଜମାରୁ ୩୦ ମିନିଟ ଲାଗିଲା, କିଛି ବୁଲିକି ଦେଖିବା ପାଇଁ ଦୋକାନ ହିଁ ନାହିଁ । ଆରମ୍ଭରୁ ଶେଷ ଯାଏଁ ଅତି କମରେ ୧୫-୨୦ଟି ଟାଟୁ ଦୋକାନ ଆଉ ସବୁ ଯୁବପିଢୀଙ୍କ ଭିଡ ସେହି ଦୋକାନଗୁଡାକରେ । ଆଉ ଯେମିତି ମେଳା ଆବାଳବୃଦ୍ଧବନିତାଙ୍କ ପାଇଁ ହୋଇ ରହିନାହିଁ । କିଛି ନାହିଁ ଆଉ ମେଳାରେ କିଛି ବୁଲିକି ଦେଖିବା ପାଇଁ, ଆଖି ଲାଖି କିଛି ଜିନିଷ ମୋତେ ଦୃଶ୍ୟମାନ ହେଲାନି କାଇଁ । ବହୁ ଉତ୍ସୁକତାର ସହ କାଳିଆ ଚାଟ ଦୋକାନ ଖୋଜି ବୁଲୁଥିଲି, କଉଠି ପାଇଲି ନାହିଁ । କାଳିଆ ଚାଟ ସହ ଆଉ ଗୋଟିଏ ଚାଟବାଲା ବି ଆସୁଥିଲା ପୁରୀରୁ, ତା ଦୋକାନର ନାଁ ଥିଲା "ଶ୍ରୀକ୍ଷେତ୍ର ଚାଟ" । ସେହି ଦୋକାନ ଆଗରେ ଯାଇ ଠିଆ ହେଲି, ମଉସା ପଚାରିଲେ ପୁଅ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଣ ଖାଇବ ? ମୁଁ ଚାଟ ପ୍ଲେଟଟିଏ ଅର୍ଡର କରି ଅପେକ୍ଷା କଲି । କିଛି ସମୟ ପରେ ଖାଇବା ଆରମ୍ଭ କଲି, ଟିକେ ଲଙ୍କା ଚକୁଡିକି ଦେବା ପାଇଁ ମଉସାଙ୍କୁ କହିଲି । ମଉସା ଲଙ୍କା ଚକୁଡୁ ଚକୁଡୁ, ମୁଁ ପଚାରି ଦେଲି "ମଉସା ଆପଣଙ୍କର ସାଙ୍ଗରେ ଜଣେ କାଳିଆ ଭାଇ ଆସୁଥିଲେ, କାଳିଆ ଚାଟ ଦୋକାନ ଥିଲା ତାଙ୍କର, ସେ ଏଥର ଆସି ନାହାନ୍ତି କି ?" ମଉସା ଟିକେ ହାଲକା ନିଶ୍ୱାସ ମାରି କହିଲେ, "ସେ କଣ ଆଉ ଅଛି କିରେ ପୁଅ, ସେ ବା କୋଭିଡରେ ଚାଲିଗଲା" ମୁଁ ପଚାରିଲାରୁ କହିଲେ ୨୦୨୦ ମସିହା ନଭେମ୍ବର/ଡିସେମ୍ବର ମାସରେ ସେ ଆରପାରିକୁ ଚାଲିଗଲା । କଥାଟାକୁ ସହଜରେ ଗ୍ରହଣ କରି ପାରିଲିନି, ଟିକେ ମନ ଦୁଃଖ କରି ଘରକୁ ପଳେଇ ଆସିଲି । ବାପା ବି ସେହି ଜିନିଷ ପଚାରିଲେ, ଏଥର କାଳିଆ ଚାଟ ଆସି ନାହିଁ କିରେ ପୁଅ ? ମୁଁ କେମିତି ବାପାଙ୍କୁ କହିବି ହଟାତ ଜାଣି ପାରିଲିନି । ସିଧାସଳଖ କହିଦେଲି ବାପା କାଳିଆର କୋଭିଡରେ ଦେହାନ୍ତ ହୋଇ ଯାଇଛି । ବାପାଙ୍କ ପାଇଁ ବି କଥାଟାକୁ ଗ୍ରହଣ କରିବା ଏତେ ସହଜସାଧ୍ୟ ନଥିଲା । ବୋଉ ବି ଶୁଣିକି ମନ ଦୁଃଖ କଲା । ସବୁ ପୁରୁଣା କଥାଗୁଡିକୁ ମାନେ ପକାଇ କଥା ହେଉଥିଲୁ, ଶେଷରେ ବାପା ପଦେ କଥା କହି ଶୋଇବାକୁ ପଳେଇଲେ । ବାପା କହିଲେ "କାଳିଆ ବିନା ଆଉ ଖଣ୍ଡଗିରି ମେଳାର ଚମକ ନାହିଁ" । ସତରେ, କୋଭିଡ କେତେ କାହାର ଆତ୍ମୀୟ ସ୍ୱଜନଙ୍କୁ ତାଙ୍କଠାରୁ ଦୂର କରିଛି, ସେ କେବଳ କୋଭିଡ ହିଁ ଜାଣିଥିବ ।

ଖଣ୍ଡଗିରି, ଭୁବନେଶ୍ୱର

ମୋବାଇଲ- 8917500934

ଇମେଲ୍- sabhijit05@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଯେତେବେଳେ ଚାହିଁବ



ଦୀପକ ଷଡ଼ଙ୍ଗୀ

**ଶେଷ ଭାଗ**

ମୂଳଲେଖା : ଷ୍ଟେଫିନି ଭ୍ୟାନ୍ ଓରମାନ୍

ଭାବାନୁବାଦ : ଦୀପକ ଷଡ଼ଙ୍ଗୀ

ମିଣ୍ଡୀ ଟିନାକୁ ପୁଣି କହିଲା "ଦେଖ୍ ଟିନା ! ସବୁ ଉତ୍ସବ ପାଇଁ ଗୋଟେ ଗୋଟେ ରେଟ୍ ଅଛି ନୂଆ ବର୍ଷର ରେଟ୍ ଆଉ ଭାଲେଣ୍ଟାଇନ୍ ଡେର ରେଟ୍ ଭିତରେ ବହୁତ ଫରକ ଅଛି । ନୂଆ ବର୍ଷରେ ତୋର କାମ କରିବାର ନିଆରା ଢଙ୍ଗ ଦେଖି ଏଜେନେସୀ ତୋର ରେଟ୍ ବହୁତ ବଢେଇ ଦେଇଛି ଏବେ ତୋ ଇଛା ଯିଏ ତତେ ଅଧିକା ପଇସା ଦେବ ତୁ ତା ସହ ଯାଇପାରୁ । ମାର୍କ ବି ତୋ ସହ ଆଉ ଥରେ ଯିବାକୁ ଚାହୁଁଛି ଏବଂ ତା ବ୍ୟତୀତ ତା'ର ଗୋଟେ ସମ୍ପର୍କୀୟ ଭାଇ ଡୋମିନିକ୍ ମଧ୍ୟ ତୋ ସହ ଡେଟ୍ ରେ ଯିବାକୁ ଚାହୁଁଛି ସେ ତତେ ଘଣ୍ଟାକୁ ୧୦୦ ଡ଼ଲାର ଦେବ ବୋଲି ମଧ୍ୟ ରାଜି ହୋଇଛି ।" ଟିନା ନିଷ୍ପତି ନେଇ ପାରୁ ନ ଥିଲା ଯେ ସେ କାହା ସହ ଯିବ ବୋଲି ସେ ଯାଇ ତା ବେଡ୍ ଉପରେ ଶୋଇପଡିଲା । ଶେଷରେ ସେ ମନସ୍ଥ କଲା ଯେ ସେ ଡୋମିନିକ ସହିତ ଯିବ ବୋଲି କାରଣ ତାକୁ ଯେନତେନ ପ୍ରକାର ପଇସା କମେଇବାର ଅଛି ତା'ର କାମ ହେଉଛି ଗରାଖ ମାନଙ୍କୁ ସେବା ଯୋଗାଇବା ତା ପୁଣି ପଇସା ବଦଳରେ । ଏଠି ପ୍ରେମର ମହତ୍ୱ କିଛି ବି ନାହିଁ । ଯିଏ ତାକୁ ବେଶି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଇସା ଦେବ ସେ ତା ସହିତ ହିଁ ରହିବ । ତେଣୁ ଟିନା ସେ ବିଷୟରେ ଆଉ ବେଶି ଚିନ୍ତା ନ କରି ପରଦିନ ଭାଲେଣ୍ଟାଇନ୍ ଡେ'ରେ ଡୋମିନିକ୍ ସହିତ ଡେଟ୍ ଗଲା । ଡୋମିନିକ ତାକୁ ଯେଉଁ ରେଷ୍ଟୁରାଣ୍ଟକୁ ନେଇକି ଗଲା ସେଠି ଆଗରୁ ମାର୍କ ବି ବସିଥିଲା । ଲାଉରା ବି ମାର୍କ ସହିତ ଥିଲା କିନ୍ତୁ କେହି କାହାକୁ ନ ଚିହ୍ନି ପାରିଲା ଭଳି ଅଭିନୟ କଲେ ଡୋମିନିକ୍ ସମସ୍ତଙ୍କୁ ସହଜ କରେଇବାକୁ ଯାଇ ନିରବତା ଭଙ୍ଗ କରି କହିଲା "ଆଜି ଟିନା ସହିତ ମୋର ଡେଟ୍ ଅଛି । ମାର୍କକୁ ଆହୁରି ଇର୍ଷାନ୍ୱିତ କରିବାକୁ ଯାଇ ସେ ପୁଣି କହିଲା "ଟିନା ଭଳି ସୁନ୍ଦରୀ ଝିଅ ମୁଁ ମୋ ଜୀବନରେ ପ୍ରଥମ ଥର ଦେଖିଲି । ସେ ଲାଉରା ଠାରୁ ବହୁତ ସୁନ୍ଦର । ଏମିତିକି ଟିନାର ସୁନ୍ଦରତା ଆଗରେ ଲାଉରା କିଛି ବି ନୁହେଁ କହିଲେ ଚଳେ ।" ଏତିକି କହିବା ପରେ ପାଖରେ ବସିଥିବା ମାର୍କ ରାଗି ଯାଇ ତା ମୁଣ୍ଡକୁ ଗୋଟେ ବିଅର ବୋତଲ ଶକ୍ତ ପ୍ରହାର କଲା ଯାହା ଫଳରେ ଡୋମିନିକ୍ ସେଇଠି ହିଁ ଟଳି ପଡିଲା । ତା'ର ରକ୍ତାକ୍ତ ଶରୀର ଦେଖି ଟିନା ପଥର ପାଲଟି ଯାଇଥିଲା । ପାଖରେ ଥିବା ଲୋକମାନେ ସେତେବେଳକୁ ପୁଲିସକୁ ଫୋନ କରି ସାରିଥିଲେ । ପୁଲିସ ଆସି ପହଞ୍ଚି ସାରିଥିଲା ଏବଂ ସେମାନେ ଡୋମିନିକର ହାତର ନାଡିକୁ ଦେଖି ଜାଣି ପାରିଥିଲେ ଯେ ଡୋମିନିକ୍ ର ଶରୀରରେ ଆଉ ଜୀବନ ନାହିଁ ବୋଲି । ମାର୍କ ଆଉ ଲାଉରା ସେଠୁ ଖସି ପଳେଇ ଯାଇଥିଲେ । ପୋଲିସ ଟିନାକୁ ଗିରଫ କରି ପୋଲିସ ଷ୍ଟେସନକୁ ନେଇଗଲେ । ସେଠି ଟିନା ତା ସହିତ ଶେଷ ଦୁଇମାସ ଭିତରେ ଯାହା ସବୁ ଘଟିଥିଲା ସବୁ ପୋଲିସକୁ କହିଦେଲା । ମିଣ୍ଟୀ ଆସି ଟିନାକୁ ପୋଲିସ କବଳରୁ ଉଦ୍ଧାର କଲା । ପୋଲିସ ଷ୍ଟେସନରୁ ଆସିବା ପରେ ଟିନା ସବୁ ଦିନ ପାଇଁ ସେ ସହର ଛାଡି ତା ବାପା ମା'ଙ୍କ ପାଖକୁ ଫେରି ଯାଇଥିଲା । ଟିନାକୁ ଡେଟ୍ ରେ ନେବା ପାଇଁ ଏଜେନେସୀକୁ ବହୁତ ଫୋନ କଲ୍ ଆସୁଥିଲା; ଆଉ ଏଜେନେସୀ ବାଲା ଉତ୍ତର ଦେଉଥିଲେ ଆପଣ ଯେତେବେଳେ ଚାହିଁବେ ଟିନା ଆପଣଙ୍କ ସେବାରେ ହାଜିର ହୋଇଯିବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଛୋଟଗଳ୍ପ

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଗାଁ ନଈ ବୈତରଣୀ



ଶିବ ନାରାୟଣ ଦାଶ

( **ପୂର୍ବାଭାସ:** ଭଦ୍ରକ ଜିଲ୍ଲାର ଚାନ୍ଦବାଲି ପାଖରେ ପ୍ରବାହମାନ ବୈତରଣୀ ନଈର ଏ କାବିାକ ରୂପାୟନ ମୋ ପିଲାବେଳର ସ୍ମୃତିଚାରଣରୁ ସୃଷ୍ଟ । ଆଜିକୁ ପ୍ରାୟ ୪୫/୫୦ ବର୍ଷ ପୂର୍ବର ସେ ପରିବେଶ ଓ ପ୍ରକୃତି ଥିଲା ନିଛକ ଗ୍ରାମ୍ୟ, ସରଳ ଓ ସ୍ୱାଭାବିକ । ସେଇ ସବୁ ଦିନ ଗୁଡିକରେ ନ ଥିଲା ଆଜିର କୋଳାହଳମୟ ସହରି ଯାନ୍ତ୍ରିକତା, ଆଉ ବି ନ ଥିଲା ଏବର ଚାନ୍ଦବାଲି ସ୍ଥିତ ବୈତରଣୀ ସେତୁ । ଛୋଟ ଛୋଟ ଡ଼ଙ୍ଗା ବା ନୌକା ଥିଲା ନଈ ପାରିହେବାର ଏକମାତ୍ର ସାଧନ ଏବଂ ଦୀର୍ଘ ପଥ ବ୍ୟାପି ଆଖଣ୍ଡଳମଣି ଦର୍ଶନାର୍ଥେ ଯାଉଥିବା ଯାତ୍ରୀ ମାନଙ୍କ ପାଇଁ ଲଞ୍ଚ ବା ଷ୍ଟିମର ଥିଲା ଏକାନ୍ତ ସୌଖୀନ ନୌଯାତ୍ରା । )

ମୋ ଗାଆଁକୁ ଛୁଇଁ, ଧାନ କ୍ଷେତ ଡେଇଁ ବାଟ ସରିଯାଏ ଯହିଁ,
ବାଟ କାଢି ସେଠି ବହିଯାଏ ଖରେ ଧାରା ବୈତରଣୀ ନଈ ।
ସକାଳର କୁଆଁ-କଅଁଳିଆ ଖରା ଝଲସିଲେ ନଈ ଜଳେ,
ବୈତରଣୀ ହୁଏ ଚଳ ଚଞ୍ଚଳ ଜୀବନ-ଜୀବିକା ଖେଳେ ।
ସୂରୁଜ ଉଆଁଇ ଯେବେ
ମୋ ଗାଆଁର ସେଇ ଅଙ୍କା ବଙ୍କା ନଈ ଚିକିମିକି କରେ ତେବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିନ୍ଦୁରା ଫାଟିଲେ ଗାଁ ନଈ ମୋ'ର ନିଦ ଭାଙ୍ଗି ଉଠି ବସେ,
ଭେଳା ଭେଳା ଡ଼ଙ୍ଗା, ପାଲଟଣା ପୋତ ତା ଛାତି ଉପରେ ଭାସେ
ମାଳ ମାଳ ଲୋକ କରି ଆତଯାତ ଚଂଚଳ ହୁଏ ଦିନ,
ବୈତରଣୀ ନଈ ଗଭୀର ଜଳରେ ସଞ୍ଚରି ଉଠେ ପ୍ରାଣ ।
ପେଟ-ପାଟଣାର ପାଇଁ
ମୋ ଗାଆଁ ନଈର କୂଳରେ ସବୁରି ଯିବା ଆସିବାର ଠାଇଁ ।

ସକାଳର ଖରା ନଈର ପାଣିରେ ଯେବେ ଝିଲିମିଲି କରେ,
ଜାତି ଜାତି ମାଛ ଡିଅଁନ୍ତି ଆନନ୍ଦେ ନଈର ଅଥଳ ଜଳେ ।
ମଛୁଆରାଙ୍କର ଜାଲରେ ହାବୁକେ ବଇତରଣୀର ପାଣି,
ଧରିନେଇଯିବେ ଇଲିଶି, ଚିଉଳ, ଶେଉଳ, ଚିଙ୍ଗୁଡ଼ି ଛାଣି ।
ମହୁରାଳୀ, ଚୁନାମାଛ
ଡୁବ ଦେଇ ଦେଇ ମାଛରଙ୍କା ଖାଏ, କେରାଣ୍ଡି ଟୁଙ୍କଇ ବଗ ।

ସୂରୁଜ ଉଇଁବା ଆଗରୁ ଲାଗଇ ଗାଧୁଆ ତୁଠରେ ଭିଡ,
ଅଭିଆଡୀ ଝିଅ, କୁଳ-ଭୂଆସୁଣୀ ଆସନ୍ତି ଦେବାକୁ ବୁଡ଼ ।
ପାହାନ୍ତି ଅନ୍ଧାର ଫରଚା ନ ହେଉଁ ମାଇପେ ସାରନ୍ତି କାମ,
ଦିନ ଆଲୁଅରେ ଘଷି ମାଜି ହୋଇ ମିଣିପେ ଗାଧାନ୍ତି ଆମ ।
ଦାନ୍ତକାଠି ଘଷି ଅବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁଡ଼ାଖୁ କଳରେ ଜାକି ବୁଲୁଥାନ୍ତି ଗାଆଁର ଭେଣ୍ଡିଆ ଟୋକା ।

ବେଳ ରତରତ ସୂରୁଜ ଉଠିଲେ ମୁଣ୍ଡ ଉପରକୁ ଯାଇ,
ଧୋବା ଘାଟେ ଲୁଗା କଚା ହେଉଥାଏ ସହଳ ଶୁଖିବା ପାଇଁ ।
ପାଇକଛା ମାରି କଚାଡି କଚାଡି ଧୋବିଏ ଧୁଅନ୍ତି ଲୁଗା,
ଧୋବଫରଫର ଚାନ୍ଦବାଲି ବାବୁ କଚେରୀକୁ ଯିବେ ପରା ।
ଗାଉଥାନ୍ତି ପୁଣି ଗୀତ
"ଗାଆଁ ପରିମଳ ଧୋବା ତୁଠ ମୂଳୁଁ ଦେଖିଯାଅ ଥରେ ମିତ" ।

ଧାନ କ୍ଷେତ ଡେଇଁ, ଗାଆଁ ମୁଣ୍ଡ ଛୁଇଁ ସୂରୁଜ ବୁଡ଼ବଇ ଯେବେ,
ବୈତରଣୀ ଜଳେ ଲୋହିତ ପଟଳ ଆଙ୍କି ହୋଇଯାଏ ତେବେ ।
ନଈ ପାଣି ଡେଇଁ ମାଳ ମାଳ ହୋଇ ଚଢେଇ ଫେରନ୍ତି ନୀଡ଼େ,
ଚାହିଁ ଦେଖୁଥିଲେ ଗାଆଁ ନଈ ଆମ କେଡେ ମନଲୋଭା ଦିଶେ ।
ନାଉରି ବାହାନ୍ତି କାତ
ଘାଟେ ଭିଡି ନାଆ ଫେରିବେ ଘରକୁ ସାରା ଦିନ ଥକା ଯିବ ।

ବୈତରଣୀ କୂଳେ ଘନେଇ ଆସିଲେ ସଞ୍ଜୁଆ ଅନ୍ଧାର ରାତି,
ଗାଁ ନଈ କୂଳ ମନ୍ଦିରେ ହୁଅଇ ସନ୍ଧ୍ୟା ଆଳତି ଲାଗି ।
ଧୂପ, ଝୁଣା ଦେଇ ଗାଁ ପରିଜନ ଧରନ୍ତି ଭଜନ ରାହା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମା ଘାଟଚଣ୍ଡୀ କରୁଣା କରିଲେ ସଭିଙ୍କୁ ହୋଇବେ ସାହା ।

ମହାଦେବ ମନ୍ଦିରରେ

ବେଳ ଘଡି ମାରି ଖଞ୍ଜଣୀ ମାଡ଼ରେ ଗଞ୍ଜୋଡ଼ ଆସର ଜମେ ।

ଚାନ୍ଦବାଲି ଘାଟେ ଛିଡ଼ାହୋଇ ଯେବେ ମୋ ଗାଆଁ ନଈକୁ ଦେଖେ,

ନଈ ଆରପାରି ରାଜକନିକାରେ ମାମୁଁ ଘର ଗାଆଁ ଦିଶେ ।

ନଈ କୂଳେ ବସି ନଈର ପାଣିରେ ଗୋଡ଼ରେ ଆହୁଲା କାଟି,

କାତ ଧରି ଠିଆ ନାଉରି ଭାଇକୁ ଦିଏ ହାତଲେଖା ଚିଠି -

"ଦଣ୍ଡବତ ମୋର ଦେଇ

ମାମୁଁ, ମାଇଁ ଆଉ ଅଜା, ଆଇଙ୍କର ଆଶିଷ ଘେନିବେ ଯାଇଁ" ।

ଓଳାଭର ହାଟୁ ଅଜା ଆଣିଥିବେ ଖୁଡୁମା ମିଠେଇ, ଗଜା,

ଆଇ ଦେଇଥିବ ଖାସଲ ଶୁଖୁଆ, କୋଚିଆ - କଙ୍କଡା ଭଜା ।

ମାଇଁ ଦେଇଥିବେ କଞ୍ଚା ବେଲ ପୋଡା ପାଟିକୁ ସୁଆଦ ଭାରି,

ମାମୁଁ ବସିଥିବେ ଜାମାଜୋଡ ହୋଇ ଜିନିଷ ପୁଟୁଳି ଧରି ।

"ଆହେ ନାଉରିଆ ଭାଇ !

ମାମୁଙ୍କ ବସାଇ ଆଣିବ ନାଆରେ ଏ ଘାଟେ ମୁଁ ଥିବି ଚାହିଁ" ।

ଏ ଗାଆଁର ଝିଅ ନଈ ପାରି ହୋଇ ସେ ଗାଆଁର ବୋହୁ ହୁଏ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁଞ୍ଜ ଧୋତି ପିନ୍ଧା କଲିକତି ବର ଏ ଗାଆଁରେ ପୂଜା ପାଏ ।
ଏ ଘାଟରେ ପୁଣି ଝିଅ ବିଦା ହୁଏ କାନ୍ଦଣା ଲହରୀ ଗାଇ,
ସେ ଘାଟରେ ହୁଏ ବୋହୁ ବନ୍ଦାପନା ଶଙ୍ଖ, ହୁଳୁହୁଳି ଦେଇ ।
ଦୁଇ ଘାଟ ମଝି ନଈ
ବୈତରଣୀ ଆମ ବହି ଯାଉଥାଏ ଜୀବନର ସାକ୍ଷୀ ହୋଇ ।

ପୂଜା ପାରବଣେ ବୈତରଣୀ ଘାଟେ ଲାଗଇ ଲୋକଙ୍କ ଭିଡ,
ଆଖଣ୍ଡଳମଣି ମାନସିକ ଘେନି ଯାଆନ୍ତି ଆରଡ଼ି ପୀଠ ।
ଲଞ୍ଚ, ଷ୍ଟିମର ମାଳ ମାଳ କରି ହେଉଥାନ୍ତି ଆତଯାତ,
ବୈତରଣୀ ଆମ ଅତି ଆପଣାର ବାନ୍ଧେ ଭକତିର ଡୋର ।
"ଆଖଣ୍ଡଳମଣି ସାହା"
ହାତ ଯୋଡି ମାଝି ମଙ୍ଗ ମୋଡୁଥାଏ, ଭାସି ଚାଲିଥାଏ ନାଆ ।

ଭାରି ବରଷାରେ ବୈତରଣୀ ଜଳ ବନ୍ୟା ଲଙ୍ଘଇ କୂଳ,
ବଢିପାଣି ମାଡି ଗାଁ ଘର ବୁଡ଼େ ଉଜୁଡଇ ଧାନ ବିଲ ।
କେବେ ପୁଣି ଆସେ ବାତ୍ୟା, ତୋଫାନ ଉତ୍ତାଳ ହୁଏ ନଈ,
ହୃଦୟ କମ୍ପାଇ, ବୈତରଣୀ ଦେହେ ଦିଶେ ମରଣର ଛାଇ ।
ଭାଗବତ ଘରେ ଠୁଳ,
ଗାଁ ଲୋକେ ମିଶି ଗୁହାରି କରନ୍ତି - "ରଖ ହେ ଚକ୍ରଧର !"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ କଥା ଆଜି ମନେପଡେ ମୋର ପିଲାଦିନ କେତେ ସ୍ମୃତି,
ବୈତରଣୀ ଆମ ହସ-କାନ୍ଦ ଭରା ଜୀବନର ପ୍ରିୟ ସାଥି ।
ବରଷା ଦିନରେ ଗରଜଇ ନଈ ଖରାଦିନେ ଯାଏ ଶୁଖି,
ସେତେବେଳେ ଆମେ ନଈର ବାଲିରେ 'ଅ', 'ଆ' ଦେଉ ଲେଖି ।
ରୁପସୀ ମୋ ବୈତରଣୀ,
ଚିକିମିକି ହୋଇ ଝଲସୁଥିବୁ ତୁ ମୋ ଗାଆଁର ମଥାମଣି ।

ଭ୍ରାମ୍ୟଭାଷ : ୯୯୯୯୦୨୪୬୫୬


ଇମେଲ୍: dasshibanarayan61@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତର୍ପଣ ତା'ର ସରିବ ନାହିଁ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

(ଏପ୍ରିଲ ୧ ତାରିଖ ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିଲା ଏବଂ ସେହି ଦିନ ଠାରୁ ପ୍ରତି ବର୍ଷ ଏହି ଦିନଟିକୁ "ଉତ୍କଳ ଦିବସ" ରୂପେ ସମଗ୍ର ଓଡ଼ିଶାରେ ପାଳନ କରାଯାଇଥାଏ । ଓଡ଼ିଶାର ଯେଉଁ ବରପୁତ୍ର ମାନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ, ଉତ୍କଳମଣି ଗୋପବନ୍ଧୁ ଦାସ ସେମାନଙ୍କ ମଧ୍ୟରେ ଅନ୍ୟତମ । ମଣିଷର ଦୁଃଖ ଦେଖି କାନ୍ଦି ଉଠୁଥିବା ଓ ଦୁଃଖି-ରଙ୍କୀଙ୍କ ପାଖରେ ଠିଆ ହୋଇ ସେମାନଙ୍କୁ ସାହଯ୍ୟର ହାତ ବଢାଉଥିବା ସେହି ବିକଳ-ପ୍ରାଣ ମଣିଷଟିର ଅବଦାନ ଓଡିଶା ଭୂଇଁ ପାଇଁ ଅନନ୍ୟ ଓ ଅସାଧାରଣ । ଏପ୍ରିଲ ୧ ତାରିଖର ସ୍ମରଣରେ ସେହି ମହାନ ଆତ୍ମାଙ୍କ ଉଦେଶ୍ୟରେ ଏ କବିତାଟି ସମର୍ପିତ)

ଛୁରିଅନା ଭୂଇଁ ରହିଛି ଅନାଇ ପିଆସୀ ଉତ୍କଳ ପୁଣ୍ୟମାଟି,
ହେନା ପରିମଳ ବକୁଳ ମୁକୁଳ ଆକୁଳେ ଯାଉଛି ଭୂଇଁରେ ଲୋଟି,
ମଞ୍ଜୁଳ-ଚାରୁ-ଗୁରୁ-ପରିପାଟୀ ଛୁରିଅନାକୁଞ୍ଜ ଢାଳଇ ଲୁହ,
ମଣିଷ-ଦେବତା ନାହିଁ ଏ ମାଟିରେ ! ଦୁର୍ବିଷହ ଦୁର୍ବିଷହ !

ବିତରି କରୁଣା ଆର୍ତ୍ତ ଆତୁରେ ଡାକ ଦେବା ପାଇଁ ନାହିଁରେ କେହି,
ମରଣ ମୁହଁକୁ ହସିହସି କେହି ଆସିବ ନାହିଁରେ ଆସିବ ନାହିଁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବରଣ କରିବ ନାହିଁ କେ' କଷଣ ପୋଛି ଦେବା ପାଇଁ ଆଖିରୁ ଲୁହ,
ମଣିଷ-ଦେବତା ନାହିଁ ଏ ମାଟିରେ ! ଦୁର୍ବିଷହ ଦୁର୍ବିଷହ !

କଙ୍ଗାଳ ପାଇଁ କାନ୍ଦିଉଠୁ ନାହିଁ କାହାର ଦୁଇଟି ନୟନ ତାରା,
ଦଳିତ-ପୀଡିତ-ବନ୍ଧୁ ନାହିଁରେ ହରାଇଛି ତା'ରେ ସର୍ବହରା,
ଦହନ କରି ଯେ ନିଜକୁ ଯାଇଛି ଜୀବନ ପାଇଁରେ ଜୀବନ ଦେଇ,
ସେ ନର-ଦେବତା ନାହିଁ ଏ ମାଟିରେ, ସେ ବୀର ତାପସ ମାଟିରେ ନାହିଁ !

ଏ ଭୂଇଁ ପାଇଁ ଯେ ଉର୍ବୀ ଉରସେ ଉଷୁମ ରକତ କରିଛି ଦାନ,
ସେବା-ଧରମରେ କର୍ମ ଯାହାର ଗାଇଥିଲା ଦିନେ ପୁଣ୍ୟଗାନ,
କାରାତଳେ ଧାରା ସୁରଧୂନୀ; ଯା'ର କବିତା-କମଳ ଫୁଟିଲା ଦିନେ,
ସତ୍ୟ ସାଧକ ନାହିଁରେ ଆଉ ସେ ବୁଲିବାକୁ ବଢି ମରୁଡି ଦିନେ !

ନିଜକୁ ଜଳାଇ ଆଲୋକିତ କରି ଯାଇଛି ସେ ଯେଉଁ ପୁଣ୍ୟ ରବି,
ଦଳିତ ପୀଡିତ ଖୋଜେ କାହିଁ ସେହି ଉତ୍କଳମଣି ଦରଦୀକବି !
ଜୀବନ-ସମରେ ପଡିଛି ଢଳି ସେ ଏ ଦେଶ ମାଟିରେ ଯାଇଛି ମିଶି !
କହିଥିଲେ ପରା ଦେହ ଅବସାନେ ପିଠିରେ ଚାଲିବେ ମୋ' ଦେଶବାସୀ ।

ଆତ୍ମା ତାହାର ଅବିନାଶୀ ସେ ଯେ ମରିନାହିଁ କେବେ ମରିବ ନାହିଁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଭିଙ୍କ ପାଇଁ ସେ ଜୀବନ ଦେଇରେ ସବୁରି ପରାଣେ ରହିଛି ଜୀଇ,
ଆତ୍ମା ତାହାର ଘୁରଇ ଏ ଭୂଇଁ ଗଗନେ ପବନେ ତମାଳ ମାଳେ,
କାମନା ତାହାର ରହିଛି ଚେଇଁରେ ଜଗତ ଜୀବନେ ଏ ଧରାତଳେ !

କର୍ମ ତାହାର ଚିର ଭାସ୍ୱର ଉତ୍କଳର ବୀର ସନ୍ତାନ ସେହି,
ତା' ପରି ଗୋଟିଏ ଜନମିବା ପାଇଁ ଜନମ ଭୂଇଁ ମୋ' ରହିଛି ଚାହିଁ !
ତର୍ପଣ ତା'ର ସରି ନାହିଁ କେବେ ସରିବ ନାହିଁରେ ସରିବ ନାହିଁ,
ଯେତେଦିନ ଥିବ ଓଡ଼ିଆ ପରାଣ, ଯେତେ ଦିନ ଥିବ ଓଡିଶା ଭୂଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଞ୍ଚି ମୁଁ ପାରିବି ନାହିଁ



ତାରା ପ୍ରସାଦ ଜେନା

କଥା ଦେଇଥିଲୁ କଥା ରଖିଲୁନି ତଡେକି ବାଧିଲା ନାହିଁ
ଭଲ ପାଇବାଟା ଭୁଲ୍ କଲି ବୋଲି ଭାବିବା ପୋଷଉ ନାହିଁ □ ୦□

ଧନ ଯାଇଥିଲା କିଛି ଚିନ୍ତା ନାହିଁ ମନ ଗଲା ଭାରି ଚିନ୍ତା
କେମିତିକା ଆଉ କାହାକୁ କହିବି ତୁଲୋ ଗୋଟେ ପ୍ରେମ ହନ୍ତା
ସବୁଦିଗ ଏଠି ତମସାରେ ଭରା ବାଟ ମୋ ମିଳିଲା ନାହିଁ □ ୧□

ଆଇନାକୁ ଆଜି ନିଜେ ମୁଁ ପଚାରେ ହାରିଛିକି ମୋର ଦେହ
ଶିରା ପ୍ରଶିରାଟା ମସିଆ କାଳିଆ ଛିଡ଼ିଗଲା କିବା ମୋହ
ଲୁହ ମୋର ଲହୁ ବୋହିଯାଏ ସିନା ତତେତ ଦିଶିଲା ନାହିଁ □ ୨□

ରାଣଦେଇ କହ ସ୍ମୃତି ମୋର ସବୁ ଫେରାଇ ଦେବୁକି ଆସି
ଜାଣିବି ସତରେ ମାୟା ରଚିନାହୁଁ ବାଣ୍ଟିଥିଲୁ ଯାହା ଖୁସି
ଏଡ଼େ ନିରିଦୟା ମୋ ପାଇଁ ହୁଅନି ବଞ୍ଚି ମୁଁ ପାରିବି ନାହିଁ □ ୩□

ରଣପୁର (ଗୋଡ଼ିପାଟଣା ସାହି), ଡାକ-ରାଜ ରଣପୁର,
ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଞ୍ଜୁଳ ସାୟାହ୍ନ



ଡଃ ଆଭାଞ୍ଜଳି
ଶତପଥୀ

ଜୀବନର ଶ୍ରାନ୍ତକ୍ଳାନ୍ତ ସାୟାହ୍ନେ
ଭେଟିଲି
ସମସାମୟିକୀ ସହଯାତ୍ରୀ ଜଣେ ।

ମଞ୍ଜରିଲା ବିସ୍ମୃତିରୁ
ମଞ୍ଜୁଳା ସ୍ମରଣିକା ସବୁ
ଉଡ଼ିଲା ଫର୍ଦ୍ଦ ଫର୍ଦ୍ଦ ପୃଷ୍ଠା
ଅତୀତର ମୃଦୁ ମଳୟରେ ।

ମନର ଫମ୍ପା ବାଦଲ ମାନ
ଉଛୁଳିଲା ସ୍ମୃତିଜଳେ
ଚପଳତାର ଆର୍ଦ୍ରତାରେ ପହଁରିଲୁ ବସନ୍ତର ପାହାଚମାନଙ୍କୁ ଧରି
ସ୍ମୃତି ଶାମୁକା ଭିତରୁ
ମୁକ୍ତା ସାଉଁଟି ସାଉଁଟି ।

ଭେଟିଲୁ ପୁଣି ଥରେ ବିମୁଗ୍ଧ କୈଶୋର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱପ୍ନିଳ ରଙ୍ଗେ ସାଜିଲା ଅଭିସାରିକା ଅଳସୀ କନ୍ୟା ସେ

କଳ୍ପନାର ରାଜକୁମାର ଆସିଲା ଘୋଡ଼ା ଝପଟାଇ

ସପନର ପହିଲି ମେଘରେ ଆକଣ୍ଠ ଭିଜିଲୁ ।

ପୁଣି ଏକ ପର୍ଯ୍ୟାୟର ଉଷାରେ

ରୁଣୁଝୁଣୁ ହେଲା ଶଂଖା ସୁମଣିବନ୍ଧରେ

ନାଇଲୁ ସିନ୍ଦୂର ସେ ମଝି ସିମନ୍ତରେ

ତାଙ୍କ ପ୍ରଣୟକୁ ସହମତି ଦେଲୁ ରହି ଅବଗୁଣ୍ଠନରେ

ପୁଣି ପାଇଲୁ ସୁଗନ୍ଧ ମାତୃତ୍ୱ ସ୍ତବକର ପ୍ରତି ପାଖୁଡ଼ାରେ ।

କର୍ତ୍ତବ୍ୟର ଶିକୁଳିରେ ବାନ୍ଧି ହୋଇ ଗଲୁ

ଦୁହିତା ଦୁଇ କୂଳକୁ ହିତାର

ମନ୍ତ୍ର ଗାଇ ଗାଇ

କେବେ ପୁଣି ମାର୍ତ୍ତଣ୍ଡଙ୍କ

ରୌଦ୍ର ତାପ ସହି ସହି

ଶାବକଙ୍କ ଡେଣା ସବୁ

ସଜାଡୁ ସଜାଡୁ

ମୋହଜାଲେ ଛନ୍ଦି ହେଇ ଗଲୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣି ପାରିଲୁନି

କେତେବେଳେ ଡେଣା ଝାଡ଼ି

ଉଡି ଗଲେ ଦୂର ଦୂରନ୍ତକୁ ।

ଶୂନ୍ୟ ଆକାଶକୁ ଚାହିଁ

ଖୋଜୁ ଥିଲୁ ପୂର୍ଣ୍ଣତା ଶୂନ୍ୟରେ

ମହାଶୂନ୍ୟେ ରହି ।

ପ୍ରକୃତିସ୍ଥ ହୋଇ ଦୁହେଁ ଦୁହିଁଙ୍କୁ ଦେଖିଲୁ

ପଚାରି ମାପୁଥିଲୁ ବ୍ୟବଧାନ

କଳ୍ପନା ଓ ବାସ୍ତବ ଭିତରେ

ସ୍ୱପ୍ନ ଓ ଅନୁଭୂତି ଭିତରେ

ସ୍ଥିତି ଓ ପରିସ୍ଥିତି ଭିତରେ

ଅବଚେତନା ଓ ଚେତନା ଭିତରେ

ମିଶୁଥିଲା ଦୁହିଁଙ୍କ ବିଚାର

ଶୂନ୍ୟତାରେ ପୁଣି ପୂର୍ଣ୍ଣତାର ଆବେଗ ପାଇଲୁ

ଅସ୍ତଗାମୀ ସୂର୍ଯ୍ୟକୁ ଦେଖିଲୁ

ଅୟନାନ୍ତ ପର୍ଯ୍ୟନ୍ତ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା' ଲାଲିମାର ଲାଳିତ୍ୟ ବି

ଅରୁଣର ଅରୁଣିମା ପରି

ନୀରବେ କହିଲୁ

ଭୟ କାହିଁ ଆସନ୍ନ ସ୍ଥବିରତାକୁ ?

ଜୀବନର ପ୍ରତି ଋତୁ ଅବିନାଶୀ ପୁଣି ଅନନ୍ୟ ମଞ୍ଜୁଳ

ବସନ୍ତର ମଞ୍ଜୁ ମଞ୍ଜୁଲତା ପରି ।

୬୨୧, ଫିପସ୍ ରୋଡ଼

ଆୟନାବରଂ, ଚେନ୍ନାଇ

୬୦୦୦୨୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏଇ ସମାଜରେ



ହରପ୍ରିୟା ପାତ୍ର

ମୁଁ ନିଜକୁ ପ୍ରଶ୍ନ କାଲି
ଉତ୍ତର ପାଇଲି ନାହିଁ
ବାରମ୍ବାର ନିଜକୁ ପଚାରେ
କିଏ ମୁଁ କଣ ମୋର ପରିଚୟ ?

ଦୂରରୁ ଶବ୍ଦ ଶୁଭୁଥାଏ
ତୁ ଉତ୍କଳ ମାଟିର ଝିଅ
ଓଡିଆ ତୋର ପରିଚୟ
ଏହି ସ୍ଵାଧୀନ ମାଟିରେ ଝିଅ ରତ୍ନଭରା କଣ୍ଢେଇ ଟିଏ !!

ମୁଁ ସ୍ମିତ୍ ହାସ୍ୟ କରି ପଚାରିଲ !
ମୁଁ ଓଡ଼ିଆ ହେଲେ ,
ଏଠି ଓଡ଼ିଆ ଭାଷାର ଲଜ୍ଜିତ କାହିଁ
ଇଂରାଜୀ ଭାଷାରେ କଥା ହେଲେ ଗୌରବିନିତ କଣ ପାଇଁ ?
ହେ ଉତ୍କଳ ଉତ୍ତର ଦିଅ ମୋତେ
ଦେଶର ଭିନ୍ନତା କଣ ପାଇଁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଓଡ଼ିଆ ବୋଲି ପରିଚୟ କଣ
ମୁଁ ଏହି ସ୍ୱାଧୀନ ମାଟିର ଝିଅ କିପରି ???

ଏଠି ନର ଠାରୁ ନାରୀ ମର୍ମାତକ ମୃତ୍ୟ ,
୨ ବର୍ଷ ଝିଅ ଠାରୁ ୭୦ ବର୍ଷ ବୃଦ୍ଧ ପ୍ରଯ୍ୟନ୍ତ ବଳାତ୍କାର
ଦିନ ଦ୍ୱିପହରେ ବାହାରକୁ ଯିବାକୁ ଲାଗଇ ଡର
ମୁଁ ସ୍ୱାଧୀନ କେମିତି ??

ଏଠି ସରକାରୀ ଚାକିରି ଲୋଢ଼ା
ହେଲେ ସରକାରୀ ଶିକ୍ଷା ଅନୁଷ୍ଠାନ ନୁହଁ ,
ଏଠି ଟଙ୍କିଟିଆ ଚାଉଳ ଦରକାର
ହେଲେ ରୋଜଗାର କ୍ଷମ ନୁହଁ ,
ଏଠି ମା ଦରକାର ଶାଶୁ ନୁହଁ
ଏଠି ପୁଅ ଦରକାର ଝିଅ ନୁହଁ ,
ଏଠି ଝିଅ ସମସ୍ତଙ୍କ ପାଇଁ ଲୋଡା
ହେଲେ ବହୁ ନୁହଁ ,
ଏଠି ଶିକ୍ଷା ଅଛି ଚାକିରି ଅଲୋଡ଼ା
ହେ ମୋ ଭାରତ ସ୍ୱାଧୀନ ଭାରତ
ହେ ଉତ୍କଳ ଉତ୍ତର ଦିଅ ମୋତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ସ୍ୱାଧୀନ କେମିତି ମୁଁ ଉତ୍କଳର ଝିଅ କିପରି ?

କାହିଁ ମୁଁ ଉତ୍କଳ ଦିବସ ପାଳିବି

ଉତ୍କଳ ତ ଉତ୍କଳ ହୋଇନାହିଁ

ଯେଉଁ ଉତ୍କଳ ପାଇଁ ଏ ଦିନ ତିଆରି ହେଲା

ସେ ଉତ୍କଳ ର ଗାଥା ଶୁଣିବାକୁ ଆଉ ମିଳୁନାହିଁ

ହେ ଉତ୍କଳ । ଉତ୍ତର ଦିଅ ମୋତେ

ମୁଁ କିଏ କଣ ମୋର ପରିଚୟ ? ? ?

ଅଁରପାଳ, ଭଦ୍ରକ


୬୩୭୦୪୬୬୬୯୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲକ୍ଷ୍ୟପଥ



ରୀତା ଅପରାଜିତା ମହାନ୍ତି

ଯେତେବେଳେ ଜନ୍ମର କୁଆଁ
କାନ୍ଦ ଧରି ମଣିଷ
ଏ ଦୁନିଆକୁ ଆସେ
ସେ ଜାଣିନଥାଏ କେଉଁଟା ଲକ୍ଷ୍ୟପଥ
ଧୀରେ ଧୀରେ ସେ ବଡ଼ ହୁଏ
ନିଜ ପରିବେଶ
ବିଦ୍ୟାଳୟ କିମ୍ବା
କେଉଁ ଗୁରୁଙ୍କ ପ୍ରେରଣାରୁ ଖୋଜେ
ନିଜର ଲକ୍ଷ୍ୟପଥ ।
ଯେଉଁ ନାର ନାରୀ
ଠିକ ପଥ ଖୋଜନ୍ତି ନିଜ ଲକ୍ଷ୍ୟପଥ
ସ୍ୱୟଂ ଭଗବାନ ହୁଅନ୍ତି
ତାଙ୍କର ସହାୟକ।
ଯେମିତି ଅର୍ଜ୍ଜୁନ ଙ୍କ ରଥର
ସାରଥୀ ସାଜିଥିଲେ
ସ୍ୱୟଂ ନାରାୟଣ।

ବେଳେ ବେଳେ ମଣିଷ
ଏ ଜୀବନ ଅନ୍ଧଗଳି ରେ ହୁଏ ଭ୍ରମିତ
ସେତେବେଳେ ତୁମ କଣ
ଖୋଲିଦେବ ତା ମୋହ ମାୟାର
ଅନ୍ଧ ପୁଟଳି।
ଏ ଜୀବନ ଏକ ମାୟା ମରୀଚିକା
ନ ହେବା ବୃଥା ଦ୍ୱନ୍ଦର ଶିକାର
ବେଳେବେଳେ ମାୟାର ସୁବର୍ଣ୍ଣ ମୃଗ
ଯାହା ଆମକୁ ଲକ୍ଷ୍ୟପଥରୁ ବିଚ୍ୟୁତ କରେ।
ଗୋଟିଏ ସୂର୍ଯ୍ୟ ସମଗ୍ର
ପୃଥିବୀ ପୃଷ୍ଠକୁ ଆଲୋକିତ କରେ।
ଅଶେଷ ଆଗ୍ରହ ଉଦେଶ୍ୟ ନେଇ
ନିଜ ଲକ୍ଷ୍ୟପଥରେ ଆଗେଇଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହୁଏତ ଲକ୍ଷ୍ୟ ମିଳିବ।

ଲକ୍ଷ୍ୟପଥ ମିଳିବା ସହଜ ନୁହେଁ

ଜୀବନରେ ସବୁବେଳେ ସହଜ ପଥ ମିଳେନି .....।

କେବେ କେବେ ଗୋଟିଏ ନିଆଁ ନଇ ବି ଡେଇଁବାକୁ ପଡେ ।

ସାହିତ୍ୟ ରେ ନୂଆ ଦିଗନ୍ତ ର

ସନ୍ଧାନ ରେ ଅଛି ।

ଜାଣେନି ମତେ ମିଳିବ କି ନାହିଁ

ମୋ ଲକ୍ଷ୍ୟପଥ ତଥାପି

ଅବିରତ ଜୀବନର ଛୋଟ ବଡ଼

ଘଟଣା ଦୁର୍ଘଟଣା ସହ।

*ପ୍ଲଟ ନ -୮୩(ସି)* ଆମ୍ରପଲ୍ଲୀ,

ଭୁବନେଶ୍ବର -୨୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଓଡ଼ିଆଙ୍କ ପ୍ରାଣ ପଖାଳ କଂସା



ରାମଚନ୍ଦ୍ର ପ୍ରଧାନ

ପଖାଳ କଂସା ପା' ଓଡ଼ିଶାର ମାନ
ଓଡ଼ିଆ ପରାଣ ମିତ
ପଖାଳ ଦିବସ ପାଳିବା ଆସ ହେ
ଖାଇ କି' ପଖାଳ ଭାତ ।

ପଖାଳ କଂସାର କି' ଗୁଣ ଗାଇବି
ସାଙ୍ଗେ ଥିଲେ ବଡ଼ି ଚୁରା
ଆଉ ଯଦି ଥିବ ସାଥେ ଶାଗ ଭଜା
ମନ ହୁଏ ଆତ୍ମହରା ।

ଭରି ସୁଆଦିଆ ଚୁନା ମାଛ ଭଜା
ଖାଇଲେ ଜାଣିବ ଥରେ
ପାଳ ଛତୁ ଭଜା ପାଟିରୁ ଛାଡେନା
ପଖାଳ କଂସାକ ସରେ ।

ଆଳୁ, ବାଇଗଣ ଚଟଣି ସାଙ୍ଗକୁ
ପଣସ ପିଠଉ ଭଜା
ଲୁଣି ଆମ୍ବୁଲରେ କଞ୍ଚା ଲଙ୍କା ମଚ୍ଛି
ଖାଇଲେ ଲାଗଇ ମଜା ।

ଓଡ଼ିଆଙ୍କ ମନ ଓଡ଼ିଆଙ୍କ ପ୍ରାଣ
ପଖାଳ କଂସାରେ ଥାଏ
ଓଡ଼ିଆଙ୍କ ବଳ ଓଡ଼ିଆଙ୍କ ଜୟ
ପଖାଳ ଖାଇଲେ ହୁଏ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ : ୯୮୬୧୬୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ରହ୍ମାଣ୍ଡ ପଖାଳ ଦିବସରେ



ସନ୍ଦୀପ କୁମାର କର

ଆସ ଭାଇ ସବୁ   ପଖାଳ ଖାଇବା
ମାଡି ଆସିଲାଣି ଖରା
ଦହି ବଡିଚୁରା   ଆଚାର ଓ ଭଜା
ବାଇଗଣ ପୋଡା ପରା□୧

ଦହି ପଖାଳ ରେ   କଂଚା ଲଂକା ଛୁଂକ
ବାସନା ରେ ମନ ମୋହେ
ପୋଡା ପୋଡି ସହ   ଲୁଣ ରଶୁଣର
ଚକଟାରେ ଲାଳ ବୋହେ□୨

ଶାଗ ମାଛଭଜା   ଯେବେ ତା ସହିତ
ମିଳିବ  ସରଗ  ସୁଖ
ଶୁଖୁଆ ଭଜାଓ   ଚିଂଗୁଡି ପୋଡା ଟେ
କେତେ ସୁଆଦିଆ ଚାଖ□୩

ଆମ୍ବ କଷି ଅଦା  ଆମ୍ବ ଦେଣ୍ଠି ରସ
ପକାଏ ସେ ଯେବେ ପଖାଳେ
କି ସୁନ୍ଦର ସତେ   କି ବାସନା ତାର
ଯିଏ ଖାଏ ତକୁ ସକାଳେ□୪

ଚକାମୁଣ୍ଡି ପାରି   ଆନନ୍ଦ ରେ ବସି
ଖାଇଲେ ଯେ ପଖାଳ ଭଜା
ପରିବାର ଲୋକେ    ଏକା ଠାରେବସି
କାହିଁ କେତେ ନେବା ମଜା□୫

ପଖାଳ ପାଖରେ   ଯେତେ ସେ ଦରବ
ହେଉ ପଛେ ନ ତିଅଣ
ଛାର କରିଦେଇ   ଆମେ ତ ଓଡିଆ
କରିଥାଉ ତାକୁ ଭିଆଣ□୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପେଟ ଶାନ୍ତି ଆଉ   ମନ ଶାନ୍ତି ହୁଏ
ଖରାରୁ ମିଳେ ସେ ତ୍ରାହି
ସକାଳ  ଓ ବେଳା   ପଖାଳ ତୁରାଣି
ପିଇ ଦେବା ଯେବେ ତହିଁ ୭
ଅଂଶୁଘାତ ଆଉ    ହାଲିଆ ପଣ ତ
ନ ରହିବ ଦେହେ ଆଉ
ପଖାଳ ଦିବସେ  ପଖାଳ ତୋରାଣି
ଯେବେ ପାଖେ ଆମ ଥାଉ ୮
ପିଲା ବୁଢା ଆଉ  ଟୋକା ଟୋକି ଯେବେ
ବାହାର  ଖାଇବା ଛାଡେ
ପାଂସ୍ଟ ପୁଂଡ ଛାଡି   ଖାଇ  ପଖାଳକୁ
ଶାନ୍ତିରେ ଜୀବନ ଗଢେ ୯
ପଖାଳ ଟି ଆମ    ଓଡିଆ ଔଷଧ
ସତେକି ପ୍ରଭୁକଂଦାନ
ସଭିଏଁ ଖାଇବା   ଖୁସିରେ ଖାଇବା
ହେବା ସେ ମହତ ଜନ ୧୦

ସହକାରୀ ଶିକ୍ଷକ, ଅନୁଗୁଳ
ଇମେଲ୍ : karsir1981@gmail.com
ମୋବାଇଲ : ୯୧୭୮୦୮୩୩୨୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନ ସପନ



ନୀଳମଣି ଚାନ୍ଦ

ସପନ ସପନ ସାତ ସପନରେ
ଭାବି କିଏ ହୁଏ ଖୁସି
କେତେବେଳେ ଆସି ଦିଏ ସିଏ ଧରା
ଯାଏ ସିଏ ଦୂରେ ଖସି□

ସପନ ଆସଇ ଆଖି ନା ମନରେ
ଏ କଥା ମୁଁ ଜାଣେନାଇଁ
ତଥାପି ମଣିଷ ଦେଖିବ ସପନ
ସେଥିପାଇଁ ଥାଏ ଚାହିଁ□

ସିଏରେ ଜଳାଇ ଆଶାର ଦୀପାଳି
ମନ କରେ ଆଲୋକିତ
ତା ଲାଗି ଘଡ଼ିଏ କେ ସୁଖ ଲଭୁଛି
ନ ହେଉ ପଛେ ସେ ସତ□

ଆ' ରେ ସପନ ଆସି ଥରେ ମୋତେ
ଝୁଲେଇ ଦେ' ଝୁଲଣାରେ
ମୋ ମନ ଅଗଣା ସାରା ସଜେଇବୁ
ତୁ ଫୁଲର ଖେଳଣାରେ□

ତୁହିରେ ସପନ ମୋ'ର ମରୁଦ୍ୟାନ
ତୁହି ମୋ'ର ଆଶାବତି
ତୋତେ ତ ଦେଖନ୍ତି ରାଜା ଆଉ ରଙ୍କ
ହେଉ ଗୃହସ୍ଥ କି ଯତି□

ଭୁବନେଶ୍ୱର,ମୋ:୯୪୮୩୨୦୨୩୫୭

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅପେକ୍ଷା ଚାଷୀର ହସକୁ



ଶାନ୍ତନୁ କୁମାର ରାଉତ

ଟଙ୍କାଟେରେ ଏଠି ଚାଉଳ ମିଳୁଛି
ଗ୍ୟାସ ହେଲାଣି ବାରସହ
ଔଷଧ ବିକଳେ ତାଟିଆ କାମୁଡି
ଅଠାଘଣ୍ଟା ଖଟେ ମଣିଷ
ଅଟେ ମଜୁରୀ ତାହାର ତିନିଶହ... !!

ତିନିଶ ଟଙ୍କାରେ କିପରି ଚଳିବ
ଶହରେ ହଉ ଅବା ଗାଁଆରେ
ସୋରିଷ ତେଲ ତ ଦୁଇଶହ ଛୁଇଁଲା
ଡାଲି କଥା କିଏ ପଚାରେ
ତଥାପି ମଣିଷ ଖୁସିରେ..... !!!

ଆଳୁ ଶାଗ ମୁଗ କଞ୍ଚା ପରିବାରେ
ନାହିଁ ଯେ କାହାରି ଆଦର
ଚାଷ କରିବାକୁ ଡରିଲେଣି ଲୋକେ
ଚାଷି ସଭିଙ୍କର ଚାକର
କିନ୍ତୁ ଚାଷ ପାଇଁ ସବୁ ନିର୍ଭର... !!!!

କେନ୍ଦ୍ର ଏବଂ ରାଜ୍ୟ ସରକାର ଏଠି
ଧ୍ୟାନ ଦିଅନ୍ତିନି ଚାଷକୁ
ଚାଷି ନ ରହିଲେ କୋଉଠୁ ଆସିବ
ଟଙ୍କାରେ ଚାଉଳ ମାସକୁ
ଅପେକ୍ଷା ଚାଷିର ହସକୁ... !!!!!

ପାଟରଙ୍ଗା, ଯାଜପୁର
୯୮୬୧୨୫୬୧୯୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଦ୍ୟୁଲତା



ଜଗଜୀବନ ସେଠୀ

ମଞ୍ଜରିତ କେଶ ନଗ୍ନକ ବିଶେଷ
କଳାପଯୋଧର ଭ୍ରାନ୍ତି,
ସୁବର୍ଣ୍ଣ ଅଜୀନ ପାଣ୍ଡର ପରାୟ
ଅପୂର୍ବ ଭାସ୍କର କାନ୍ତି.
ପଙ୍କଜ ନୁହଁ ଗୋ ପଙ୍କଜିନୀ ତୁମେ
ଭୋଳ ହୁଅନ୍ତି ଦ୍ୱିରେଫ,
କାମ ଜ୍ୱାଳାମୁଖୀ କରିବ ବିଲୀନ
ନାଗପତି ର ବରଫ.
ବିଦ୍ୟୁଲତା କାନ୍ତି ପରିପ୍ଲବ ସମ
ଜେମା ଅଟହେ ପ୍ରମଦା,
ସ୍ୱୟଂ ଦେବଶିଳ୍ପୀ ପ୍ରଶାନ୍ତେ ରଚିଲେ
କଣ୍ଠେ ବିଜେ ମହେଶ୍ୱତା.
ଶ୍ରୁତି କଟ ଯାଏ ହୋଇବ ସେ ଉଚ୍ଚ
ନବାମାଳିକାର ଓଷ୍ଠ,
ଫୁଲଗୁଣା ବାସ ଖଣ୍ଡାଧାର ସମ
ଦେଖି ହୋଇଲି ମୁଁ ନଷ୍ଟ.

ଦ୍ୱିତୀୟ ପାଣ୍ଡବ ବଳନାହିଁ ମୋର
ଅବା ପଞ୍ଚେଷୁର ରୂପ,
ଧ୍ରୁବନ କାମନା ପଙ୍କଜ ନିମନ୍ତେ
ରଖଇ ଯେହ୍ନେ ଦ୍ୱିରେଫ.
ମକରନ୍ଦ ରସ ନିସ୍ୟନ୍ଦିତଓଷ୍ଠ
ଉପର ଭାଗେ ଜଟୁଳ,
ପରିଣେୟ ପ୍ରିୟା ପ୍ରାପତ ବିହୁନେ
ନିଶ୍ଚେ ହୋଇବି ପାଗଳ.
ଗଜ ଗାମିନୀର କଟିଦେଶ ଜାକ
ନିତମ୍ବ ସମ ଦ୍ୱିରଦ,
ବକ୍ଷଦେଶୁ ଘର୍ମ ବୃନ୍ଦ ପାଦଙ୍ଗୁଳେ
ଖସଇ ଯେହ୍ନେ ପାରଦ.
ପ୍ରଣୟ ନାଗରି ବିଷ୍ଣୁପଦ ଶଶୀ
ଶୂନ୍ୟ ବଳାହକ ନିଶି,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନକ୍ଷତ୍ର ସମୂହ ଆଉକେ ଦେଖିବେ

ନିଉନେ ଗଣିବେ ହସି.

ଶତଶତ କନ୍ୟା ହେବେ ପରିବାଦ

ନଦେଖିବେ କାରେ କେହି,

ଜୋଛନା ଭାବିଣ ସଭିଏଁ ପାଞ୍ଚିବେ

କେମନ୍ତେ ଗଢିଲା ବିହି.

ଯଥା ଦ୍ୟୁତେ ଧନ ଦମ୍ଭେ ଦୋଷତନ

ଲାଗେ ଯେସନେ ପୁରଟ,

ତୁମ ପ୍ରାପ୍ତି ବିନା ଲାଗିବ ପ୍ରଣୟୀ

ଯଥା ଜୀବନ ଦୁର୍ଘଟ.

ଦାଶରିକ ଯେହ୍ନେ ନିରଦ ଆଶାରେ

ଚାହିଁ ରହିଥାଏ ଖଗେ,

ପୁଜଇ ଗୀର୍ବ୍ବାଣ ପ୍ରାପତ ନିମନ୍ତେ

ଆସିବକି ମୋର ଭାଗ୍ୟେ,

ଜେମା ବିନେଧ୍ୟାନ୍ତ ଜୀବନ ମୋହର

ନିବୀର୍ଯ୍ୟ କରହେ ଯୋଗେ ।।

ଶେରଗଡ଼, ଗଞ୍ଜାମ, ଓଡ଼ିଶା

୮୯୮୪୦୪୯୫୨୧

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆମେ ସୁନାପିଲା ହେବା



ବିକାଶ କୁମାର
ହୋତା

କାଉ ରାବିଲାଣି କାଆ କାଆ ପରା
ଉଠ ଉଠ କୁନା କୁନି
ସକାଳୁ ସଅଳ ନ ଉଠିବ ଯଦି
ଲାଭ ତୁମେ ପାଇବନି ।।(୧)

ପ୍ରଭାତୁ ଉଠିଣ କରିବ ଜଣାଣ
ସଅଳ ଛାଡ଼ିକି ଶେଯ
କରିଲେ ବ୍ୟାୟାମ ପାଇବ ଆରାମ
କହିଛନ୍ତି ପରା ଜେଜ ।।(୨)

ସକାଳୁ ଉଠିଣ ପିତା ମାତା ପାଦେ
ହେଉଥିବ ଦଣ୍ଡବତ
ଗୁରୁ ଗୁରୁଜନ ଆଶୀର୍ବାଦ ମିଳେ
ଏହି କଥା ସଦା ସତ ।।(୩)

ନିତ୍ୟକର୍ମ ସାରି ଜଳଖିଆ ଖାଇ
କରିବ ତୁମରି କାମ
ମନ ଦେଇ ପାଠ ପଢ଼ି ଦେବ ସବୁ
କରିବ ଯେ ପରିଶ୍ରମ ।।(୪)

ଇସ୍କୁଲ ସମୟେ ଇସ୍କୁଲ କୁ ଯିବ
ଖାଇଦେଇ ଭଜା ରୁଟି
ପାଠ ପଢ଼ି ସାରି ଘରକୁ ଫେରିବ
ହୋଇଲେ ଇସ୍କୁଲ ଛୁଟି ।।(୫)

ଆଜିର ପାଠକୁ ଆଜି କରିଦେବ
ହୋଇଯିବ ସୁନା ପିଲା
ଆଜିର ପାଠକୁ ବାକିଆ ରଖିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଳସୁଆ ହେବ ଭଲା ।।(୬)

ପାଠ ବେଳେ ପାଠ ଖେଳ ବେଳେ ଖେଳ
ସମୟରେ ସବୁ କର
ଗୁରୁ ଗୁରୁଜନ କଥା ମାନି ସଦା
ହୋଇବ ଜଗତେ ସାର ।।(୭)

ଅନ୍ୟ ପାଇଁ ସଦା ନିଜେ ତ୍ୟାଗୀ ହୁଅ
କରିବ ସମାଜ ସେବା
ଦୁଃଖୀ ଜନ ମୁଖେ ହସ ଫୁଟେଇକି
ବିଭୁ କୃପା ଲଭିଯିବା ।।(୮)

ବିଦ୍ୟାନଗର, ଦକ୍ଷିଣକାଳୀ ରୋଡ଼ ଢେଙ୍କାନାଳ
ଓଡ଼ିଶା - ୭୫୯୦୦୧, ଆଳାପ - ୮୬୫୮୨୯୨୦୫୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମନର କାହାଣୀ କବିତା



ଆଶୁତୋଷ ମେହେର

ମନରେ ଭାବନା କାହାଣୀ ହୋଇକି କବିତାରେ ହୁଏ ବନ୍ଧା,
ଭଲ ହେଉ ଅବା ଭେଲ ମହକର ରୂପ ଗୁଣେ ଭରା ଛନ୍ଦା□
କହିବାକୁ ଯାହା ମନେ ଥାଏ ଲାଖି ଲେଖାରେ ଉତୁରି ଯାଏ,
ବାସ ମଳୟର କୋଇଲିର କୁହୁ ସବୁ ଏକାକାର ହୁଏ□□

ବେଳ ଅବେଳରେ କିଛିଟା କାହାଣୀ ଉତୁରି ନ ପାରେ ଭଲ,
ମଣିଷ ମନର ଉତ୍ତରଣ ସିଏ ଉପର ତ କେବେ ତଳ ! !
ସମୟ ଚକରେ ଦବିଯାଏ କିଛି ମନେ ଖଟାପଣ ଭରେ,
ତଥାପି ଶବଦ ସଜାଡି ଥୋଇଲେ ଭଲ ଭାବ ଝରେ ଧାରେ□□

ଭାବନାରେ କେଭେ ଅଭାବ ନ ଥାଏ ନଥାଏ ଖାରିଆ ପଣ,
ଶବଦ ଗଠଣ ଗଢିବା ବିନ୍ଧାଣୀ ଠିଆ କରିଦିଏ ରଣ !
ଭଲ ହେଉ ମନ୍ଦ କବିତା ନାୟିକା ଳଳନା ଲାଳିତ୍ୟେ ଭରା,
କବିତା ପ୍ରେୟସୀ କବି ପାଖେ ବନ୍ଧା, ମନ ଅଗଣାରେ ଧରା□□

୫୪, ଆର୍ଯ୍ୟପଲ୍ଲୀ, କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଶ୍ନବାଚୀ



ନିରଞ୍ଜନ ସାହୁ

ସତ ସବାରୀରେ ମିଛେଇ ଝିଅ ତୁ
ଦୁନିଆ ଜାଣେ ଏ କଥା
ତଥାପି ନିଜକୁ ବଧୂବେଶ କରି
ଲାଜରେ ନୁଆଁଉ ମଥା □

ବେଦୀରେ ବସିବା ଯୋଗ୍ୟତା କେବଳ
କୁମାରୀ ଝିଅର ଥାଏ
ସତରେ କେମିତି ବେଦୀରେ ବସିଲୁ
କହିବୁ କି ଥରୁଟିଏ
କେହି ନ ଜାଣିଲେ ତୁହି ଏକା ଜାଣୁ
ତୋହରି ମହିମା ଗାଥା □

ନିଜକୁ ଟିକିଏ ପ୍ରଶ୍ନ ତୁ ପଚାର
ହୃଦୟ ନିର୍ମଳ କରି
ଯାହା ତୁ କରିଛୁ ଯାହା ତୁ କରୁଛୁ
ଉଚିତ ହେଲା କି ଗୋରୀ
ବୁଝି ମୁଁ ପାରୁନି କେମିତି ହେଲୁ ତୁ
ନଳ ଦମୟନ୍ତୀ ଯଥା □

ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୨୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା ତୁମେ ଭାରି ମିଛୁଆ



ବର୍ଷାରାଣୀ
ମହାମଲ୍ଲିକ

ବାପା ତୁମେ ଭାରି ମିଛୁଆ
ସତରେ କୁହ କେତେ ମିଛ କଥା
ମୁଁ ଆଉ ଛୋଟ ହୋଇ କି ନାହିଁ ବାପା
ସବୁ ବେଶ୍ ବୁଝି ପାରିଲିଣି
ସେଦିନ ରାତିରେ ଖାଇବା ବେଳେ
ତମେ ଭୋକ ନାହିଁ କହି ଉଠିଗଲ
ସକାଳ  ଦଶ ଟା ରେ ଖାଇବା ପରେ
ରାତି ନଅ ଟା ଯାଏ କାହାକୁ ଭୋକ ଲାଗେନି କୁହତ ?
ସତ କୁହ ତୁମେ ଜାଣିଥିଲ ନା
ଆଜି ଚାଉଳ କମ୍ ଥିଲା.....
ବାପା ତୁମେ ଭାରି ମିଛୁଆ  ।

ତମେ ଆମ ଶୋଇଲା ଉଠିଲା ବେଳକୁ ଶୋଇପଡ
ମୁଁ କେତେଥର ଦେଖିଛି
ତୁମେ ନିଦ କୁ ଛାଡ଼ି ରାତି ଅଧଯାଏ
କଣ ଲେଖାଲେଖି କର...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଦିନ ସମସ୍ତଙ୍କ ପାଇଁ ସବୁ ଆଣିଲ

ହେଲେ ତୁମ ନିଜ ପାଇଁ ନୁହତ

କହିବାରୁ କହିଲ

ସାର୍ଟ କଣ ହେବ ଏଇଟା ଆଉ ଛଅ ମାସ ଚଳିଯିବ

ମୁଁ ଜାଣେ ତୁମ ସାର୍ଟ୍ କୁ କାଲି ମାଁ ସିଲଉଥିଲା,

ହଁ ବାପା ତୁମେ ଭାରି ମିଛୁଆ ।

ଦିନେ କୁନିର ବାପା କହିଲେ

ଦାସ ବାବୁ କେତେଦିନ ଆଉ ସାଇକେଲରେ ଯିବେ

ବାଇକ୍ ଟିଏ ଆଣନ୍ତେ ନି ?

ତୁମେ କହିଲ ଆରେ ନା ଏକ୍ସର୍ସାଇଜ୍ ହେଉଛି

ଏଥିରେ ତ ଭଲ ଲାଗୁଛି

କେଉଁ କଷ୍ଟ ଯେ ?

ବାପା ତୁମେ ମିଛ କୁହ

ଅଠର କିଲୋମିଟର କଣ କମ୍ ବାଟ ?

ସତରେ ବାପା ତୁମେ ଭାରି ମିଛୁଆ

ଆମକୁ କେତେ ପ୍ରେରଣା ଦିଅ

କୁହ କେବେ ଭାଙ୍ଗି ପଡ଼ିବନି

ଲୁହ ଗଡାଇବ ନାହିଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ସେଦିନ ଠିକ୍ ଦେଖିଛି ବାପା

ମତେ ହୋଷ୍ଟେଲ ରେ ଛାଡ଼ିବା ପାଇଁ ଆସିଲା ପରେ

ଦୂରରୁ ଦେଖିଥିଲି

ତମେ ଚୁପଚାପ୍ ରୁମାଲ୍ ରେ ଆଖି ପୋଛୁଥିଲ,

ବାପା ତୁମେ ସତ ରେ ଭାରି ମିଛୁଆ ମ

ମତେ ମା ବୋଲି ଡ଼ାକ ମୁଁ ତୁମକୁ ପୁଅ ବୋଲି କୁହେ

ମୁଁ ଶୁଣିଛି ସେଦିନ ରାତିରେ ମା କୁ କହିବାର

ମୋ ମା ବଡ଼ ହୋଇଗଲାଣି

ଆଉ ଦି ତିନି ବର୍ଷ ପରେ ତା ଶାଶୁଘର ଯିବ

ତୁମେ ପରା ମତେ ମା କୁହ

ମା କୁ କଣ କାହାକୁ ଦିଆଯାଏ ?

ତେବେ ମୁଁ କାଇଁ ଶାଶୁଘର ଯିବି ବାପା

ବାପା ତୁମେ ଭାରି ମିଛୁଆ

ପ୍ରବଳ ଜ୍ୱର ଆଣୁଥିଲା ସେଦିନ ତୁମକୁ

ଭାଇ ଆଣିଦେଇଥିଲା ଶସ୍ତା ମେଡିକାଲ୍ ଷ୍ଟୋର୍ ରୁ ଶସ୍ତା ମେଡିସିନ୍,

କହିଥିଲ ଯାହା ହେଉ ପୁଅ, ମେଡିସିନ୍ ଟା ଭଲ କାମ ଦେଲା,

ଅଧା ନିଦ ରେ ଶୁଣିଥିଲି ବାପା

ମାଁ ତୁମ ଗୋଡ ଘସି ଦେଉ ଦେଉ କହିଥିଲା

ଅଣ୍ଟା ଦରଜ ଟା ତ ଯାଇନି..

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଇଁ ଛୁଆ ଙ୍କ ଆଗରେ ମିଛ କହୁଥିଲ ଶୁଣେ....

ହଁ ବାପା ତୁମେ ଭାରି ମିଛୁଆ...

କେବଳ କଣ ତୁମେ ?

ଦୁନିଆ ର ସବୁ ବାପା ମିଛୁଆ

ଜୀବନ ତମାମ ମିଛ କହି କହି ଜୀବନ ସାରି ଦିଅନ୍ତି

ଖାସ୍ ଆମ ମାନଙ୍କ ପାଇଁ.....

ବାପା ତୁମେ ସତ ରେ ଭାରି ମିଛୁଆ□

ହଁ ବାପା ତୁମେ ଭାରି ମିଛୁଆ□

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଓ ମୁଁ



ସୌଦାମିନୀ ସାହୁ

ତୁମେ ଅମୃତ ଭରା କଳସ
ମୁଁ ତୁମପାଇଁ କେବଳ
ଯନ୍ତ୍ରଣା ଦାୟକ ବିଷ □
ତୁମେ ସେଥିପାଇଁ କହିଦେଲ
ତୁମେ ଓ ମୁଁ ନିରର୍ଥକ ସମ୍ପର୍କର
ଏକ ଆପେକ୍ଷିକ ପରିହାସ □

ସତରେ କେତେ ଅପେକ୍ଷା
କେତେ ଯେ ଅହେତୁକ ଆତୁରତା
ସମୟକୁ ଚାହିଁ ରହୁଥିବା
ମୁଁ ଗୋଟେ ଚାତକୀ ଯେମିତି
ପାଇବାକୁ ତୁମ ସାନ୍ନିଧ୍ୟର
ନିବିଡ ଆଶ୍ଲେଷ ଅଧିରା ପ୍ରୀତିନନ୍ଦା □

ତୁମେ ମୋର ପରମଆରାଧ୍ୟ
ମୋ ହୃଦୟର ସ୍ପନ୍ଦିତ ପରିଭାଷା
ତୁମେ ମୋମନ ରାଧାର
ପରମପୁରୁଷ ମୋ' କାହ୍ନା,
ଯୁଗରୁ ଯୁଗଯାଏଁ ଅପବାଦକୁ
କୁଙ୍କୁମ କରି ଲିପିଛି ସାରା ଦେହେ □

ହେ କାହ୍ନା ପ୍ରତିଟି ମୂହୁର୍ତ୍ତ
ତୁମ ରୂପମାଧୁରୀକୁ ଦେଖି
ସ୍ପନ୍ଦିତ ମୋର ହୃଦୟ,
ହେଲେ ଅଧରର ହସରେ
ମୋ ପାଇଁ ପାଏ କେବଳ
ତୁମର ଉପହାସର ହସ୍ତାକ୍ଷର □

ପ୍ରଧାନ ଶିକ୍ଷୟିତ୍ରୀ
ନେହେରୁ ନୋଡାଲ ଉ.ପ୍ରା. ବିଦ୍ୟାଳୟ, ସଫା,
ଟାଙ୍ଗୀ, କଟକ-୭୬୫୦୨୨ : ୯୩୪୮୮୦୭୦୫୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ବି ହେବି ସୁଭାଷ



ସତ୍ୟନାରାୟଣ ମିଶ୍ର

ହେବିରେ ହେବି ମୁଁ ବି ହେବି
ସୁଭାଷ ଭଳିଆ ବୀରଟେ ହେବି
ଜୀବନକୁ ମୋର୍ ଲଗାଇ ବାଜି
ଭାରତ ମାଆର ସେବା କରିବି
ଯେଉଁ ସୁଭାଷର ବିରତ୍ୱ ଦେଖି
ଫିରିଙ୍ଗି ରକତ ଯାଇଛି ଶୁଖି □

ଆଜାଦ ହିନ୍ଦ୍ ସେନା ଗଢି କି
ଅହିଂସା ବିରୋଧେ ସଂଗ୍ରାମ ଡାକି
କହିଲେ ସୁଭାଷ ବୋଷ
"ରକ୍ତ ଦିଅ ମୁଁ ସ୍ୱାଧୀନତା ଦେବି
ଶତ୍ରୁକୁ କରିବି ନିପାତ "□

ଧନ୍ୟ କଟକ ତା ଜନମ ଭୂଇଁ
ଦେଶ ମାତା ଧନ୍ୟ ତାହାକୁ ପାଇ
ପରାଧୀନ ଦେଶ ମୁକତି ପାଇଁ କି
ସୁଭାଷ ଆସିଲେ ଫୌଜ ନେଇ
ଜୟ ହିନ୍ଦ୍ ନାରା ଦେଇ ଦେଇ □

ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫଗୁଣ



ସୁନନ୍ଦା ମହାନ୍ତି

ଫଗୁଣ ଆଖିରେ ଶ୍ରାବଣ

ଶ୍ରାବଣ ଆଖିରେ ବିଲକ୍ଷଣ

କାଳ ବୈଶାଖି ର ଆକ୍ରମଣ

ମୁଁ ପରାଜିତ ବିଭାଜିତ

ଏ ବାତାବରଣେ ଅନୁକ୍ଷଣ

ଦିନ ଆସୁ ବୋଲି ଚାଲିଗଲା

ବାକି ଯାହା ରହିଗଲା ରଙ୍ଗ ନଥିଲା

କୃଷକ କରେ ବେଉଷଣ

ସୈନିକ କରେ ଯୁଦ୍ଧ ଆମରଣ

ପଳାୟନ ପନ୍ଥୀ ଏ ଫଗୁଣ

ହୋଲିର ମାଦକ ଆବରଣ

ଅଭ୍ୟନ୍ତରୀଣ ବାତାବରଣ କ୍ଷୀଣ

ଭୁଲିବା ଅସମ୍ଭବ

ପଳାତକ ସାଜିବା କେବଳ ସମ୍ଭବ

ନିଜ ଠାରୁ ଦୂରତ୍ୱ ବଢ଼ାଇ ନେଇଛି

ତତେ ମିଛ ମତେ ସତ ରହିଲା ଫଗୁଣ ରାଣ

ଉତ୍ତରଣ, ଆରୋହଣ ଅବତରଣ

ଭିତରୁ କୋଉଟା ବାଛିବି

ମୁଁ ରୁଦ୍ଧ ମୋ ଚାରିପଟେ ଆବରଣ

ଅତୀତ କୁ ଦର୍ଶାଇ ଫଗୁଣ

ବର୍ତ୍ତମାନ କୁ କରିଛି ହରଣ

ବବିଷ୍ୟତ ଆଶଙ୍କା ଭିତରେ

ଦେଖିହୁଏ ଫଗୁଣରେ ଫଗୁର ଉଦ୍ଗିରଣ

ଆଜିକାଲି ମୋର ସବୁ ବିସ୍ମରଣ.

ସାକ୍ଷୀଗୋପାଳ, ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୃପା ଭିକ୍ଷା



ସରୋଜିନୀ ମିଶ୍ର

ରକତ କାଳୀରେ

ଭାବ କାଗଜରେ

ଲେଖି କରଇ ଗୁହାରି

ସତ୍ ପଥେ, ସତ୍

କର୍ମେ,ମୋର ମନ

ସଦା ରଖିବ ଶ୍ରୀହରି □

ହୃଦୟ କନ୍ଦର

ହେବ ଉଦ୍ଭାସିତ

ନାମ ରୂପୀ ସୂର୍ଯ୍ୟା ଲୋକେ

ଚକ୍ଷୁ ଝଲସିବ

ମୁକ୍ତା ରୂପୀ କର୍ମେ

ଆଶିଷର ବାରିସ୍ରାବେ □

ଜୀବନ ଯମୁନା

ଖୋଜି ପାଇଯିବା

ଭକ୍ତିର ସାଗର କୂଳ

ସୌଭାଗ୍ୟେ ପାଇଙ୍କ

ପରମାତ୍ମା ସହ

ଆତ୍ମାର ମିଳନ ସ୍ଥଳ □

ମନ ମାନୁଥିବ

ବିବେକର କଥା

ଚିନ୍ତନ ସକ୍ରିୟାତ୍ମକ

ପର ଉପକାରେ

ଲିପ୍ତଥିବ ହସ୍ତ

ପାଇ ଆମୋଦ ମୋଦକ □

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଷ୍ଠା ଓ ବିଶ୍ୱାସ

ହେବ ଚିରନ୍ତନ

ସ୍ୱର ମୋ ପ୍ରାର୍ଥନାରତ

ନିୟନର ନୀର

ସଦା ଦେବ ଧୋଇ

ହେ  ପ୍ରଭୁ ତୁମ ଶ୍ରୀପଦ  □

ଦୟା, କ୍ଷମା, ନ୍ୟାୟ

ପଥକୁ ଆଦରି

ଠୁଳ କରି ପୂଣ୍ୟଧନ

ସବୁକିଛି ତୁମ

ଟ୍ରେଜେରୀରେ ରଖି

ପାଇବି  ବୈକୁଣ୍ଠ ଧାମ  □

ଆଲୋକ ନଗର, ଆମ୍ବପୁଆ ,

ବ୍ରହ୍ମପୁର, ଗଞ୍ଜାମ

ଭ୍ରାମ୍ୟଭାଷ : ୯୯୩୮୪୬୫୨୦୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଡିଜିଟାଲ୍ କୁନା



ବିଶ୍ୱ ରଞ୍ଜନ ସ୍ୱାଇଁ

ସକାଳୁ ଉଠି ଦେଖିଲା କୁନା
ତା ପାଖେ ଫୋନ୍ ନାହିଁ,
ଖୋଜିଲା ସିଏ ତା ଘର ସାରା
ଘରେ ଫୋନ୍ କାହିଁ □□ ୧

ବୋଉକୁ କୁନା ଘରେ ନ ପାଇ
ହୋଇଲା ଛଟ ପଟ,
ବିକଳେ କୁନା ଖୋଜିଲା ଯାଇ
ବିଲ, ପୋଖରୀ ତୁଠ □□ ୨

ନଦୀ ତୁଠରେ ବୋଉ ତ ନାହିଁ
କୁଆଡେ ଗଲା ସିଏ,
ଯୁଆଡ଼େ ଯାଏ ବୋଉ ତ ମୋର
ଘରେ ଫୋନ୍ ଥୁଏ □□ ୩

କୁନାର ମନେ ନାନା ସନ୍ଦେହ
ଏମିତି ଉପୁଜିଲା,
ଗାଁ ଟା ସାରା ଖୋଜି ଖୋଜି କି
କୁନା ହାଲିଆ ହେଲା □□ ୪

ମନ ଦୁଃଖରେ କୁନା ତ ତାର
ଘରକୁ ଆସିଲା ଫେରି,
ମନରେ ତାର ନାନା ଭାବନା
ଫୋନ୍ ହେଲା କି ଅବା ଚୋରି □□ ୫

ଫୋନ୍ ଥିଲେ Facebook
ଚଲେଇ ଥାନ୍ତି ଟିକେ,
Angel Priya ମୋ ବିନୁ କିବା
ବସିଥିବ ଟି ଭୋକେ □□ ୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

What's App ରେ ମୋ ସାଙ୍ଗ ରାନୁ
କରିଥିବ ଯଦି Hy,
ମତେ Online ନା ଦେଖି ସିଏ
ହେଇଥିବ ବୋଧେ Shy □□ ୭

ଏମିତି ସବୁ ଭାବୁ ଭାବୁ କା
କୁନା ର ବୋଉ ଆସିଲା,
କୁନାକୁ ଦେଖି ବୋଉ ଭାବୁଛି
ମୋ ଧନ ମୁହଁ ଶୁଖିଲା □□

କୁନା କହିଲା ଫୋନ୍ ଟାକୁ
ପାଉ ନାହିଁ ଟି ଘରେ,
ନେଇ ଥିଲୁ କି ତୁ ତୋ ସାଥେ
ମତେ କହି ଦେ ଥରେ □□ ୯

କୁନା କୁ ଚାହିଁ ବୋଉ କହୁଚି
ନେଇଥିଲି ମୁଁ ସାଥେ,
SHG ଗୃପ୍ Meeting ଥିଲା
କହିଥିଲି ଟି ତତେ □□ ୧୦

ଏତିକି କି କୁନା ବୋଉ ତ
କୁନା ବାପା କରିଲା Call,
ହେଇଟି କୁନା ବାପା ଶୁଣୁଚ
କୁନା ଆମର ହେଇଗଲାଣି Digital
□□ ୧୧

ବଡ଼ମ୍ବା, କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଫସଲୀ ବାହୁବଳୀ



ଦିବାକର ନାୟକ

ଛିଙ୍କିଲେ ମୁଁ କେବେ ନାତି ଟୋକା କହେ
ବୁଢ଼ାଟେ ହେଇଥା ବୋଲି
ନାତିର ନାତିକୁ କାଖେଇନି ଯେବେ
କେମିତି ମୁଁ ବୁଢ଼ା ହେଲି
କହିଦେଲି ଖୋଲାଖୋଲି (୦)

କୟାଁ ପତର କି ପାକଳ ହୋଇଲେ
ଖଟା ପଣ କମିଯାଏ
ଦୁନିଆରେ ପରା ସଭିଏଁ କହନ୍ତି
ବୁଢ଼ା ଯିଏ ପିଲା ସିଏ;
ଶୋଷରେ ତୋରାଣି ପିଏ
ଭୋକରେ ଜାଉ ମୁଁ ଖାଏ;

ମନ ମୋର ଦେଶୀ ଖତ ଖିଆ ବିଲ
ଫସଲ ମୋ ନିତି ନେଳି..
ଛିଙ୍କିଲେ ମୁଁ କେବେ ନାତି ଟୋକା କହେ
ବୁଢ଼ାଟେ ହେଇଥା ବୋଲି (୧)

ରାଶି ମଥି ମଥି ତେଲ ନିଗାଡ଼ି କି
ଦେହରେ ଲଗାଏ ମୁହିଁ
ଚକା ମୁଗୁନି ମୁଁ ଟେକିବା ଦେଖିଲେ
ଭେଣ୍ଡିଆ ବି ଯିବ ଶୋଇ;
କାମରେ ମୋ ବହେ ଝାଳ
ବଇଦ ସାଙ୍ଗରେ ଗେଲ;

ଜୁଆନ ଟୋକାଠୁ ଟାଣୁଆ ବେଶୀ ମୁଁ
ମଫସଲୀ ବାହୁବଳୀ..
ଛିଙ୍କିଲେ ମୁଁ କେବେ ନାତି ଟୋକା କହେ
ବୁଢ଼ାଟେ ହେଇଥା ବୋଲି (୨)

ପାଟପୁର କନିସି ଗୋଳନ୍ଥରା ଗଞ୍ଜାମ
ମୋ ୯୯୩୮୬୧୯୯୮୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନିଦାଘର ପଦପାତ



ବାଲାଜୀ ସେଠୀ

ମଳୟ ମଉନ ଦଗ୍ଧ ଉପବନ
ତଟିନୀର କ୍ଷୀଣ ତନୁ
ଦାରୁଣ ପ୍ରକାଶି ନିଦାଘ ଆବେଶି
ଅବପାତ ଅଗ୍ନିରେଣୁ □
ଶୁଭ୍ର ଅଭ୍ରପୁଷ୍ପ ନଭ ଅପରୂପ
ଚଉଦିଗ ସମୁଜ୍ଜ୍ୱଳ
ଉତ୍ତପ୍ତ ଅବଶ ଧରଣୀ ବିବଶ
ହିମାଳୟେ ହିମଖଳ □
ପଶୁ,ପକ୍ଷୀ,ତୃଣ ତୃଷାର୍ତ୍ତ ପରାଣ
ଭୋଗନ୍ତି କ୍ଲିଷ୍ଟ କଷଣ
ହୃଦୟେ ସଞ୍ଚୟ ଅଂଶୁଘାତ ଭୟ
ସ୍ୱେଦ ବହି ଝଡେ ଲୁଣ □
ଦୁଃଖେ ଥରି ଥରି ପଡେ ପତ୍ର ଝରି
ପାଦପର ଗଭା ଶୂନ୍ୟ
ଝିଙ୍କାରୀ ଶବଦ କାକଳି ନିନାଦ
ହୃଦୟ ଭରେ କାରୁଣ୍ୟ □
ଅପ୍ରାକୃତ ଅଗ୍ନି ତାଣ୍ଡବେ ନିମଗ୍ନ
ବନଦେଶ ଯାଏ ଚରି

ବନଚରଗଣ କାକୁସ୍ଥ ତକ୍ଷଣ
ସଂସ୍ଥାନେ ନିଃ ଅଧିକାରୀ □ ?□
ଖଜୁରୀ, ପଣସ, ଆମ୍ର, ତାଳ ସସ
ତରୁଭୂଜ ଗ୍ରୀଷ୍ମଫଳ
ପକ୍ୱ ବେଲରସ କ୍ଲାନ୍ତକୁ ହରଷ
ତନେ ମନେ ବୃଦ୍ଧି ବଳ □
ବଇଶାଖୀ ଜଳ ଅକ୍ଷି ଅନୁକୂଳ
ଚନ୍ଦନେ ରେବତୀ ରାସ
ସୁହାଗ ସିନ୍ଦୁରୀ ଭାଗ୍ୟବତୀ ନାରୀ
ସାବେତ୍ରୀକ ଉପବାସ □
ବଇଶାଖ ଜ୍ୟେଷ୍ଠ କରଇ ଅତିଷ୍ଟ
ଘୂର୍ଣ୍ଣିଝଡ଼ ବିଡ଼ମ୍ବିତ
ରଜେ ରଜ ରସା ଚାତକୀର ଆଶା
ମେଣ୍ଟିବ ଦେଖି ଜୀମୂତ □□

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମାନୟନ



ଆଦରମଣି ପ୍ରଧାନ

ନା ତମେ ଜାଣିଲ ପାରି
ନା ମୁଁ ଜାଣିଲି ପାରି,,,
ଡୋରି ଆମ ବାନ୍ଧି ଦେଲା
ପ୍ରେମରେ ସମ୍ପର୍କ କରି,,,,

ତୁମେ ସେଦିନ ଆସିଥିଲ
ଅମଉଳା ଶରତ ସନ୍ଧ୍ୟାରେ
ସେଫାଳି ଫୁଲର ବାସ୍ନା ରେ
ମହକୁ ଥିଲା ତମାମ ସୁଖ,,,,,
ସ୍ୱପ୍ନ ସବୁ ସାଉଁଟୁଥିଲେ
ସଫେଦ କାଶ ତଣ୍ଡି ଫୁଲରୁ
ପବନରେ ଉଡୁଥିବା
ଛୋଟ ଛୋଟ ଟୁକୁଡ଼ା ଖଣ୍ଡରୁ,,,
ଆଜି ପୁଣି ଆସୁଛ,,,
ଲକ୍ଷେ ଫଗୁଣର ରାଗ ବିରାଗ ଅନୁରାଗ
ସ୍ମୃତି ଫରୁଆରୁ ଫିଟେଇ

ତୁମେ ଆସୁଛ ବୋଲିତ
ଆଜି ମୋ ପାଦ ଦୁଇଟି
ଖୁସିରେ ଅଧିର ଅସ୍ଥିର ହେଉଛି,,,,

କିଛି କୁହ
କଥା କୁହ,,,
କଥା କୁହ,,,,
ଆମ ପ୍ରେମ ଆଉ ପ୍ରଣୟର କଥା,,,
ଯାହା ଗଢ଼ା ଥିଲା
ଏଲୋରା ଗୁମ୍ଫାର ଗୁମରରେ
ଯାହା ଭରିଥିଲା
ଆମ ଭାଗ୍ୟ ଆଉ ଭାଗଶେଷରେ
ତୁମେ କହୁଥିଲ ମୁଁ ଶୁଣୁଥିଲି
ମୋ କହିବାର ଆସିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଢୋଳେଇ ଢୋଳେଇ

ଶୋଇଯାଉଥିଲି ତୁମର ସେ

ସୁନୀଳ ହୃଦୟର

ବିସ୍ତୀର୍ଣ୍ଣ ବେଳାଭୂମିର,,,

ଆଉ ଜାଣିଛ ନା,,,

ତୁମ ପ୍ରଶସ୍ତ ହୃଦୟର

ଛୋଟିଆ କୋଠରୀରେ

ମୁଁ ନିଜକୁ ସୁରକ୍ଷିତ ମଣେ,,,,

ତୁମେ ଆସୁଛ,,,,

ସାତ ସାଗର ସେପାଖରୁ

ମହ ମହ ସ୍ୱପ୍ନ ନେଇ,,,

ଆଉ କିଛି ଲୋଡ଼ା ମୋର ନାହିଁ ,,,,


ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଥରେ ଦେଖା



ପୁଷ୍ପାଞ୍ଜଳି ପଣ୍ଡା

ଜୀବନ ଜଞ୍ଜାଳ ଯନ୍ତ୍ରଣା ଭିତରେ
ସମୟ ଗଲାଣି ସରି
ହଜିଲି ମଜିଲି ତୁମକୁ ଭୁଲିଲି
ଶେଷରେ ଶରଣ ଗଲି
କେତେ ପାପ ପୁଣ୍ୟ କଲି
ହିସାବ ରଖିନି ରାତି ପାହିଲାଣି
ଥରେ ହେଲେ ଧରିଲିନି
ରାମ ନାମ ସତ ବାଣୀ□□

ବିସ୍ମୃତି ବେଳାରେ, ରୋଗ ବିଛଣାରେ
ତୁମକୁ ଖୋଜେ ମୁଁ ,
ଲାଗେ ଭାରି ଏକା ଏକା .... !
ଏବେ ସବୁ ସମ୍ପର୍କ ତ ଫିକା
ସତେକି ସପନେ ଆସିବ ଗୋପନେ
ଦେଖିବା ପାଇଁ କି ସତେ ! !
ଏଠୁ ଯିବା ସମୟ ତ ପକ୍କା□□

ଅପରାହ୍ନର ଏ  ନିଶ୍ୱାସ ଉପରେ
ଗଲେ ପୁଣି ଥରେ ଆସିବା ଉପରେ
ବିଶ୍ୱାସ ନାହିଁ ହେ ସଖା ... !
ଶେଷ ସମୟରେ
ପ୍ରାଣ ପ୍ରୟାଣ ରେ
ଦିଅ ଆସିଥରେ ଦେଖା ... !
ଭବ ତ୍ରାସ କଟୁ
ଆତ୍ମା ଘଟ ମିଶୁ
କଟୁ ସବୁ ସୀମାରେଖା□□

ଷ୍ଟାଟିଷ୍ଟିକାଲ୍ ଅଫିସର
କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୌଦାଗର



ରାକେଶ ଭୋକ୍ତା

ସମ୍ପର୍କ ହାଟରେ ସ୍ମୃତି ମିଳେ ଖାଲି
ପ୍ରେମ ହାଟେ ପ୍ରତାରଣା ,
ବିଶ୍ୱର ହାଟରେ ବିଶ୍ୱାସ ମିଳେନା
ହୃଦୟ ହାଟେ ଛଳନା □

ମନ ହାଟେ ଏଠି ମତଲବ ମିଳେ
ଜୀବନ ହାଟେ ଯନ୍ତ୍ରଣା ,
ପୀରତି ହାଟରେ ପ୍ରତିଶ୍ରୁତି ମିଳେ
ସମୟ ହାଟେ ଲାଞ୍ଛନା □

ହସର ହାଟରେ ଲୁହ ମିଳେ ଖାଲି
ଗଜଲ ହାଟେ ଗଞ୍ଜଣା ,
ମଶାଣି ହାଟରେ ମୃତ୍ୟୁ ଯେ ମିଳଇ
ଏକଥା ସଭିଙ୍କୁ ଜଣା □

ମନର ହାଟର ସୌଦାଗର ମୁଁ ଯେ
ମନ ଏଠି ମୋର ଶସ୍ତା ,
ଲୁହକୁ ଲୁଚାଇ ହସ ବିକି ବିକି
ଖୋଜୁଛି ମୋହର ରାସ୍ତା □

ଦାମୋଦରପୁର, ବୌଦ୍ଧ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଲାଶ



ପ୍ରଗନ୍ କୁମାର ପାତ୍ର

ସବୁଦିନ ତ ଦେଖେ ତତେ ପଥପାର୍ଶ୍ୱରେ
ଆଉ କେବେ ଦେଖେ ସବୁଜ ବନାନୀ ମଧ୍ୟରେ
ଜାଣେନା ତୋ ଅସ୍ତିତ୍ୱ ମୁଁ ସେତେବେଳେ,
ହେଲେ ଆଜି ତ ମୁଁ ଚକିତ
ତୋ ରୂପ ଶୋଭାରେ ....

ଈଷତ୍ ଲୋହିତ ରଙ୍ଗର ଶାଢ଼ୀ ପିନ୍ଧା
ସଦ୍ୟ ଯୁବତୀର ସୃଷ୍ଟି କରୁଛୁ ଭ୍ରମ,
ବେଳେ ବେଳେ ତତେ ଦୂରରୁ ବି ଦେଖେ
ତିର୍ଯ୍ୟକ୍ ସୌର କିରଣରେ
ଯେବେ ଚକ୍ ମକ୍ କରୁଥାଉ
ଆଃ.....କି ସୁନ୍ଦର ସେ ଦୃଶ୍ୟ,

ଥରେ ଥରେ ତୋ ପାଖକୁ ବି ଯାଏ
ବିମୋହିତ ହୋଇ
ଛୁଇଁ ଦିଏ ପ୍ରସ୍ଫୁଟିତ ପାଖୁଡ଼ାକୁ
ସ୍ୱତଃ ହସ୍ତ ମୋର ନାସା ପାଖକୁ ଆସେ,
କିନ୍ତୁ ହୁଏନି ମୁଁ ବିଚଳିତ
ଏକଥା ଜାଣିବି ଯେ ନାହିଁ ତୋର ବାସ ।

ବୌଦ୍ଧ, ଓଡ଼ିଶା, ୭୬୨୦୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦେଶେ ସ୍ୱଦେଶ ସ୍ମୃତି



ମାନସ ରଞ୍ଜନ ନାୟକ

ଜୀବନ ଜୀବିକାର ପ୍ରତିଦ୍ୱନ୍ଦ୍ୱିତାରେ, ଭିଟାମାଟି ଦୁଃସ୍ୱପ୍ନ
ଚେତନାର ଚୌହଦୀରେ କ୍ଷୀଣ ଶୁଭେ,ହରେରାମ ହରେକୃଷ୍ଣ□
ହଜିଛି ଆତ୍ମୀୟତା, ବିବିଧତା ସତ୍ତ୍ୱେ ଭାଷାର ପ୍ରଗଲ୍ଭତା
ପ୍ଲାଷ୍ଟିକ୍ ଟଙ୍କା ବଜାରରେ ,ମହଙ୍ଗା ମିଳେ ନିରୁତା ମମତା□

ପାସୋରିଛି ଶୀତ, ଗରମ, କୁହୁଡି, କାକର ର କ୍ୟାଲେଣ୍ଡର୍
ଶୁଭେନି ଅର୍ଦ୍ଧ ରାତ୍ରୀରେ ଏଠି, ବାହାଦୁର୍ ସ୍ୱର ହୁସିଆର୍□
ବିକାସ ର ଚଉଡା ରାସ୍ତାରେ ଅବିଚ୍ଛିନ୍ନ ପ୍ରଗତି ର ରାହା
ସ୍ମୃତିରୁ କ୍ରମେ ଇତିହାସ ସାଜେ, ରଜ କି ଦୋଳ ସବୁ ସ୍ୱାହା □

ଚାଖଣ୍ଡେ ଉଦର ଲାଗି, ଶହସ୍ର କୋଶ ଭୂଗୋଳ ବିସ୍ଥାପନ
ପଥର ଛାତିରେ ବୁଢା ବାପ'ର, ପୁଅକୁ ଶେଷ ଆଲିଙ୍ଗନ□
ବଢିଛି ଶିକ୍ଷା, ବୁଝିଛି ଦୀକ୍ଷା, କମିଛି କି ମୋକ୍ଷର ପ୍ରତୀକ୍ଷା ?
ଉନ୍ନତିର ପିଆଲାରେ, କକ୍ଷା ପରେ କକ୍ଷା କେବଳ ଆକାଂକ୍ଷା□

ବଦଳୁଛି ସମୟ, ବଦଳେ ଆଭିମୁଖ୍ୟ, ଚାଳିଛି ସ୍ପନ୍ଦନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଦାସ ମନରେ କେବେ ଶୁଭିଯାଏ, ଗାଁ'ର ଖୋଳ ସଂକୀର୍ତ୍ତନ□
ସଭ୍ୟତା, ପରମ୍ପରା, ସଂସ୍କାରକୁ ମଣେ ପ୍ରହେଳିକା'ର ଫାସ
ପ୍ରଭୁତ୍ୱର ଅଭୀପ୍ସାରୁ ସାଜେ, ଜଡ ବସ୍ତୁବାଦୀତା'ର ଦାସ□

ପ୍ରାପ୍ତି ପରିତୃପ୍ତିର ସମ୍ମୋହନେ ଜିତିଛି ଖାଲି ନିଃସଙ୍ଗତା
ଅବଶୋଷର ଗାଦିପରେ ପୁଳା ପୁଳା ଟଙ୍କାର ଅଭିଜ୍ଞତା□
ଶୁଷ୍କ ହସର ବ୍ୟବହାରିକତାରେ ସରିଛି ଅନ୍ତରଙ୍ଗତା
ସମ୍ପର୍କର ସମୀକରଣରେ ଏଠି ଖାଲି ସ୍ୱାର୍ଥ ସଂକୀର୍ଣ୍ଣତା □

ଅନ୍ତଃକରଣରେ ପଢିପାରେ ଜୀବନର ସ୍ଥୂଳ ମୂଲ୍ୟବୋଧ
ବିଦେଶୀ ମାଟିରେ ବୁଣେ ସ୍ୱଦେଶୀ ପିଢିର ବୀଜ ଅବବୋଧ□
ପାରିବ କି ପର କରି ମାତୃଭୂମି ମାତୃଭାଷାର ମମତ୍ୱ
ସ୍ୱଦେଶ ପ୍ରୀତି ପାଖେ ନିଅଣ୍ଟିଆ ହଜାର ମାଇଲ୍ ଦୂରତ୍ୱ□

ମଞ୍ଜୁରୀ ରୋଡ୍, ଭଦ୍ରକ
ଭ୍ରାମ୍ୟଭାଷ- ୯୮୯୦୮୫୦୪୭୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଲୋକଙ୍କ ସାହିତ୍ୟ



ଭାରତୀ ମୁଦୁଲି

ଲୋକ ସଂସ୍କୃତିର ଅନ୍ୟତମ ଅଂଶ ଲୋକସାହିତ୍ୟ
ସମସ୍ତେ କହିଆସୁଛନ୍ତି ତାକୁ ମୌଖିକ ସାହିତ୍ୟ □

ପଲ୍ଲୀ, ଲଘୁ ଓ ଜନ ସାହିତ୍ୟ ଭାବରେ ଖ୍ୟାତ
କାହିଁ କେଉଁ ଯୁଗରୁ ଜଡ଼ିତ ମାନବ ହୃଦୟ ସହିତ □

ଅଛି ଏଥିରେ ଲୋକଗୀତ, ଲୋକଗଳ୍ପ ଓ ଲୋକନାଟକ
ମୁଖ ଓ କାନରେ ପ୍ରଚାର-ପ୍ରସାର କରେ ଲୋକସାହିତ୍ୟିକ □

ନାହିଁ ଏହାର ନିର୍ଦ୍ଦିଷ୍ଟ ଧର୍ମ,ସମ୍ପ୍ରଦାୟ ଓ ଜାତି
ସୁଖ, ଦୁଃଖ, ହାନି ଓ ଲାଭ ଏହାର ପରିଚିତି □

ଥାଏ ଏଥିରେ ନାରୀ, ପୁରୁଷ ଓ ଶିଶୁର ମନକଥା
ଲୋକକବି ଗାଏ ତାହାର ବିଷାଦ ଓ ବାସ୍ତବ କଥା □

ଗଠିତ ଏହା ରଙ୍ଗୀନ ଅନୁଭୂତି ଓ ଅଭିଜ୍ଞତାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଲ୍ଲୀଜନତାର କ୍ଷତବିକ୍ଷତ ଓ ସଂଘର୍ଷ ଜୀବନବ୍ୟଥାରେ 

ସମାଜ, ପରିବେଶ ତାହାର ଶୋଭାପାଏ ଏଥିରେ

ଗାଇ ଚାଲିଥାଏ ନ ଥକି ଅଜ୍ଞାନରେ ଓ ଅଜାଣତରେ 

ବନମାଳୀପୁର,ଖୋର୍ଦ୍ଧା

ଦୂରଭାଷ-୭୭୩୫୭୮୮୩୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ତୁମ ଆଶାରେ



ଭବାନୀ ଶଙ୍କର ଦାଶ

ହୃଦୟେ କୋହ ନୟନେ ଲୁହ,
ଆପଣା ହୋଇଛି ଆଜି
ଅଧରର ହସ ପାଉନି ମୁ ଆଜି,
ତୁମ ପ୍ରତିଛବି ଖୋଜି □

ଭାବ ଗିଲାସରେ ଶ୍ରଦ୍ଧା ରସ ଭରି,
ଶେବନ କରାଇଥିଲ ମୋତେ
ବିରହର କଷ୍ଟ ଦୁର କରିଥିଲ,
ମନରୁ ଯାଉନି ସତେ□

ସୂର୍ଯ୍ୟର କଁଅଳ କିରଣକୁ ଦେଖି,
ବେଶୀ ମନେ ଆସ ତୁମେ
ଗୋଧୂଳି ଜହ୍ନ ଆଲୋକେ କାହିଁକି,
ଆକାଶେ ଦିଶଇ ତୁମେ□

ଏକାନ୍ତରେ ମନ ମୋର ତୁମ ଆଶାରେ,
ଲାଂଛନା କରି ଚାଲେ ମୋତେ
ତୃଟି ମୋର ରହିଗଲା ବୋଲି,
ଛାଡି ଚାଲି ଗଲେ ମୋତେ.......
ଫେରି ପାଇଲି ମୁଁ ନାହିଁ ତୋତେ□

ଠିକଣା-ଗୌରାଦେଇପୁର, କୋଦଳା, ଗଞ୍ଜାମ,
ଓଡ଼ିଶା, ୭୬୧୦୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବକ୍ରଦୃଷ୍ଟି - ୧୯୩୬



ଦୀନବଂଧୁ ବେଜ

ସେଦିନ ପରି ଆଜି କଣ ଅଛି
ଉଣେଇ ଶହ ଛତିଶ ମସିହା
ସମ ସଂଗ୍ରାମର ସ୍ୱର..,
ବୁଲୁଛନ୍ତି କି ମାଟିର ମଣିଷ
ମତୁଆଲା ସ୍ୱାଧୀନ ସଇନ ପରି
ଦାଣ୍ଡ ପିଣ୍ଡା ବାର ଶୁଣ୍ଡି
ହୋଇ ଘର ଘର □

ଲକ୍ଷ୍ୟ ଅଛି କି ଛିନ୍ନ ପାଇଁ
ମାତୃଭୂମି ପାଦର ବେଢି
ଅବା ହସ୍ତର ବନ୍ଧନ ଶୃଙ୍ଖଳ,
ସବୁ ଭୂଲି ବୁଲିଲେ
ପୂର୍ଣ୍ଣ ହେବ ସ୍ୱାର୍ଥର ଗଣ୍ଠିଲି
ମାଟିକୁ ତାଡ଼ି ବିକିଲେ
ମିଳିବ ଶୀଘ୍ର ଲୋକପ୍ରିୟ □

ମଞ୍ଚରେ ସାଲ ବଡ଼ ଟ୍ରଫି
ମିଳିବକି ସ୍ୱାଭିମାନୀ
ଦେଶପ୍ରେମୀ ମାଟି ମଣିଷକୁ,
ମଞ୍ଚ ମିଳିବା ସ୍ୱପ୍ନ
ଅପହଞ୍ଚ ଇଲାକାରେ ତୁମେ
ତୁମ କାମର ସୁଫଳ
ମିଳୁଛି ସ୍ୱାର୍ଥୀର ଝୋଲିକୁ□

ସବୁ ଏଠି ପ୍ରହସନ
ତଳିପକା ଲୋକ ଦେଖାଣିଆ
ପିଟୁଛନ୍ତି ନିଜ ଢୋଲ ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାହାଡ଼କୁ ଚଲୁ କରି

ପିଇ ସମୁଦ୍ରର ସବୁତକ ପାଣି

ପବନ ସାଥିରେ ମିଶି

ପାଇବାକୁ ସର୍ବଶ୍ରେଷ୍ଠ ପଦ□

ଆମ୍ଭ ପାଇଁ ସବୁ ତୁଚ୍ଛ

ଅସହିଷ୍ଣୁ ଭାବ ସବୁ ଯାକ

ଜୟ ଜୟ ଧ୍ୱନୀ,

ଗେଣ୍ଡୁମାଳ ପୁଷ୍ପଗୁଚ୍ଛ

ରେଶମ ଶାଲର ଘୋଡଣୀ

କ୍ଷଣକରେ ହେବ

ବହୁଥିବା ଯମୁନା ଉଜାଣୀ □

ଏମ୍ ଭି-୧୯, ମାଲକାନଗିରି

ଭ୍ରାମ୍ୟଭାଷ : ୭୬୮୩୯୭୦୨୨୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛୋଟ ମୋର ଗାଁ'ଟି



ନିତ୍ୟ ରଞ୍ଜନ ନନ୍ଦ

ଛୋଟ ମୋର ଗାଁ'ଟି,
'ଗୁଗୁଲ୍-ମ୍ୟାପ୍' ଭିତରେ ସିନା
ରହିଛି ତା'ର ନାଁ'ଟି,
ଛୋଟ ମୋର ଗାଁ'ଟି□

ଏଇଠି ଅଛି 'କ୍ଲଅବ-ଘର',
ମଝି ଦାଣ୍ଡରେ 'ଲଖମୀ-ଘର',
କେନାଲ-ଦାଢେ ମଦ ପ୍ରଚୁର
'ଘରଭଙ୍ଗା'ଙ୍କ ସାହାଟି,
ଛୋଟ ମୋର ଗାଁ'ଟି□

'ଅଧା-ବରଷ' ମାଇକି ବାଜେ,
ଛାତି ଥରେଇ କମ୍ପଇ ଡି.ଜେ,
କଅଁଳା-ଛୁଆ ନପାରେ ଶୋଇ
କାନ୍ଦୁଥାଏ ତା ମାଆଟି,
ଛୋଟ ମୋର ଗାଁ'ଟି□

କେହି କାହାକୁ ମାନନ୍ତି ନାହିଁ,
କେହି କା' 'ଶିରି' ଦେଖନ୍ତି ନାହିଁ,
'ସର୍କାରୀ-ଦୟା' ଚାଉଳ ଗଣ୍ଡେ
'ଅଧା-ଲୋକ'ଙ୍କ ସାହାଟି,
ଛୋଟ ମୋର ଗାଁ'ଟି□

'ଭୋଓଟ' ବେଳେ କେତେ ଯେ ଦଳ !
କାହୁଁ କେଜାଣି ଆସଇ ବଳ !!
ମାଡ଼ଗୋଳ ଓ 'ମୁଣ୍ଡ-ଫଟା'ରେ
ଗାଁ'ର ଅଛି ନାଆଁଟି,
ଛୋଟ ମୋର ଗାଁ'ଟି□

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଧାରୁ ବେଶୀ ଜମି 'ପଡିଆ',

ସତେ ଯେମିତି ସବୁ 'କୋଢ଼ିଆ'

ଜିନ୍ସ-ପୋଷାକ, ସ୍ମାର୍ଟ୍-ଫୋଓନ

ସତେ ବଞ୍ଚିବା ରାହାଟି !

ଛୋଟ ମୋର ଗାଁ'ଟି□

ଲୋକଙ୍କ କାଳେ ଚଳିବା 'ଫର୍ଚ୍ଚା',

ଚାଲଇ ରାଜନୀତିର 'ଚର୍ଚ୍ଚା',

ଗଣ୍ଡାକୁ ଗଣ୍ଡା ବି.ଏ ଓ ଏ.ମେ,

ହଲାନ୍ତି ଖାଲି 'ବାହା'ଟି

ଛୋଟ ମୋର ଗାଁ'ଟି□

ଗାଁ'ର କିଛି ବୁଢା ଓ ବୁଢୀ,

ପେଟ-ବିକଳେ ଛାଡନ୍ତି ରଡି,

ଭେଣ୍ଡିଆ-ପୁଅ ନ ଦିଏ 'ଦାନା',

ସେ ତାଙ୍କ ବାପା ମାଆଟି !!

ଛୋଟ ମୋର ଗାଁ'ଟି□

ଝଗଡା କିଛି ହେଲେ ଗାଁ'ରେ,

ଗାଁ' ଭିତରେ ତୁଟି ନ ପାରେ,

କିଏ କାହିଁକି ଶୁଣିବ କିଛି,

ଆମ ଗାଁ' ଫାଣ୍ଡି 'ସାହା'ଟି,

ଛୋଟ ମୋର ଗାଁ'ଟି□

ଏଇ ଗାଁ' ଛାଡି କୁଆଡେ ଯିବା ?!

ଏଠି ଜନମ,ଏଠି ମରିବା,

ଯେମିତି ହେଲେ ଚଳେଇ ନେବା

ଆମ ଜୀବନ 'ନାଆ'ଟି,

ଛୋଟ ମୋର ଗାଁ'ଟି□

ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ବର

ମୋ - ୯୪୩୭୦୭୮୪୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜନକ - ଜନନୀ



ପଙ୍କଜ କୁମାର ମଙ୍ଗଳ

ଦୁନିଆ ବୁକୁରେ ସମ୍ପର୍କ ଯେତେ
ଏ ସମ୍ପର୍କ ଅତୁଳନୀୟ,
ନାତି ନାତୁଣୀଙ୍କ ସ୍ନେହରେ ଅନ୍ଧ ସେ
କେବେ ଲୁହ ସହି ନଥାଏ□

ବଇରି ପଛେ ସଂସାର ହେଉ
ତା ପଣତରେ ଘୋଡଇ ନିଏ,
କଣ୍ଟା ଟିଏ କେବେ ସ୍ପର୍ଶ ହେବନାହିଁ
ଯେତେଦିନ ପାଖେ ଥାଏ□

ଯେଉଁ କୁମରର ଦୋଷତ୍ରୁଟି ଦେଖି
ଦିନେ ଶାସନ ସେ କରୁଥିଲେ,
ଆଜି ସେହି ବାପା ଜମା ଛାଟ ଧରିପାରିବନି
ତା ସନ୍ତାନର ଭୁଲ ଥିଲେ□

ଜ୍ଞାନ ଥାଉ କି ନଥାଉ ତାଙ୍କ କାହାଣି ଭିତରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାଗଦବୀଙ୍କ ଆଶିଷ ଅଛି,

କୋଳେ ମୁଣ୍ଡ ରଖି ଗପ ଶୁଣୁଥିଲେ

ଲାଗେ ଜ୍ଞାନ ସାଗରରେ ମୁଁ ବୁଲୁଛି।

ରହିଥାଉ ପଛେ ବୟସର ତାରତମ୍ୟ

ସେ ସାଙ୍ଗ ନାତି ନାତୁଣୀଙ୍କ ପାଇଁ,

ଏମିତି ସମ୍ବନ୍ଧ ମହୀତଳେ ଜନକ-ଜନନୀର

ଚିରଦିନ ଥିବ ରହି।

ବଡ଼ପାହି, ଭୋଗରାଇ, ବାଲେଶ୍ୱର।

ଦୂରଭାଷ-୭୭୪୯୯୩୭୬୮୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଓଡ଼ିଶା ଗାଏ ଉତ୍କର୍ଷର ଗାଥା



ସଞ୍ଜୀବ କୁମାର ଦାସ

ଆଗକୁ ଚାଲିଛି ଦେଖ ମୋ ଉତ୍କଳ ଦେଶ ଉତ୍କର୍ଷର ଧାରା ବୋହି
ଆହୁରି ଚାଲିବ ପଡିବନି ଥକି ବାକି କାମ ତା'ର ସରି ନାହିଁ !
ଶତାୟୁ ଲଭିବ ବର୍ଷ କେଇଟାରେ ପ୍ରଗତିକୁ ମୂଳମନ୍ତ୍ର କରି
ଦେଶ ବିଦେଶେ ଏଇ ଉତ୍କଳର ପଡୁଛି ସିନା ପ୍ରଶଂସାର ହୁରି ।
ସ୍ୱତନ୍ତ୍ର ପ୍ରଦେଶ ଗଢି ତୋଳିବାରେ ଉତ୍କଳ ମା'ର କୃତି ସନ୍ତାନ
କଳି କି ପାରିବା ଦାୟାଦ ଆମେରେ ତାଙ୍କ ଅନବଦ୍ୟ ଅବଦାନ !
କେତେ ଝଡଝଞ୍ଜା ସହିକି ଆପଣେ କଲ ସମରୁଦ୍ଧ ଉତକଳ
ବିକାଶର ରଥ ଟାଣିଥିଲ ଯା ଦିଶଇ ଏବେ କେତେ ଝଲମଲ !
କଳା ସଂସକୃତି ଉତ୍କର୍ଷ ଭାଷା ଯା ପାଇଛି ଶାସ୍ତ୍ରୀୟ ସିକୁରିତି
ମହାନୁଭବଙ୍କ ମହାର୍ଘ ପଦାଙ୍କ ଆଦରି ଚାଲୁଛୁ ଦିବାନିଶି ।
ରାଇଜର ସବୁ ପ୍ରାନ୍ତରରୁ ଉଭା ହୋଇଥିଲେ ଯେଉଁ ଗୁଣୀ ଗଣ
ଗଜପତି କୃଷ୍ଣଚନ୍ଦ୍ର ପଣ୍ଡିତ ନୀଳକଣ୍ଠ ଉତ୍କଳ ଗୌରବ ମଧୁସୂଦନ ।
ଆମରି ଭାଷାକୁ ଋଦ୍ଧିମନ୍ତ କଲେ କଥା ସମ୍ରାଟ ଫକୀରମୋହନ
କାନ୍ତକବି କବିବର ଉତ୍କଳକେଶରୀ ନୀଳମଣି ଆଦି ଲଭନ୍ତି ସନମାନ ।
ଅଠାଅଶୀ ଜନମ ବାସରେ ଶାନ୍ତିପ୍ରିୟ ଓଡ଼ିଆ ଯେ ଆମେ ପାଳୁଛୁ ଆଜି ଦିବସ
ଜଗତର ନାଥ ସହାୟ ହୁଅନ୍ତୁ ମୋ ରାଇଜ ଲଲାଟେ ବିରାଜୁ ବିକାଶର ଚିତ୍ରପଟ ।
ବନ୍ଦେ ଉତ୍କଳ ଜନନୀ .........

ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ
ଏମ ଏମ ଟି ସି ଲିମିଟେଡ଼
(କେନ୍ଦ୍ର ସରକାରଙ୍କ ଏକ ବାଣିଜ୍ୟିକ ସଂସ୍ଥା )

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରତୀକ୍ଷା



ବାସନ୍ତୀ ଲତା
ଜେନା

ଥରେ ଆସିବକି ପ୍ରଭୁ ଆସିବ କି
ଥରେ ମୋ ଘରକୁ ବୁଲି ଆସିବକି
ନିତି ଚାହିଁଛି ମୁଁ ଆସିବ ଆସିବ
ମୋ ହାତରୁ ପିଠା ଖାଇବକି
ଥରେ ଆସିବକି...... ( ଘୋଷା )

ମୋହନ ମୁରଲୀ ହେ କଳା କହ୍ନେଇ
ସ୍ନେହ ଶରଧାରେ ବସିଛି ଅନାଇ
ଏ ମର୍ତ୍ତ୍ୟ ଭୁବନେ ମୋହନ ମୂରତି
ମୋ ପାଇଁରେ ବଂଶୀ ବାଜିବକି
ଥରେ ଆସିବକି...... ।୧।

ଅନାବନା ଫୁଲେ ମାଳା ମୁଁ କରିଛି
ଚନ୍ଦନ ତୁଳସୀ ସଜାଇ ରଖିଛି
ଦୟାଣାର ମାଳ ଗୁନ୍ଥି ମୁଁ ଦେଇଛି
ମୋ ହାତରୁ ତୁମେ ପିନ୍ଧିବକି
ଥରେ ଆସିବକି ପ୍ରଭୁ..... ।୨।

ବିଦୁର ଘରରେ ଶାଗ ଭଜା ଖାଇ
ବନ୍ଧୁତ୍ୱ ପ୍ରେମରେ ଥିଲ ବାନ୍ଧି ହୋଇ
ଭାତ ତରକାରୀ ରାନ୍ଧିଛି ଠାକୁରେ
ମୋ ହାତରୁ ମୁଠେ ଖାଇବକି
ଥରେ ଆସିବକି...... ।୩।

ଶୟନେ ସପନେ ତୁମକୁ ଦେଖୁଛି
ତୋ କଳା ମୁଖକୁ ଅନାଇ ରହିଛି
ଶ୍ରୀଚରଣେ ସ୍ଥାନ ହେ ନନ୍ଦ ନନ୍ଦନ
ଅଭିଳାଷ ପୂର୍ଣ୍ଣ କରିବକି
ଥରେ ଆସିବକି........ ।୪।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଓଡ଼ିଶା



ମଧୁସ୍ମିତା ସାହୁ

ଓଡ଼ିଆ ଜାତିର ଅତି ଆପଣାର,
ମୌଡମଣୀ ନୀଳବ୍ରହ୍ମ,
ଘଁଟଘୋଡାଇ ଆଡ ଆଖିଚାହୁଁଛ,
ଆମ ଦିଅଁ ପରଂବ୍ରହ୍ମ□□

ତୁମ ଶୁଭାଶିଷ  ପାଇଁ  ଶ୍ରୀମନ୍ଦିର,
ନୀଳଚକ୍ର ଫିରିଫିରି,
ଭାଷା ସଂସ୍କୃତି କଳାକୃତି ସମ୍ପତ୍ତି,
ବାନା ଉଡେ ତିରିତିରି□□

ଓଡ଼ିଆ ବୋଲି ଗର୍ବରେ କହୁଅଛି,
ମୋର ସ୍ୱରାଜ୍ୟ ଓଡ଼ିଶା,
  ମୁଖ୍ୟ ପରିଚୟ ପାଇଅଛି ମୁହିଁ,
ଜନ୍ମରୁ ଓଡ଼ିଆ  ଭାଷା□□

ଆମ  ଜନ୍ମମାଟି ଟେକ ଯଶକୀର୍ତ୍ତି,
ଅଖଣ୍ଡ ଗୌରବମୟ,
ପର୍ଯ୍ୟଟନ ସ୍ଥଳୀର  ଅଜସ୍ର ଖ୍ୟାତି,
ଅଜସ୍ର ସୌନ୍ଦର୍ଯ୍ୟ ମୟ□□

ପୁରୀ ଶ୍ରୀ କ୍ଷେତ୍ରରେ ଜଗାଠାକୁରଙ୍କ,
ଅକ୍ଷୁର୍ଣ୍ଣ ଲୀଳା ଅମର,
ମାଁ ଲକ୍ଷ୍ମୀ ସାଆନ୍ତାଣୀ  ଦିଅନ୍ତି ଅନ୍ନ,
ଖୋଲି ଆନନ୍ଦ ବଜାର□□

ପ୍ରକୃତିର ମହନୀୟ ଉପହାର,
ଦାରିଙ୍ଗବାଡି କାଶ୍ମୀର,
ଶିମିଳିପାଳ ଅଭୟାରଣ୍ୟ ସ୍ଥାନ,
ସିଲ୍କ ସିଟି ବ୍ରହ୍ମପୁର□□

ପାଟଶାଢ଼ୀ ପିନ୍ଧି ଆଚାର ପାମ୍ପଡ,
ଖାଇବା ହୁଏ ଗଞ୍ଜାମ,
ବହୁଜନ ସଂଖ୍ୟା ଲାଗି ଦାଦନ ଖଟିବା,
ହାଡ଼ଭଙ୍ଗା ପରିଶ୍ରମ □□

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ୍ଦିର ମାଳିନୀ ଭୁବନେଶ୍ବରରେ,

ଦେବଦେବୀ ଅବସ୍ଥିତ,

କୋଣାର୍କ ସୂର୍ଯ୍ୟ ମନ୍ଦିର ,ରାମଚଣ୍ଡୀ,

ଐତିହ୍ୟ ବହୁଚର୍ଚ୍ଚିତ□□

କଳାହାଣ୍ଡିଠାରେ ଲାଗୁନାହିଁ କଳା,

ଜଳମଗ୍ନ ଢେଙ୍କାନାଳ,

ଚାରୁ ଚିତ୍ରିତ ଚିଲିକା ହ୍ରଦ  ରହି,

ତାଳଚେର ମିଳେ ତାଳ □□

ଇତିହାସ ବାଣପୁର ଭଗବତୀ,

ଭୂଗୋଳ ସମ୍ବଲପୁର,

ରାଜନୀତି ହୁଏ କଟକ ସହରେ,

ଚିତ୍ର ନବରଙ୍ଗପୁର□□

ମୁଢ଼ି ମାଂସ ସୁବିଖ୍ୟାତ ବାଲେଶ୍ୱର,

ନୟାଗଡ଼ ଛେନାପୋଡ଼,

ବିଶ୍ୱପ୍ରଖ୍ୟାତ ସୁନ୍ଦରୀ ରହିଥାନ୍ତି,

ସମସ୍ତେ ସୁନ୍ଦରଗଡ଼□□

ଓକିଲ ମାନଙ୍କ ସହିତ ନ୍ୟାୟର

ଅଦାଲତ ରାୟଗଡ଼ା,

ଖଣିଜର ସମ୍ପଦରେ ଭରପୁର,

ରହିଥାଏ ସୁନାବେଡ଼ା□□

କୋରା  ଖାଇବାକୁ ଇଚ୍ଛା ଥିଲେ ଯିବା,

ସବୁ ମିଶି କୋରାପୁଟ,

ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର,

ଉଠାଇ ରଖିବା ଫୋଟ□□

କୃଷ୍ଣ ପିନ୍ଧି ଥିବାର ମୟୂର ଚୂଳ

ମୟୂରଭଞ୍ଜ ଜିଲ୍ଲାର,

ସ୍ୱାଧୀନତା ପାଇଁ ପାଇକ ବିଦ୍ରୋହ,

ଅମରଯଶ ଖୋର୍ଦ୍ଧା ର□□

ସାରା ରାଜ୍ୟଟିକୁ କେନ୍ଦ୍ର କରିରଖେ,

କେନ୍ଦ୍ରାପଡ଼ା ନାମଧାରୀ,

ଟିଟଲାଗଡ ର ଫୁଲ ବଗିଚାର,

ବାସ୍ନା ଭାରୀ ମନୋହରୀ□□

ଗୋଟିଗୋଟି କରି କଥା ବଖାଣିଲେ,

ସୂରୁଜ ହୋଇବ ଅସ୍ତ,

ବିଭିନ୍ନ କାର୍ଯ୍ୟକୁ ବିରତି କରାଇ,

କବିତା ଲେଖାରେ ବ୍ୟସ୍ତ □□

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ,

ଓଡ଼ିଶା, ମୋ—୯୩୪୮୨୮୫୪୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବେଦୟା ଭାବ ଜଗତେ ଶ୍ରେଷ୍ଠ



ରଞ୍ଜିତା ରାଉଳ

ମାନବ ଜୀବନ ଶ୍ରେଷ୍ଠ ଜୀବ ଭାବେ
ଜଗତରେ ଲଭିଥାଏ
ଜୀବେଦୟା ଭାବ ହୃଦୟେ ରଖିଲେ
ଶ୍ରେଷ୍ଠ ପରିଚୟ ପାଏ □□

ଜୀବ ପ୍ରତି ସଦା ଦୟା ଭାବ ରଖି
ସୁରକ୍ଷା ପ୍ରଦାନ ହିତ
ବିନାଶ ନକରି ବିକାଶ ଦିଗରେ
ହେଉଥିବା ଅଗ୍ରଗତ □□

ସରଳ ଜୀବନ ସାଧୁବାଦ ଜ୍ଞାନ
ଜଗତ କଲ୍ୟାଣ ପାଇଁ
ଯୁଗ ଯୁଗ ପାଇଁ ସର୍ବୋଚ୍ଚ ସମ୍ମାନେ
ଇତିହାସ ରଚେ ସେହି □□

ଏ ମର୍ତ୍ତ୍ୟମଣ୍ଡଳେ ସାଧୁସନ୍ଥ ସଙ୍ଗେ
ଚିନ୍ତନ ମନ ନିର୍ମଳେ
ସୁବିଚାର ଏବଂ ଈଶ୍ୱର ବିଶ୍ୱାସେ
କୋଟି ପୂଣ୍ୟ ତୀର୍ଥ ମିଳେ □□

ନିଷ୍ଠୁର ପଣକୁ ଜଳାଞ୍ଜଳି ଦେଲେ
ମନେ ଆଣେ ଶାନ୍ତି ପ୍ରୀତି
ଉତ୍ସର୍ଗୀକୃତ ଓ ଦୟାଭାବ ଥିଲେ
ବୈକୁଣ୍ଠ ପୁର ଯେ, ପ୍ରାପ୍ତି □□

ଉପସଭାପତି, ଜାତୀୟ କବି ଲେଖକ ସଂଗଠନ,
ଭଦ୍ରକ (ଓଡ଼ିଶା), ଜିଲ୍ଲା -(ଅନୁଗୋଳ)
ଦୂରଭାଷ : ୮୪୯୮୮୦୧୪୨୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କରୁଣା ଟିକିଏ କର



ନିରୁପମା ପାଣି

ଲୋଭ ବଢିଯାଏ ଦେଖି ହେ ଠାକୁର
ଲୋଭ ବଢିଯାଏ ଦେଖି
ଅମାପ ଦୌଲତ ରତନ ଭଣ୍ଡାରେ
ଜଗିବସି ଅଛ ରଖି !!

ଜଗତରେ ବାଜେ ବାଜଣା ତୁମରି
ତୁମେ ବଡଦିଅଁ ବୋଲି
ସାରା ସଂସାରର ଅଧିପତି ପଦେ
ବସିଅଛ ଆଖି ମେଲି !!

ନିଜେ ତ ଖାଉଛ ଷାଠିଏ ପଉଟି
ବଗଡା ଚାଉଳ ଭାତ
ଛପନ ଭୋଗ ଯେ ନିତି ବନାଅନ୍ତି
ସିନ୍ଧୁସୁତା ଲକ୍ଷ୍ମୀ ମାତ !!

ରହିଅଛ ପୁଣି ବଡ ଦେଉଳରେ
ଲୀଳା କର ବଡଦାଣ୍ଡେ
ବଡ ମାଲିକ ଯେ ଜଗତେ ସାଜିଛ
ବଡରାଜା ଯେ ବ୍ରହ୍ମାଣ୍ଡେ !!

ଥରେ ତ ଦେଖୁନ ମୋହରି କଷଣ
ଉପାସିଆ ପେଟ ମୋର
ସତ ମୁଁ କହୁଛି ମାନି ବି ଯାଉଛି
ମୋତେ ତୁମେ ଭାବ ପର !!

ତେଲିଆ ମୁଣ୍ଡରେ ତେଲ ଢାଳୁଅଛ
ନୁଖୁରା ଗରିବ ମଥା
ନ କହି ନ କହି ଆଜି ଦେଲି କହି
ଠାକୁରେ ମୋ ମନ କଥା !!

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖି ଖୋଷିହୁଏ ମନେ ଭାଳିଥାଏ
ଲୋଭ ମୋର ଯାଏ ବଢ଼ି
ତୁମ ସୁନା ରୂପା ଅଳଙ୍କାର ଦେଖି
ଆସଯେବେ ରଥଚଢ଼ି !!

ପୁଣି ଭାବେ ଏଇ ସୁନା ରୂପା ମୋତି
କି ହେବ ଜୀବନେ ମୋର
ଥରେ କରିଦେଲେ କରୁଣା ଟିକିଏ
ହେଇଯିବି ମୁଁ ଉଦ୍ଧାର !!

ବିନତରା , ଚାନ୍ଦବାଲି , ଭଦ୍ରକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଯଦି ରାଜି ହୁଅନ୍ତ !



ଦେବାର୍ଚ୍ଚନ
ମେହେର

ତୁମେ ଯଦି ରାଜି ହୁଅନ୍ତ !
ତୁମ ମଥାରେ ସିନ୍ଦୂର ଟୋପାଏ ଦିଅନ୍ତି,
ତୁମେ ଯଦି ରାଜି ହୁଅନ୍ତ !
ତୁମ ଗଳାରେ ମୋ ନାମର ମଙ୍ଗଳ ସୂତ୍ର ବାନ୍ଧି ଦିଅନ୍ତି । ।

ତୁମେ ଯଦି ରାଜି ହୁଅନ୍ତ !
ତୁମ କର୍ଣ୍ଣେ କର୍ଣ୍ଣଫୁଲ, ନାକେ ନାକଫୁଲ ଗଢେଇ ଦିଅନ୍ତି,
ତୁମେ ଯଦି ରାଜି ହୁଅନ୍ତ !
ତୁମ ହାତରେ ଲାଲି ଶଙ୍ଖା, ପାଦରେ ପାଉଁଜି ପିନ୍ଧାନ୍ତି । ।

ତୁମେ ଯଦି ରାଜି ହୁଅନ୍ତ !
ତୁମକୁ ପାଟ ଶାଢ଼ୀ କିଣି ଦିଅନ୍ତି,
ତୁମେ ଯଦି ରାଜି ହୁଅନ୍ତ !
ତୁମ ସଙ୍ଗେ ମୁଁ ସାରା ଜୀବନ ବିତାଇ ଦିଅନ୍ତି । ।

ତୁମେ ଯଦି ରାଜି ହୁଅନ୍ତ !
ଅଗ୍ନିକୁ ସାକ୍ଷୀ ରଖି ତୁମକୁ ବିବାହ କରନ୍ତି,
ତୁମେ ଯଦି ରାଜି ହୁଅନ୍ତ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମକୁ ମୁଁ ମୋ ଘରର ଘରଣୀ କରନ୍ତି ।।

ତୁମେ ଯଦି ରାଜି ହୁଅନ୍ତ !
ମୁଁ ସାତ ସିନ୍ଧୁ ଡେଇଁ ତୁମକୁ ଆଣନ୍ତି,
ତୁମେ ଯଦି ରାଜି ହୁଅନ୍ତ !
ତୁମ ସବୁ ଇଚ୍ଛାକୁ ପୂରଣ କରିବା ପାଇଁ ଚେଷ୍ଟା କରନ୍ତି ।।

ତୁମେ ଯଦି ରାଜି ହୁଅନ୍ତ !
ତୁମ ସବୁ ଅଳି ଅର୍ଦ୍ଦଳି ସହି ଯାଆନ୍ତି,
ତୁମେ ଯଦି ରାଜି ହୁଅନ୍ତ !
ତୁମକୁ ମୋ ହୃଦୟରେ ସବୁ ଦିନ ପାଇଁ ସ୍ଥାନ ଦିଅନ୍ତି ।।

ତୁମେ ଯଦି ରାଜି ହୁଅନ୍ତ !
ତୁମ ନାଆ ମୋ ଛାତିରେ ଲେଖନ୍ତି,
ତୁମେ ଯଦି ରାଜି ହୁଅନ୍ତ !
ତୁମକୁ ସବୁବେଳେ ଗଳ୍ପ କହୁଥାନ୍ତି ।।

ତୁମେ ଯଦି ରାଜି ହୁଅନ୍ତ !
ତୁମକୁ ପୁରୀ ରଥ ଯାତ୍ରାକୁ ବୁଲେଇ ନିଅନ୍ତି,
ତୁମେ ଯଦି ରାଜି ହୁଅନ୍ତ !
ତୁମକୁ ଦାରିଙ୍ଗିବାଡି ବୁଲେଇ ନିଅନ୍ତି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମେ ଯଦି ରାଜି ହୁଅନ୍ତ !
ତୁମକୁ ପ୍ରତିଦିନ ମୁଁ ପାର୍କକୁ ବୁଲେଇ ନିଅନ୍ତି,
ତୁମେ ଯଦି ରାଜି ହୁଅନ୍ତ !
ତୁମ ସଙ୍ଗେ ଲମ୍ବା ରାସ୍ତାରେ ବୁଲିବାକୁ ଯାଆନ୍ତି । ।

ତୁମେ ଯଦି ରାଜି ହୁଅନ୍ତ !
ତୁମ ସହ ମୁଁ ଚବିଶ ଘଣ୍ଟା ସମୟ ବିତାନ୍ତି,
ତୁମେ ଯଦି ରାଜି ହୁଅନ୍ତ !
ତୁମ ସହ ମୁଁ ସବୁବେଳେ ଭ୍ରମଣ କରୁଥାନ୍ତି । ।

ତୁମେ ଯଦି ରାଜି ହୁଅନ୍ତ !
ତୁମ ସହ ମୁଁ ସବୁ ବେଳେ କଥା ହେଉଥାନ୍ତି,
ତୁମେ ଯଦି ରାଜି ହୁଅନ୍ତ !
ତୁମକୁ ମୁଁ ସବୁବେଳେ ଦେଖୁଥାନ୍ତି । ।

ତୁମେ ଯଦି ରାଜି ହୁଅନ୍ତ !
ତୁମ ସଙ୍ଗେ ମୁଁ ଶେଷ ନିଃଶ୍ୱାସ ଯାଏ ରୁହନ୍ତି,
ତୁମେ ଯଦି ରାଜି ହୁଅନ୍ତ !
ତୁମ ସଙ୍ଗେ ମୁଁ ଶେଷ ନିଃଶ୍ୱାସ ଯାଏ ରୁହନ୍ତି । ।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ, ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଭାଷା ଓଡ଼ିଆ



ଇଂ ସୌମ୍ୟରଞ୍ଜନ ଲେଙ୍କା

ଆମ ଭାଷା ଓଡ଼ିଆ
ସେତ ଭାରି ବଢିଆ !
କହିବା-ପଢିବା-ଲେଖିବା
ମାତୃଭାଷା ଓଡ଼ିଆ
ନିଶ୍ଚିୟ ଆମେ ବଢିବା
କିକାରଣେ ଲଜ୍ଜା କରିବା !
ଏ ମାଟିର ଐତିହ
ଗର୍ବ ଗୌରବ ସବୁ
ଟିକିନିଖି ଜାଣିବା
ଯାହା ନାହିଁ ଉତ୍କଳେ
ତାହା ନାହିଁ ମହୀତଳେ
କେବେ ଆଉ ବୁଝିବା ?

ଗଙ୍ଗାଠାରୁ ଗୋଦାବରୀ
ଆସ ମୋର ଓଡ଼ିଆ
ମାତୃଭୂମି ମାତୃଭାଷା ପାଇଁ
କିଛି ଭଲ କାମ କରିବା
ଇତିହାସ ସ୍ୱର୍ଣ୍ଣାକ୍ଷରେ
ନିଜ ନାମ ଲେଖିବା
ଆସ ସର୍ବେ ଏବେ
ସହୃଦୟେ ଗାଇବା
ଉତ୍କଳ ମାତାର ଗାଥା
ବନ୍ଦେ ଉତ୍କଳ ଜନନୀ ।।

ପାଳଧୂଆପଲ୍ଲୀ, ବାଣପୁର, ଖୋର୍ଦ୍ଧା:୭୫୨୦୩୫
ମୋ:୯୪୩୭୨୮୬୭୬୭
saumyaranjanlenka@gmail.com

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପସରା



କୀର୍ତ୍ତନ ସାହୁ

ତୁ ଦେଇଥିବା
ଭଲ ପାଇବାର
ମହାର୍ଘ ସତ୍ତାକୁ
ମୋ ଭଲ ପାଇବାର
ବେଢ଼ଣରେ ବେଶ୍
ସାଇତି ରଖିଛି
ମୋ ଏଇ ହୃଦ ପସରାରେ
ତୁ ଦେଇଥିବା
ପ୍ରୀତିର ପଦ୍ମ ଫୁଲ
ମୋ ପ୍ରୀତିର ଜ୍ୟୋତିରେ
କେମିତି ଚିକ୍ ଚିକ୍ କରୁଛି
ଆ ଦେଖି ଯିବୁ

ତୁ ଦେଇଥିବା
ହସର ମଧୁବନ
ମୋ ହସର ପରଶରେ
ଭାରି ସତେଜ
ସବୁଦିନେ ଯ୍ୱାରି ଭିତରେ
ତୁ ଦେଇଥିବା
ଲୁହର ମୁକ୍ତା
ବେଶ୍ ସୁରକ୍ଷିତ
ମୋ ସଦ୍ ଭାବର ଘୋଡଣିରେ
ଏଇ ମୋ ହୃଦୟ ପସରାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆ ଦେଖି ଯିବୁ

ତୋ ପ୍ରେମର ବିରଳ ଅର୍ପଣ

ମୋ ଜୀବନ ଜିଇଁବାର

ସାର୍ଥକ ଗତିଶୀଳତାରେ

ପାଦ ମିଳାଉ ଥିବ

ସାରାକାଳ

ମୁଁ ମିଳାଉ ଥିବାର

ମହତ୍ ମୁହୂର୍ତ୍ତକୁ

ଏଇ ପସରାରେ

ସୁରକ୍ଷିତ ରଖି ।

ମିଶ୍ର କଲୋନୀ


ଶାଳ ପଡ଼ା , କେନ୍ଦୁଝର

ଦୂରଭାଷ - ୯୪୩୮୪୧୪୭୦୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୋର ପ୍ରିୟ ପରିବାର



ପୂର୍ଣ୍ଣିମା ଦାଶ

ମୋ ପାଖେ ଅଛନ୍ତି ମୋର ପ୍ରିୟ ପରିବାର
ଅଛନ୍ତି ଘରେ ବାପା ମାଆ ଓ ଭଉଣୀ ମୋହର ।
ଜୀବନ ଆରମ୍ଭ ହୁଏ ତମଠାରୁ ମୋହର
ଏତିକି ଜାଣିଛି ଏ ଜୀବନେ ଅଛନ୍ତି ପ୍ରିୟ ପରିବାର ।
ତୁମ ହାତ ଧରି ଚାଲିବା ଶିଖିଛି ଏ ସଂସାରେ
ତୁମଠାରୁ ମିଠା ମିଠା କଥା ଶିଖିଛି ମୋହର ଜୀବନରେ ।
ସବୁ ତୁମ ଦାନ ଏ ଜୀବନେ ମୋହର
ତୁମେ ହିଁ ତାର ପ୍ରେରଣାର ମାଧ୍ୟମ ।
ତୁମ ବିନା ଜୀବନ ମୋହର ତୁଚ୍ଛ
ତୁମ ବିନା ଜୀବନେ ମୋହର ଊଣା ।
ଜିତିବାର କଳା ଶିଖାଇଛ ତୁମେ
ଜୀବନର ଯୁଦ୍ଧ ପଥରେ ।
ବଞ୍ଚିବାର ମାଧ୍ୟମ ଦେଖାଇଛ
ତୁମେ ଜୀବନର ପ୍ରତି ମୁହୂର୍ତ୍ତରେ ।
ତୁମେ ହିଁ ମୋର ଚଳନ୍ତି ଠାକୁର
କାହାକୁ ପୁଜୀବି କେମନ୍ତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମରି ଦୟାରୁ ଅଛି ମୁଁ ଏ ସ୍ଥଳେ

ମନେ ମନେ ଖୋଜୁଥାଏ,ତୁମକୁ ସଦାବେଳେ ।

ସ୍ନେହ ଶରଧାର ନାହିଁ ପଟାନ୍ତର

ତୁଳନା ନାହିଁ କାହିଁ ତୁମର ।

ତୁମକୁ କୋଟି କୋଟି ପ୍ରଣାମ

ମୋର ପ୍ରିୟ ପରିବାର ।

ମୋ ପାଖେ ଅଛନ୍ତି ମୋର ପ୍ରିୟ ପରିବାର ।।

ନାମ- ପୂର୍ଣ୍ଣିମା ବାଗ

ସ୍ଥାନ-ବଡ଼ସାହିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମ୍ପର୍କ



କଲ୍ୟାଣୀ ଦାସ

ସମ୍ପର୍କର ସେଇ ସେତୁକୁ ଚଢ଼ନ୍ତି
ସମୟ ସହ ମୁଁ ମିଶି
ସମ୍ପର୍କର ସଂଜ୍ଞା କଣ ଦେବି ମୁଁ
ଭାବେ ମୁଁ ଏକାନ୍ତେ ବସି ।

ସମ୍ପର୍କ କେବେ ସଜ ଗୋଲାପର
କଅଁଳ ପାଖୁଡ଼ା ପରି
ରଖିବାକୁ ହୁଏ ହୃଦୟ ପେଢ଼ିରେ
ପ୍ରେମର ଚାବିକୁ ଧରି ।

ସମ୍ପର୍କ ତା କେବେ ଯୋଡ଼େ ଦି ହୃଦୟ
ସ୍ନେହ ପ୍ରେମ ମିଶ୍ରଣରେ
ଭାଙ୍ଗିଯାଏ କେବେ ଆଘାତ ଲାଗିଲେ
ବିଶ୍ୱାସ ଭରସା ଘରେ ।

କିଏ କେବେ ହେଇଯାଏ ଆମପାଇଁ
ଜୀବନଠୁ ବି ଗୁରୁତ୍ୱପୂର୍ଣ
ସମ୍ପର୍କିତ ଜଣେ ସମ୍ପର୍କ ର ମୂଲ୍ୟ
ବୁଝିବା ମହତ୍ୱପୂର୍ଣ୍ଣ ।

ଆଦର ମମତା ସ୍ନେହ ପ୍ରେମ ହେଲେ
ସମ୍ପର୍କର ପୋଷକତା
ଯେତେଦୂର ଥିଲେ ବୁଝିହେଇଯାଏ
ସମ୍ପର୍କର ଗଭୀରତା ।

ବିଶ୍ୱାସ ସମ୍ମାନ ମୂଳଦୁଆ ହେଲେ
ସମ୍ପର୍କ ଟା ଶକ୍ତିଶାଳୀ
ସନ୍ଦେହରେ ସେତ କ୍ଷୁର୍ଣ୍ଣ ହୋଇଥାଏ
ନଷ୍ଟ ହୁଏ ଜଳି ଜଳି ।

ଲୋଚାପଡ଼ା, ବ୍ରହ୍ମପୁର, ୬୩୭୯୨୯୭୨୫୧

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ବେଙ୍ଗଳା ହେଲାଣି ସାତସପନ



ରାଧାମୋହନ ପୂଜାହାରୀ

ଯାନ୍ତ୍ରିକ ଯୁଗରେ ହଜିଅଛି ଆଜି
ପୂର୍ବ କୃଷି-ପରମ୍ପରା,
ଲୁପ୍ତପ୍ରାୟ କୃଷି-ସଂସ୍କୃତି ମୋ ଦେଶେ
ଦୃଶ୍ୟ ଅତି ଛାତିଥରା ।
ହଜି ଯାଇଅଛି ହଳ-ଲଙ୍ଗଳଟା
ହଜିଛି ଶଗଡ଼ ଆଜି,
ଚକ-ଅଖ ସବୁ ପଡ଼ିଛି ଗୁହାଳ
କୋଣେ ବିକଳାଙ୍ଗ ସାଜି ।
କୃଷକ ଭାଇ ମୋ ଆଧୁନିକ ଯନ୍ତ୍ର-
ପାତିରେ ଦେଇଛି ମନ,
ଶଗଡ଼-ଲଙ୍ଗଳ ସମ ହୋଇଲାଣି
ବେଙ୍ଗଳା ସାତ ସପନ । (୧)

କୃଷକ ଭାଇ ମୋ ମାଟି ସାଥେ ମାଟି
ହୋଇ ବିଲେ ଖଟୁଥିଲା,
ମୁଣ୍ଡଝାଳ ତୁଣ୍ଡେ ମାରି ସେ ସୁନାର
ଫସଲ ଅଜାଡୁଥିଲା ।
ପରମ୍ପରାଗତ ପଦ୍ଧତିରେ ନିଜେ
ବିଲକୁ ତା' ଚଷୁଥିଲା,
ତା' କସରତରେ ମାଟି ମାଆ ଦିନେ
ମନ ଖୋଲି ହସୁଥିଲା ।
କିନ୍ତୁ ଆଧୁନିକ ଯନ୍ତ୍ରପାତିରେ ସେ
ବଳାଇଛି ଆଜି ମନ,
ଶଗଡ଼-ଲଙ୍ଗଳ ସମ ହୋଇଲାଣି
ବେଙ୍ଗଳା ସାତ ସପନ । (୨)

କାର୍ତ୍ତିକରୁ ମାର୍ଗଶୀର ଶେଷ ଯାଏଁ
ଅମଳୁଥିଲା ସେ ଧାନ,
ସାରା ସଂସାରକୁ ଆହାର ଯୋଗାଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବଢ଼ାଉଥିଲା ତା' ମାନ ।

ଆପଣାଇ ନେଲା କୃଷି-ପ୍ରଣାଳୀକୁ

ନିଜେ ଆଧୁନିକ ସାଜି,

ଲଙ୍ଗଳ, ଶଇଳ, ଇଷ, ପିଚିକୀଳ

ଗଲେଣି ସଂସାରୁ ହଜି ।

ଧାନକଟା, ଧାନ ଅମଳେ ସେ ଯନ୍ତ୍ରେ

ରହିଛି ଭାରି ମଗନ,

ଶଗଡ଼-ଲଙ୍ଗଳ ସମ ହୋଇଲାଣି

ବେଙ୍ଗଲା ସାତ ସପନ । (୩)

ଧାନ କାଟି ତା'କୁ ନିହଣ ପକାଇ

ରଖୁଥିଲା ତା' ଜମିରେ,

ଧାନ ବିଡ଼ା ବାନ୍ଧି ଖଳାକୁ ଯତନେ

ନେଉଥିଲା ଧୀରେ-ଧୀରେ ।

ଗୋରୁଙ୍କ ମାଧ୍ୟମେ ବେଙ୍ଗଳା ପକାଇ

ଅମଳ ସେ କରୁଥିଲା,

ମୂଲିଆଙ୍କୁ କାମ ଦେଇ ତାଙ୍କ ଓଠୁ

ହସ ସେ ଝରାଉଥିଲା ।

ଆଜି କିନ୍ତୁ କାମ ନ ପାଇ ହୀନସ୍ତା

ହୁଅନ୍ତି ମୂଲିଆଗଣ,

ଶଗଡ଼-ଲଙ୍ଗଳ ସମ ହୋଇଲାଣି

ବେଙ୍ଗଳା ସାତ ସପନ । (୪)

ହଜିଲା ଶଗଡ଼, ହଜିଲା ବଳଦ

ହଜିଲା ହଳଲଙ୍ଗଳ,

ହଜିଗଲା ମଇ, ଦା', ବିଦା, ଜୁଆଳି

ହଜିଲା କୋଡ଼ି-କୋଦାଳ ।

ଚଷାପୁଅ ନିଜେ ତା' ଚଷାଜମିକୁ

ଭାଗ ଚାଷୀ ହାତେ ଦେଇ,

ବସେ ଆଜି ପ୍ରାକୃତିକ ବିପର୍ଯ୍ୟୟେ

ଜୀବିକା ଚିନ୍ତା ମୁଣ୍ଡେଇ ।

ହଜିଗଲା ଆଜି ପରମ୍ପରାଗତ

ତା' ଚାଷ ଉପକରଣ,

ଶଗଡ଼-ଲଙ୍ଗଳ ସମ ହୋଇଲାଣି

ବେଙ୍ଗଳା ସାତ ସପନ । (୫)

ଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ତାଳଚେର)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଧୁନିକତା



ଅମୃନାରାୟଣ
ଶତପଥୀ

ଆଧୁନିକତାର ଦ୍ୱାହି ଦେଇ,
କ'ଣ କେବେ ଭୁଲି ହେବ ଅତୀତର ଛାୟା ?
ଅବା ପୁଣି ଅତ୍ୟାଧୁନିକ ପ୍ରତିଭା,
କରିପାରିବ ଅତୀତର ସ୍ମୃତି ରୋମନ୍ଥନ ।
ଆଣି ପାରିବ କି ସେପରି ସଂଯୋଗ ଜାଗରଣ
କିମ୍ବା ପରିବର୍ତ୍ତନର ପୁନଃ ବିନ୍ୟାସ ।
ସତରେ କ'ଣ ଏହି ଆଧୁନିକତାର ବିଚାରରେ,
ସଚରାଚର ହେଉଛି ଉନ୍ମାଦ ପୁଣି ଗଣୁଛି ପ୍ରମାଦ ।
ଅଙ୍ଗେନିଭା ଅନୁଭୂତି ପରିପୁଷ୍ଟ ହୋଇପାରେ କିବା,
ଆଭାସୀର ଛତ୍ରଛାୟା ତଳେ,
ସତରେ କି କାୟା ପରିବର୍ତ୍ତନର ଝଙ୍କାର
ଆଧୁନିକତାର ଆହ୍‌ୱାନକୁ କରିବ ସଂଯୋଗ,
ପୁଣି କ'ଣ ପାଲଟିବ ଏ ମାନବ ଜାତି
ଆଦିମ ସଚରାଚର
ଧ୍ୱଂସ ଆଉ ପାଉଁଶର ଗଦା ପୁଣି ଥରେ
ହେବ କି ଉର୍ବର ପ୍ରାନ୍ତର ସମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଦିମ ହେବ କି ପୁଣି ଥରେ ଆଧୁନିକ

ଖଟାଇ ନିଜ ମସ୍ତିଷ୍କ

ଅବା ବିଲୀନ ହେବ ସେହି ରସାତଳ

ଧ୍ୱଂସାଭିମୁଖୀ ପାରାବାର ସୁନାମି କିମ୍ବା

ଉତ୍ତପ୍ତ ଆଗ୍ନେୟଗିରି ବିନାଶ ଲାଭାରେ ।

ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା କୋଣାର୍କ



ଦଣ୍ଡାସି ପ୍ରଧାନ

ବିଶ୍ୱ କବି କୂଳ ହୁଅ ଜାଗରିତ
ଚରମ ଆହ୍ୱାନ ଆଜି ।
ତ୍ରାହି ତ୍ରାସିତରେ ଚିତ୍କାରେ ପୃଥିବୀ
ମାନବତା ଖୋଜି ଖୋଜି ।। ।୦୧

ଅତଳ ଭୂତଳ ଅନନ୍ତ ଆକାଶ
(ଆଜି)ଅସନ୍ତୁଳିତ ଚରାଚର ।
ବ୍ୟର୍ଥ ସ୍ୱାର୍ଥ ବଳେ ବେସୁରା ସଙ୍ଗୀତ
ନିତ୍ୟ ରଚେ ହାହାକାର ।।୦୨

କାହିଁ ସେ’ କଲମ ଶୌର୍ଯ୍ୟବୀର୍ଯ୍ୟ ତା’ର
ଶୁଭେ ନାହିଁତ ସ୍ପନ୍ଦନ ?
ବିପର୍ଯ୍ୟସ୍ତ ପୃଥ୍ୱୀ କରେ ଅନ୍ୱେଷଣ
କାବ୍ୟ ସଞ୍ଜିବନୀ ବାଣ ।।୦୩

ଶବ୍ଦର ଆୟୁଧେ ହଟାଇ ଅନ୍ଧାର
ହୃଦୟକୁ କିଣି ନିଅ ।
ବିଛାଇ ଆଲୁଅ ବିଶୁଦ୍ଧ ବିଚାର
କୋଟି ମନେ ଭରିଦିଅ ।।୦୪

ହସିବ ଧରଣୀ ସମ୍ବନ୍ଧ ବନ୍ଧନେ
ହସିବ ଜୀବ ଜଗତ ।
ଆକାଶ ବକ୍ଷରେ ପ୍ରଭଞ୍ଜନ ଗୀତି
ବାଣ୍ଟିବ ମେଘ ମହତ୍ତ ।।୦୫

କ୍ଷୁଧାତ୍ରସ୍ତ ପ୍ରାଣ- ପୂର୍ଣ୍ଣ ପ୍ରଣିଧାନ
ସ୍ୱାଧୀନ ପ୍ରବୃଦ୍ଧ ଧାରା ।
ମାନବିକ ତତ୍ତ୍ୱ- ଦର୍ଶନ ଜାଗ୍ରତ
ପ୍ରେମାପ୍ଲୁତ ହେଉ ଧରା ।।୦୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଳଜୟୀ କୃତି ଦୁର୍ଲଭ ଆଜି ତ
ଦୁର୍ଲଭ କାବ୍ୟିକ କଳା ।
ରସ-ଛନ୍ଦ-ଭାବ ଅଭାବ କବିତା
ଅନ୍ତଃସ୍ୱର ମୁର୍ଦ୍ଧାର ଭଲା । ।୦୭
ନକଲ ଭିତରେ ଅସଲି ସଢୁଛି
ଅତୀତ ଏଇଠି ହସେ ।
ପାଠକୀୟତାର ଆବେଗିକ ସ୍ପୃହା
ଭଉଁରୀ ଭିତରେ ଭାସେ । ।୦୮
ଆଧୁନିକ ଆଳେ ସୁଲଭ ଅଶ୍ଳୀଳ
ଭଗ୍ନାତ୍ମା ହୃଦୟ ଛୁଏଁ ।
ମ୍ରିୟମାଣ ମନ ମୌଳିକ ସନ୍ଧାନେ
କବିତା କୋଣାର୍କ ଚାହେଁ । ।୦୯
ସୁସୌମ୍ୟ ମଧୁର ମୃଦୁ ମନୋହର
ମାନବିକ ଗାଥା ଗାଇ ।
ବିଶ୍ୱ ଭାତୃ ଭାବ ଧରଣୀ ଗଠନେ
ହସିଉଠୁ ପୁଣି ମହୀ । ।୧୦

ସାହିତ୍ୟ ସମ୍ପାଦକ, ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ୍,
ପାତ୍ରପୁର, ଗଞ୍ଜାମ ।
ଭ୍ରାମ୍ୟଭାଷ : ୮୭୬୦୦୯୪୯୬୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମହାକାଶରୁ ମହାଦ୍ରୁମ



ଚନ୍ଦନ କୁମାର ଜେନା

ଉକ୍ତ ପଦ୍ୟଟି 'କ' ଆଦ୍ୟ ଅନୁପ୍ରାସରେ ରଚିତ, ଏହି ପଦ୍ୟଟିରେ ମହାଶୂନ୍ୟ ବ୍ରହ୍ମାଣ୍ଡରୁ ବୃକ୍ଷର ଜନ୍ମ ଏବଂ ବୃକ୍ଷର ପୃଥିବୀ ପ୍ରତି ଅବଦାନକୁ ଆଲୋକପାତ କରାଯାଇଛି ।

କେଜାଣି କେଉଁ ନିର୍ଜନ କୋଣେ କ୍ଷୁଦ୍ର ପିଣ୍ଡଟି ଥିଲା,
କି ବଳ ପାଇ ସେହି ପିଣ୍ଡଟି ଖଣ୍ଡ ଖଣ୍ଡ ଯେ ହେଲା ।। (୧)
କେନ୍ଦ୍ରରେ ରହି ମହାର୍ଦ୍ଧ ମାନ ଶକ୍ତି ବିକିରଣ କଲେ,
କୋଟିଏ ଯୋଜନ ଦୂରରୁ ଥାଇ ଗ୍ରହମାନେ ପରିକ୍ରମା ଯେ କଲେ ।।(୨)
କ୍ରମଶଃ ତାପ ପାଇଣ ଧରା ଉତ୍ତପ୍ତ ପିଣ୍ଡ ହେଲା,
କାଳାତିପାତେ ଶୀତଳ ତଥା ବିସ୍ତାରିତ ପୁଣି ହେଲା ।। (୩)
କେଉଁଠୁ ଖସି ହିମାଶ୍ମମାନ ଚଟାଣେ ଖାତ କଲା,
କଠିନ ହିମ ତରଳି ପୁଣି ଉଦଧି ଜାତ ହେଲା ।। (୪)
କିଏ ଜାଣିଥିଲା ଜୀବ ଜାତ ପାଇଁ ପୃଥିବୀଟି ବଛା ହେବ,
କୋଷ ସୃଷ୍ଟି ପାଇଁ ଆକାଶେ ଚପଳା ସିନ୍ଧୁକୁ ସହାୟ ହେବ ।।(୫)
କୌତୁହଳ ପୂର୍ଣ୍ଣ ବିଷୟ ଅଟଇ ଏହି ପୃଥିବୀର ବିବର୍ତ୍ତନ ,
କୌଶଳ ପୂର୍ଣ୍ଣ ରହସ୍ୟ ଲାଗଇ ନିର୍ଜୀବାଣୁରୁ ସଜୀବର ଉଦ୍ଭାବନ ।।(୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଷ ବିଭାଜନ ସାଜିଲା ପରେ କାରଣ ପ୍ରଜନନର,

କଦର୍ମ କୋଳେ, ବିବର୍ତ୍ତନ ବଳେ, ଆଗମନ ହେଲା ତରୁଲତାଙ୍କର ।। (୭)

କରୁଣା ରଶ୍ମି ପାଦପ ପାଇଁ ସୂର୍ଯ୍ୟ ଦେଲା ଯେ ଛାଣି,

କରିଣ ସେବନ ଅମ୍ଳଜାନର ଧରିଲେ ପ୍ରାଣ ପ୍ରାଣୀ ।। (୮)

କେତେଯେ ଲତା, କେତେଯେ ଦୃମ ଅଙ୍କୁରିତ  କ୍ଷୁଦ୍ର ବୀଜରୁ,

କିଏ ସେ ମାଳି ଢାଳଇ ପାଣି ଅରଣ୍ୟେ ବଢ଼ନ୍ତା ବୃକ୍ଷକୁ  ।।(୯)

କେତକୀ ସିନା ଛୁଟାଏ ବାସ ବିଶଲ୍ୟକରଣୀ ଶୁଖାଏ ଘା,

କାନ୍ତାଟେ ପରି ଧରାକୁ ସଜାଏ ପୁଣି ପାଳଇ ଯେପରି ମା' ।। (୧୦)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ପରିଚୟ



ରାମ ପ୍ରସାଦ ସିଂହ

ଓଡ଼ିଆ ମୋ ଭାଷା,
ସ୍ୱାଭିମାନ ମୋ ଆଶା
ଜଗନ୍ନାଥ ମୋ ଭରଷା....

ସୁବାଷ, ଗୋପବନ୍ଧୁ, ଜୟଗୁରୁ
ଆମରି ଗରବ
ଖଣିଜ, ସମ୍ପଦରେ
ନାହିଁ ଆମର ଅଭାବ....

ପଖାଳ, ଚୁଡା କଦଳୀ
ଆମକୁ ଭାରି ପ୍ରିୟ
ବାର ମାସେ ତେର ପରବ
କରାଏ ଆମକୁ ଅଥୟ...

ଜଗନ୍ନାଥ ଆମରି ମାଲିକ
ବିପଦେ ହୁଅନ୍ତି ସାହା,
ଉତ୍କଳ ମାଟି ବଡ ଠାକୁର
କେଡେ ସୁନ୍ଦର ଆହା....

ସୁକରପଡା, କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ୍ରାନ୍ତିସୂର୍ଯ୍ୟ ଗୁରୁ ମହାତ୍ମା ଫୁଲେ



ବେଣୁଧର
ସୁରୁଜାଳ

ଚିର ନମସ୍ୟ ହେ ମହାମାନବ
ଚରଣାର ବିନ୍ଦେ ତୁମ ,
ଭାବନେତ୍ର ନୀରେ ପ୍ରକ୍ଷାଳନ କରି
ଅରପେ ଶ୍ରଦ୍ଧା ସୁମନ □

ଶିକ୍ଷା ଆକାଶରେ ଧୃବତାରା ତୁମେ
ନାହିଁ କେହି ତୁମ ସମ,
ଏପ୍ରିଲ ମାସ ଏଗାର ତାରିଖେ
ଲଭିଲ ତୁମେ ଜନମ □

ଅତିଶୁଦ୍ର, ନିଷ୍ପୀଡିତ ସମାଜର
ସାମାଜିକ ଅଧିକାର ପାଇଁ,
ତୁମ କ୍ରାନ୍ତି, ତ୍ୟାଗ ଓ ସାଧନାର
ଫଟାନ୍ତର ନାହିଁ ଆଉ କେହି □

ପଛୁଆ ଜାତିର କର୍ଣ୍ଣଧାର ହୋଇ
ସତ୍ୟଶୋଧକ ସମାଜ ଗଢ଼ିଲ □
ମନୁବାଦ, କର୍ମକାଣ୍ଡ, ବିସମତା
ବିରୁଦ୍ଧରେ ସ୍ୱର ତୁମେ ଉଠାଇଲ □□

ଘୃଣ୍ୟ ଅମାନବୀୟ ଜାତିବ୍ୟବସ୍ଥା,
ଅସ୍ପୃଶ୍ୟତା ନିବାରଣ ପାଇଁ,
ଗୋଲମଗିରି ପୁସ୍ତକ ରଚିଲ
କ୍ରାନ୍ତିର ଅଗ୍ରଦୂତ ହୋଇ □□

କର୍ମଯୋଗୀ ହେ  ! ଜ୍ଞାନର ପୂଜାରୀ
ଜାତିର ପ୍ରାଣ ମହକ □
ନାରୀଜାତି ପାଇଁ ତୁମେ ଗଢ଼ିଥିଲ
ଶିକ୍ଷାର ନୂଆ କୋଣାର୍କ □□

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଥମେ ବାଳିକା ବିଦ୍ୟାଳୟ

ଭାରତେ କଲ ପ୍ରତିଷ୍ଠା □

ନାରୀ ସଶକ୍ତିକରଣର ପାଇଁ

କରିଲ ବିବିଧ ବ୍ୟବସ୍ଥା □□

ଆଜି ଶୁଭଦିନେ ସ୍ମୃତି ପଖାଳୁଛି

ତୁମରି ମହିମା ଯଶ □

କର୍ମର ମନ୍ତ୍ର ଶିଖାଇ ଦିଅ ହେ

ସଂଗ୍ରାମ ନହେଉ ଶେଷ □□

ସହକାରୀ ଶିକ୍ଷକ, ଉଲୁଣ୍ଡା, ସୁବର୍ଣ୍ଣପୁର

ଦୂରଭାଷ-୯୭୩୮୮୧୭୭୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଲକ୍ଷ୍ମୀ ପୁରାନ୍



ସତ୍ୟ ନାରାୟଣ ମିଶ୍ର

କୋଶଲି/ସମଲପୁରୀ -- ଲକ୍ଷ୍ମୀ ପୁରାନ୍

ବିଶ୍ୱରୂପସ୍ୟ ଭାର୍ଯ୍ୟାସିପଦ୍ମେପଦ୍ମଲୟେ ଶୁଭେ
ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

( ଜଏ ମା ମହାଲଁଖୀ)

( ୩)

ଝାର୍ କେ ବୁଲି ଯାଇଥିଲେ କାଲିଆ ବଲିଆ
ଧିଆନ୍ କରି ଜାନିଗଲେ ହେଲା ଯେ ଅଡୁଆ ।
ବଲରାମ କହେଲେ ରିଷେ ଦେଖ୍ ରେ ବନମାଲି
ତୋର୍ କନିଆଁ ଯାଇଥିଲା ଚଣ୍ଡାଲ୍ ପରା ବୁଲି ।
ହାଡ଼ି ଘରେ ଥିବା ନାଇଁ ତ ଘାସି ଘରେ ଥିବା
ନାଇଁ ଗାଧି ପାଧି କରି ଦେଉଲେ ଢୁ କି ବା ।
ଦରିଦ୍ର ଭଂଜନୀ ବୋଲି ନାଁ ଟେ ରଖିଛେ
ଆମର୍ ଦୁଇ ଭାଇ କେ ସେ ବିଟାଲ୍ କରୁଅଛେ ।
ମାଏପ କେ ସଉକି ଯଦି ଯା ତାହାର୍ ସଂଗେ
ଚଣ୍ଡାଲ୍ ପରା ଥି ଘର୍ ବନାବୁ ରହେବୁ ଯୁଗେ ଯୁଗେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନହେଲେ ମୋର୍ କଥା ମାନି ଦେ ତାହାକେ ଖେଦି

ସେ ଥିଲେ ଭଲ୍ ଦସା ନାଇଁ ସୁନ ରେ ବାଞ୍ଛାନିଧି ।

ହରି କହେଲେ ତାକେ ଯଦି ଛାଡି ଦେମି ଦାଦା

ତାହାର୍ ଇନ୍ତି କନିଆଁ ମତେ କେନ୍ ନେ ମିଲିବା ।

ସରବ୍ ଦେବତା ଡାକି କରି କରମା ତାକେ ଜାଏତ୍

ଆରୁ କେଭେଁ ଭୁଲ୍ ଦେଖଲେ ଛାଡ଼ି ଦେମି ସଏ ତ୍ ।

ଗୁଟେ ଥର ଦୋଷ ଖେମା କର ଦାଦା ତମେ

ସୁନି ବଳରାମ ରିଷେ ହେଲେ ତୁ ତୁ ମେମେ ।

ଲଖି ଯଦି ରହେବା ଇନେ ନାଇଁ ରହେ ମୁଇ

ମାହେଜି ଗୁଟେ ଜାନି ଥା ରେ ପାହା ଥି ପଶ୍ତେଇ ।

ଛାଡି ତାକେ ରହ ଇନ ନହେଲେ ଯା ବାହାରି

ତାହାର୍ ସଂଗେ ହାଡ଼ି ପରା ଥି ରହେବୁ ଘର୍ କରି ।

ଦାଦା ର୍ କଡା କଥା ହରି ନାଇଁ ପା ର୍ ଲେ ସହି

ଛାଡି ଦେଲି କମଲାକେ ବୋଲି ଦେଲେ କହି ।

କହୁଁ କହୁଁ ସିଂ ଦୁଆରେ ବିଜେ କମଳିନୀ

ବାଟ ଛାଡ଼ ଧନମାଲି ଭିତର କେ ଯିମି ।

ରାନ୍ଧିଦେମି ଦଶମୀ ର୍ ଭୋଗ୍ ଖାଏବ ଦୁଇ ଭାଇ

ବାଏରି ହେଲୁ କାଁଏ ଲଖିମି, କହେଲେ କହ୍ନେଇ ।

ଚଣ୍ଡାଲ୍ ଘରୁ ପୂଜା ଘେନି ଘର୍କେ ଫିରୁଛ ସିଧା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁଁଇ ଦେଖିଥିଲେ ଚଲିଥିତା ଦେଖିଦେଲେ ଦଦା ।

ବାଇ ଠାକୁରାନି ତୁଇ ଭାଙ୍ଗି ଦେସୁ ଘର୍

କାହାକେ ଦେସୁ ଲାଖେ ଭନାର୍ କାହାକେ ଭାବୁପର୍,

ତୋର୍ ଠାନେ ମୋର୍ କାମ ନାଇଁ ଭାଗି ଯା ନ ଇନୁ

ଦାଦାର୍ ଗାଲି ଅସୁହା ମତେ ତୁଇ କେଁ ନାଇଁ ଜାନୁ ।

କହେଲେ ଲକ୍ଷ୍ମୀ ଦୋସ ଯଦି କଲି ଜଗନାଥ

ଦଶ ଟା ଦୋସ୍ ଖେମା ଦେବ କରିଥିଲ ସତ ।

ଗୁଟେ କେ ତ ନାଇଁ ପାରୁଛ ଦଦାର୍ କଥା ଧରି

ଛାଡ଼ବ ଯଦି ଦେଇଦିଅ ଛାଡ଼ପତର୍ କରି ।

ନାଇଁ ଚଲେ ମୋର୍ ଜାତିନେ ଛାଡ଼ ପତର୍ ନିଅମ୍

କହେଲେ ହରି ହେନ୍ତା ଭାଗ ଧରି କରି ଦମ୍ ।

କ୍ରମଶଃ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଳିଆ ରଜା



ବର୍ଷାରାଣୀ
ମହାମଲ୍ଲିକ

ଯାହିଁ ଦେଖ୍ ଲେ ତୁଇ ଦିଶୁଛୁ
ହାଏରେ କାଳିଆ ସୁନା,
ତତେ ନେଇକରି ସପନ୍ ଦେଖିଛେ
ନାଇଁ କରିଦେବୁ ଚୂନା□
ତତେ ନେଇକରି ସକାଲ୍ ପାହୁଁଚେ
ରାଏତ୍ ହେଉଛେ ମୋର୍,
ଜୀବନ୍ ଥିବାର୍ ଯେକ୍ ସରନ୍ ପଶିଛେ
ସେବା କରୁଥିମି ତୋର୍□
ସକାଲ୍ ଧରମୁ ଉଠିଲେ ମୁଇଁ
କରୁଛେ ତୋର୍ ପୂଜା,
ଫୁଲ୍ ମାଲିଆ ମୟୂର ଚୁଲିଆ
ଶୁନ୍ ରେ କାଳିଆ ରଜା□
ମରିଗଲେ ମୁଇଁ ଜାଗା ଟିକେ ଦେବୁ
ତୋର୍ ପାହା ତଳେ,
କେ ଆଉ ମୋର୍ ଅଛେ କହ ଧନ
ତତେ ଖାଲି ଛାଡିଦେଲେ□
ମଝା ପାନି ଥି ଭଙ୍ଗା ଡଙ୍ଗା ଥି
ଆସିଗଲି ନ ମୁଇଁ,
କେତେବେଳେ ବି ବୁଡିଯିମି ରେ
ଦୟା କରିଥିବୁ ତୁଇ□
କାନା ଦେଇକରି ପୂଜା କର୍ମି
ଦୁଖ୍ ତ ଦେଇଚୁ ମତେ
ଦୁଖର୍ ଦରିଆ ପାର୍ କରିଦେ
ଆଶରା କରିଛେ ତତେ□
ଆର୍ କାନା ତତେ କହେମି ରେ ଧନ
ମନର କଥା ତ ଯାନୁଛୁ,
ସବୁ ଦେଖୁଛୁ ସବୁ ଶୁନୁଛୁ
ଜାନି କଲେ କଲେ ଅଛୁ□
ଅଧିକା ତତେ ନାଇଁ କହେ ରେ
ଭଲ୍ ସେ ତୁଇ ଥା
ଚକା ଆଖି ଥି ଲାଲ୍ ଉଠେ ତୋର୍
ସବୁବେଳେ ହସୁଥା□

ସ୍ନାତକୋତ୍ତର ପ୍ରଥମ ବର୍ଷ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁଇଁ ଗୁଟେ 'କୁକୁର୍'



ସୁନୀଲ କୁମାର
ଅଗସ୍ତି

ମୁଁଇଁ ଗୁଟେ 'କୁକୁର୍' ?
ଇଟା କାଏଁ କଥା କହେଲେ ହୁଜୁର୍
ମୁନୁଷ୍ ଜାଏତ୍ କେ ଅପମାନ୍ ଆଏ,
ନାଁଇଁ ନାଁଇଁ ଠିକ୍ କହିଛେଁ
'ମୁଁଇଁ ଗୁଟେ କୁକୁର୍',
ଠିକ୍ ଅଛେ ତେନେ
କେନ୍ କିସମେ ବଡେଇ ଦଉନ୍ ହେଲେ,
କୁକୁର୍ ଖାଏସି, ହଁ
ମୁଁଇଁ ଖାଏସିଁ,ହଁ,
କୁକୁର୍ ଶୁଇସି,ହଁ
ମୁଁଇଁ ଶୁଇସିଁ, ହଁ,
କୁକୁର୍ ଦେଖି ପାରସି, ହଁ
ମୁଁଇଁ ଦେଖି ପାରସିଁ, ହଁ,
କୁକୁର୍ ଶୁନି ପାରସି,ହଁ
ମୁଁଇଁ ଶୁନି ପାରସିଁ,ହଁ,
କୁକୁରର୍ ଆତ୍ମା ଅଛେ
ଛନେ ତୁମ୍ ପରଲେ,
ହଁ ହଁ ଅଛେ
ମୋର୍ ଆତ୍ମା ଅଛେ,ହଁ,
କୁକରର୍ ବିବେକ୍ ଅଛେ
ହଁ ଅଛେ,ପକ୍କା ଅଛେ
ମୋର୍ ଅଛେ କି'ନି,ହଁ ଅଛେ,
କୁକୁରର୍ କୁଟୁମ୍ ଅଛନ୍
ହଁ,ଅଛନ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋର୍ କୁଟୁମ୍ ଅଛେ
ହଁ ଅଛେ,
କୁକୁର୍ ଜଗ୍ତାଲେ ଘାଁଟି ହେସି
ହଁ ହେସି,
ମୁଁଇଁ ଗଲେ ହେଉଛେଁ,
କୁକୁର୍ ଦେଶ୍ ସେବା କରୁଛେ କାଏଁ ?
ସଭେଁ ତୁମ୍ ପରଲେ,
ଫେର୍ କାଏଁଟା ଗମି ନେଲେ ଆର୍
ହଁ ହଁ କରୁଛେ,ଆର୍ ମୁଁଇଁ ଯେ ?
ହଁ" ଗୁଟେ ପରକାର୍ ଆଏ,
କୁକୁର୍ ଚୋର୍ ଧରସି,ହଁ
ମୁଁଇଁ ଗଲେ ଚୋର୍ ଧରାସିଁ,
କୁକୁର୍ ଧୋକା ଦେସି କାଏଁ ?

ନାଁଇଁ ନାଁଇଁ ଇଟା କେ ଆମେ
ହଁ ନି' କରୁଁ,
ଠିକ୍ ଅଛେ ମୁଁଇଁ ଧୋକା ଦେସିଁ କାଏଁ ?
ହଁ" ହଁ ,ଆପନ୍ ପରମ୍ ଆ'ନ୍,
ଏନତା ଥିଁ ମୁଁଇଁ 'କୁକୁରର୍' ନୁ
କାଏଁଟା ଅଏଧକା କରୁଛେଁ ?
ହଁ ବଏଲିଁ ଯେ ହଁ ହଁ ହଁ
ମୁଁଇଁ ଆର୍ କାଏଁଟା ଯେ ?
ମୁଇଁ ଗୁଟେ 'କୁକୁର୍' ଆଏ
ମୁଁଇଁ ଗୁଟେ କୁକୁର୍ ଆଏ,ସତ୍ କହେଲିଁ ଯେ
ଫାଶି ଦେବ କାଏଁ ଯେ ?
ଦେଲେ ଦିଅ, ମୁଁଇଁ ଗୁଟେ ଅବଗି 'କୁକୁର୍'
ଆଏ, ହଁ "ତ" ବଲୁଛେଁ।

ଟିଟିଲାଗଡ଼, ବଲାଙ୍ଗୀର
ମୋ/୭୬୮ ୪୮୨ ୯୬୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଲିବୁକା



ସହଦେବ ଧରୁଆ

ଚନା ସେଁଗା ଝୁରଲା ବାଗିର୍
ଝୁରୁଛେଁ ଇ ପଖାନ୍ ଦିହିଁକେ
ତମକୁଁ ଝୁରି ଝୁରି....
ଅବୁଝ୍ ମନଟାକେ
ବୁଝେଇ ଛାଲିଛେ ଭି....
ହେଲେ ରିଝେଇ ନାଇଁ ପାରି ।

ହରଘଡି ହରମେସା
ବିନ୍ ମେଘର୍ ବରଷା ପାନି
ଉଦା ସର୍ ସର୍ ମୋର୍ ଛାତି,
ହେଲେ ଛାତି ତଲର୍ ଜୁଏ ହୁଲାକେ
ଭେଦି ଲିଭେଇ ନାଇଁ ପାରି....

ତୁମର୍ ଦେଲା ସେନହୋ-ସଁସେ
ଆର୍ ଭାବ୍ ପିରତି କେ
ଉହ୍ଲେଇ ନାଇଁ ପାରି ।

ମାତର୍ ମୋର୍ ହାତେ
ଧରେଇ ପାରିଛେ
ଲଚୋକଚୋ ଗେଲଠି ଗିନାଟେ
ବୁଲେଇଛେ ବାର ଦୁଆର୍ ଶୁଁଢି ପିଁଢା
ଆରୁ ସଜେଇଛେ ଗୁଟେ ମଗତରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଦ୍ରାସ୍ଫିତି ଓ ମୁଣ୍ଡପିଛା ଆୟ



ଶଙ୍କର ବିଶ୍ୱାଳ

## ବଢୁଛି ମୁଦ୍ରାସ୍ଫିତି ଅସ୍ୱାଭାବିକ ହେଲାଣି ମୁଣ୍ଡପିଛା ଆୟ

ମୁଣ୍ଡପିଛା ଆୟ ମଧ୍ୟ ଏକ କ୍ଷେତ୍ରର ସୁଲଭତାକୁ ଆକଳନ କରିବାରେ ଉପଯୋଗୀ । ରିଅଲ୍ ଇଷ୍ଟେଟ୍ ମୂଲ୍ୟ ଉପରେ ତଥ୍ୟ ସହିତ ଏହା ବ୍ୟବହାର କରାଯାଇପାରିବ, ଉଦାହରଣ ସ୍ୱରୂପ, ହାରାହାରି ପରିବାର ହାରାହାରି ପରିବାର ପାଇଁ ଉପଲବ୍ଧ ନୁହେଁ କି ନାହିଁ ତାହା ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ । ମ୍ୟାନହଟନ୍ ଏବଂ ସାନ୍ ଫ୍ରାନ୍ସିସ୍କୋ ପରି କୁଖ୍ୟାତ ବ୍ୟୟବହୁଳ ଅଞ୍ଚଳ ମୁଣ୍ଡପିଛା ଆୟ ପାଇଁ ହାରାହାରି ଘରର ମୂଲ୍ୟର ଅତ୍ୟଧିକ ଅନୁପାତ ବଜାୟ ରଖେ ।

ଏକ ସହର କିମ୍ବା ଅଞ୍ଚଳରେ ଏକ ଷ୍ଟୋର ଖୋଲିବାକୁ ବିଚାର କରିବାବେଳେ ବ୍ୟବସାୟୀମାନେ ମୁଣ୍ଡପିଛା ଆୟ ମଧ୍ୟ ବ୍ୟବହାର କରିପାରିବେ । ଯଦି ସହରର ଜନସଂଖ୍ୟାରେ ମୁଣ୍ଡପିଛା ଆୟ ଅଧିକ ଥାଏ, ତେବେ କମ୍ପାନୀ ସେମାନଙ୍କ ସାମଗ୍ରୀ ବିକ୍ରୟରୁ ରାଜସ୍ୱ ପାଇବାରେ ଏକ ଉତ୍ତମ ସୁଯୋଗ ପାଇପାରେ କାରଣ ମୁଣ୍ଡପିଛା ଆୟ କମ୍ ଥିବା ସହର ତୁଳନାରେ ଲୋକମାନେ ଅଧିକ ଖର୍ଚ୍ଚ କରିବେ । ମୁଣ୍ଡପିଛା ଆୟ ସାମଗ୍ରିକ ବ୍ୟବହାର କରେ । ଏକ ଜନସଂଖ୍ୟାର ଆୟ ଏବଂ ଏହାକୁ ସମୁଦାୟ ଲୋକଙ୍କ ସଂଖ୍ୟାରେ ବିଭକ୍ତ କରେ, ଏହା ସର୍ବଦା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନଧାରଣର ଏକ ସଠିକ ଉପସ୍ଥାପନା ପ୍ରଦାନ କରେ ନାହିଁ । ଅନ୍ୟ ଅର୍ଥରେ, ତଥ୍ୟକୁ ତ୍ୱରାନ୍ୱିତ କରାଯାଇପାରେ, ଯେଉଁଥିରେ ଏହା ଆୟର ଅସମାନତା ପାଇଁ ହିସାବ କରେ ନାହିଁ । ମୁଣ୍ଡପିଛା ଆୟର ସମାଲୋଚକମାନେ ମତ ଦିଅନ୍ତି ଯେ କ୍ରୟ ଶକ୍ତି ପ୍ୟାରିଟି (ପିପିପି) କ୍ରୟ ପାଇଁ ଆଡଜଷ୍ଟ କରିବା ଅଧିକ ସଠିକ୍ ଅଟେ, ଯେଉଁଥିରେ ପିପିପି ଦେଶ ମଧ୍ୟରେ ବିନିମୟ ମୂଲ୍ୟ ପାର୍ଥକ୍ୟକୁ ବର୍ଜନ କରିବାରେ ସାହାଯ୍ୟ କରେ । ଆହୁରି ମଧ୍ୟ, ଅନ୍ୟ ଅର୍ଥନୀତି ଗୁଡିକ ବାର୍ଟରିଂ ଏବଂ ଅନ୍ୟାନ୍ୟ ଅଣ-ମୁଦ୍ରା କାର୍ଯ୍ୟକଳାପ ବ୍ୟବହାର କରନ୍ତି, ଯାହା ମୁଣ୍ଡପିଛା ଆୟ ହିସାବରେ ବିବେଚନା କରାଯାଏ ନାହିଁ । ମୁଣ୍ଡପିଛା ଆୟ କ'ଣ ? ବ୍ୟବହାର, ସୀମା, ଏବଂ ଉଦାହରଣ ।

## ମୁଣ୍ଡପିଛା ଆୟ କ'ଣ ?

ମୁଣ୍ଡପିଛା ଆୟ ହେଉଛି ଏକ ରାଷ୍ଟ୍ର କିମ୍ବା ଭୌଗୋଳିକ ଅଞ୍ଚଳରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଅର୍ଜିତ ଅର୍ଥର ପରିମାଣ । ମୁଣ୍ଡପିଛା ଆୟ ଏକ କ୍ଷେତ୍ର ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ହାରାହାରି ଆୟ ନିର୍ଣ୍ଣୟ କରିବା ଏବଂ ଜନସଂଖ୍ୟାର ଜୀବନଧାରଣ ଏବଂ ଗୁଣାତ୍ମକ ମାନର ମୂଲ୍ୟାଙ୍କନ ପାଇଁ ବ୍ୟବହୃତ ହୁଏ । ଏକ ରାଷ୍ଟ୍ର ପାଇଁ ମୁଣ୍ଡପିଛା ଆୟ ଦେଶର ଜାତୀୟ ଆୟକୁ ଜନସଂଖ୍ୟା ଅନୁଯାୟୀ ଭାଗ କରି ଗଣନା କରାଯାଏ ।

ମୁଣ୍ଡପିଛା ଆୟ ମୁଣ୍ଡପିଛା ଆୟକୁ ବଢିବା ପ୍ରତ୍ୟେକ ପୁରୁଷ, ମହିଳା ଏବଂ ଶିଶୁ, ଏପରିକି ନବଜାତ ଶିଶୁମାନଙ୍କୁ ମଧ୍ୟ ଜନସଂଖ୍ୟାର ସଦସ୍ୟ ଭାବରେ ଗଣନା କରିଥାଏ । ଏହା ଏକ ସମୃଦ୍ଧିର ଅନ୍ୟାନ୍ୟ ସାଧାରଣ ମାପଗୁଡିକ ତୁଳନାରେ ଏହା ଛିଡ଼ା ହୋଇଛି, ଯେପରିକି ଘରର ଆୟ, ଯାହା ଏକ ଛାତ ତଳେ ବାସ କରୁଥିବା ସମସ୍ତ ଲୋକଙ୍କୁ ଏକ ପରିବାର, ଏବଂ ପରିବାରର ଆୟ, ଯାହା ଏକ ପରିବାର ହିସାବରେ ଜନ୍ମ, ବିବାହ, କିମ୍ବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୋଷ୍ୟ ସନ୍ତାନ ସହିତ ଜଡ଼ିତ । ସମାନ ଛାତ ତଳେ ।

## ଯୁକ୍ତରାଷ୍ଟ୍ରରେ ମୁଣ୍ଡପିଛା ଆୟ

ଯୁକ୍ତରାଷ୍ଟ୍ରର ଜନଗଣନା ବ୍ୟୁରୋ ପ୍ରତି ଦଶ ବର୍ଷରେ ମୁଣ୍ଡପିଛା ଆୟର ଏକ ସର୍ଭେ କରିଥାଏ ଏବଂ ପ୍ରତି ସେପ୍ଟେମ୍ବରରେ ଏହାର ଆକଳନକୁ ସଂଶୋଧନ କରିଥାଏ । ଜନଗଣନା ପୂର୍ବ ବର୍ଷ ପାଇଁ ୧୫ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ମୋଟ ଆୟ ନେଇଥାଏ ଏବଂ ତଥ୍ୟର ମଧ୍ୟମ ହାରାହାରି ଗଣନା କରିଥାଏ । ଜନଗଣନାରେ ଅର୍ଜିତ ଆୟ (ବେତନ, ବେତନ, ସ୍ୱୟଂ ରୋଜଗାର ଆୟ), ସୁଧ ଆୟ, ଡିଭିଡେଣ୍ଡ ତଥା ଇଷ୍ଟେଟ୍ ଏବଂ ଟ୍ରଷ୍ଟରୁ ଆୟ ଏବଂ ସରକାରୀ ସ୍ଥାନାନ୍ତର (ସାମାଜିକ ସୁରକ୍ଷା, ଜନ ସହାୟତା, କଲ୍ୟାଣ, ବଞ୍ଚିଥିବା ଏବଂ ଅକ୍ଷମତା ସୁବିଧା) ଅନ୍ତର୍ଭୁକ୍ତ । ନିଯୁକ୍ତିଦାତା-ଦେୟଯୁକ୍ତ ସ୍ୱାସ୍ଥ୍ୟସେବା, ଋଣ କରାଯାଇଥିବା ଅର୍ଥ, ବୀମା ଦେୟ, ଉପହାର, ଖାଦ୍ୟ ଷ୍ଟାମ୍ପ, ସର୍ବସାଧାରଣ ଗୃହ, ପୁଞ୍ଜି ଲାଭ, ଚିକିତ୍ସା ସେବା, କିମ୍ବା ଟ୍ୟାକ୍ସ ଫେରସ୍ତ ଫେରସ୍ତ ଅନ୍ତର୍ଭୁକ୍ତ ନୁହେଁ ।

୨୦୨୦ ଜନଗଣନା ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ମୁଣ୍ଡପିଛା ଜାତୀୟ ଆୟ ୨୦୨୦ ରେ ୩୯,୦୦୦ ଡଲାର ଥିଲା । ଆମେ ଆମେରିକାର ଜନଗଣନା ବ୍ୟୁରୋରୁ ଦେଖିପାରୁଛୁ ଯେ ମୁଣ୍ଡପିଛା ଆୟ ୨୦୨୦ ମସିହାରେ ମଧ୍ୟମ ଘରର ଆୟ ଠାରୁ ୬୭, ୫୨୧ ଡଲାରରୁ କମ୍ ଅଟେ ।

ପ୍ରତ୍ୟେକ ମେଟ୍ରିକର ଏହାର ସୁବିଧା ଅଛି । ବହୁ ସଂଖ୍ୟକ ଲୋକଙ୍କୁ ବିଶ୍ଳେଷଣ କରିବା ସମୟରେ ମୁଣ୍ଡପିଛା ଆୟ ସହାୟକ ହୋଇଥାଏ ଯେପରିକି ଯୁକ୍ତରାଷ୍ଟ୍ରର ଜନସଂଖ୍ୟା, ଯାହା ୩୩୦ ନିୟୁତରୁ ଅଧିକ ଅଟେ ।

ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆୟର ଅସମାନତା ଏବଂ ଦାରିଦ୍ର୍ୟର ସ୍ତର ନିର୍ଣ୍ଣୟ କରିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟରେ ମଧ୍ୟମ ଘରର ଆୟ ସହାୟକ ହୋଇଥାଏ କାରଣ ମଧ୍ୟମା ସଂଖ୍ୟା ବାହ୍ୟ ଆୟ ଆକଳନକୁ ଦୂର କରିଥାଏ ଯାହା ତଥ୍ୟ ସେଟ୍‌କୁ ଖରାପ କରିପାରେ ।

## ମୁଖ୍ୟ ପଦକ୍ଷେପ

ମୁଣ୍ଡପିଛା ଆୟ ହେଉଛି ଏକ ରାଷ୍ଟ୍ର କିମ୍ବା ଭୌଗୋଳିକ ଅଞ୍ଚଳରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଅର୍ଜିତ ଅର୍ଥର ପରିମାଣ ।

ମୁଣ୍ଡପିଛା ଆୟ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଅନ୍ତର୍ଭୁକ୍ତ କରେ, କେବଳ କାର୍ଯ୍ୟ ବୟସର ବୟସ୍କ ନୁହେଁ । ମେଟ୍ରିକ୍ ଭାବରେ ମୁଣ୍ଡପିଛା ଆୟର ସୀମା ଅଛି ଯେଉଁଥିରେ ମୁଦ୍ରାସ୍ଫୀତି, ଆୟ ଅସମାନତା, ଦାରିଦ୍ର, ଧନ କିମ୍ବା ସଞ୍ଚୟ ପାଇଁ ହିସାବ ଦେବାରେ ଅକ୍ଷମତା ଅନ୍ତର୍ଭୁକ୍ତ ମୁଣ୍ଡପିଛା ଆୟର ବ୍ୟବହାର ।

ବୋଧହୁଏ ମୁଣ୍ଡପିଛା ଆୟର ସବୁଠାରୁ ସାଧାରଣ ବ୍ୟବହାର ହେଉଛି ଏକ ଅଞ୍ଚଳର ଧନ କିମ୍ବା ଧନର ଅଭାବ ଜାଣିବା । ଉଦାହରଣ ସ୍ୱରୂପ, ମୁଣ୍ଡପିଛା ଆୟ ହେଉଛି ଯୁକ୍ତରାଷ୍ଟ୍ରର ବ୍ୟୁରୋ ଅଫ୍ ଇକୋନୋମିକ୍ ଆନାଲିସିସ୍ ଯୁକ୍ତରାଷ୍ଟ୍ରର ସବୁଠାରୁ ଧନୀ କାଉଣ୍ଟି ମାନ୍ୟତା ଦେବା ପାଇଁ ବ୍ୟବହାର କରୁଥିବା ଅନ୍ୟଟି ହେଉଛି ମଧ୍ୟମ ଘରର ଆୟ ।

ମୁଣ୍ଡପିଛା ଆୟ ମଧ୍ୟ ଏକ କ୍ଷେତ୍ରର ସୁଲଭତାକୁ ଆକଳନ କରିବାରେ ଉପଯୋଗୀ । ରିଅଲ୍ ଇଷ୍ଟେଟ୍ ମୂଲ୍ୟ ଉପରେ ତଥ୍ୟ ସହିତ ଏହା ବ୍ୟବହାର କରାଯାଇପାରିବ, ଉଦାହରଣ ସ୍ୱରୂପ, ହାରାହାରି ପରିବାର ହାରାହାରି ପରିବାର ପାଇଁ ଉପଲବ୍ଧ ନୁହେଁ କି ନାହିଁ ତାହା ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ । ମ୍ୟାନହଟନ୍ ଏବଂ ସାନ୍ ଫ୍ରାନ୍ସିସ୍କୋ ପରି କୁଖ୍ୟାତ ବ୍ୟୟବହୁଳ ଅଞ୍ଚଳ ମୁଣ୍ଡପିଛା ଆୟ ପାଇଁ ହାରାହାରି ଘରର ମୂଲ୍ୟର ଅତ୍ୟଧିକ ଅନୁପାତ ବଜାୟ ରଖେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ସହର କିମ୍ବା ଅଞ୍ଚଳରେ ଏକ ଷ୍ଟୋର ଖୋଲିବାକୁ ବିଚାର କରିବାବେଳେ ବ୍ୟବସାୟୀମାନେ ମୁଣ୍ଡପିଛା ଆୟ ମଧ୍ୟ ବ୍ୟବହାର କରିପାରିବେ । ଯଦି କୌଣସି ସହରର ଜନସଂଖ୍ୟାରେ ମୁଣ୍ଡପିଛା ଆୟ ଅଧିକ ଥାଏ, ତେବେ କମ୍ପାନୀ ସେମାନଙ୍କ ସାମଗ୍ରୀ ବିକ୍ରୟରୁ ରାଜସ୍ୱ ପାଇବାରେ ଏକ ଉତ୍ତମ ସୁଯୋଗ ପାଇପାରେ କାରଣ ମୁଣ୍ଡପିଛା ଆୟ କମ ଥିବା ସହର ତୁଳନାରେ ଲୋକମାନେ ଅଧିକ ଟଙ୍କା ଖର୍ଚ୍ଚ କରିବେ ।

## ମୁଣ୍ଡପିଛା ଆୟର ସୀମା

ଯଦିଓ ମୁଣ୍ଡପିଛା ଆୟ ଏକ ଲୋକପ୍ରିୟ ମେଟ୍ରିକ୍, ଏହାର କିଛି ସୀମା ଅଛି । ଜୀବନ ମାନକ ଯେହେତୁ ମୁଣ୍ଡପିଛା ଆୟ ଏକ ଜନସଂଖ୍ୟାର ସାମଗ୍ରିକ ଆୟକୁ ବ୍ୟବହାର କରେ ଏବଂ ଏହାକୁ ମୋଟ ଲୋକଙ୍କ ସଂଖ୍ୟାରେ ବିଭକ୍ତ କରେ, ଏହା ସର୍ବଦା ଜୀବନ ଧାରଣର ଏକ ସଠିକ ପ୍ରତିନିଧିତ୍ୱ ପ୍ରଦାନ କରେ ନାହିଁ । ଅନ୍ୟ ଅର୍ଥରେ, ତଥ୍ୟକୁ ତ୍ୱରାନ୍ୱିତ କରାଯାଇପାରେ, ଯେଉଁଥିରେ ଏହା ଆୟ ଅସମାନତା ପାଇଁ ହିସାବ କରେ ନାହିଁ ।

ଉଦାହରଣ ସ୍ୱରୂପ, ଆସନ୍ତୁ କହିବା ଯେ ଏକ ସହରରେ ସମୁଦାୟ ୫୦ ଜଣ ଲୋକ ଅଛନ୍ତି ଯେଉଁମାନେ ବର୍ଷକୁ ୫୦୦୦,୦୦୦ ଡଲାର୍ ରୋଜଗାର କରୁଛନ୍ତି ଏବଂ ୧୦୦୦ଲୋକ ବାର୍ଷିକ ୨୫,୦୦୦ ଡଲାର୍ ରୋଜଗାର କରୁଛନ୍ତି । ମୋଟ ଆୟରେ ୫୦,୦୦୦,୦୦୦ ଡଲାରରେ ପହଞ୍ଚିବା ପାଇଁ ଆମେ ମୁଣ୍ଡପିଛା ଆୟକୁ (୫୦୦,୦୦୦) ହିସାବ କରୁ । ଯେତେବେଳେ ଆମେ $ ୫,୦୦,୦୦୦ (ସମୁଦାୟ ଜନସଂଖ୍ୟା) ବାଣ୍ଟୁ, ମୁଣ୍ଡପିଛା ଆୟ ସହର ପାଇଁ $ ୪୭,୬୧୯ ।

ତଥାପି, ମୁଣ୍ଡପିଛା ଆୟ ଆମକୁ ସହରରେ ରହୁଥିବା ସମସ୍ତଙ୍କ ପାଇଁ ଜୀବନର ଅବସ୍ଥାର ପ୍ରକୃତ ଚିତ୍ର ପ୍ରଦାନ କରେ ନାହିଁ । କଳ୍ପନା କରନ୍ତୁ ଯଦି ମୁଣ୍ଡପିଛା ଆୟ ଉପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଧାର କରି ସହରାଞ୍ଚଳକୁ ଫେଡେରାଲ୍ ସହାୟତା କିମ୍ବା ଜନ ସହାୟତା ଯୋଗାଇ ଦିଆଯାଉଛି । ଟାଉନ୍, ଆମର ଉଦାହରଣରେ, ଯଦି ସହାୟତା ପାଇଁ ଆୟ ସୀମା ୪୭୦୦୦ କିମ୍ବା ତା'ଠାରୁ କମ୍ ହୋଇଥାନ୍ତା ତେବେ ଗୃହ ଏବଂ ଖାଦ୍ୟ ସହାୟତା ଭଳି ଆବଶ୍ୟକୀୟ ସହାୟତା ପାଇ ନ ପାରେ ।

## ମୁଦ୍ରାସ୍ଫୀତି

ମୁଣ୍ଡପିଛା ଆୟ ଏକ ଅର୍ଥନୀତିରେ ମୁଦ୍ରାସ୍ଫୀତି ପ୍ରତିଫଳିତ କରେ ନାହିଁ, ଯାହା ହାର ସହିତ ସମୟ ସହିତ ବୃଦ୍ଧି ପାଇଥାଏ । ଉଦାହରଣ ସ୍ୱରୂପ, ଯଦି ଗୋଟିଏ ଦେଶ ପାଇଁ ମୁଣ୍ଡପିଛା ଆୟ ବାର୍ଷିକ ୫୦,୦୦୦ ଡଲାରରୁ ୫୫,୦୦୦ ଡଲାରକୁ ବୃଦ୍ଧି ପାଇଲା, ତେବେ ଏହା ଜନସଂଖ୍ୟା ପାଇଁ ବାର୍ଷିକ ଆୟର ୧୦% ବୃଦ୍ଧି ଭାବରେ ପଞ୍ଜୀକୃତ ହେବ । ଯଦିଓ, ସମାନ ଅବଧି ପାଇଁ ମୁଦ୍ରାସ୍ଫୀତି ୪% ହୋଇଥାନ୍ତା, ଆୟ ପ୍ରକୃତ ଦୃଷ୍ଟିରୁ ଆୟ ୬% ବୃଦ୍ଧି ପାଇବ । ମୁଦ୍ରାସ୍ଫୀତି ଗ୍ରାହକଙ୍କ କ୍ରୟ କ୍ଷମତାକୁ କ୍ଷୟ କରିଥାଏ ଏବଂ ଆୟର ଯେକୌଣସି ବୃଦ୍ଧିକୁ ସୀମିତ କରେ । ଫଳସ୍ୱରୂପ, ମୁଣ୍ଡପିଛା ଆୟ ଏକ ଜନସଂଖ୍ୟା ପାଇଁ ଆୟକୁ ଅଧିକ କରିପାରେ ।

## ଆନ୍ତର୍ଜାତୀୟ ତୁଳନା

ଆନ୍ତର୍ଜାତିକ ତୁଳନା କରିବା ସମୟରେ ଜୀବନ୍ତ ପାର୍ଥକ୍ୟର ମୂଲ୍ୟ ଭୁଲ ହୋଇପାରେ କାରଣ ବିନିମୟ ମୂଲ୍ୟ ଗଣନାରେ ଅନ୍ତର୍ଭୁକ୍ତ ହୋଇନାହିଁ । ମୁଣ୍ଡପିଛା ଆୟର ସମାଲୋଚକ ମାନେ ମତ ଦିଅନ୍ତି ଯେ କ୍ରୟ ଶକ୍ତି ପ୍ୟାରିଟି (ପିପିପି) କ୍ରୟ ପାଇଁ ଆଡଜଷ୍ଟ କରିବା ଅଧିକ ସଠିକ୍ ଅଟେ, ଯେଉଁଥିରେ ପିପିପି ଦେଶ ମଧ୍ୟରେ ବିନିମୟ ମୂଲ୍ୟ ପାର୍ଥକ୍ୟକୁ ବର୍ଜନ କରିବାରେ ସାହାଯ୍ୟ କରେ । ଆହୁରି ମଧ୍ୟ, ଅନ୍ୟ ଅର୍ଥନୀତିଗୁଡିକ ବାର୍ଟରିଂ ଏବଂ ଅନ୍ୟାନ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଣ-ମୁଦ୍ରା କାର୍ଯ୍ୟକଳାପ ବ୍ୟବହାର କରନ୍ତି, ଯାହା ମୁଣ୍ଡପିଛା ଆୟ ହିସାବରେ ବିଚାର କରାଯାଏ ନାହିଁ ।

## ସଞ୍ଚୟ ଏବଂ ଧନ

ମୁଣ୍ଡପିଛା ଆୟ ଏକ ବ୍ୟକ୍ତିବିଶେଷ ସଞ୍ଚୟ କିମ୍ବା ଧନ ଅନ୍ତର୍ଭୁକ୍ତ କରେ ନାହିଁ । ଉଦାହରଣ ସ୍ୱରୂପ, ଜଣେ ଧନୀ ବ୍ୟକ୍ତି କାମ ନକରିବା ଠାରୁ କମ୍ ବାର୍ଷିକ ଆୟ ପାଇପାରେ କିନ୍ତୁ ଏକ ଉଚ୍ଚମାନର ଜୀବନଶୈଳୀ ବଜାୟ ରଖିବା ପାଇଁ ସଞ୍ଚୟରୁ ଆଙ୍କିଥାଏ । ମୁଣ୍ଡପିଛା ମେଟ୍ରିକ୍ ଧନୀବ୍ୟକ୍ତିଙ୍କୁ ସ୍ୱଳ୍ପ ଆୟକାରୀ ଭାବରେ ପ୍ରତିଫଳିତ କରିବ । ପିଲାମାନେ ମୁଣ୍ଡପିଛା ସମୁଦାୟ ଜନସଂଖ୍ୟାରେ ପିଲାମାନେ ଅନ୍ତର୍ଭୁକ୍ତ, କିନ୍ତୁ ପିଲାମାନେ କୌଣସି ରୋଜଗାର କରନ୍ତି ନାହିଁ । ଅନେକ ପିଲା ଥିବା ଦେଶଗୁଡିକ ଏକ ଖରାପ ଫଳାଫଳ ପାଇବେ କାରଣ ସେମାନଙ୍କର ଅଧିକ ଲୋକ କମ୍ ପିଲା ଥିବା ଦେଶ ତୁଳନାରେ ଆୟ ବାଣ୍ଟିବେ ।

## ଅର୍ଥନୈତିକ କଲ୍ୟାଣ

ମୁଣ୍ଡପିଛା ଆୟ ସହିତ ଲୋକଙ୍କ କଲ୍ୟାଣ ଜରୁରୀ ନୁହେଁ । ଉଦାହରଣ ସ୍ୱରୂପ, କାର୍ଯ୍ୟର ଅବସ୍ଥାର ଗୁଣବତ୍ତା, କାର୍ଯ୍ୟ କରିଥିବା ଘଣ୍ଟା ସଂଖ୍ୟା, ଶିକ୍ଷା ସ୍ତର, ଏବଂ ସ୍ୱାସ୍ଥ୍ୟ ସୁବିଧା ମୁଣ୍ଡପିଛା ଆୟ ଗଣନାରେ ଅନ୍ତର୍ଭୁକ୍ତ ନୁହେଁ । ଫଳସ୍ୱରୂପ, ସମ୍ପ୍ରଦାୟର ସାମଗ୍ରିକ କଲ୍ୟାଣ ସଠିକ୍ ଭାବରେ ପ୍ରତିଫଳିତ ହୋଇନପାରେ ।

ଏହା ବିଚାର କରିବା ଜରୁରୀ ଯେ ମୁଣ୍ଡପିଛା ଆୟ କେବଳ ଗୋଟିଏ ମେଟ୍ରିକ୍ ଏବଂ ଏହାକୁ ଅନ୍ୟ ଆୟ ମାପ ସହିତ ବ୍ୟବହାର କରାଯିବା ଉଚିତ ଯେପରିକି ମଧ୍ୟମ ଆୟ, ଅଞ୍ଚଳଗୁଡିକ ଦ୍ୱାରା ଆୟ ଏବଂ ଦାରିଦ୍ରରେ ବାସ କରୁଥିବା ବାସିନ୍ଦାଙ୍କ ଶତକଡ଼ା ।

ଗୁଡିଆଳୀ, କବିସୂର୍ଯ୍ୟ ନଗର, ଗଞ୍ଜାମ, +୨ କଳା ନାରାୟଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଠଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିରଳ ଅଲିଭ୍ ରିଡ଼ଲେ



ଡଃ ମନୋରଞ୍ଜନ ବିଷୋୟୀ

## ଗଂଜାମର ଋଷିକୁଲ୍ୟା ଉପକୂଳ ଓ ବିରଳ ଅଲିଭ୍ ରିଡ଼ଲେ

ବିଶ୍ୱବାସୀଙ୍କୁ ଆକର୍ଷିତ କରି ଆସୁଥିବା ପାଞ୍ଚ ପ୍ରକାର ବିରଳ ପ୍ରଜାତିର କଇଁଚ (ଅଲିଭ୍ ରିଡ୍ଲେ, ଲଗର୍ହେଡ୍, ଗ୍ରୀନ୍ ଟର୍ଟଲ୍, ଲେଦରବ୍ୟାକ୍ ଓ ହକ୍ସ ବିଲ୍) ଆଦି ମଧ୍ୟରୁ ଅଲିଭ୍ ରିଡ୍ଲେ ଅପେକ୍ଷାକୃତ ଛୋଟ । ଗୋଟିଏ ପ୍ରାପ୍ତବୟସ୍କ ଅଲିଭ୍ ରିଡ୍ଲେର ଓଜନ ପ୍ରାୟତଃ ୫୦ରୁ ୭୦ କିଲୋଗ୍ରାମ ମଧ୍ୟରେ ହୋଇଥିବା ବେଳେ ଏହାର ଲମ୍ବ ପ୍ରାୟତଃ ୬୦ରୁ ୭୦ ସେ.ମି. ମଧ୍ୟରେ ହୋଇଥାଏ । ସଂପ୍ରତି ବିଶ୍ୱ ମାନଚିତ୍ରରେ ଆକର୍ଷଣର କେନ୍ଦ୍ରବିନ୍ଦୁ ଭାବେ ଓଡ଼ିଶାର ଉପକୂଳ ବେଶ୍ ଚର୍ଚ୍ଚିତ । ବିଶେଷକରି ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍ଲେ ମାନଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ଓଡ଼ିଶାର ଉପକୂଳ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ଆସୁଅଛି । ଶୀତଋତୁର ଅନ୍ତିମ ଲଗ୍ନରେ ଏହି ପ୍ରଜାତିର ସାମୁଦ୍ରିକ କଇଁଛ ଗଂଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଣ, କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଗହୀରମଥା ଓ ପୁରୀ ଜିଲ୍ଲାର ଦେବୀନଦୀ ମୁହାଣକୁ ସାମୂହିକ ଭାବେ ଅଣ୍ଡାଦାନ ନିମନ୍ତେ ଆସିଥାନ୍ତି । ବିଗତ କିଛିବର୍ଷ ହେଲା ଏହି ସବୁ ମୁହାଣ ନିକଟକୁ ଅଲିଭ୍ ରିଡ୍ଲେଙ୍କ ଲକ୍ଷାଧିକ ସଂଖ୍ୟାରେ ଆଗମନ ଓ ଅଣ୍ଡାଦାନ ବାସ୍ତବିକ ମନରେ ବିସ୍ମୟ ସୃଷ୍ଟି କରିଥାଏ । ବିଶେଷକରି ଜାନୁଆରୀ ମାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠାରୁ ମାର୍ଚ୍ଚ ମାସ ମଧ୍ୟରେ ସେମାନେ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି ରଖିଥାନ୍ତି । ମୁଖ୍ୟତଃ ଅଲିଭ୍ ରିଡ୍ଲେ କଇଁଛ ସମୁଦ୍ର ଓ ମୁହାଣକୁ ଲାଗି ରହିଥିବା ବାଲୁକାମୟ ବେଳାଭୂମିକୁ ଅଣ୍ଡାଦାନର ପ୍ରକୃଷ୍ଟ କେନ୍ଦ୍ର ଭାବେ ବାଛିଥାନ୍ତି । ଅନୁସନ୍ଧାନରୁ ଜଣାଯାଏ - ଏହି ବିରଳ ପ୍ରଜାତିର ଅଲିଭ୍ ରିଡ୍ଲେ କଇଁଛ ପ୍ରଥମଥର ପାଇଁ ୧୯୯୪ ଜାନୁଆରୀ ୩୧ ତାରିଖରେ ଗଂଜାମ ଜିଲ୍ଲାର ଋଷିକୁଲ୍ୟା ନଦୀ ମୁହାଣ ନିକଟରେ ଦେଖିବାକୁ ମିଳିଥିଲା । ସଂପ୍ରତି ଗଂଜାମର ଋଷିକୁଲ୍ୟା ମୁହାଣ ଏହି ସାମୁଦ୍ରିକ ପ୍ରଜାତିର କଇଁଛଙ୍କ ଅଣ୍ଡାଦେବା ନିମନ୍ତେ ପ୍ରଥମ ପସନ୍ଦର ସ୍ଥାନ ପାଲଟି ଯାଇଛି । ଏହାଫଳରେ ମୁହାଣ ନିକଟସ୍ଥ ପୁରୁଣାବନ୍ଧ, ଗୋଖରକୁଦା, କଣ୍ଟିଆଗଡ଼, ପୋଡ଼ମ୍ପେଟା ଆଦି ଅବହେଳିତ ବହୁ ଗ୍ରାମ ଆଜି ଏହି ଅଲିଭ୍ରିଡ୍ଲେଙ୍କ ପାଇଁ ବିଶ୍ୱପ୍ରସିଦ୍ଧ ଓ ପ୍ରଶଂସା ପାଇପାରିଛି ।

ସଂପ୍ରତି ଗଂଜାମର ଗର୍ବ ପାଲଟିଥିବା ଏହି ବିରଳ ପ୍ରଜାତି ଅଲିଭ୍ ରିଡ୍ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଚଳିତବର୍ଷ ଫେବୃୟାରୀ ୨୩ ଗୁରୁବାର ସକାଳ ୭ଟା ଠାରୁ ଆରମ୍ଭ ହୋଇଅଛି । ପୁରୁଣାବନ୍ଧ ଠାରୁ କଣ୍ଟିଆଗଡ଼ ଗ୍ରାମ ନିକଟସ୍ଥ ବଟେଶ୍ୱର ପର୍ଯ୍ୟନ୍ତ ପାଞ୍ଚ କି.ମି. ଅଞ୍ଚଳ ସମୂହ ଅଣ୍ଡାଦାନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି । ଚଳିତ ବର୍ଷ ପୋଡ଼ମ୍ପେଟା ଗ୍ରାମ ନିକଟସ୍ଥ ବେଳାଭୂମିକୁ ସର୍ବାଧିକ କଇଁଚ ସମୂହ ଅଣ୍ଡାଦାନ ନିମନ୍ତେ ଆସିଥିବା ଦେଖିବାକୁ ମିଳିଅଛି । ଏହି ପ୍ରଜାତିର କଇଁଛମାନେ ଶୀତଳ ପବନ ବହିବା ପ୍ରକ୍ରିୟାକୁ ଅପେକ୍ଷା କରି ରହିଥାନ୍ତି । ପବନ ବହିବା ମାତ୍ରେ ବିଶେଷ କରି ରାତ୍ରିରେ ଦଳବଦ୍ଧ ଭାବେ ଏମାନେ ଉପକୂଳକୁ ଆସିଥାନ୍ତି । ବାଲୁକା ଶଯ୍ୟାରେ ପ୍ରାୟ ଦେଢ଼ରୁ ଦୁଇଫୁଟ ଗର୍ତ୍ତ କରି ସେଥି ମଧ୍ୟରେ ୧୦୦ରୁ ୧୫୦ ପର୍ଯ୍ୟନ୍ତ ଅଣ୍ଡାଦାନ କରି ତା' ଉପରେ ବାଲି ଘୋଡ଼ାଇ ପୁନର୍ବାର ସମୁଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତି । ଅଣ୍ଡାର ଗୋଲେଇ ପ୍ରାୟତଃ ୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ.ମି. ହୋଇଥାଏ । ଅଣ୍ଡାଦାନ ପ୍ରକ୍ରିୟା ଶେଷ ହେବାର ୪୫ରୁ ୫୦ ଦିନ ମଧ୍ୟରେ ସୂର୍ଯ୍ୟକିରଣର ଉତ୍ତାପ ଓ ବାଲିର ଆର୍ଦ୍ରତା ଫଳରେ ସଂରକ୍ଷିତ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଥାଏ । କିନ୍ତୁ ଦେଖାଯାଏ ସେମାନଙ୍କ ମଧ୍ୟରୁ ଅଧିକାଂଶ ସୁରକ୍ଷିତ ଅବସ୍ଥାରେ ସମୁଦ୍ର ମଧ୍ୟକୁ ଯାଇପାରନ୍ତି ନାହିଁ । କାଉ, ଚିଲ, ଶାଗୁଣା ଏପରିକି ବିଲୁଆ ଓ କୁକୁରଙ୍କ ଦୌରାତ୍ମ୍ୟରୁ ସେମାନେ ସହଜରେ ବର୍ତ୍ତିପାରନ୍ତି ନାହିଁ, କିନ୍ତୁ କିଛି ପରିମାଣରେ ଛୁଆ କଇଁଛ ବାଲି ଉପରେ ଦଳବଦ୍ଧ ଭାବେ ସନ୍ଧ୍ୟାକୁ ଅପେକ୍ଷା କରି ବସି ରହିଥାନ୍ତି । କାରଣ ସନ୍ଧ୍ୟା ସହିତ ଅନ୍ଧାର ଓ ନିରାପଦ ସମୟ ଆସିବା ପରେ ସମୁଦ୍ରରେ ପଡୁଥିବା ଚନ୍ଦ୍ର ଓ ତାରାଙ୍କର ଚକ୍‌ଚକ୍ ଆଲୋକରେ ଛୁଆ ଅଲିଭ୍ ରିଡ୍ଲେମାନେ ସମୁଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତି ।

ଏହି ପ୍ରଜାତିର କଇଁଛ ସାଧାରଣତଃ ଶ୍ରୀଲଙ୍କାର କଲମ୍ବୋ, କାଲମୋନାର ଓ ଜାଫନା ପ୍ରମୁଖ ତିନୋଟି ସ୍ଥାନ ମଧ୍ୟଭାଗକୁ ଖାଦ୍ୟ ଓ ଆଶ୍ରୟସ୍ଥଳୀ ରୂପେ ବାଛି ନେଇଥାନ୍ତି । ଅନୁଧ୍ୟାନରୁ ଜଣାଯାଏ ଯେ, ପରିବେଶର ସନ୍ତୁଳନ ରକ୍ଷା କରିବାରେ ଏହି ସାମୁଦ୍ରିକ ପ୍ରଜାତିର ଅଲିଭ୍ ରିଡ୍ଲେ କଇଁଛ ବହୁ ପରିମାଣରେ ସହାୟକ ହୋଇଥାଏ । ଏହି କଇଁଛ ଜେଲିଫିସ୍ ନାମକ ସାମୁଦ୍ରିକ ଜୀବକୁ ଖାଦ୍ୟ ରୂପେ ବ୍ୟବହାର କରିଥାଏ । ତେଣୁ ସମୁଦ୍ରରେ ଜେଲିଫିସ୍ ସଂଖ୍ୟା ନିୟନ୍ତ୍ରଣାଧିନ ରହେ । ଯାହାଫଳରେ ସାମୁଦ୍ରିକ ଚିଙ୍ଗୁଡ଼ି ବା ମାଛ ବଂଶ ବୃଦ୍ଧିରେ ଏହା ସହାୟକ ହୁଏ । କାରଣ ଜେଲିଫିସ୍‌ର ଖାଦ୍ୟ ହେଉଛି ଛୋଟ ମାଛ ବା ଚିଙ୍ଗୁଡ଼ି । ତେଣୁ ଜେଲିଫିସ୍ ବଂଶ ନିପାତରେ ସହାୟକ ରିଡ୍ଲେ କଇଁଛ ପରୋକ୍ଷରେ ମତ୍ସ୍ୟଜୀବୀଙ୍କ ବନ୍ଧୁ ରୂପେ ଉଭା ହୋଇଥାଏ । ତେଣୁ ଏହି ବିଲୁପ୍ତ ପ୍ରାୟ ଅଲିଭ୍ ରିଡ୍ଲେଙ୍କୁ ସୁରକ୍ଷା ଦେବା ଏକ ପ୍ରତ୍ୟାଶିତ କର୍ତ୍ତବ୍ୟ । କାରଣ ବିଗତ କିଛିବର୍ଷ ହେଲା ବହୁ ସଂଖ୍ୟାରେ ଅଲିଭ୍ ରିଡ୍ଲେଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଣ୍ଡାଦାନ ନିମନ୍ତେ ଏଠାକୁ ଆଗମନ ଅବସରରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତଦ୍‌ଜନିତ ମୃତ୍ୟୁ ଘଟଣା ଜନତା ଓ ପ୍ରାଣୀବିଜ୍ଞାନୀ ମାନଙ୍କୁ ବ୍ୟଥିତ କରିଛି  ।

ଏ ପରିପ୍ରେକ୍ଷୀରେ କହି ରଖେ ଓଡ଼ିଶା ଉପକୂଳ ଏହି ବିରଳ ପ୍ରଜାତିର ଅଲିଭ୍ ରିଡ୍ଲେଙ୍କ ପ୍ରଜନନ କ୍ଷେତ୍ର ହୋଇଥିବାରୁ କୋଷ୍ଟ ଲାଇନରେ ୧୭ଶହରୁ ଦୁଇ ହଜାର କିଲୋମିଟର ସାମୁଦ୍ରିକ ପଥ ଅତିକ୍ରମ କରି ଓଡ଼ିଶା ଅଭିମୁଖେ ଆସିଥାନ୍ତି । ସଂପ୍ରତି ଋଷିକୁଲ୍ୟା ମୁହାଣ ସେମାନଙ୍କ ପ୍ରଥମ ପସନ୍ଦ ସ୍ଥଳ ପାଲଟିଛି । ଏପରିକି ଚଳିତ ବର୍ଷ ରେକର୍ଡ଼ ସଂଖ୍ୟାରେ ଅଣ୍ଡାଦାନ କରୁଥିବା ଦେଖିବାକୁ ମିଳିଛି । ତେଣୁ ଏହି ମୁହାଣରେ ଅଲିଭ୍ ରିଡ୍ଲେଙ୍କ ସୁରକ୍ଷିତ ସମୂହ ଅଣ୍ଡାଦାନ ନିମନ୍ତେ ଚଳିତବର୍ଷ ମଧ୍ୟ ପୂର୍ବ ବର୍ଷମାନଙ୍କ ପରି ବନବିଭାଗ ଓ ଗଂଜାମର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏପରିକି ମୁହାଣ ଉପକୂଳବର୍ତ୍ତୀ ଅଞ୍ଚଳବାସୀଙ୍କ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ବାସ୍ତବିକ୍ ସ୍ୱାଗତଯୋଗ୍ୟ ଥିଲା । ଏପରିକି ଏହି ବିରଳ ପ୍ରଜାତିର କଇଁଛମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ବହୁ କ୍ୟାମ୍ପ କରାଯିବା ସହ ସୁରକ୍ଷିତ ସମୂହ ଅଣ୍ଡାଦାନ ନିମନ୍ତେ ବନବିଭାଗ ପକ୍ଷରୁ ପ୍ଲାଷ୍ଟିକ୍ ଜାଲିବାଡ଼ ଦିଆଯାଇଛି । ଏହାସହ ସ୍ଥାନୀୟ ରେଞ୍ଜର, ଫରେଷ୍ଟର ଆଦିଙ୍କ ତତ୍ତ୍ୱାବଧାନ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଅଲିଭ୍ ରିଡ୍ଲେଙ୍କ ସୁରକ୍ଷା ଓ ଗଣତି ବ୍ୟବସ୍ଥା କରାଯାଇଛି  । ଏପରିକି ଗଣତି ଓ ସୁରକ୍ଷା ଦୃଷ୍ଟିରୁ ବେଳାଭୂମିରେ ୫୦ ଗୋଟି ସେଗ୍ମେଣ୍ଟ୍ରେ ଦୁଇଜଣ ଲେଖାଏଁ କରି ୧୦୦ ଜଣଙ୍କୁ ମୁତୟନ କରଯାଇଛି । ଫଳତଃ ଚଳିତବର୍ଷ ଋଷିକୁଲ୍ୟା ମୁହାଣରେ ଏହି ସମୂହ ଅଣ୍ଡାଦାନ ପ୍ରକ୍ରିୟା ଦିନକୁ ଦିନ ବୃଦ୍ଧି ପାଇବା ସହ ଏହି ମୁହାଣ ଏକ ବୃହତ୍ତମ ଗଣ ଅଣ୍ଡାଦାନ ସ୍ଥଳୀ ରୂପେ ନିଜର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛି  ।

ଦାମୋଦରପୁର, ଗଂଜାମ, ସଂପର୍କ: ୮୮୯୫୧୪୧୭୨୭



Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଳାକାରଙ୍କୁ ଚିହ୍ନନ୍ତୁ - ୧




ସୌମ୍ୟ ରଞ୍ଜନ ସାମଲ

## ଶିଳ୍ପୀ କୈଳାଶ ରାଜୁ



ସୃଷ୍ଟିର ଆରମ୍ଭରୁ କଳା ମନୁଷ୍ୟ ସାଥିରେ ରହିଆସିଛି, ଆଦିମ ଯୁଗର ଗୁମ୍ଫାଚିତ୍ରରୁ ଆରମ୍ଭ କରି ବର୍ତ୍ତମାନର ଆଧୁନିକ ଚିତ୍ର ଯାଏଁ ସବୁଠି ଦେଖିବାକୁ ମିଳେ ମାନବୀୟ ଭାବନାର ପରିପ୍ରକାଶ । ବିଶ୍ୱଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ କହିବା ଅନୁସାରେ, "କଳାଦ୍ୱାରା ମାନବ ନିଜ ଭାବନାର ଅଭିବ୍ୟକ୍ତି କରିଥାଏ ।" କଳା ମାନବ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଯାହା ଏହି ବ୍ୟସ୍ତ ଜୀବନରେ ଭରିଦିଏ ସଜୀବତା ଓ ସକାରାତ୍ମକତା । ତେବେ କଳା ସଭିଙ୍କ ପ୍ରିୟ ହୋଇଥିବା ବେଳେ, ସମୟେ ସମୟେ ଆମ୍ଭେ କଳାକାରମାନଙ୍କ କଥା ଭୁଲିଯାଉ, ତେଣୁ ପ୍ରତିଭାସମ୍ପନ୍ନ କଳାକାରମାନଙ୍କୁ ସମାଜରେ ଏକ ପରିଚୟ ଦେବା, ଏହି ଲେଖାର ଉଦ୍ଦେଶ୍ୟ । ତେବେ ଏହି ସଂଖ୍ୟାର ଅତିଥି କଳାକାର ହେଉଛନ୍ତି ଯୁବଶିଳ୍ପୀ କୈଳାସ ରାଜୁ ।



Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶିଳ୍ପୀ କୈଳାଶ, ୨୦୦୧ ମସିହା ଜାନୁଆରୀ ମାସ ୨୭ ତାରିଖରେ କୋରାପୁଟ ଜିଲ୍ଲାର ଜୟପୁର ଅନ୍ତର୍ଗତ ପାଲିଗୁଡ଼ାଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଶ୍ରୀଯୁକ୍ତ ଗଜେନ୍ଦ୍ର ରାଜୁ ଜଣେ କୃଷକ ଅଟନ୍ତି, ଓ ତାଙ୍କ ମା ଜଣେ ସୁଗୃହିଣୀ । ଶିଳ୍ପୀ କୈଳାଶଙ୍କର ପିଲାବେଳୁ କଳା ପ୍ରତି ଅହେତୁକ ଆଗ୍ରହ ରହିଥିଲା, ତେବେ ପରିବାରରେ କେହି ଶିଳ୍ପୀ ନଥିଲେ ମଧ୍ୟ, ସେ ଦୂରଦର୍ଶନ କାର୍ଯ୍ୟକ୍ରମ ଓ ସ୍ଥାନୀୟ ଶିଳ୍ପୀ ମାନଙ୍କୁ ପ୍ରେରଣାର ଉତ୍ସ ଭାବେ ନେଇ, ନିଜ କଳାକାର ଜୀବନ ଆରମ୍ଭ କରିଥିଲେ । ସେ ତାଙ୍କ ପ୍ରାରମ୍ଭିକ ଶିକ୍ଷା କୋରାପୁଟରେ ସମାପ୍ତ କରି ପରବର୍ତ୍ତୀ ମୁହୂର୍ତ୍ତରେ ଜଣେ ସମ୍ପର୍କୀୟ ଭାଇଙ୍କ ପରାମର୍ଶ କ୍ରମେ ୨୦୧୭ ମସିହାରେ, କୋରାପୁଟର ଜୟପୁର ଆର୍ଟ କଲେଜରେ, ପେଣ୍ଟିଙ୍ଗ ବିଭାଗରେ ଶିକ୍ଷା ଗ୍ରହଣ କଲେ । ସେହିଠାରେ ସେ ଶିଳ୍ପୀ ଦୀନବନ୍ଧୁ ସାହୁଙ୍କ ଅଧୀନରେ କଳା ଶିକ୍ଷା କଲେ, ଓ ଏହି ସମୟରେ ସେ ଅଧିକ ସଂଖ୍ୟାରେ ବ୍ୟକ୍ତିଚିତ୍ର ଓ ଜଳରଙ୍ଗ ଚିତ୍ର ପ୍ରକାଶ କଲେ ।



ଶିଳ୍ପୀ କୈଳାଶଙ୍କୁ ମୁଖ୍ୟତଃ ରିଆଲିଷ୍ଟିକ ବା ବସ୍ତୁବାଦୀ ଶୈଳୀରେ କାର୍ଯ୍ୟ କରିବା ପସନ୍ଦ । ସେ ବାସ୍ତବବାଦୀ ଶୈଳୀ ସହ ସୃଜନଶୀଳତାର ଖୁବ ସୁନ୍ଦର ମିଶ୍ରଣ କରି ଉତ୍କୃଷ୍ଟ କଳାକୁ ପ୍ରକାଶ କରିବାରେ ପାରଙ୍ଗମ । ସେ ମୁଖ୍ୟତଃ ସାମାଜିକ ବିଷୟ ବସ୍ତୁକୁ ନେଇ ଚିତ୍ର ପ୍ରକାଶ କରିଥାଆନ୍ତି, ଯାହା ବର୍ତ୍ତମାନର ଯୁବପିଢ଼ିକୁ ଏକ ସକାରାତ୍ମକ ବାର୍ତ୍ତା ପ୍ରେରଣ କରିଥାଏ । ନିଶାନିବାରଣ, ସ୍ୱଚ୍ଛ ଭାରତ ଓ କରୋନା ଭୁତାଣୁ ପ୍ରତି ସତର୍କତା ପରି ଆଦି ଅନେକ ସାମାଜିକ ବିଷୟବସ୍ତୁକୁ ନେଇ ସେ ଖୁବ ସୁନ୍ଦର ଚିତ୍ରମାନ ଅଙ୍କନ କରିଅଛନ୍ତି । ତେବେ ଶିଳ୍ପୀଙ୍କ କହିବା ଅନୁସାରେ ତାଙ୍କୁ 'ଡିପ ଟୋନ' ବା ଗାଢ଼ ତାନ ରେ ଅଙ୍କନ କରିବା ଖୁବ ପସନ୍ଦ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com



ତେବେ ବର୍ତ୍ତମାନ ଶିଳ୍ପୀ କୈଳାଶ, ଭୁବନେଶ୍ୱରର ବିଭୁତି କାନୁନଗୋ, ଚାରୁ ଓ କାରୁକଳା ମହାବିଦ୍ୟାଳୟରେ, ଭାରତୀୟ ପାରମ୍ପରିକ କଳା ବିଭାଗର ଚତୁର୍ଥ ବର୍ଷର ଛାତ୍ର । ବିଭିନ୍ନ ଅନୁଷ୍ଠାନରୁ ଆରମ୍ଭ କରି ଭୁବନେଶ୍ୱରର କୋଣ ଅନୁକୋଣ ତଥା ରଙ୍ଗାୟିତ କାନ୍ଥରେ ତାଙ୍କର ସ୍ପର୍ଶ । ସେ ଅନେକ ରାଜ୍ୟସ୍ତରୀୟ ତଥା ଜାତୀୟ ପ୍ରଦର୍ଶନୀରେ ସଫଳତାପୂର୍ବକ ଅଂଶ ଗ୍ରହଣ କରିସାରିବା ପରେ, ବର୍ତ୍ତମାନ ନିଜ ଏକକ ପ୍ରଦର୍ଶନୀ ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି ।

'ପେଣ୍ଟିଙ୍ଗ ବିଭାଗ' ରେ ସ୍ନାତକୋତ୍ତର ଶିକ୍ଷା, ଶିଳ୍ପୀ କୈଳାଶଙ୍କର ପରବର୍ତ୍ତୀ ଯୋଜନା, ଏବଂ ନିଜ ରାଜ୍ୟ ତଥା ନିଜ ଜିଲ୍ଲା କୋରାପୁଟର ସଂସ୍କୃତି ଓ ପରମ୍ପରା ଏବଂ ଆଦିବାସୀ ସଂସ୍କୃତିକୁ ଦେଶ ବିଦେଶରେ ପରିଚୟ ପ୍ରଦାନ କରିବା, ଜୀବନର ଲକ୍ଷ୍ୟ । ସେହିପରି ଭାବେ, ଚିତ୍ରକଳାର ବିବିଧ ମାଧ୍ୟମରେ କାର୍ଯ୍ୟ କରିବା, ଓ ସ୍କେଚିଂର ଅଭ୍ୟାସ କରିବା ହେଉଛି, ତାଙ୍କର ଆଗାମୀ ପିଢ଼ିର ଶିଳ୍ପୀ ମାନଙ୍କ ପାଇଁ ଉପଦେଶ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଙ୍ଗଲ ସୁରକ୍ଷା : ଜୀବନ ରକ୍ଷା



ଅକ୍ଷୟ କୁମାର ରାଉତ

ଇଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି, ତାର ପଚଂଭୂତ, ଜଳ, ସ୍ଥଳ, ବାୟୁ ପ୍ରାଣୀ, ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି, ଶରତର ଶୁଭ୍ର ଶୋଭାତ ତ ହେମନ୍ତର କାକର, ଶୀତର ଶୀତଳତା ଓ ଋତୁରାଜ ବସନ୍ତର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ, ଷଡ଼ଋତୁ ଲୀଳାରେ ପ୍ରକୃତିର ଜୟଗାନ । ପ୍ରାକୃତିକ ସୁଷମାର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର, ତରଙ୍ଗ ଶୋଭିତ ନଦୀ ସକଳ, ଘନବନାନୀ ଆଛାଦିତ ନଭସ୍ପୃମ୍ବୀ ପର୍ବତମାଳା, ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଆମ୍ର, ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା, ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ, ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତିର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି, କଳ କାରଖାନାମାନଙ୍କର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି, ବାୟୁ, ଜଳ, ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ, ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିସ୍ଫୋରଣ ପ୍ରକୃତିର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତିକୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜାମାନେ ଅଭୟାରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜାକୁ ଆମ ସଂସ୍କୃତିର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥୁଲେ । ସେଥିପାଇଁ ବଟବୃକ୍ଷକୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜାର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତଥ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ, ଶାଳ, ପ୍ରିୟଙ୍ଗୁ, ଶିରିଷ, ନାଗକେଶର, ତମ୍ବୁର, ପାଟଳିକ, ଜାମୁ ଅଶ୍ୱତଥ, ଦଧିପର୍ଣ୍ଣ, ନନ୍ଦୀବୃକ୍ଷ, ତୀଳକ ତରୁ, ଚୂତ, ଅଶୋକ, ଚମ୍ପକ, ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରାଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷପୂଜାକୁ ଆହୁରୀ ଋଦ୍ଧିମନ୍ତ କରିଥାଏ, ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତାଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କର ଖାଣ୍ଡବବନ, ରାବଣର ଅଶୋକ ବାଟିକା, ବାଳିର ମଧୂବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖରୁ ୭ ତାରିଖ ପ୍ରର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତକୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାଶ୍ୱର୍ରେ ଥିବା ବୃକ୍ଷଲତାମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର ।

ଆଗ କାଳେ ଯିଏ ଘରଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସୀ, ଗୁଆ୍, କଦଳୀ, ବେଲ, ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷର ସାହାଯ୍ୟ ଆଦିମ ଅଧିବାସୀମାନେ ନେଉଥିଲେ । କିନ୍ତୁ ବର୍ତ୍ତମାନ ପରିବେଶ ଅସନ୍ତୁଳନରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କର ଉଚିତ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରାଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରୀ କଟକଣା ରହିଛି । ସରକାରଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା
ଜୀବ ଜଗତ ସର୍ବେ ହୋଇବେ ରକ୍ଷା

ପାରାଦ୍ୱୀପ ଗଡ଼ , କୁଜଙ୍ଗ,ଜଗତସିଂହପୁର,
ମୋ-୯୯୩୭୨୯୧୪୭୫.

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆନ୍ତର୍ଜାତିକ ମାତୃଭାଷା ଦିବସ



ଅସିତ ମହାନ୍ତି

## ଅନ୍ତର୍ଜାତିକ ମାତୃଭାଷା ଦିବସର ଆହ୍ୱାନ

ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ଓଡ଼ିଶାର ମହାନ ସାହିତ୍ୟକାର ଏବଂ ଓଡ଼ିଶାର ଭାଷା ଆନ୍ଦୋଳନର ଯୋଦ୍ଧା ବ୍ୟାସକବି ଫକୀରମୋହନ ସେନାପତିଙ୍କ କଥନ ମନେ ପଡେ । ସେ କହିଥିଲେ "ଯେଉଁ ରାଷ୍ଟ୍ରର ଭାଷା ବିକଶିତ ନୁହେଁ ସେ ଜାଗ୍ରତ ନୁହେଁ । ଏହା ପଦକ୍ଷେପ ନେବାରେ ଅକ୍ଷମ ଏବଂ ଆତ୍ମ ସମ୍ମାନ ବଜାୟ ରଖିବାରେ ଅସମର୍ଥ ହୋଇଥାଏ । କୌଣସି ରାଷ୍ଟ୍ର ନିଜର ମାତୃଭାଷାକୁ ହରାଇ କେବେ ଅଗ୍ରଗତି କରିନାହାଁନ୍ତି । କୌଣସି ରାଷ୍ଟ୍ରର ଅବନତି ଏବଂ କ୍ଷୟ ଅବଶମ୍ଭାବୀ ଯାହା ନିଜର ମାତୃଭାଷାକୁ ଅବହେଳା କରେ । ଯେକୌଣସି ଜାତିର ଉନ୍ନତି ପାଇଁ ଏହାର ଭାଷାର ବିକାଶ ଏବଂ ସାହିତ୍ୟ ମୌଳିକ ଅଟେ ।" ଫକିର ମୋହନଙ୍କ ପାଇଁ, ଗୋଟିଏ ଜାତି ତାର ମାତୃଭାଷା ଏବଂ ଜାତୀୟ ପ୍ରତିଷ୍ଠା ଦ୍ୱାରା ଚିହ୍ନିତ ହୋଇଥାଏ । ଏହି ମହତ୍ୱପୂର୍ଣ୍ଣ କଥନରୁ ମାତୃଭାଷାର ଉପଯୋଗୀତା କେତେ ମହତ ତାହା ଉପଲବ୍ଧି କରାଯାଇପାରେ । ସମଗ୍ର ବିଶ୍ୱରେ ଭାଷାଭିତ୍ତିକ ଏବଂ ସାଂସ୍କୃତିକ ବିବିଧତା ଏବଂ ବହୁଭାଷୀତାକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପ୍ରତିବର୍ଷ ଫେବୃଆରୀ ୨୧ ରେ ପାଳନ କରାଯାଏ । ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବାର କଳ୍ପନା ପ୍ରଥମେ ବାଂଲାଦେଶରୁ ଆସିଥିଲା । ନଭେମ୍ବର ୧୯୯୯ରେ ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂଗଠନ (ୟୁନେସ୍କୋ)ର ସାଧାରଣ ସମ୍ମିଳନୀ ଦ୍ୱାରା ଅନ୍ତର୍ଜାତୀୟ ମାତୃଭାଷା ଦିବସ ଘୋଷିତ ହୋଇଥିଲା । ବାସ୍ତବରେ ବାଂଲାଦେଶ ବାସୀଙ୍କ ଦ୍ୱାରା କରାଯାଇଥିବା ଐତିହାସିକ ଭାଷା ଆନ୍ଦୋଳନକୁ ଶ୍ରଦ୍ଧାଞ୍ଜଳି ଜଣାଇ ଏହି ଘୋଷଣା କରାଯାଇଥିଲା । ବଙ୍ଗଳା ଭାଷା ଆନ୍ଦୋଳନ ପୂର୍ବ ବଙ୍ଗଳାରେ ଏକ ରାଜନୈତିକ ଆନ୍ଦୋଳନ (୧୯୫୨ ମସିହାରେ ପୂର୍ବ ପାକିସ୍ଥାନର ନାମକରଣ) ବଙ୍ଗଳା ଭାଷାକୁ ପାକିସ୍ତାନର ତତ୍କାଳୀନ ଡୋମିନିଅନର ସରକାରୀ ଭାଷା ଭାବରେ ସ୍ୱୀକୃତି ଦେବା ପାଇଁ ପ୍ରୋତ୍ସାହିତ କରିଥିଲା, ଯାହାଦ୍ୱାରା ସରକାରୀ କାର୍ଯ୍ୟରେ ଏହାର ବ୍ୟବହାର ଜାରି ରହିଥିଲା । ଶିକ୍ଷାର ମାଧ୍ୟମ ଭାବରେ ବ୍ୟବହାର, ମିଡିଆ, ମୁଦ୍ରା ଏବଂ ଷ୍ଟାମ୍ପରେ ଏହାର ବ୍ୟବହାର, ଏବଂ ବଙ୍ଗାଳୀ ଲିପିରେ ଏହାର ଲେଖା ବଜାୟ ରଖିବା ଥିଲା ଏହି ଆନ୍ଦୋଳନର ଉଦ୍ଦେଶ୍ୟ ଥିଲା । ଏହାକୁ ଭାଷା କ୍ରାନ୍ତି ଦିବସ, ବଙ୍ଗଳା ଭାଷା ଆନ୍ଦୋଳନ ଦିବସ ବୋଲି ମଧ୍ୟ କୁହାଯାଏ, ଏହା ଏକ ଜାତୀୟ ଦିବସ ଯାହାକି ୧୯୫୨ ମସିହାରେ ବାଂଲାଦେଶରେ ବଙ୍ଗଳାଭାଷା ଆନ୍ଦୋଳନରେ ବିରୋଧ କରୁଥିବା ସମୟରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମୃତ୍ୟୁକୁ ସ୍ମରଣ କରିଥାଏ । ଭାଷାର ବିବର୍ତ୍ତନ ଏବଂ ଏହାର ବିକାଶର ଏକ ଦୀର୍ଘ ଇତିହାସ ଅଛି । ବାସ୍ତବରେ ଭାଷା ମନୁଷ୍ୟ ଏବଂ ପ୍ରକୃତି ମଧ୍ୟରେଏକ ପାରସ୍ପରିକ ସମ୍ପର୍କ । ବିବର୍ତ୍ତନ ପ୍ରକ୍ରିୟାରେ ଆମେ ମନୁଷ୍ୟ ହେବା ପରେ ଭାଷା ଆମର ଜ୍ଞାନର ଭଣ୍ଡାର ରୂପେ ଆବିର୍ଭାବ ହେଲା ଯାହା ବିଶ୍ୱ ଏବଂ ମାନବସଭ୍ୟତା ମଧ୍ୟରେ ସମ୍ପର୍କ ସ୍ଥାପିତ କଲା । ମନୁଷ୍ୟ ମୌଖିକ ଶବ୍ଦକୁ ଗ୍ରହଣ କଲା ଏବଂ ପରିଶେଷରେ ଭାଷା ମଣିଷର ଅସ୍ତ୍ର ରୂପେ ପରିଣତ ହେଲା । ଭାରତରେ ପ୍ରାୟ ୧୬୫୨ଟି ଭାଷା ଥିଲା କିନ୍ତୁ ବାଂଲାଦେଶ ଯୁଦ୍ଧ ପରେ ଉପଯୁକ୍ତ ଯତ୍ନ ନ ନେବାରୁ ଅନେକ ଭାଷା ସେମାନଙ୍କର ପରିଚୟ ହରାଇଲେ । କୁହାଯାଇଥିଲା ଯେ ଏକ ଭାଷା ପାଇଁ ଅତି କମରେ ୧୦,୦୦୦ ଲୋକ ଆବଶ୍ୟକ । ଏହାର ଅର୍ଥ ଅନେକ ସ୍ଥାନୀୟ ଭାଷା ଅଦୃଶ୍ୟ କରିବାକୁ ଏହା ଏକ ସୁଚିନ୍ତିତ ପ୍ରୟାସ ଥିଲା । ପ୍ରତ୍ୟେକ ଦେଶରେ ମାତୃଭାଷାକୁ ପ୍ରଥମ ଭାଷା ଭାବରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବ୍ୟାଖ୍ୟା କରାଯାଇଛି ଯାହାକି ଜଣେ ବ୍ୟକ୍ତି ଜନ୍ମ ହେବା ପରେ ଶିଖିବା ଆରମ୍ଭ କରେ ଏବଂ ତାହା ହେଉଛି ସେହି ବ୍ୟକ୍ତିଙ୍କ ନିଜ ଦେଶରେ ବ୍ୟବହୃତ ଭାଷା; ତାହାହିଁ ହେଉଛି ଜଣଙ୍କର ମାତୃଭାଷା, ଯାହା ପ୍ରତ୍ୟକ ବ୍ୟକ୍ତିଙ୍କର ପରିଚୟ ଦେଇଥାଏ । ସ୍ଥାୟୀ ସମାଜ ପାଇଁ ସାଂସ୍କୃତିକ ଏବଂ ଭାଷାଭିତ୍ତିକ ବିବିଧତାର ଗୁରୁତ୍ୱ ଉପରେ ୟୁନେସ୍କୋ ବିଶ୍ୱାସ କରେ । ଶାନ୍ତି ପାଇଁ ଏହାର ଆଦେଶ ମଧ୍ୟରେ ସଂସ୍କୃତି ଏବଂ ଭାଷାରେ ଥିବା ପାର୍ଥକ୍ୟକୁ ବଞ୍ଚାଇ ରଖିବା ପାଇଁ କାର୍ଯ୍ୟ କରେ ଯାହା ଅନ୍ୟମାନଙ୍କ ପ୍ରତି ସହନଶୀଳତା ଏବଂ ସମ୍ମାନ ବଢ଼ିଥାଏ । ଅଧିକରୁ ଅଧିକ ଭାଷା ଅଦୃଶ୍ୟ ହେବାପରେ ଭାଷାଭିତ୍ତିକ ବିବିଧତା ଅଧିକ ବିପଦପୂର୍ଣ୍ଣ । ସର୍ବଭାରତୀୟ ସ୍ତରରେ ୪୦% ଜନସଂଖ୍ୟା ସେମାନେ କହୁଥିବା କିମ୍ବା ବୁଝୁଥିବା ଭାଷାରେ ଶିକ୍ଷା ପାଇପାରିବେ ନାହିଁ । ତଥାପି, ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷାରେ ଏହାର ଗୁରୁତ୍ୱ ବିଷୟରେ ବିଶେଷ ଭାବରେ ପ୍ରାଥମିକ ବିଦ୍ୟାଳୟରେ ଏବଂ ସାଧାରଣ ଜୀବନରେ ଏହାର ବିକାଶ ପାଇଁ ଅଧିକ ପ୍ରତିବଦ୍ଧତା ସହିତ ଅଗ୍ରଗତି ହେଉଛି । ବହୁଭାଷୀ ଏବଂ ବହୁସାଂସ୍କୃତିକ ସମାଜ ସେମାନଙ୍କ ଭାଷା ମାଧ୍ୟମରେ ବିଦ୍ୟମାନ ଅଛି ଯାହା ପାରମ୍ପାରିକ ଜ୍ଞାନ ଏବଂ ସଂସ୍କୃତିକୁ ଏକ ସ୍ଥାୟୀ ଉପାୟରେ ବିସ୍ତାର ଏବଂ ସଂରକ୍ଷଣ କରିଥାଏ । ଯେକୌଣସି ଭାଷାର ଯେତେବେଳେ ମୃତ୍ୟୁ ହୁଏ ସେ ଏକା ଶେଷ ନିଶ୍ୱାଶ ତ୍ୟାଗ କରେନା, ଏହା ସହିତ ସେହି ଭାଷାରେ ଲେଖାଯାଇଥିବା ଜ୍ଞାନର ଭଣ୍ଡାର ମଧ୍ୟ ଶେଷ ନିଶ୍ୱାସ ତ୍ୟାଗ କରିଥାଏ ଯାହା ମାନବ ସଭ୍ୟତାର ବିକାଶର ଧାରାରେ ଅମୁଲ୍ୟ ଯୋଗଦାନ କରିଥାଏ । ତେଣୁ ଏହା ଆମର ଦାୟିତ୍ୱ ଯେ  ଭାଷାର ସୃଷ୍ଟି ପାଇଁ ଆମର ପୂର୍ବଜ ମାନେ ହଜାର ହଜାର ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମ କରି ଯେଉଁ ଜ୍ଞାନର ଭଣ୍ଡାର ମାନବ ସଭ୍ୟତାକୁ ଦେଇଯାଇଛନ୍ତି, ସେହି ଭାଷାକୁ ରକ୍ଷା କରିବା । ଏହାହିଁ ହେଉଛି ଅନ୍ତର୍ଜାତିକ ମାତୃଭାଷା ଦିବସର ଆହ୍ୱାନ ।

ସୁଜନପୁର , ଯାଜପୁର
୯୩୪୮୧୬୮୮୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୈଳିକ ଜାତି ପ୍ରୀତି



ବିଜୟ କୁମାର ସାହୁ

## ତୈଳିକ ଜାତି ପ୍ରୀତି ପ୍ରତି ସିଂହାବଲୋକନ

ଓଡିଆ ଜାତିର ପ୍ରାଣ ଓ ସ୍ପନ୍ଦନ ଯାହାଙ୍କ ସହିତ ଭକ୍ତଟିଏ କଥାହୁଏ, ତା ସହିତ ହସ ବିନିମୟ କରେ, ତା ସହିତ ଭାବ ବିନିମୟ କରେ, ଯାହାଙ୍କୁ ସେ ଅନ୍ତଡିଶାଳରୁ ଜୁଇ ପର୍ଯ୍ୟନ୍ତ ସତ୍ୟ ବୋଲି ସ୍ୱୀକାର କରିବାକୁ ବାଧ୍ୟ ହୁଏ ସେହି ପରମ କାରୁଣିକ ଅନନ୍ତ ବିଭୂଷିତ ଜଗନ୍ନାଥ ମହାପ୍ରଭୁଙ୍କୁ କୋଟି ଦଣ୍ଡବତ ଜ୍ଞାପନ କରିବା ପୂର୍ବକ ତୈଳିକ ବୈଶ୍ୟ ସମିତି ପ୍ରତି ମୋର ଆନୁଗତ୍ୟ ପ୍ରକାଶ କରୁଅଛି । ସମସ୍ତ ଉଦାର ସଭ୍ୟ ତୈଳିକ ଜାତି ଭାଇ ମାନଙ୍କୁ ଏ ସେବକର ସିୟାରାମ ମୟ ସବ ଜଗଜାନି କରହୁଁ ପ୍ରନାମ ଜୋରି ଯୁଗପାନି ନ୍ୟାୟରେ ଭକ୍ତିପୂତ ପ୍ରଣତୀ ଜ୍ଞାପନ କରୁଅଛି ।

ତୈଳିକ ଜାତିର ବୈଶିଷ୍ଟ୍ୟ, ଉଦ୍ଦେଶ୍ୟ ଏବଂ ତାହାର ମହାନୁଭବତା ତଥା ତାହାର କ୍ରିୟାଶୀଳତା ଏ ମାନବ ସମାଜ ପ୍ରତି କେତେ ଗ୍ରହଣୀୟ କେତେ ଆଦରଣୀୟ ତାହାର ବିଚାର କରିବାର, ତାକୁ ରୋମନ୍ଥନ କରିବାର ସମୟ ଉପଗତ । ଯେହେତୁ ଆମେ ନିଜକୁ ଗର୍ବ କରି କହିଥାଉଁ ଯେ, ଆମେ ସାଧବ ପୁଅ ବୋଲି । ଆମର ଦେବତା ସ୍ୱୟଂ ଜଗନ୍ନାଥ ମହାପ୍ରଭୁ । ମୋର ପ୍ରତିବେଦନଟି ଆପଣମାନଙ୍କର ହୃଦୟତନ୍ତ୍ରୀକୁ କିପରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବରେ ଅନୁରଣିତ କରିବ କିପରି, ଝଙ୍କୃତ କରିବ ତାହା ତ ଜାଣେନା, ତାହା ବିଷାକ୍ତ କିମ୍ବା ମଧୁର ବିଚାର କରିବାର ଅନ୍ୱେଷ ରଖିବ ତାହା ଆପଣଙ୍କ ମର୍ଜ୍ଜି ବା ଇଚ୍ଛା ଉପରେ ନିର୍ଭର କରେ । ମୋର ଶୀର୍ଷକ ଆଲେଖ୍ୟରେ ଯଦି କିଛି ଅଲଣା କିମ୍ବା ସ୍ୱାଦହୀନ କଥାବସ୍ତୁ ଥାଏ ତାହା ହୁଏତ ଆପଣମାନେ ଅନସ୍ୱୀକାର କରିପାରନ୍ତି ଏତତ ସଙ୍ଗେ ମୋତେ ମଧ୍ୟ ନିଜର ନମନୀୟ ଗୁଣରେ କ୍ଷମା କରିଦେବେ ଏହି ଆଶା ଓ ବିଶ୍ୱାସକୁ ପାଥେୟ କରି ମୋର ବକ୍ତବ୍ୟକୁ ଉପସ୍ଥାପନା କରିବି ।

ଗତ ତା ୧୯.୦୩.୨୦୨୩ ରୁ ତା ୨୧.୦୩.୨୦୨୩ ପର୍ଯ୍ୟନ୍ତ ଓଡପଡ଼ାଠାରେ ଅନୁଷ୍ଠିତ ହୋଇଥିବା ଅବିଭକ୍ତ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ୫୫ ସାହି ତୈଳିକ ବୈଶ୍ୟ ସମିତି ସମାରୋହ ଉପଲକ୍ଷେ ନିମ୍ନଲିଖିତ କବିତାଟି ଅଭିପ୍ରେତ ।

ଅଭୁଲା ଏ ସ୍ମୃତି ଅଭୁଲା ଏ ସମାରୋହ
ଅଭୁଲା ଏ ଦିନ ଅଭୁଲା ଏ ରାତି
ଅଭୁଲା ଉପସ୍ଥିତ ଜାତି ଜନାର୍ଦ୍ଦନ
ଅଭୁଲା ଏ ସଭାର କର୍ଣ୍ଣଧାର
ସବୁଠାରୁ ଅଭୁଲା ମୋ ଜଗନ୍ନାଥ
ଅଭୁଲା ଅଭୁଲା ହୋଇ ରହିଯିବ
ମୋ ମାନସ ରାଜ୍ୟରେ
ମୋ ତୈଳିକ ବୈଶ୍ୟ ଜାତି ଓ ସମାଜ
ରୋମନ୍ଥନ କରୁଥିବ ମରିବା ଯାଏ
ସାଧବ ପୁଅର ଜଳଯାତ୍ରାର ଅମିୟ କାହାଣୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଥାଏ ବା ନଥାଏ କେହି ତ ଜାତି ଭାଇ ଥିବେ ନିଶ୍ଚୟ ॥

-୨-

ବସନ୍ତ ଆସିଛି । କୋଇଲି ଆମ୍ର ବନରେ କୁହୁ କୁହୁ ଗୀତ ଗାନ କରି ଜନମନ ରଞ୍ଜନ କରୁଅଛି । ସନାତନ ହିନ୍ଦୁ ଧର୍ମର ନବବର୍ଷ ପ୍ରାରମ୍ଭ ହେବାକୁ ଯାଉଛି, ଯାହା ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଗଣାନୁଯାୟୀ ସୃଷ୍ଟିର ଆରମ୍ଭ ଦିବସ । ଏପରି ଶୁଭ ଓ ବର୍ଣ୍ଣାଢ୍ୟ ପରିବେଶ ଭିତରେ ତୈଳିକ ଜାତିର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରାଯାଉଛି । ସମସ୍ତ ମନୁଷ୍ୟ ସମାଜ ନିଜ ନିଜର ଜାତିକୁ ନେଇ ଗର୍ବ କରନ୍ତି । ଏହା ସ୍ୱାଭାବିକ କଥା ବି । ମୋ ଜାତି ଅନ୍ୟ ଜାତି ତୁଳନାରେ ଶ୍ରେଷ୍ଠ । ଏହି ଆତ୍ମଗର୍ବ ଯେ ସବୁଠି ଓ ସବୁକାଳରେ ଜାତିର ଗର୍ବ କିମ୍ବା ଟେକ ରଖିବ ଏହା ଭାବିବା ବୃଥା । ଯଦି ଏହା ସମ୍ଭବ ତେବେ ଆମେ ଯେ ସର୍ବପ୍ରଥମେ ଭାରତୀୟ ଆର୍ଯ୍ୟ ସଂସ୍କୃତି ସମ୍ପନ୍ନ ହିନ୍ଦୁଜାତି ଏହି ପ୍ରକାର ଅସ୍ମିତା ସର୍ବାଦୌ ଗ୍ରହଣୀୟ । ଯଦି ଆମେ କେବଳ ଜାତି ପଛରେ ଗୋଡାଇବା ତେବେ ଆମେ ଯେ ସନାତନୀ ଆମର ସଂସ୍କୃତି ଯେ ସନାତନ ଏପରି ଅସ୍ମିତା ରହିବ ନାହିଁ । ସଂକୀର୍ଣ୍ଣ ମାନସିକତା ସ୍ୱରୂପ ଜାତି ଜାତି ଭିତରେ ଘୃଣାର ପାଚେରୀ ସୃଷ୍ଟି ହେବ । ଯାହା ଆଜି ସମଗ୍ର ଭାରତରେ ଦେଖାଯାଉଅଛି । ଶ୍ରେଣୀବାଦ, ପୁଞ୍ଜିବାଦ, ଭାଷାବାଦ, ଆଞ୍ଚଳିକବାଦ, ଜାତିବାଦ, ଭେଦାଭେଦବାଦ, ରାଜନୈତିକ ଫାଇଦା ପାଇଁ ରାଜନୈତିକ ବୟାନ ବାଜି ଏପରି ଅନେକ ବାଦ ବିବାଦ ସୃଷ୍ଟି ହୋଇ ଏ ମହାଭାରତୀୟ ହିନ୍ଦୁ ଜାତିକୁ, ଏ ଦେଶକୁ, ଏ ରାଜ୍ୟକୁ ତଳିତଳାନ୍ତ କରିବ ସିନା କୌଣସି ଉଚ୍ଚତର କାମନାର ପୂର୍ତ୍ତି ହେବ ନାହିଁ । ଯଦି ଆମେ ୩୦ / ୪୦ ବର୍ଷ ତଳକୁ ଫେରିଯିବା ତେବେ ଏହି ସମୟ ଭିତରେ ବିରାଟ ପରିବର୍ତ୍ତନ ହୋଇଥିବାର ଦେଖିବାକୁ ପାଇବା । ଜାତି ଅଛି କିନ୍ତୁ ଜାତିର ଚରିତ୍ର ବଦଳିଯାଇଛି । ସମୟର ପ୍ରବାହମାନ ଧାରାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜାତିର ସଂଜ୍ଞା ବି ବଦଳିଯାଇଥିବାର ମନେହୁଏ । ପଶୁ, ସରୀସୃପ, ଜଳଚର, ଆକାଶଚର ଯେତେ ସବୁ ପ୍ରାଣୀ ଅଛନ୍ତି ସେମାନଙ୍କଠାରୁ ମନୁଷ୍ୟ କେବଳ ଉତ୍କୃଷ୍ଟ ପ୍ରାଣୀ ବା ଜୀବ ଅଟେ । ଉଭୟ ବୌଦ୍ଧିକ ଚେତନା ସହିତ ଅନ୍ତଃଚେତନାର ସ୍ରୋତ ତା ଧମନୀରେ ପ୍ରବାହିତ । ଭଲ-ମନ୍ଦ, ପାପ-ପୂଣ୍ୟ, ଶିକ୍ଷା-ଅଶିକ୍ଷା, ନୀତି-ଅନୀତିର ବିଚାରବୋଧତା ମନୁଷ୍ୟ ନିକଟରେ ରହିଅଛି । ମଣିଷର ଉଜ୍ଜ୍ୱଳ ମାନବିକତା ହିଁ ଦିନେ ନା ଦିନେ ତାକୁ ବିଶ୍ୱ ଦରବାରରେ ଉଚ୍ଚ ସ୍ଥାନ ପ୍ରଦାନ କରିଥାଏ । ତାହା ବ୍ୟକ୍ତିକେନ୍ଦ୍ରିକ ହେଉ କିମ୍ବା ଜାତିକୈନ୍ଦ୍ରିକ ହେଉ । ଜାତିର ନାଁ ପଡେ ବ୍ୟକ୍ତିର ବି ନାଁ ପଡେ । ହେଇ ଅମୁକ ବ୍ୟକ୍ତିର ସନ୍ତାନ ଅମୁକ ଜାତିର ସମ୍ଭୁତ ପିଲାଟି କେତେ ସୁଧାର । ମନୁ ଶାସ୍ତ୍ରରେ କୁହାଯାଇଅଛି – ମନୁର୍ଭବ । ଏଠାରେ ମନୁ ଜାତି କଥା ଉଲ୍ଲେଖ ନ କରି କେବଳ କହିଲେ ମନୁଷ୍ୟ ହୁଅ ।

ଭଗବାନ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ସ୍ୱଧର୍ମ ଏବଂ ଜାତି କଥାର ସମ୍ୟକ ବର୍ଣ୍ଣନା କରିବାକୁ ଯାଇ କହୁଅଛନ୍ତି –

ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ । (ଗୀତା ୩ /୩୫)

ଜାତି ବା ବର୍ଣ୍ଣକୁ ନେଇ ଭଗବାନ କହୁଅଛନ୍ତି – ଚାତୁର୍ବର୍ଣ୍ଣ୍ୟ । ମୟା ସୃଷ୍ଟେ । ଗୁଣକର୍ମବିଭାଗଶଃ । ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ ॥ (ଗୀତା ୪ / ୧୩)

ଭଗବାନ ଚାରି ବର୍ଣ୍ଣ ବିଭାଗ କଥା କହିଲା ପରେ ଏବେ ଚାରିବର୍ଣ୍ଣ ମାନଙ୍କର କର୍ମ ଏବଂ କଥା କହୁଅଛନ୍ତି ।

୧. ବ୍ରାହ୍ମଣ –

ଶମୋ ଦମସ୍ତପଃ ଶୌଚ ।

କ୍ଷାନ୍ତିରାର୍ଜବବମେବ ଚ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜ୍ଞାନଂ ବିଜ୍ଞାନମାଷ୍ଟିକ୍ୟ ।

ବ୍ରହ୍ମକର୍ମ ସ୍ୱଭାବଜମ ॥

୨. କ୍ଷତ୍ରିୟ –

ଶୌର୍ଯ୍ୟ । ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଳାୟନମ ।

ଦାନମିଶ୍ୱରଭାବଶ୍ଚ କ୍ଷ୍ୟାତ୍ର । କର୍ମ ସ୍ୱଭାବଜମ ॥

୩. ବୈଶ୍ୟ -

କୃଷିଗୌରକ୍ଷ୍ୟବାଣିଜ୍ୟ ।

ବୈଶ୍ୟକର୍ମ ସ୍ୱଭାବଜମ ।

୪. ଶୂଦ୍ର -

ପରିଚର୍ଯ୍ୟାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜମ ॥

ଉପର ପାଖରୁ କ୍ରମାନୁଯାୟୀ ଗଣିଲେ ଆମେ ତୃତୀୟରେ ଅଛୁ, ତଳ ପାଖରୁ ଗଣିଲେ ଆମେ ଦ୍ୱିତୀୟରେ ଅଛୁ । ଏ କ୍ଷେତ୍ରରେ ଆମେ କିପରି କହିବା ଯେ ସର୍ବଭାରତୀୟ ଜନ ମାନସରେ ଆମେ ଶ୍ରେଷ୍ଠ ଜାତି ବୋଲି କିମ୍ବା ଆମଠାରୁ କେହି ବଡ ନାହିଁ ବୋଲି । କିନ୍ତୁ ଏହା ସ୍ୱୀକାର କରିବାକୁ ହେବ ଯେ ସମଗ୍ର ଶରୀରର ଭାର ପାଦ ବହନ କରିଥାଏ । ତେବେ ଆମେ କିପରି କହିବା ପାଦତା ନିକୃଷ୍ଟ ବୋଲି । ଯାହା ଉପରେ ଅନ୍ୟ ତିନି ଜାତି ନିର୍ଭର କରିଥାନ୍ତି ।

-୩-

ପୁଣି କହୁଅଛନ୍ତି –

ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧି । ଲଭତେ ନରଃ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱକର୍ମନିରତଃ ସିଦ୍ଧି । ଯଥା ବିନ୍ଦତି ତଚ୍ଛୃଣୁ ॥ (ଗୀତା ୧୮ / ୪୫)

ଭଗବାନଙ୍କ ଶ୍ରୀମୁଖରୁ ନିଃସୃତ ଜାତି ବିବରଣୀ ହେଉଛି ସମାଜକୁ ଶୃଙ୍ଖଳିତ କରିବ, ସୁସଙ୍ଗଠିତ କରିବ, ସମସ୍ତ ଜାତି ଭାଇମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ ଏବଂ ଧନାଢ୍ୟ କରିବ । ମୂଳ କଥା ହେଲା ମହାଭାରତୀୟ ସ୍ରୋତରେ ଆମେ ସମସ୍ତେ ପରସ୍ପର ଯୋଡି ହୋଇ ରହିବା । ପ୍ରାର୍ଥନା କରାଯାଏ ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟଃ ।

କର୍ମ ଏବଂ ଗୁଣକୁ ନେଇ ଚାରି ଜାତିର ସୃଷ୍ଟି ହେଲା । ତାପରେ ସ୍ୱଧର୍ମର ବ୍ୟାଖ୍ୟା କରାଗଲା । ଏହି ସ୍ୱଧର୍ମଟି ବାସ୍ତବରେ କଣ ? ଏହାର ବର୍ଣ୍ଣନା ବଡ ବଡ ଋଷିମୁନିମାନେ କରିଅଛନ୍ତି । ବାହ୍ୟତଃ ଆଚରଣଗତ ଧର୍ମ ଏବଂ ଅନ୍ତଃଚେତନାକୁ ବିଶୁଦ୍ଧ କରିବାର ଧର୍ମ । ଯେପରି ଶରୀରକୁ ସୁସ୍ଥ ସୁନ୍ଦର କରିବା ପାଇଁ ନାନାପ୍ରକାର ସୁଷମ ଖାଦ୍ୟ, ଶାରୀରିକ ବ୍ୟାୟାମ, ଯୋଗ ଏବଂ ଆଭୁଷଣ ଇତ୍ୟାଦିର ଆବଶ୍ୟକତା ହୋଇଥାଏ ସେହିପରି ଅନ୍ତଃଚେତନାକୁ ବିଶୁଦ୍ଧ କରିବା ନିମନ୍ତେ ଦୈବୀଗୁଣର ଅଧିକାରୀ ହେବାକୁ ନିହାତି ପ୍ରୟୋଜନ ।

ଭଗବାନ କହିଲେ ଜନ୍ମରୁ ଜାତି ସୃଷ୍ଟି ହୋଇନାହିଁ । ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି –

ଜନ୍ମାତ ଜାୟତେ ଶୂଦ୍ର ସଂସ୍କାର ଦ୍ୱିଜ ଉଚ୍ୟତେ ।

ବେଦଭ୍ୟାସାତ ଭବେତ ବିପ୍ର ବ୍ରହ୍ମ ଜାନାତି ବ୍ରାହ୍ମଣ ॥

ଯଦି ଜନ୍ମରୁ ଜାତି ଉଦ୍ଭବ ହୋଇଛି ବୋଲି ସ୍ୱୀକାର କରିବାକୁ ହେବ ଏ କଥାବି ସ୍ୱୀକାର କରିବାକୁ ହେବ ଯେ ନିର୍ଦ୍ଧିଷ୍ଟ ଜାତିର ମନୁଷ୍ୟ ନିଜର କଠୋର ତପସ୍ୟା ଦ୍ୱାରା ଉଚ୍ଚୋତ୍ତର ପଦକୁ ଉର୍ଣ୍ଣିତ ହୋଇପାରିବ ଯେପରି ରାଜର୍ଷି ବିଶ୍ୱାମିତ୍ର ବ୍ରହ୍ମର୍ଷି ହୋଇ ପାରିଥିଲେ । କାଳକ୍ରମେ ଅନ୍ୟାନ୍ୟ ଜାତିର ମଧ୍ୟ ଅଭ୍ୟୁଦୟ ହେଲା । ଜନ୍ମ ପରେ ନିଜର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସ୍ତିତ୍ୱକୁ ଜାହିର କରିବା ନିମନ୍ତେ ନିର୍ଦ୍ଦିଷ୍ଟ ଜାତିର ଶ୍ରେଣୀ ବା ଗୋଷ୍ଠୀ ମାନବ କରିବାକୁ ଲାଗିଲା । ଯେପରି ଆମର ପରିଚୟ ଦେବାକୁ ଯାଇ କହୁଛେ ତେଲି କିମ୍ବା ତୈଳିକ ଜାତି ବୋଲି । ସେହିପରି କ୍ଷତ୍ରିୟ କୁଳରେ ଜନ୍ମିତ ସନ୍ତାନ କ୍ଷତ୍ରିୟ, ବ୍ରାହ୍ମଣ କୁଳରେ ଜନ୍ମିତ ସନ୍ତାନ ବ୍ରାହ୍ମଣ ଇତ୍ୟାଦି ।

ଆମେ ନିଜକୁ ତୈଳିକ ଜାତି ଏବଂ ବୈଶ୍ୟ ଜାତିର ଅନ୍ତର୍ଭୁକ୍ତ ବୋଲି ଗର୍ବ କରୁ । ବାଣିଜ୍ୟ ହେଉଛି ଆମର ପେଶା ବା ବୃତ୍ତି । ଏହି ବୈଶ୍ୟ ଜାତିରେ ଚଷା ଏବଂ ଗଉଡ ବି ଗଣା ହେବେ କି ନାହିଁ? କାରଣ ଭଗବାନ କହିଲେ - କୃଷି ଗୌରକ୍ଷ୍ୟ......... ॥ ଜାତିଟା ହେଉଛି ଦେହର ଉପାଧି ଏହା ଆତ୍ମାର ନୁହେଁ । ଆମେ ଦେହକୁ ନେଇ କହୁ ତେଲି ବୋଲି କିନ୍ତୁ ଆତ୍ମାର ନିର୍ଦ୍ଦିଷ୍ଟ ଜାତି ନାହିଁ ତାହା ହେଉଛି ଏକ ସ୍ୱୟଂ ସଂପୂର୍ଣ୍ଣ ସତ୍ତା ଯାହାର ରୂପ କଳ୍ପନା କରିବା ମଧ୍ୟ ଦୁରୂହ ବ୍ୟାପାର । ଦେହର ବିନାଶରେ ଜାତି ଧର୍ମ ସିନା ନଷ୍ଟ ହୋଇଯାଏ କିନ୍ତୁ ଆତ୍ମାର ନୁହେଁ ସେ ଘଟରୁ ଘଟାନ୍ତର ହୋଇଚାଲିଥାଏ ଯେ ପର୍ଯ୍ୟନ୍ତ ନିର୍ବାଣ ପାଇନଥାଏ ।

ଧନାନୀ ଭୁମୌ ପଶବୋହି ଗୋଷ୍ଠେ ।
ନାରୀ ଗୃହଦ୍ୱାରୀ ସଖା ଶ୍ମଶାନେ ॥
ଦେହ ଶ୍ଚିତାୟାଂ ପରଲୋକ ମାର୍ଗେ ।
ଧର୍ମାନବୋ ଗଚ୍ଛତି ଜୀବ ଏକଃ ॥

ପୁରାଣରେ ବର୍ଣ୍ଣନା କରାଯାଇଅଛି ସୃଷ୍ଟି ଆଦ୍ୟ କାଳରେ ପରମାତ୍ମାଙ୍କ ନାଭି ଦେଶରୁ ଏକ ସୁବର୍ଣ୍ଣମୟ ପଦ୍ମ କୋଷର ଉଦ୍ଭବ ହେଲା, ତହିଁରୁ ଆବିର୍ଭୂତ ହେଲେ ବ୍ରହ୍ମା । ବ୍ରହ୍ମାଙ୍କ ମନରୁ ମରୀଚି ଏବଂ ତାଙ୍କଠାରୁ ମହର୍ଷି କଶ୍ୟପ । କଶ୍ୟପ ଏବଂ ତାଙ୍କ ପତ୍ନୀ ଦକ୍ଷ କନ୍ୟା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଦିତିଙ୍କ ଗର୍ଭରୁ ବିବସ୍ୱନ ବା ସୂର୍ଯ୍ୟଙ୍କ ଜନ୍ମ ହେଲା । ସୂର୍ଯ୍ୟଙ୍କ ପତ୍ନୀ ଶ୍ରଦ୍ଧା । ଶ୍ରଦ୍ଧାଙ୍କ ଗର୍ଭରୁ ଇକ୍ଷାକୁ, ନୃଗ, ଶର୍ଯ୍ୟାତି, ଦିଷ୍ଟ, ଧୃଷ୍ଟ, କରୁଷ, ନରିଷ୍ୟନ୍ତ, ପୃଷଧ୍ର ଓ କବି । ଏହି ବଂଶ ସୂର୍ଯ୍ୟବଂଶ ଭାବେ ପରିଚିତ ହେଲା । ବୈବସ୍ୱତମନୁଙ୍କ ପୁଣି ଏକ କନ୍ୟା ଜାତ ହେଲା । ତାର ନାମ ହେଲା ଇଳା । ହିମାଳୟ ଉପତ୍ୟକା ଅରଣ୍ୟ ମଧ୍ୟରେ ତାଙ୍କୁ ଏକଦା ଚନ୍ଦ୍ରଙ୍କ ପୁତ୍ର ବୁଧ ଦେଖିଲେ । ତାଙ୍କ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ତାଙ୍କୁ ଚନ୍ଦ୍ରପୁତ୍ର ବୁଧ ବିବାହ କଲେ । ତାଙ୍କ ଔରସରୁ ପୁରୁରୁବା ଜନ୍ମ ହେଲେ । ଏହି ପୁରୁରବାଙ୍କ ବଂଶ ଚନ୍ଦ୍ରବଂଶ ନାମରେ ଜମ୍ବୁଦ୍ୱୀପରେ ପରିଚିତ ହେଲା । ଦ୍ୱାପର ଯୁଗରେ ଚନ୍ଦ୍ରବଂଶରେ ଭଗବାନ ଶ୍ରୀକୃଷ୍ଣ ଆବିର୍ଭୂତ ହୋଇଥିଲେ । ସେହିଭଳି ସୂର୍ଯ୍ୟବଂଶରେ ଭଗବାନ ଶ୍ରୀରାମଚନ୍ଦ୍ର ଆବିର୍ଭୂତ ହୋଇଥିଲେ । ପ୍ରାଚୀନ ଭାରତ ବର୍ଷରେ ସୂର୍ଯ୍ୟବଂଶ ଏବଂ ଚନ୍ଦ୍ରବଂଶ ଦୁଇଟି ପ୍ରମୁଖ ରାଜବଂଶ ଥିଲେ ।

-୪-

ଚନ୍ଦ୍ରବଂଶରେ କାଳକ୍ରମେ ସମ୍ଭବ ହେଲେ ଯଯାତି । ଯଯାତିଙ୍କ ପୁତ୍ର ଯଦୁ । ଏହି ରାଜା ଯଦୁଙ୍କ ନାମାନୁସାରେ ଯଦୁବଂଶ ବିଖ୍ୟାତ ହେଲା । ଯଦୁଙ୍କର ପୁତ୍ର କ୍ରୋଷ୍ଟୁର ଓ ତାଙ୍କ ପୁତ୍ର ହେଲେ ହୈହେୟ । ହୈହେୟ ପୁତ୍ର ଦେବମୀଢ । ଦେବମୀଢଙ୍କର ଦୁଇ ପତ୍ନୀ ଥିଲେ । ଜଣେ କ୍ଷତ୍ରିୟ ଅନ୍ୟଟି ବୈଶ୍ୟ । କ୍ଷତ୍ରିୟ ପତ୍ନୀଙ୍କ ଠାରୁ ଜନ୍ମହେଲେ ଶୂରଶେନ । ତାଙ୍କ ପୁତ୍ର ବସୁଦେବ ଓ ବସୁଦେବଙ୍କ ପୁତ୍ର ଶ୍ରୀକୃଷ୍ଣ । ତାଙ୍କର ପୃଥା ନାମ୍ନୀ କନ୍ୟା ମିତ୍ର କୁନ୍ତିଭୋଜ ଦ୍ୱାରା ପାଳିତା ହୋଇ କୁନ୍ତୀ ନାମରେ ପରିଚିତା ହେଲେ ଏବଂ ସେ ପଣ୍ଡୁଙ୍କୁ ବିବାହ କରିହୋଇଥିଲେ ପାଣ୍ଡବ ଜନନୀ । ଦେବମୀଢଙ୍କ ବୈଶ୍ୟା ପତ୍ନୀଙ୍କଠାରୁ ଜନ୍ମହେଲେ ପର୍ଜନ୍ୟ । ତାଙ୍କ ପୁତ୍ର ହେଲେ ଉପନନ୍ଦ, ଅତିନନ୍ଦ, ନନ୍ଦ, ସନନ୍ଦ ଏବଂ ନନ୍ଦନ । ଭଗବାନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶ୍ରୀକୃଷ୍ଣ ଗୋପପୁରକୁ ଯାଇ ପାଳିତ ହୋଇଥିଲେ ନନ୍ଦଙ୍କ ଦ୍ୱାରା । କ୍ଷତ୍ରିୟ ବୃତ୍ତି ଧରି ବସୁଦେବ ମଥୁରାରେ ବାସକରୁଥିଲେ ଏବଂ ନନ୍ଦବଂଶୀୟ ଗୋ – ପାଳକ କରି ଗୋପାଳ ଭାବରେ ପରିଚିତ ଥିଲେ । ରାମାୟଣରେ ବର୍ଣ୍ଣିତ ଅଛି ପ୍ରଭୁ ଶ୍ରୀରାମ ଦଣ୍ଡକ ବନରେ ଶ୍ରୀଧର ନାମକ ଗୋପାଳଙ୍କ ଠାରୁ ଦୁଗ୍ଧ ପାନକରି ତାଙ୍କର ପୁତ୍ରଭାବରେ ଦ୍ୱାପର ଯୁଗରେ ଜନ୍ମ ହେବେ ବୋଲି ଆଶୀର୍ବାଦ କରିଥିଲେ । ମହାରାଜ ଦିଲ୍ଲୀପ ଗୋମାତା ନନ୍ଦିନୀଙ୍କ ସେବା କରି ରଘୁ ବଂଶର ପ୍ରତିଷ୍ଠାତା ପୁତ୍ର ରଘୁଙ୍କୁ ପ୍ରାପ୍ତ ହୋଇଥିଲେ । ଏସବୁ ଏଠାରେ ଅବତାରଣା କରିବାର ଅର୍ଥ ଜନ୍ମ ହେଲାପରେ ଗୁଣ ଓ କର୍ମକୁ ନେଇ ବଂଶର ସଜ୍ଞା ନିରୂପଣ କରାଗଲା ।

କର୍ମ ଏବଂ ବୃତ୍ତି ପୃଥକ ବିବେଚନା କରାଯାଇପାରେ । କର୍ମ ସୁକର୍ମ ହୋଇପାରେ କୁକର୍ମ ହୋଇପାରେ କିମ୍ବା ଶୁଭାଶୁଭ ମିଶ୍ରିତ କର୍ମ ହୋଇପାରେ ।  ଅଥଚ ବୃତ୍ତି ହେଉଛି ଏକ ନିର୍ଦ୍ଧିଷ୍ଟ କର୍ମକୁ ନେଇ । ଯେପରି ତେଲି ଜାତିର ବୃତ୍ତି ହେଲା ତେଲ ଉତ୍ପାଦନ କରିବା, ଗଉଡର ବୃତ୍ତି ଗୋପାଳ ଓ ଗୋଚାରଣ କରିବା, ଭଣ୍ଡାରୀର ବୃତ୍ତି ହେଲା ଅନ୍ୟ ଜାତିର ସେବା କରିବା, ବ୍ରାହ୍ମଣର ବୃତ୍ତି ହେଲା ଅନ୍ୟକୁ ଶିକ୍ଷା ପ୍ରଦାନ କରିବା ଏବଂ କ୍ଷତ୍ରିୟର ବୃତ୍ତି ହେଲା ଦେଶ ରକ୍ଷା କରିବା ଏବଂ ଶାସନ କରିବା । ୟେ ସବୁ ହେଉଛି ନିଜର କୌଳିକ ବୃତ୍ତି । କିନ୍ତୁ ଆଧୁନିକ ସମାଜରେ ଏହି ବୃତ୍ତି କୌଣସି ଏକ ଜାତି ଭିତ୍ତିକ ହୋଇ ରହିନାହିଁ । ନିଜର ଅଧ୍ୟାପନା ଓ ଅଧ୍ୟବସାୟ ନେଇ ଯିଏ ଯାହାକୁ ନିଜ ଜୀବନରେ ଆପଣାର କରିପାରିଲା ସେ ସେହି ପ୍ରକାର ବୃତ୍ତିକୁ ବଞ୍ଚିବାର କୌଶଳ ମନେ କରୁଛି । ଯେପରି ଆମ ତୈଳିକ ଜାତିର ଗୁଣୀ, ଜ୍ଞାନୀ ଭାଇମାନେ ପ୍ରଶାସକ, ଡାକ୍ତର, ଲେକଚର, ଶିକ୍ଷକ, ଇଞ୍ଜିନିୟର ଆଦି ହୋଇ ଦେଶର ସୁନାମ ବୃଦ୍ଧି କରୁଅଛନ୍ତି ସେହିପରି ବ୍ରାହ୍ମଣ ଜାତି ଭାଇମାନେ ଯଜ୍ଞାଦି କର୍ମ କରିବା ସଙ୍ଗେ ସଙ୍ଗେ ଦେଶ ରକ୍ଷା କରିବାରେ ନିଜକୁ ନିୟୋଗ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରୁଅଛନ୍ତି ।

ସେମାନେ ସବୁଠାରୁ ଉଚ୍ଚ ପଦରେ ଅଧିଷ୍ଠିତ ହୋଇପାରିଛନ୍ତି । ସେମାନେ ମଧ୍ୟ ଦେଶର ପ୍ରମୁଖ ସେବାରେ ମଧ୍ୟ ନିଜକୁ ନିୟୋଜିତ କରୁଛନ୍ତି । ଜଣେ ଶୂଦ୍ର ଜାତି ଭାଇ ମଧ୍ୟ ଦେଶର ସର୍ବୋଚ୍ଚ ଶିଖରରେ ପହଞ୍ଚି ପାରୁଛି । ବଡ ବଡ ଶିଳ୍ପପତି ମାନେ ନାନାଦି ପ୍ରକାର କଳ କାରଖାନ ପ୍ରତିଷ୍ଠା କରି ଦେଶକୁ ଆର୍ଥିକ କ୍ଷେତ୍ରରେ ଓ ସାମାଜିକ କ୍ଷେତରେ ବିରାଟ ପରିବର୍ତ୍ତନ ଆଣିପାରୁଅଛନ୍ତି । ତେଲି ନ ହୋଇ ମଧ୍ୟ ବଡ ବଡ ତେଲ କାରଖାନା ପ୍ରତିଷ୍ଠା କରିଅଛନ୍ତି । ବର୍ତ୍ତମାନ ଆଉ ନିର୍ଦ୍ଧିଷ୍ଟ ଜାତିର ବୃତ୍ତି ବା ଧର୍ମକୁ ନିଜକୁ ଶ୍ରେଷ୍ଠ ମନେକରିବା ଅବସ୍ଥା ନାହିଁ । ଏପରିକି ଆମେ କୌଣସି ଜଣେ ବ୍ରାହ୍ମଣର ମନ୍ଦକର୍ମକୁ ନେଇ ଅଙ୍ଗୁଳି ଦେଖାଇ କହିଥାଉ ଓହୋ ଅମୁକ ବ୍ରାହ୍ମଣ ପିଲା ଏଡେ ଭୟଙ୍କର ଯେ ସେ ଚଣ୍ଡାଳଠାରୁ ମଧ୍ୟ ହୀନ ଅଟେ । ସେହିପରି ଆମ ତୈଳିକ ଜାତିର କୌଣସି ସନ୍ତାନ ଯଦି ଅପକର୍ମ କଲା ତାକୁ ଆମେ ସହଜରେ ଗ୍ରହଣ କରିନଥାଉ । ସବୁଠାରୁ ବଡ କଥା ହେଲା ଆମେ ମନ୍ଦ ବା ସମାଜ ଅନିଷ୍ଟକାରୀ ତତ୍ତ୍ୱକୁ ଗ୍ରହଣ ନ କରିବା ଭଲ କିନ୍ତୁ ବ୍ୟକ୍ତିକୁ ଘୃଣା କରିବସୁ । ଯଦି ଆମେ ଆତ୍ମ ସମୀକ୍ଷା କରିବା ତେବେ ଆମ ସମସ୍ତଙ୍କଠାରେ କେତେଯେ ଅବଗୁଣ ବସା ବାନ୍ଧିଥିବ ତାହା କହିବା ନିଷ୍ପ୍ରୟୋଜନ ।

-୫-

ଆମେ ଏଇ ଟିକିଏ ପୂର୍ବରୁ ସୁଚେଇ ଦେଇଛୁ ଯେ ସୂର୍ଯ୍ୟବଂଶ ସମ୍ଭୁତା କନ୍ୟା ଇଳା ଚନ୍ଦ୍ରଙ୍କ ପୁତ୍ର ବୁଧ ସହିତ ପ୍ରେମ ବିବାହ କଲେ । ଏଠାରେ ଜାତିର ବିଭ୍ରାଟ ହେଲା ନାହିଁ କିନ୍ତୁ ପ୍ରେମର ପରାକାଷ୍ଠା ଦୃଢ ହେଲା । ଏଣୁ ସମ ଜାତୀୟ ବିବାହ ନ ହୋଇ ବିଷମ ଜାତି ସହିତ ପ୍ରେମ, ତାପରେ ବିବାହ ହେଲା । ତତ୍କାଳୀନ ସମାଜ କଣ କରିଥିବ ତାହା ମୋ ଜ୍ଞାନର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାହାରେ । ଶାସ୍ତ୍ରରେ ଅଛି ବିବାହ କିଏ କାହା ସହିତ କରିବା ତାହା କୁଆଡେ ସ୍ୱର୍ଗରେ ନିଷ୍ଚିନ୍ତ ହୋଇଥାଏ । ଆମେ କଥା କଥାକେ କହିଥାଉଁ ପ୍ରଜାପତି ଘଟସୂତ୍ର ନ ହେଲେ ବିବାହ ହୋଇପାରେନା । ଆଗକାଳେ ଗାନ୍ଧର୍ବ ବିବାହ ଅନୁଷ୍ଠିତ ହେଉଥିଲା । ଏପରିକି କନ୍ୟାକୁ କ୍ଷମତା ଦିଆଯାଇଥିଲା ସେ କାହାକୁ ନିଜର ପତି ଭାବରେ ଗ୍ରହଣ କରିବ । ଏଣୁ ସେତେବେଳେ ସ୍ୱୟଂବର ବ୍ୟବସ୍ଥା ଥିଲା ଯଦିଓ ତାହା ଆଜି ନାହିଁ ନା ସେ ରାଜଧର୍ମ ବି ନାହିଁ । ମହାରାଣୀ ଦ୍ରୌପଦୀକୁ ବିବାହ କରି ମଧ୍ୟ ଅର୍ଜୁନ ଓ ଭୀମ ଅନ୍ୟ ଜାତିର କନ୍ୟାକୁ ଗ୍ରହଣ କରିଥିଲେ । ମହାରାଜ ଶାନ୍ତନୁ ମଧ୍ୟ ସତ୍ୟବତୀକୁ ଗ୍ରହଣ କରିଥିଲେ । ପରାଶର ଋଷି ଅସାମାନ୍ୟା କୈବର୍ତ୍ତ କନ୍ୟା ମତ୍ସ୍ୟଗନ୍ଧାକୁ ନିଜର ତପସ୍ୟା ଶକ୍ତି ବଳରେ ଯୋଜନାଗନ୍ଧା କରି ତା ସହିତ ରମଣ କରିଥିଲେ । ମତ୍ସ୍ୟଗନ୍ଧା ପରବର୍ତ୍ତୀ କାଳରେ ସତ୍ୟବତୀ ନାମରେ ବିଖ୍ୟାତ ହୋଇଥିଲେ । ସେହି ସତ୍ୟବତୀଙ୍କ ଅସାମାନ୍ୟ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ମହାରାଜ ଶାନ୍ତନୁ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଆମେ ଏତିକି କହିପାରିବା ଯେ କେବଳ ଦୈହିକ ସୁଖ ଆସ୍ୱାଦନ ପାଇଁ ଭିନ୍ନ ଦୁଇ ଜାତିର ପୁରୁଷ ଓ ସ୍ତ୍ରୀ ସଂସର୍ଗରେ ଜାତ ଜାତି ବା ବର୍ଣ୍ଣ ହେଉଛି ଏକ ଭ୍ରାନ୍ତ ଓ କଦାକାର ବ୍ୟବସ୍ଥା । ସମାଜର ସନ୍ତୁଳିତ ରକ୍ଷା କରିବା ପାଇଁ ଜାତି ପ୍ରତି ବିଶ୍ୱସ୍ତ ହେବା ଏକାନ୍ତ ଜରୁରୀ ।

ବେଳେ ବେଳେ ସମାଜର ତଥାକଥିତ କ୍ଷମତାଲିପ୍ସୁ ବଡପଣ୍ଡା ମାନେ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାରେ ସମର୍ଥ ନ ହୋଇ ପ୍ରକାରାନ୍ତରେ ଅନ୍ୟ ଭାଇମାନଙ୍କ ପ୍ରତି ଅବିଚାର କରିଥାନ୍ତି । ହୁଏତ ଏହି କାରଣ ଯୋଗୁଁ ପ୍ରାୟ ପ୍ରତ୍ୟେକ ସାହିରେ କିଛି ନା କିଛି ଅପ୍ରୀତିକର ଅବସ୍ଥା ସୃଷ୍ଟି ହେବାର ସମ୍ଭାବନା ଦେଖାଯାଏ । ଆମେ ଯାହାକୁ କହୁ ଜାତିର ବେହେରା ବା ସଭାପତି ତାଙ୍କ ନିକଟରେ ଅନେକ ଅଳିଆ ପଡିଥିବ ଅଥଚ ସେ ସ୍ୱୀକାର କରିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାରାଜ । ଏପରିକି ବିତ୍ତଶାଳୀ ପ୍ରତିପତ୍ତି ସମ୍ପନ୍ନ ବ୍ୟକ୍ତିମାନଙ୍କର ସନ୍ତାନ ଅନ୍ୟ ଜାତିରୁ ଝିଅ ଆଣିଥିବେ କିମ୍ବା ଦେଇଥିବେ ସମାଜ ଆଗରେ ସେ ନିର୍ମଳ ଦେଖାଇବାର ଛଳନା କରିଥାନ୍ତି । ସେହି ସମାନ ବ୍ୟତିକ୍ରମରେ ଯଦି ତାଙ୍କ ଠାରୁ କମ ଆଭିଜାତ୍ୟ ସମ୍ପନ୍ନ କିମ୍ବା ମଳିମୁଣ୍ଡିଆ ଜାତି ଭାଇର ସନ୍ତାନ ସନ୍ତତି ଭୁଲ କରିଥାନ୍ତି ତାଙ୍କୁ କେତେ ଯେ ଟାହି ଟାପରା ଠାରୁ ବାଛନ୍ଦ ଓ ଅର୍ଥ ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡେ ତାହା ଆପଣମାନେ ଅବଶ୍ୟ ଅନୁଭବ କରିଥିବେ । ସବୁଠାରୁ ବଡ କଥା ହେଲା ପୁଅ ଝିଅ ଭୁଲ କରିବେ ଅଥଚ ବିଚରା ପିତାଟି ଉପରେ ନାହିଁ ନ ଥିବା କଟକଣା ବୋଝ ଲଦିଦିଆଯାଏ । ଅଣନିଃଶ୍ୱାସୀ ପିତାଟି ସମାଜ ଆଗରେ ଆଣ୍ଠେଇବାକୁ ବାଧ୍ୟ ହୁଏ । ଆପଣମାନେ କଣ ଛାତିରେ ହାତ ଦେଇ କହିପାରିବେ ସତରେ ନିର୍ବାସିତ ପୁଅ ଝିଅ ପ୍ରତି ତଥାକଥିତ ମାତାପିତାଙ୍କ ଦରଦ ଭାବ ଉଛୁଳେ ନାହିଁ କି ତାଙ୍କୁ ଆମେ ନିର୍ବାସିତ କରିଦେଇ ଯନ୍ତ୍ରଣାରୁ ଆଶ୍ୱସ୍ତି ଲାଭ କରିଥାଉଁ  ।

ସରକାର ଓ ଆଇନ ମଧ୍ୟ ପ୍ରାପ୍ତ ବୟସ୍କା ଓ ବୟସ୍କ ସନ୍ତାନଗଣଙ୍କର ନିଜ ନିଜ ମନ ପସନ୍ଦ ଜାତିର ବିବାହକୁ ସ୍ୱୀକୃତି ପ୍ରଦାନ କରୁଅଛନ୍ତି । ଏ କ୍ଷେତ୍ରରେ ସମାଜ ସେମାନଙ୍କୁ ବାଛନ୍ଦ ଓ ଜୋରିମାନାର ଭୟ ଦେଖାଇ କେତେ ଦିନ ତାଡନା କରିପାରିବ । ମୁଁ କହିବାର ଅର୍ଥ ସେମାନେ ଯେତେବେଳେ ନିଜ ନିଜର ଜୀବନ ସାଥି ନିର୍ବାଚିତ କରିପାରୁଛନ୍ତି ଆମେ ତାଙ୍କୁ ବୁଝେଇ ପାରିବା ତା ବ୍ୟତୀତ ଆଉ କଣ କରିପାରିବା । ବିଗତ ମହାସଭା ମାନଙ୍କରୁ ଯେତେ ପ୍ରକାର କାଇଦା କଟକଣା ଲାଗୁ କରାଯାଇଅଛି ତଦନୁସାରେ ସମାଜକୁ ସ୍ଖଳିତ ହେବାରୁ ଆମେ କଣ ରକ୍ଷା କରିପାରିଛନ୍ତି ? ହଁ ଏତିକି ହେବ – ସମାଜର  ଆଇନ କଟକଣା ତା ବାଟରେ, ଧରି ପଳାଇବା ତା ବାଟରେ । ଆଧୁନିକ ଶିକ୍ଷା ଦିକ୍ଷା ଚାଲି ଚଲଣ ଆଭିଜାତ୍ୟ ପରମ୍ପରା ବିଳାସ ବ୍ୟସନ ଇତ୍ୟାଦି ଯୁବକ ଯୁବତୀକୁ ନିକଟତର କରିଦେଉଛି । ଏଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେପରି ଲିଭ ଇନ୍ ରିଲେସନ । ସବୁ ଦୋଷ ମାତାପିତା ଉପରେ ଲଦି ଦେବାରେ ସମାଜ ବାହାବା ନ ନେଉ କାରଣ ପକ୍ଷୀ ସାବକର ଡେଣା ଲାଗିଗଲେ ସେ ଆକାଶରେ ନିର୍ବିଘ୍ନରେ ବିଚରଣ କରିବାକୁ ସକ୍ଷମ ହୋଇଥାଏ ।

-୬-

ଜାତି ରହୁ ଜାତିରେ କଟକଣା ରହୁ କିନ୍ତୁ ଜାତି ନାମରେ ମାନବିକତା ମରି ନ ଯାଉ । କ୍ଷମତାର ମଧୁ ଆସ୍ୱାଦନ କରୁଥିବା ତଥାକଥିତ ଆଗ ଧାଡିର ନେତାଗଣ ଯେଉଁମାନଙ୍କ ଘରେ ସାମାଜିକ ଅବକ୍ଷୟ ଘଟିଥିବାର ନଜିର ରହିଛି ସେମାନେ ସମାଜର ବିପରୀତମୁଖି କାର୍ଯ୍ୟ କରୁନାହାଁନ୍ତି ତ ? ମନେକର ଜଣେ ସଭାପତିଙ୍କର ଝିଅ ବା ପୁଅ ଅନ୍ୟ ନିକୃଷ୍ଟ ଜାତିରେ ଥିବା କଲେକ୍ଟର କିବା ଆଏସ ଓଏସ ପାତ୍ରଟିକୁ ଜୀବନ ସାଥିରୂପରେ ଗ୍ରହଣ କରିବାକୁ ଅଡି ବସେ ସେ କ୍ଷେତ୍ରରେ ଉକ୍ତ ସଭାପତି ସମାଜ ସପକ୍ଷରେ ଯିବେ ନା ନିଜର ପ୍ରତିପତ୍ତି ସମ୍ପନ୍ନ ଆଭିଜାତ୍ୟକୁ କୋଳେଇ ନେବେ ? ଗୋଟାଏ ପଟେ ଅଜସ୍ର ସମ୍ମାନର ଅଧିକାରୀ ହୋଇ ପ୍ରଶଂସାର ପାତ୍ର ହେବେ ନା ବେକୁବ ହେବେ ? ପ୍ରତ୍ୟେକ ମଣିଷର ଏକ ଅନ୍ଧକାର ପାର୍ଶ୍ୱ ରହିଛି ଠିକ ଯେପରି ତା ସମ୍ମୁଖରେ ଚନ୍ଦ୍ର ଏବଂ ତା ପଛ ପାଖରେ ତାର ଘନ ରଙ୍ଗର ପ୍ରତିଛବି ।

ଆଜି ସବୁଠି କ୍ଷମତାର ଲୋଭ ଘାରିଛି ତଥାକଥିତ ପ୍ରତିପନ୍ନ ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ । କୁଆଡେ ପଦ ଅଳଙ୍କୃତ କରିଦେଲେ ନେତା ହୋଇଗଲେ ଜନତା ଜନାର୍ଦ୍ଦନ ମାନଙ୍କର ସେବା କରିବା ସହଜ ହୋଇଯାଏ । ଏପରିକି ଦେଖାଯାଉଅଛି ସଭାପତି, ସମ୍ପାଦକ ପଦ ଆତେଇବା ପାଇଁ ଲବି କରାଯାଏ । ଗୋଟିଏ ରୋଚକ କଥା ଉପସ୍ଥାପନା କରିବି କୌଣସି ଏକ ସଭାପତିଙ୍କ ଅବର୍ତ୍ତମାନରେ ଉକ୍ତ ପଦଟି ପୂରଣ କରିବା ନିମନ୍ତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଦିଓ ସାହିର ଅନ୍ୟାନ୍ୟ ମାନ୍ୟଗଣ ବ୍ୟକ୍ତି ବିଶେଷ ଥିଲେ ତାଙ୍କୁ କରାନଯାଇ ସଭାପତିଙ୍କ ପୁତ୍ର ସଭାପତି ହେବା, ସମ୍ପାଦକଙ୍କ ପୁତ୍ର ସମ୍ପାଦକ ହେବା ଅତ୍ୟନ୍ତ ସମ୍ମାନର ଅଧିକାରୀ ବୋଲି ଜୈନକ ଉପର ସଭାପତି ତାଙ୍କୁ ପରାମର୍ଶ ଦେଲେ । ସେ କହିଲେ ଓହୋ ତୁମ ବାପା ତାଙ୍କ ବାପା ସଭାପତି ହୋଇ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସମାଜରେ ରାଜୁତି କରୁଥିଲେ । ତୁମେ ଥାଉ ଥାଉ ଏ ଲୋଭନୀୟ ପଦ ଆଉ କାହାକୁ କାହିଁକି ଦେବ ଯେ । ତୁମେ ଗୋଟେ କାମ କର, ତୁମ ସାହିର କେତେଜଣ କଥାକୁହା ସଦସ୍ୟଙ୍କୁ ଭିତିରିଆ ଧର । ଦେଖିବ ତୁମେ ଅକ୍ଲେଶରେ ସଭାପତି ହୋଇଯିବ । ତାହାହିଁ ହେଲା । ଏହା କଣ ଗଣତନ୍ତ୍ର ? ଆଜିର ଅବସ୍ଥା 'କୁ' ଦିଗକୁ ଗତି କଲାଣି । ଏପରି ମାନସିକତା ଏ ସମାଜ ପାଇଁ କଣ ଶୋଭନୀୟ ? ଯଦି ତାହା ଆପଣମାନଙ୍କ ମତରେ ସୁନ୍ଦର ତେବେ ଏହା ସ୍ୱେଚ୍ଛାଚାରର ଏକ ନମୁନା ମାତ୍ର । ଶାସ୍ତ୍ରରେ କୁହାଯାଇଛି

ଅଭିମାନଂ ସୁରାପାନଂ ଗୌରବଂ ରୌରବ ସ୍ତଥା ।
ପ୍ରତିଷ୍ଠା ସୂକରୀ ବିଷ୍ଠା ତ୍ର୍ୟଣ୍ୟତକ୍ତା ସୁଖୀ ଭାବେତ ॥

ଅର୍ଥାତ ଅଭିମାନ ମଦିରା ପାନ ସହିତ ସମାନ ଗୌରବ ରୌରବ ନର୍କ ସହିତ ସମାନ ପ୍ରତିଷ୍ଠା ସୁଅର ବିଷ୍ଠା ସହିତ ସମାନ ଅଟେ ଏଣୁ ଏହି ତିନିକୁ ତ୍ୟାଗ କରିବା ଉଚିତ ।

ପରିଶେଷରେ ଏତିକି କହିବି ପାପ ପୂର୍ଣ୍ୟକୁ ସମାଜର ତତ୍କାଳୀନ ମୂଲ୍ୟବୋଧରେ ବିଚାର ନ କରି ତଉଲିବେ ମଣିଷପଣିଆର ନିକିତିରେ । ମୋର ଏହି ବକ୍ତବ୍ୟ ଅନ୍ଧକାର କିମ୍ବା ବର୍ଣ୍ଣଶଙ୍କର ବ୍ୟବସ୍ଥାକୁ ଲୁଚାଇବା ପାଇଁ ଉଦିଷ୍ଟ ନୁହେଁ, ବରଂ ସମାଜର ବଦ୍ଧମୂଳ, ପାରମ୍ପରିକ, ଅଳନ୍ଧୁଯୁକ୍ତ ବ୍ୟବସ୍ଥା ପ୍ରତି ଏକ ଆହ୍ୱାନ । ସନ୍ତାନ ସନ୍ତତିଙ୍କର ଜୀବନ ପରିଧିକୁ ବିଚାର ନ କରି ତାକୁ ପତିତ ବା ବର୍ଣ୍ଣଶଙ୍କର ଉପାଧିରେ ମହିମାମଣ୍ଡିତ କରିବା ଏଭଳି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପକ୍ଷପାତିତାକୁ ମୁଁ ଗ୍ରହଣ କରିପାରୁନାହିଁ । ପରିବର୍ତ୍ତନଶୀଳ ଦୁନିଆରେ ଘଡିକେ ଘଡି ସବୁ କ୍ଷେତ୍ରରେ ପରିବର୍ତ୍ତନ ଘଟି ଚାଲିଛି ଯେପରି ଆମର ଜୀବନ ଶୈଳୀ ଏବଂ ବଞ୍ଚିବାର ରାସ୍ତା । ତେଣୁ ଶାସ୍ତ୍ରରେ କୁହାଯାଇଛି ପୁଅ ଝିଅ ମାନଙ୍କର ବୈବାହିକ ସମ୍ବନ୍ଧ ପ୍ରଜାପତିଙ୍କର ଦ୍ୱାରା ନିର୍ଦ୍ଧିଷ୍ଟ ହୋଇଥାଏ ଆମେ ବା କ'ଣ କରିପାରିବା ? ଅବଶ୍ୟ ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ଯେପରି ରହେ ସୁସ୍ଥ ଗଣତାନ୍ତ୍ରିକ ସହିତ ଏ ସମାଜର କିପରି ଉତ୍ତରୋତ୍ତର ଶ୍ରୀବୃଦ୍ଧି କରାଯିବ । କାହାକୁ ବାଛନ୍ଦ କରିବା କିମ୍ବା ଜୋରିମାନା କରିଦେଲେ ଯେ ସମାଜ ଦୃଢ ହୋଇଯିବ ଏବଂ ଆମେ ସମଗ୍ର ବିଶ୍ୱରେ ଶ୍ରେଷ୍ଠ ତୈଳିକ ଜାତି ବୋଲି ଡେଙ୍ଗୁରା ପିଟିବା ଏକଥା ମୁଁ ବିଶ୍ୱାସ କରେନାହିଁ ।

-୭-

ମୋର ଏତାଦୃଶ ବକ୍ତବ୍ୟ ଅବଶ୍ୟ ତୈଳିକ ସମାଜର ତଥାକଥିତ ରୂଢିବାଦୀ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ଆଘାତ ଦେଇପାରେ ତଥାପି ଜାତି, ବର୍ଣ୍ଣଶଙ୍କର, ବାଛନ୍ଦ ବା ଅସହଯୋଗ, ବଂଶମର୍ଯ୍ୟାଦା, ପରିସ୍ଥିତି, ପରିବେଶ, ସମୟର ପରିବର୍ତ୍ତନ ଧାରାକୁ ଆଳ କରି ଆମେ କିପରି ସର୍ବେ ଭବନ୍ତୁ ସୁଖିନଃ ମନ୍ତ୍ରକୁ ଆମ ସମସ୍ତଙ୍କ ଜୀବନରେ ପ୍ରତିପାଦିତ କରିବା ଏବଂ ସଂସାରର କଷଟି ପଥରରେ ନିଜକୁ ଖାପ ଖୁଆଇ ବାଟ ଚାଲିବା ତାହା ଚିନ୍ତନ କରିବା । ଏତତ ସହିତ ତୈଳିକ ବୈଶ୍ୟ ସମାଜର ଉତ୍ତୋରତ୍ତର ଉନ୍ନତି କିପରି ହେବ, ପରସ୍ପର ମଧ୍ୟରେ ଭାତୃତ୍ୱ କିପରି ଅକ୍ଷୁର୍ଣ୍ଣ ରହିବ ସେ ଦିଗରେ ସତତ ଚେଷ୍ଟିତ ହେବାର ବେଳ ଉପନୀତ, ନଚେତ ସୁନ୍ଦର ଭାଷଣବାଜୀର କୌଣସି ମାନେ ରହିବ ନାହିଁ । ଆପଣମାନଙ୍କ ଅନାବିଳ ସୁସ୍ଥ ମାନସିକ ବିଚାର ଉପରେ ନିର୍ଭର କରେ ଯେ ; ମୋ ଜାତି ଶ୍ରେଷ୍ଠ ନା ମୁଁ ପ୍ରଥମେ ଗୋଟିଏ ମଣିଷ ତାପରେ ମୁଁ ଜଣେ ଭାରତୀୟ ତାପରେ ମୁଁ ଜଣେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଖାଣ୍ଟି ହିନ୍ଦୁ ସନାତନୀ ତାପରେ ଯାଇ ଜାତି ପଥ ପନ୍ଥ ଇତ୍ୟାଦି ଇତ୍ୟାଦି । ସନ୍ଥ କବୀର ଦାସ କହିଅଛନ୍ତି –

କବୀର, ମାନୁଷ ଜନ୍ମ ଦୁର୍ଲଭ ହୈ ମିଲେ ନା ବାରମ୍ବାର ।

ତରବର ସେ ପତ୍ତା ଟୁଟ ଗିରେ ବହୁର ନା ଲାଗେ ଡ଼ାର ॥

ହେ ମାନବ ଶରୀରଧାରୀ ପ୍ରାଣୀ ! ଏହି ମାନବ ଜନ୍ମ ଅନେକ ଯୁଗ ପରେ ବହୁତ କଷ୍ଟରେ ମିଳିଥାଏ । ଏହା ବାରମ୍ବାର ମିଳେ ନାହିଁ । ଏହି ଶରୀର ଥିବା ପର୍ଯ୍ୟନ୍ତ ଶୁଭ କର୍ମ ତଥା ପରମାତ୍ମାଙ୍କ ଭକ୍ତି କର ଅନ୍ୟଥା ଏହି ଶରୀର ଚାଲିଗଲେ ପୁନର୍ବାର ଏହି ମାନବ ଶରୀର ପ୍ରାପ୍ତ ହୋଇପାରିବ ନାହିଁ । ଯେପରି ବୃକ୍ଷରୁ ପତ୍ର ଝଡିବା ପରେ ସେହି ଡାଳରେ ପୁଣିଥରେ ଲାଗିପାରେ ନାହିଁ । ଦୁର୍ଲଭ ଦେହକୁ ପାଇ ଦୟା କ୍ଷମା ଯେବେ ନାହିଁ । ସତ ଶାନ୍ତି ବେନି ଗୁଣ ଯା ଦେହରେ ନାହିଁ ପୁଣ, କି ପକ୍ଷୀରାକ ! ପଶୁରେ ଲେଖନ ତାର ଦେହର ସଜ । (ଅନନ୍ତ ଗୁପ ଟୀକା – ହାଡିଦାସ) ମୋର ଏତାଦୃଶ ଆଲେଖ୍ୟଟି କାହାର ହୃଦୟକୁ ଭାଙ୍ଗିଦେବା ଅର୍ଥରେ କିମ୍ବା ଆଘାତ ଦେବା ପାଇଁ ଅଭିପ୍ରେତ ନୁହେଁ ବରଂ ଏହା ମୋର ବ୍ୟକ୍ତିଗତ ବାଣୀ । ଏଣୁ ଏହାକୁ ଘଷି ମାଜି କେହି ନିଜ ଉପରକୁ ନ ନିଅନ୍ତୁ ଏହାହିଁ ମୋର ବିନମ୍ର ନିବେଦନ । ଏପରି ଧୃଷ୍ଟତାକୁ ମୋର ଅବଶ୍ୟ ଆପଣମାନଙ୍କ ସହଜ ସୁନ୍ଦର ନମନୀୟ ଶ୍ରଦ୍ଧା ଓ ବିଶ୍ୱାସ ଗୁଣରେ ମୋତେ କ୍ଷମା କରିଦେବେ । ଇତି । ଜୟ ଜଗନ୍ନାଥ ଜୟ ଶ୍ରୀରାମ । ଜୟ ଭାରତ ଜୟ ହିନ୍ଦୁ ।

(ବିଜୟ କୁମାର ସାହୁ), ସଦସ୍ୟ, ବିଜିଗୋଳ ପାଟଣା ତୈଳିକ ବୈଶ୍ୟ ସମିତି, ବିଜିଗୋଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱ ପଖାଳ ଦିବସ



ଗୌତମ ନାୟକ

କେବେ ବିଚାର କରିଛନ୍ତି କି ପଖାଳ ତ କେବଳ ଓଡ଼ିଶାର ଖାଦ୍ୟ । ଏହି ଦିବସକୁ ବିଶ୍ୱସ୍ତରୀୟ ପାଳିବାର କାରଣ କ'ଣ ହୋଇପାରେ ? ଆସନ୍ତୁ ଜାଣିବା :-

ଥରେ ଆମେରିକାରୁ ସ୍ପାଇଡରମ୍ୟାନ୍ ଭାରତ ବୁଲିବାକୁ ଆସିଥିଲେ । ପର୍ଯ୍ୟାୟ କ୍ରମେ ଅନ୍ୟ କେତୋଟି ରାଜ୍ୟ ବୁଲାବୁଲି ପରେ ଶେଷରେ ଓଡ଼ିଶାରେ ପହଞ୍ଚିଲେ । ଓଡ଼ିଶାର ବହୁ ଦର୍ଶନୀୟ ସ୍ଥାନ ବୁଲା ବୁଲି ଯଥାସମ୍ଭବ ଅତି କମ୍ ଦିନରେ ସାରିବାକୁ ଚାହିଁଲେ । ସେ ଓଡ଼ିଶା ବୁଲି ଆସିଥିବାର ପ୍ରମାଣ ଦିଏ କଟକ ଧବଳେଶ୍ୱର ସ୍ଥିତ ଝୁଲା ପୋଲ, ଯାହା କି ସ୍ପାଇଡ଼ର୍ ମ୍ୟାନ୍ ପ୍ରଥମେ ନିଜର ସୂତା ଟାଣି ଏପରି ଶିଳ୍ପି ପ୍ରସ୍ତାବ ଦେଇଥିଲେ । ଜାତୀୟ ରାଜପଥକୁ ଦୁଇ ଭାଗ କରୁଥିବା ବ୍ୟାରିକେଡ୍ ମଧ୍ୟ ସ୍ପାଇଡ଼ର୍ ମ୍ୟାନ୍ କୌଶଳର ସ୍ମୃତି ବହନ କରେ; ସେ ଓଡ଼ିଆ ମାନଙ୍କର ଅଶୃଙ୍ଖଳିତ ଗାଡ଼ି ଚଲା ଓ ଟ୍ରାଫିକ୍ ସମସ୍ୟା ଟାଳିବାକୁ ପ୍ରଥମେ ତାଙ୍କ ସୂତା ବାହାର କରି ରାସ୍ତା ମଝିରେ ଅନୁଦୈର୍ଘ୍ୟ ଭାବେ ଟାଣି ଦେଇଥିଲେ । ଆଉ ହଁ ଆମ ଦେଶର ମ୍ୟାଟେରିଆଲ୍ ରିସର୍ଚ୍ଚର୍ ମାନେ ଏହା ପ୍ରମାଣ କରିଛନ୍ତି ଯେ ତନ୍ୟତା (ବିଭିନ୍ନ ଧାତୁରୁ ତାର୍ ବାହାରିବା ଗୁଣ) ଗୁଣ ଧାତୁ (ଲୁହା, ଷ୍ଟିଲ୍) ମାନଙ୍କଠାରୁ ସ୍ପାଇଡ଼ର୍ ମ୍ୟାନ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ର ଅଧିକ ।

ଆପଣ ମାନେ ତ ଜାଣିଥିବେ ଓଡ଼ିଶାର ପ୍ରଧାନ ଖାଦ୍ୟ ପଖାଳ; ଯାହା ପ୍ରସ୍ତୁତ ହୋଇଥାଏ ଗରମ ଭାତକୁ ପାଣି ଦେଇ ଅତି କମ୍ ରେ ଗୋଟିଏ ଦିନ ରଖିବା ପରେ । କଥାରେ ଅଛି "ଯେ ଦେଶେ ଯାଇ ସେ ଫଳ ଖାଇ ।" ଯେହେତୁ ସ୍ପାଇଡର୍ ମ୍ୟାନ୍ ଓଡ଼ିଶାରେ ଅଛନ୍ତି ତ ପଖାଳ ଖାଇବାକୁ ବାଧ୍ୟ ହୋଇଥିଲେ ଯାହାକି ତାଙ୍କର ଡାଏଟ୍ ପ୍ଲାନ୍ କୁ ବିଗାଡ଼ି ଦେଲା ଏବଂ ତାଙ୍କ ଶରୀରର ମେଦ (ଫ୍ୟାଟ୍)ର ପରିମାଣ ବଢ଼ାଇ ଦେଇଥିଲା ।

ପରେ ତାଙ୍କର ଦେଶ ବାହୁଡ଼ିବା ସମୟ ଆସିଗଲା । ତାଙ୍କ ଦେଶରେ ପହଁଚିବା ପରେ ତାଙ୍କୁ ଦେଖି ସ୍ପାଇଡର ମ୍ୟାନ୍ ବୋଲି କେହି ବିଶ୍ୱାସ କଲେ ନାହିଁ । ଏ ପରିସ୍ଥିତି ସ୍ୱାଭାବିକ୍ ଥିଲା ଯେହେତୁ ତାଙ୍କ ଶରୀରର ଏହି ମେଦକ ପରିବର୍ତ୍ତନକୁ କେହି ଆଶା କରି ନ ଥିଲେ !

ସ୍ପାଇଡ଼ର୍ ମ୍ୟାନର ମେଦବହୁଳତା ପଛର ରହସ୍ୟ ଜାଣିବା ପାଇଁ ତିଳେ ମାତ୍ର ବିଳମ୍ବ ନ କରି ଆମେରିକୀୟ ବୈଜ୍ଞାନିକମାନେ ଲାଗି ପଡ଼ିଲେ ପଖାଳରେ ଅବସ୍ଥିତ ପୋଷଣକୁ ରିସର୍ଚ୍ଚ କରିବାରେ । ଏହି ରିସର୍ଚ୍ଚର ନାମ ରଖିଲେ "ମିଶନ୍ ଫର୍ ରିସର୍ଚ୍ଚ ଏବାଉଟ୍ ପଖାଳ" (ଏମ୍ ଆର୍ ପି) । ଏହି ରିସର୍ଚ୍ଚରୁ କିଛି ବିସ୍ମୟକର ଫଳ ବାହାରିଲା ଯାହା ନିମ୍ନଲିଖିତ...

ପଖାଳରେ ଲାକ୍ଟୋବାସିଲସ୍ ନାମକ ଏକ ବ୍ୟାକ୍ଟେରିଆ ରହି ଜାରଣ (ଅକ୍ସିଡେସନ୍) ପ୍ରକ୍ରିୟାରେ ଭାତର କାର୍ବୋହାଇଡ୍ରେଟ୍ କୁ ଆଲ୍-କହଲ୍ ରେ ପରିଣତ କରୁଛି ।

ଏହି ଆଲ୍-କହଲ୍ ର ଅବସ୍ଥିତି ପାଇଁ ପଖାଳ ଖାଇବା ଦ୍ୱାରା ନିଦର ଆଗମନ ହୋଇଥାଏ ଏବଂ ବାରମ୍ବାର ସେବନ ଦ୍ୱାରା ଶରୀରରେ ମେଦର ପରିମାଣ ବଢିଥାଏ ।

ରିସର୍ଚ୍ଚରୁ ଏହା ମଧ୍ୟ ଜଣାପଡ଼ିଚି କି ବ୍ୟାକ୍ଟେରିଆର ଅମ୍ଳତା ପ୍ରକ୍ରିୟା ଯୋଗୁଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯଥାସମ୍ଭବ ଖାଦ୍ୟ ହଜମ ହୋଇଥାଏ (ମେଟାବୋଲିକ୍ ରେଟ୍ ବଢ଼ିଥାଏ) ।

ପଖାଳ ଖାଇବା ଦ୍ୱାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ ଏବଂ ଜଳିୟ ଅଂଶ ହ୍ରାସକୁ ରୋକିଥାଏ ।

ଏହି ରିସର୍ଚ୍ଚ ପରେ ବିଶ୍ୱ ଜାଣିବାକୁ ପାଇଲା କି ଓଡ଼ିଆଙ୍କର ପଖାଳର କମାଲ୍ । ସେହି ଦିନକୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଗଲା; କରୋନା ମହାମାରୀ ସମୟରେ ପଖାଳ ବିଶ୍ୱର କୋଣ ଅନୁକୋଣରେ ସମସ୍ତେ ଖାଇବାରେ ଲାଗିଥିଲେ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ଲୋଭରେ ।

[ବି.ଦ୍ର.: ଏହି ଲେଖାଟି କିଛି ମନଗଢ଼ା କାହାଣୀ ଏବଂ ବାସ୍ତବିକତାର ମିଶ୍ରଣ । ଏହାକୁ ଗମ୍ଭୀରତାର ସହ ଗ୍ରହଣ କରନ୍ତୁ ନାହିଁ । ଏହା କେବଳ ମନୋରଞ୍ଜନ ନିମିତ୍ତ ଏକ ସଂକ୍ଷିପ୍ତ ପ୍ରୟାସ । ଆଜିର ଏହି ଅଧୈର୍ଯ୍ୟ ସାମୟିକ ଦୁନିଆରେ ଧୈର୍ଯ୍ୟର ସହ ଶେଷ ପର୍ଯ୍ୟନ୍ତ ପଢ଼ି ଆସିଥିବାରୁ ଧନ୍ୟବାଦ୍ ।]

-ଗୌତମ ନାୟକ

ଫାର୍ମାସୀରେ ସ୍ନାତକୋତର, (ଆର୍.ଆଇ.ପି.ଏସ୍),

(ବ୍ରହ୍ମପୁର)

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ରାଷ୍ଟ୍ରୀୟ ଶିକ୍ଷାନୀତି ଓ ଗାନ୍ଧୀଙ୍କ ଚିନ୍ତାଧାରା



କିରନ୍ ସ୍ୱାଇଁ

## ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ରେ ଗାନ୍ଧୀଜୀଙ୍କ ଚିନ୍ତାଧାରା

ଶିକ୍ଷାନୀତି ଯେକୌଣସି ରାଷ୍ଟ୍ରର ମୌଳିକ ଆବଶ୍ୟକତା, ଯେଉଁଥିରେ ଅତୀତର ବିଶ୍ଲେଷଣ, ବର୍ତ୍ତମାନର ଆବଶ୍ୟକତା ଏବଂ ଭବିଷ୍ୟତର ସମ୍ଭାବନା ଅନ୍ତର୍ଭୁକ୍ତ । ଭାରତରେ ଯଥାକ୍ରମେ ୧୯୬୮ ମସିହାରେ ପ୍ରଥମ ଏବଂ ୧୯୮୬ ମସିହାରେ ସଂଶୋଧିତ ଦ୍ୱିତୀୟ ଶିକ୍ଷାନୀତି ଘୋଷଣା କରାଯାଇଥିଲା । ଯଦିଓ ୧୯୮୬ ମସିହାର ଜାତୀୟ ଶିକ୍ଷାନୀତିରେ ଆଧୁନିକୀକରଣ ଉପରେ ଧ୍ୟାନ ଦିଆଯିବ ବୋଲି କୁହାଯାଇଥିଲା, ଯେଉଁଥିରେ ଦେଶରେ ଶିକ୍ଷାର ବିକାଶ, ଶିକ୍ଷାର ଆଧୁନିକୀକରଣ ଏବଂ ମୌଳିକ ସୁବିଧା ଯୋଗାଇବା ପାଇଁ ଏକ ବ୍ୟାପକ ଢାଞ୍ଚା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା ; କିନ୍ତୁ ୧୯୯୦ ଦଶକରେ ଜଗତୀକରଣ ପ୍ରକ୍ରିୟା ବ୍ୟକ୍ତି, ସମାଜ ଓ ଜାତିର ଆବଶ୍ୟକତା ଗୁଡ଼ିକରେ ମୂଳ ପରିବର୍ତ୍ତନ ଆଣିଥିଲା, ଯାହା ୧୯୮୬ ମସିହାର ଶିକ୍ଷାନୀତି ପୂରଣ କରିବାରେ ବେଶି ସକ୍ଷମ ହୋଇନଥିଲା । ନିରକ୍ଷରତାର ହାର କ୍ରମଶଃ ବଢ଼ିବାକୁ ଲାଗିଲା, ଗ୍ରାମାଞ୍ଚଳ ଅବହେଳିତ ରହିଲା, ତତ୍‌ସହିତ ପ୍ରାଥମିକ ଶିକ୍ଷା ଏବଂ ଉଚ୍ଚଶିକ୍ଷାର ଭିତ୍ତିଭୂମି ଓ ଶିକ୍ଷାଦାନ ସହିତ ଜଡ଼ିତ ସମସ୍ୟା ଏ ପର୍ଯ୍ୟନ୍ତ ଦେଖିବାକୁ ମିଳେ । ୨୦୧୪ ମସିହାରେ ମୋଦୀ ସରକାରଙ୍କ ଆଗରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାତୀୟ ଶିକ୍ଷାନୀତି ଏକ ବଡ଼ ଆହ୍ୱାନ ତଥା ଆବଶ୍ୟକତା ଥିଲ । ଏହାକୁ ଦୃଷ୍ଟିରେ ରଖି ଜୁନ ୨୦୧୭ ରେ ପୂର୍ବତନ ISRO ର ମୁଖ୍ୟ ଡ. କେ. କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । ଏ କମିଟି ଦ୍ୱାରା ୨୦୧୯ ମସିହା ମେ ମାସ ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତିର ଏକ ପ୍ରାରମ୍ଭିକ ରୂପ ପ୍ରସ୍ତୁତ କରାଗଲା । ଏହାପରେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ଡ. ରମେଶ ପୋଖରିୟାଲ ନିଶଙ୍କ ଏକ ବ୍ୟାପକ ଗଣତନ୍ତ୍ର ନୀତି ଆପଣେଇ ଜାତୀୟ ଶିକ୍ଷାନୀତି ସହ ଜଡ଼ିତ ଦେଶର ବିଭିନ୍ନ ବର୍ଗର ଲୋକଙ୍କ ମତାମତ ନେଇଥିଲେ । ଭାରତର କୋଣ ଅନୁକୋଣରୁ ବିଭିନ୍ନ ଲୋକଙ୍କର ମତାମତ ଏଥିପାଇଁ ନିଆଯାଇଥିଲା । ଏହି ପ୍ରୟାସ ପ୍ରଧାନମନ୍ତ୍ରୀ ଶ୍ରୀ ନରେ୍ନ୍ଦ୍ର ମୋଦୀଙ୍କ "ସବକା ସାଥ୍ ସବକି ବିକାଶ୍, ସବକି ବିଶ୍ୱାସ" ଏହି ଭାବନା ଉପରେ ଆଧାରିତ ।

ଭାରତର ଇତିହାସରେ ପ୍ରଥମ ଥର ଶିକ୍ଷାନୀତି ପ୍ରସ୍ତୁତ କରିବା ପାଇଁ ପ୍ରାୟ ୨.୫ ଲକ୍ଷ ଗ୍ରାମ ପଞ୍ଚାୟତ, ୬୬୦୦ ବ୍ଲକ୍ ଏବଂ ୬୫୦ ଜିଲ୍ଲାର ବିଭିନ୍ନ ଶିକ୍ଷାବିତ୍, ଶିକ୍ଷକ, ଅଭିଭାବକ, ଜନପ୍ରତିନିଧି ଓ ବ୍ୟାପକ ଭାବରେ ଛାତ୍ରଛାତ୍ରୀମାନଙ୍କ ପରାମର୍ଶ ତଥା ମତାମତ ନିଆଯାଇଛି । ଜନସାଧାରଣଙ୍କର ଆକାଂକ୍ଷା, ଜାତୀୟ ଆବଶ୍ୟକତା ଓ ଆହ୍ୱାନ ଅନୁଯାୟୀ ନୂତନ ଶିକ୍ଷାନୀତି ୨୯ ଜୁଲାଇ ୨୦୨୦ ରେ ଘୋଷଣା କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି – "ଶିକ୍ଷା କ୍ଷେତ୍ରରେ ଏହା ବହୁ ପ୍ରତୀକ୍ଷିତ ଶିକ୍ଷାନୀତି, ଯାହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବ" । ଏକ ଭାରତ ଶ୍ରେଷ୍ଠ ଭାରତ ଅନୁଯାୟୀ ଏହା ସଂସ୍କୃତ ସମେତ ଅନ୍ୟାନ୍ୟ ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବ । ଏହି ନୂତନ ଶିକ୍ଷାନୀତିର ବିଷୟ ଗୁଡ଼ିକ ହେଉଛି – ମାନବ ସଂସାଧନ ବିକାଶ ମନ୍ତ୍ରଣାଳୟର ନାମ ବଦଳାଇ ଶିକ୍ଷା ମନ୍ତ୍ରଣାଳୟ କରାଗଲା, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଶିକ୍ଷା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ଷେତ୍ର ଉପରେ ଜି.ଡି.ପି. ର ୬ ପ୍ରତିଶତ ବିନିଯୋଗର ଲକ୍ଷ୍ୟ, ଶିକ୍ଷଣ ପାଠ୍ୟକ୍ରମକୁ ୫+୩+୩+୪ ପ୍ରଣାଳୀ ଦ୍ୱାରା ବିଭାଜିତ କରାଯାଇଛି, ବୈଷୟିକ ଶିକ୍ଷା ପ୍ରଦାନ, ଭାଷା ପ୍ରତିବନ୍ଧକକୁ ହଟାଇବା, ଭିନ୍ନକ୍ଷମ ଛାତ୍ର ଏବଂ ମହିଳାମାନଙ୍କ ପାଇଁ ଶିକ୍ଷାକୁ ସୁଗମ କରିବା, ସୃଜନାତ୍ମକ ଚିନ୍ତାଧାରା, ଯୁକ୍ତିଯୁକ୍ତ ନିଷ୍ପତ୍ତି ଏବଂ ବର୍ତ୍ତମାନର ଆବଶ୍ୟକତା ଓ ଏହା ସହିତ ଭାରପ୍ରାପ୍ତ ଶିକ୍ଷା ବଦଳରେ ଏକ ନୂତନତ୍ୱ ଭାବନା ଉପରେ ଗୁରୁତ୍ୱ ଦିଆଯାଇଛି ଓ ଗୁରୁତ୍ୱ ଦିଆଯିବ ମଧ୍ୟ ।

ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କର ଶିକ୍ଷା କ୍ଷେତ୍ରରେ ବିଶେଷ ଯୋଗଦାନ ରହିଅଛି । ତାଙ୍କ ଜୀବନର ମୂଳମନ୍ତ୍ର ଥିଲା – ଶୋଷଣ ବିହୀନ ସମାଜର ସ୍ଥାପନା । ସେଥିପାଇଁ ସମସ୍ତେ ପ୍ରଥମେ ଶିକ୍ଷିତ ହେବା ଆବଶ୍ୟକ, କାରଣ ଶିକ୍ଷା ଅଭାବରେ ଏକ ସୁସ୍ଥ ସମାଜର ନିର୍ମାଣ ଅସମ୍ଭବ । ତାଙ୍କର ଶୈକ୍ଷିକ ସିଦ୍ଧାନ୍ତ 'ମୌଳିକ ଶିକ୍ଷା' ବା 'ନୈ ତାଲିମ୍' ଅଦ୍ୱିତୀୟ ଥିଲା । ଗାନ୍ଧୀଜୀ ଚାହୁଁଥିଲେ ପିଲାମାନଙ୍କୁ 3H ଶିକ୍ଷା ବା head-hand-heart ର ଶିକ୍ଷା ଦିଆଯାଉ । ଯାହା ଫଳରେ ଶିକ୍ଷା ଦ୍‌ୱାରା ସେମାନେ ସ୍ୱାବଲମ୍ବୀ ହୋଇପାରିବେ । ଦେଶକୁ ବଳିଷ୍ଠ ତଥା ବିକାଶଶୀଳ କରିବା ପାଇଁ ଶିକ୍ଷା ଯେମିତି ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇ ପାରିବ ଗାନ୍ଧୀଜୀ ସର୍ବଦା ଏହା ଚିନ୍ତା କରୁଥିଲେ । ଗାନ୍ଧୀଜୀ ଭାରତୀୟ ଶିକ୍ଷାକୁ ଏକ ସୁନ୍ଦର ବୃକ୍ଷ ( The beautiful tree) ବୋଲି କହୁଥିଲେ, କାରଣ ସେ ବୁଝିଥିଲେ ଯେ ଭାରତରେ ଶିକ୍ଷା ସରକାରଙ୍କ ନୁହେଁ ସମାଜର ଅଧୀନରେ ରହିଥାଏ । ଯଦି ଗାନ୍ଧୀ ଆଜି ଥାଆନ୍ତେ, ତେବେ ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ଭାରତୀୟଙ୍କ ମଧ୍ୟରେ ଜାତୀୟ ଚେତନା ଦେଖି ସେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଥାନ୍ତେ । ୩୪ ବର୍ଷ ପରେ ଏକ ନୀତି, ଯାହା ଏହାର ଉଦ୍ଭାବନ ସହିତ ଶିକ୍ଷାଗତ ପାରାମିଟରକୁ ଏକ ନୂତନ ଚିନ୍ତାଧାରା ଆଣିଛି ଏବଂ ଆଗାମୀ ସମୟରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରତୀୟ ସମାଜରେ ଏକ ମାଇଲଖୁଣ୍ଟ ବୋଲି ପ୍ରମାଣିତ ହେବ । ଗାନ୍ଧୀଜୀ ଶିକ୍ଷାକୁ ମନୁଷ୍ୟର ଶରୀର, ମନ ତଥା ଆତ୍ମାର ସର୍ବାଙ୍ଗୀନ ସର୍ବୋତ୍କୃଷ୍ଟ ବିକାଶକୁ ବୁଝୁଥିଲେ । ଯାହା ଏ ଶିକ୍ଷାନୀତିରେ ନିଶ୍ଚିତ ଭାବରେ ପୂରଣ କରିବାର ଲକ୍ଷ୍ୟ ରଖାଯାଇଛି ।

ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ରେ ଗାନ୍ଧୀଜୀଙ୍କ ସ୍ୱପ୍ନର ଅନୁରୂପ ଶିକ୍ଷାର ପ୍ରବନ୍ଧନ କରାଯାଇଛି, ଯାହା ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ ସହାୟକ ହେବ । ଗାନ୍ଧୀ ସେଇ ସବୁ ସ୍ତରକୁ ଧରିଥିଲେ ଯାହା ମାନବତା ଉପରେ କେନ୍ଦ୍ରିତ ଥିଲା । ସେ କହୁଥିଲେ ଭାରତର ଏକ ପ୍ରମୁଖ ଶକ୍ତି ହେଉଛି ଯେ, ଭାରତ ସମଗ୍ର ବିଶ୍ୱକୁ ନିଜର କୁଟୁମ୍ବ ମାନିଥାଏ ଆଉ 'ସର୍ବେ ଭବନ୍ତୁ ସୁଖୀନଃ'ର କାମନା କରେ । ସମଗ୍ର ବିଶ୍ୱକୁ ମା' କହୁଥିବା ଭାରତବର୍ଷ ହିଁ ଅଟେ ଯାହା ମାନବତାକୁ ସଂରକ୍ଷଣ କରିପାରିବ । ସୁଖ, ଶାନ୍ତି ଓ ପ୍ରଗତି ସମଗ୍ର ବିଶ୍ୱରେ ଦରକାର, ସେଥିପାଇଁ ଗାନ୍ଧୀଙ୍କର ସ୍ୱପ୍ନ ଓ ଆଦର୍ଶରେ ପ୍ରଥମେ ଅନୁପ୍ରାଣିତ ହେବାକୁ ପଡ଼ିବ । ଶିକ୍ଷା ମୂଳତଃ ସାମାଜିକୀକରଣର ଏକ ପ୍ରକ୍ରିୟା । ସମାଜ ଗଠନରେ ଶିକ୍ଷାର ଅହେତୁକ ଭୂମିକା ରହିଛି । ଗାନ୍ଧୀ ଚାହୁଁଥିଲେ ଶିକ୍ଷା ମାଧ୍ୟମରେ ସାମାଜିକ ବିକାଶକୁ ପରିପୂରଣ କରିବା । ଗାନ୍ଧିଜୀଙ୍କର ଏଇ ଭାବନା ବା ଚିନ୍ତାଧାରାକୁ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ରେ ନବୀକରଣ କରିବାର ପ୍ରଚେଷ୍ଟା କରାଯାଇଛି ।

ଗାନ୍ଧୀଜୀ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନର ଗୁରୁତ୍ୱକୁ ଏଭଳି ଭାବରେ ପ୍ରକାଶ କରିଛନ୍ତି ଯେ, ମା' କ୍ଷୀର ସହିତ ଯେଉଁ ସଂସ୍କାର ଓ ମଧୁର ଶବ୍ଦ ମିଳେ ସେମିତି ପାଠଶାଳା ମଧ୍ୟରେ ମେଳ ରହିବା ଦରକାର ; କିନ୍ତୁ ତାହା ବିଦେଶୀ ଭାଷା ମାଧ୍ୟମରେ ଶିକ୍ଷା ଦେବା ଦ୍ୱାରା ଭାଙ୍ଗିଯାଏ । ଏହି ସମ୍ବନ୍ଧକୁ ଭାଙ୍ଗିବାର ଉଦ୍ଦେଶ୍ୟ ଯେତେ ପବିତ୍ର ହେଉନା କାହିଁକି, ତଥାପି ଜନସାଧାରଣଙ୍କର ଶତ୍ରୁ ଅଟେ । ଗାନ୍ଧୀଜୀ ଏହା ମଧ୍ୟ ବୁଝିଥିଲେ ଯେ ବିଶ୍ୱଜନୀନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବା ପାଇଁ ବିଶ୍ୱଭାଷାକୁ ଶିଖିବାକୁ, ଜାଣିବାକୁ ପଡ଼ିବ ; ତଥାପି ସେ ଚାହୁଁଥିଲେ ଶିଶୁକୁ ପ୍ରାଥମିକ ସ୍ତରରୁ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ କରିବା ଆବଶ୍ୟକ । କାରଣ ଶିଶୁମାନଙ୍କର ବ୍ୟକ୍ତିତ୍ୱ ଗଠନର ପ୍ରାରମ୍ଭିକ ସ୍ତରରୁ ସେମାନଙ୍କ ଭିତରେ ନିଜ ମାତୃଭୂମି ଓ ମାତୃଭାଷା ପ୍ରତି ଏକ ମମତ୍ୱଭାବ ପ୍ରତିଷ୍ଠିତ ହୋଇପାରିବ । ରାଷ୍ଟ୍ରୀୟ ଶିକ୍ଷାନୀତି ତିନି ଭାଷା ସୂତ୍ରର ଗୁରୁତ୍ୱାରୋପ କରେ, ଯଥା – ରାଜଭାଷା(ଇଂରାଜୀ), ରାଷ୍ଟ୍ରଭାଷା(ହିନ୍ଦୀ), ଓ ମାତୃଭାଷା(ପ୍ରାଦେଶିକ/ଆଞ୍ଚଳିକ ଭାଷା) ଏବଂ ପିଲାମାନଙ୍କୁ ବହୁଭାଷୀ ହେବାକୁ ଉତ୍ସାହିତ କରେ । ଏଣୁ ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ରେ ମାତୃଭାଷା ଶିକ୍ଷଣ ଉପରେ ବେଶି ଗୁରୁତ୍ୱ ଦିଆଯାଇଛି । ପ୍ରାଥମିକ ଶିକ୍ଷାରୁ ଆରମ୍ଭ କରି ଉଚ୍ଚଶିକ୍ଷା ସ୍ତର ପର୍ଯ୍ୟନ୍ତ ମାତୃଭାଷାକୁ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇଛି, ଯାହାଦ୍ୱାରା ଏହାର ପରିଣାମ ନିଶ୍ଚୟ ଉତ୍ସାହଜନକ ହେବ । ସାମ୍ପ୍ରତିକ ସମୟରେ ଯେତେବଳେ କୌଣସି ଭାଷା ବା ବୋଲି ଲୁପ୍ତ ହେବାକୁ ଯାଉଛି ତାକୁ ଯେକୌଣସମତେ ସଂରକ୍ଷଣ କରିବା ରାଷ୍ଟ୍ରୀୟ ଶିକ୍ଷାନୀତିର ମୂଳ ଲକ୍ଷ୍ୟ ଅଟେ । ଗାନ୍ଧୀଜୀ କହିଥିଲେ – ଯେଉଁ ଦେଶର ଭାଷା ନାହିଁ, ସେ ଦେଶ ମୂକ ଅଟେ । ଡ. ଭୀମରାଓ ଆମ୍ବେଦକର ମଧ୍ୟ କହିଥିଲେ, ଭାଷା ବିନା ସମାଜ ଆଗକୁ ବଢ଼ି ପାରିବ ନାହିଁ । ସେଥିପାଇଁ ମାତୃଭାଷା ମାଧ୍ୟମରେ ଶିକ୍ଷଣ ଓ ସର୍ବଭାରତୀୟ ସ୍ତରରେ ଭାଷାମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପିତ କରିବା ପାଇଁ ଏହି ଶିକ୍ଷାନୀତି ପ୍ରମୁଖ ଭୂମିକା ଗ୍ରହଣ କରିବ । ଏଇ ଶିକ୍ଷାନୀତିରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାତୃଭାଷା/ସ୍ଥାନୀୟ ଭାଷା ତଥା କ୍ଷେତ୍ରୀୟ ଭାଷା ମାଧ୍ୟମରେ ଶିକ୍ଷାଦାନ ଦେବାର ବ୍ୟବସ୍ଥା କରାଯାଇଛି । ଏହା ସହିତ ମାତୃଭାଷାକୁ କକ୍ଷା ୮ ଆଉ ଏହା ପରବର୍ତ୍ତୀ ଶିକ୍ଷା କ୍ଷେତ୍ରରେ ବି ପ୍ରାଥମିକତା ଦେବାର ନିର୍ଣ୍ଣୟ ନିଆଯାଇଛି । ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ସ୍ତରରେ ଛାତ୍ରମାନଙ୍କ ପାଇଁ ସଂସ୍କୃତ ଆଉ ଅନ୍ୟ ପ୍ରାଚୀନ ଭାରତୀୟ ଭାଷାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିକଳ୍ପ ଉପଲବ୍ଧ ହେବ, କିନ୍ତୁ କୌଣସି ଛାତ୍ର ପାଇଁ ଭାଷା ଚୟନ କରିବା ବାଧ୍ୟତାମୂଳକ ହେବ ନାହିଁ । ଗାନ୍ଧୀଜୀଙ୍କ ଚିନ୍ତାଧାରାକୁ ଅନେକ ପରିମାଣରେ ଶିକ୍ଷାନୀତିରେ ସାମିଲ କରାଯାଇଛି ।

ମହାତ୍ମା ଗାନ୍ଧୀ ଶାରୀରିକ ଶିକ୍ଷା ଉପରେ ବି ଗୁରୁତ୍ୱ ପ୍ରଦାନ କରିଥିଲେ । ସେ ଚାହୁଁଥିଲେ ମଣିଷର ଶାରୀରିକ, ମାନସିକ ଓ ସାମାଜିକ ବିକାଶ । ଯାହା ଏ ଶିକ୍ଷାନୀତିରେ ବିଦ୍ୟାଳୟର ସମସ୍ତ ସ୍ତରରେ ଶିକ୍ଷାର୍ଥୀମାନଙ୍କୁ ବଗିଚା କାମ, ନିୟମିତ ଖେଳକୁଦ, ଯୋଗ, ନୃତ୍ୟ ପ୍ରଭୃତି ସ୍ଥାନୀୟ ଉପଲବ୍ଧତା ଅନୁସାରେ ପ୍ରଦାନ କରାଯିବାର ଚେଷ୍ଟା କରାଯାଇଛି, ଯାହାଦ୍ୱାରା ଶିକ୍ଷାର୍ଥୀମାନେ ଶାରୀରିକ ଗତିବିଧି ଓ ବ୍ୟାୟାମ ପ୍ରଭୃତିରେ ସହଜରେ ଭାଗ ନେଇ ପାରିବେ । ମହାତ୍ମା ଗାନ୍ଧୀଙ୍କ ବୈଷୟିକ ଶିକ୍ଷାର ଚିନ୍ତାଧାରାକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । କକ୍ଷା ୮ ଭିତରେ ପିଲାଙ୍କ ପାଠ୍ୟକ୍ରମରେ ବିଭିନ୍ନ ତାଲିମଯୁକ୍ତ ବୈଷୟିକ ଜ୍ଞାନକୁ ସାମିଲ କରାଯାଇଛି ଯାହା ବିଦ୍ୟାଳୟ ଶିକ୍ଷା ପରେ ବି ଗୋଟିଏ ଛାତ୍ରକୁ ବୈଷୟିକ ବୃତ୍ତି ପାଇଁ ଅତ୍ୟନ୍ତ ସହାୟକ ହେବ । ଏଥିପାଇଁ ବିଭିନ୍ନ ଦକ୍ଷଟାମୂଳକ ଶିକ୍ଷାର ବ୍ୟବସ୍ଥା ମଧ୍ୟ କରାଯାଇଛି ।

ନୂତନ ଶିକ୍ଷାନୀତି ୨୦୨୦ ଅଧୀନରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଗାନ୍ଧୀଜୀଙ୍କ ଶିକ୍ଷା ଧାରଣା ବ୍ୟତୀତ ଅନ୍ୟ କିଛି ନୁହେଁ । ଏହା ଏକାଡେମୀକ୍ ଏବଂ ଧନ୍ଦାମୂଳକ ଶିକ୍ଷା ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ସହ ବହୁଭାଷୀତାକୁ ମଧ୍ୟ ଉତ୍ସାହିତ କରେ । ପୁଣି ଛାତ୍ରମାନଙ୍କୁ ନିଜ ପସନ୍ଦ ଅନୁଯାୟୀ ପାଠ୍ୟକ୍ରମ ଚୟନ କରିବାକୁ ନମନୀୟତା ପ୍ରଦାନ କରେ । ଜାତିଭିତ୍ତିକ ବୃତ୍ତି ସହିତ ଜଡ଼ିତ ଅସ୍ପୃଶ୍ୟତା ପ୍ରଭୃତି ସାମାଜିକ ଦୁଷ୍କର୍ମର ମୁକାବିଲା କରିବା ପାଇଁ ଗାନ୍ଧୀଜୀ ଶିକ୍ଷାକୁ ଏକ ମାଧ୍ୟମ ଭାବରେ ବିବେଚନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରୁଥିଲେ । ଗାନ୍ଧୀଜୀ ବିଶ୍ୱାସ କରୁଥିଲେ ଯେ ଶିକ୍ଷାକୁ କାର୍ଯ୍ୟରୁ ଅଲଗା କରିବା ଦ୍ୱାରା ସମାଜରେ ଅନେକ ସାମାଜିକ ଅନ୍ୟାୟ ଘଟିପାରେ । ତେଣୁ ସେ ତାଙ୍କର ଶିକ୍ଷା ଯୋଜନାକୁ ଏମିତି କଳ୍ପନା କରିଥିଲେ ଯାହା ଶ୍ରେଣୀ ମଧ୍ୟରେ ବିଷାକ୍ତ ସମ୍ପର୍କକୁ ଦୂର କରି ଏକ ନୀରବ ସାମାଜିକ ବିପ୍ଳବ ଆଣିବ । ସେ ଶିକ୍ଷାର ଶକ୍ତି ଉପରେ ବିଶ୍ୱାସୀ ଥିଲେ ଏବଂ ଶିକ୍ଷା ସମସ୍ତଙ୍କ ପାଇଁ ଉପଲବ୍ଧ ହେଉ ବୋଲି ଚାହୁଁଥିଲେ । ଶ୍ରମ ଏବଂ ଦକ୍ଷତା ଭିତ୍ତିକ ଶିକ୍ଷା ତଥା ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ମଧ୍ୟରେ ସମାନ୍ତରାଳ ସନ୍ତୁଳନ ରକ୍ଷା କରିବା ପାଇଁ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ଏକ ନୂତନ ଆଶା ସୃଷ୍ଟି କରିଛି ।

ଗାନ୍ଧୀଜୀ ଶିକ୍ଷା ସହିତ ଶିକ୍ଷକର ସମ୍ପର୍କକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଥିଲେ । ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ମଧ୍ୟ ଦେଶର ଭବିଷ୍ୟତ ଗଠନରେ ଜଣେ ଶିକ୍ଷକଙ୍କ ଭୂମିକାକୁ ସ୍ୱୀକାର କରେ । ଛାତ୍ର–ଶିକ୍ଷକ ବ୍ୟବଧାନକୁ ଦୂର କରିବା ସହିତ ଶିକ୍ଷକଙ୍କ ସ୍ଥିତିକୁ ପୁନଃ ସ୍ଥାପିତ କରିବାର ପ୍ରୟାସ କରିଛି । ଶିକ୍ଷାଦାନ ଓ ପାଠ୍ୟକ୍ରମର ସୂକ୍ଷ୍ମ ଦିଗ ବାଛିବା ପାଇଁ ଶିକ୍ଷକମାନଙ୍କୁ ଅଧିକ ସ୍ୱାଧୀନତା ପ୍ରଦାନ କରାଯିବାର ବ୍ୟବସ୍ଥା ପାଇଁ ଲକ୍ଷ୍ୟ ରଖାଯାଇଛି, ଯାହା ଶିକ୍ଷକ ମାନଙ୍କୁ ଶିକ୍ଷଣ ନିମନ୍ତେ ପ୍ରୋତ୍ସାହିତ କରିବା ସହ ଶିକ୍ଷା କ୍ଷେତ୍ରରେ ଅନେକ ସଂସ୍କାର ଆଣିପାରିବ । ଗାନ୍ଧୀଜୀ ଯେଉଁ ଶିକ୍ଷା ମାଧ୍ୟମରେ ସାମାଜିକ ବିକାଶର ସ୍ୱପ୍ନ ଦେଖିଥିଲେ ତାହା ତତ୍କାଳୀନ ବ୍ରିଟିଶ୍ ଶାସନ ଅମଳରେ ପରିପୂର୍ଣ୍ଣ ହୋଇପାରିନଥିଲା । ଗାନ୍ଧୀଜୀଙ୍କର ସେଇ ବିକାଶମୂଳକ ଚିନ୍ତାଧାରା ଓ ମୂଲ୍ୟବୋଧକୁ ଜାତୀୟ ଶିକ୍ଷାନୀତି ସମର୍ଥନ କରେ । ଏହା ଦ୍ୱାରା ସାମାଜିକ ମୂଲ୍ୟବୋଧରେ ବିକାଶଶୀଳ ପରିବର୍ତ୍ତନ ଆସି ପାରିବ । ଶିକ୍ଷାର ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତରୀୟ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାର ଗୁଣାତ୍ମକମାନ ବିକାଶ ସାଧନର ଲକ୍ଷ୍ୟ ରଖାଯାଇଛି । ଏହା ସହିତ ସମସ୍ତଙ୍କୁ ଉଚ୍ଚଶିକ୍ଷା ସ୍ତର ପର୍ଯ୍ୟନ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେବା ପାଇଁ ବି ପଦକ୍ଷେପ ନିଆଯାଇଛି । ସ୍ଥାନୀୟ ଅଧିବାସୀ ମାନଙ୍କୁ ଶିକ୍ଷା ବ୍ୟବସ୍ଥାରେ ଯୋଗ ଦେବା ଏବଂ ଶିକ୍ଷା ମାଧ୍ୟମରେ ଦେଶ ନିର୍ମାଣ ଅଭ୍ୟାସରେ ଯୋଗଦାନ କରିବା ପାଇଁ ବିଭିନ୍ନ କୌଶଳର ଆଲୋଚନା ମଧ୍ୟ କରାଯାଇଛି । ରାଷ୍ଟ୍ରୀୟ ଶିକ୍ଷାନୀତି ଏମିତି ଦକ୍ଷତା ଓ କୌଶଳ ମୂଳକ ଶିକ୍ଷା ପିଲାମାନଙ୍କୁ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି, ଯେଉଁଥିରେ ସୃଜନଶୀଳତା ସହିତ, ବୈଜ୍ଞାନିକ ଜ୍ଞାନସୁଲଭ ସ୍ୱଭାବ, ବହୁଭାଷୀ ସମ୍ପନ୍ନ ହେବା ସହ ପିଲାମାନଙ୍କୁ ଦେଶ ତଥା ସମାଜର ବିକାଶ ସାଧନ ପାଇଁ ଓ ଜଣେ କର୍ତ୍ତବ୍ୟନିଷ୍ଠ ନାଗରିକ ଭାବରେ ଯୋଗଦାନ କରିବାକୁ ଉତ୍ସାହିତ କରେ ରାଷ୍ଟ୍ର ନିର୍ମାଣ ପାଇଁ । ଏହା ଶିକ୍ଷାର୍ଥୀଙ୍କ ମାନସିକତାରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଏ । ଏଥିରେ ଗବେଷଣାକୁ ଗୁରୁତ୍ୱ ଦେବା ସହିତ ରାଷ୍ଟ୍ରୀୟ ଅନୁସନ୍ଧାନ ଫାଉଣ୍ଡେସନ ସ୍ଥାପନ କରିବାର ନିର୍ଣ୍ଣୟ ବିଜ୍ଞାନ, ଅର୍ଥଶାସ୍ତ୍ର, ସମାଜ ଶାସ୍ତ୍ର, ଇତିହାସ, ରାଜନୀତି ବିଜ୍ଞାନ ଆଦି ସବୁ ବିଷୟରେ ଗବେଷଣା ଓ ଶୈକ୍ଷିକ ସମର୍ଥନ ପ୍ରଦାନ କରିବାର କାର୍ଯ୍ୟ କରିବ । ଗାନ୍ଧୀଜୀ ୧୯୩୧ ମସିହାର ଗୋଲଟେବୁଲ ବୈଠକରେ ଭାରତୀୟ ଶିକ୍ଷା ସମ୍ବନ୍ଧରେ ଯେଉଁ 'The beautiful tree'(ସୁନ୍ଦର ବୃକ୍ଷ) କଥା କହିଥିଲେ ଭାରତୀୟ ଶିକ୍ଷା ସମ୍ବନ୍ଧରେ, ଆଶା ଅଛି ଯେ ତାକୁ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ନିଜର ୫+୩+୩+୪ ଶୈକ୍ଷଣିକ ଢାଞ୍ଚା ଆଉ ଶିକ୍ଷାର ଅନ୍ୟାନ୍ୟ ନାଚାର ଦ୍ୱାରା ନିଶ୍ଚୟ ପୂର୍ଣ୍ଣ କରିବ ।

ସୁତରାଂ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ମଧ୍ୟରେ ଗାନ୍ଧିଜୀଙ୍କର ବିଭିନ୍ନ ଶୈକ୍ଷଣିକ ଅଭିମତ, ଚିନ୍ତାଧାରା ପ୍ରଭୃତିକୁ ଏଭଳି ଅନେକ ଭାବରେ ଅନୁସନ୍ଧାନ କରାଯାଇପାରେ । ଶିକ୍ଷାନୀତିରେ ଏ ସବୁ ଶିକ୍ଷଣ ପଦକ୍ଷେପ ଗୁଡ଼ିକୁ ସମୃଦ୍ଧ କରିବା ପାଇଁ ୨୦୨୫ ମସିହା ସୁଦ୍ଧା ୭୫% ଏବଂ ଅବଶିଷ୍ଟ ସବୁ ୨୦୩୫ ମସିହା ସୁଦ୍ଧା ପୂରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଇଛି । ଏହି ଶିକ୍ଷାନୀତିରେ ରଖାଯାଇଥିବା ଶିକ୍ଷାର ଦୃଷ୍ଟିକୋଣ ଓ କାର୍ଯ୍ୟପ୍ରଣାଳୀ ଉପରେ ଗାନ୍ଧୀଜୀଙ୍କ ଧାରଣା ଆଜି ମଧ୍ୟ ପ୍ରାସଙ୍ଗିକ ଅଟେ, କାରଣ ଏହା ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ଗାନ୍ଧୀଙ୍କର ଚିନ୍ତାଧାରାରୁ ଅନେକ ପ୍ରମୁଖ ଉପାଦାନ ଆଣିବାକୁ ଚେଷ୍ଟା କରିଛି । କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଡ. ରମେଶ ପୋଖରୀୟାଲ ନିଶଙ୍କ ଯଥାର୍ଥରେ କହିଛନ୍ତି – "ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ନବଭାରତ ନିର୍ମାଣର ଆଧାର ହେବ । ଅନ୍ତଃରାଷ୍ଟ୍ରୀୟ ପ୍ରତିସ୍ପର୍ଦ୍ଧା ଯୋଗୁଁ ଭାରତ ଆଗକୁ ବଢ଼ିବ ଏବଂ ଯେଉଁ ଭାରତୀୟ ପ୍ରତିଭା ବିଦେଶକୁ ଚାଲିଯାଆନ୍ତି ସେମାନେ ନିଜ ଦେଶର ବିକାଶ ପାଇଁ ନିଶ୍ଚୟ ଯୋଗଦାନ କରିବେ । ଏହି ଶିକ୍ଷାନୀତି ଭାରତର ଏକ ଐତିହାସିକ ଶିକ୍ଷାନୀତି ଅଟେ, ଯାହା ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ପୂରଣ କରିବା ସହ ଶିକ୍ଷା ସଂସ୍କାର ଓ ରାଷ୍ଟ୍ରନିର୍ମାଣର ପ୍ରଯତ୍ନ କରିବ" । ନୂଆ ଶିକ୍ଷାନୀତି ଲାଗୁ ହେବା ଶିକ୍ଷା କ୍ଷେତ୍ରରେ ଏକ ଐତିହାସିକ, ସାହସିକ ଓ ଦୁର୍ଲ୍ଲଭ ଦୃଷ୍ଟିକୋଣଯୁକ୍ତ କାର୍ଯ୍ୟ ଅଟେ । ଏଥିପାଇଁ ଡ. କେ. କସ୍ତୁରୀରଙ୍ଗନ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ସେ ଗାନ୍ଧୀଜୀଙ୍କ ଆଦର୍ଶ, ଭାବନା, ଚିନ୍ତାଧାରା, ଦୃଷ୍ଟି-ଦର୍ଶନ ସମ୍ପୃକ୍ତ ଅନେକ ବିଷୟକୁ ଏ ଶିକ୍ଷାନୀତିର ଅନ୍ତର୍ଭୁକ୍ତ କରିଛନ୍ତି, ଯେମିତି – ଶିକ୍ଷାର୍ଥୀଙ୍କ ଶିକ୍ଷାରେ ମାତୃଭାଷାର ଗୁରୁତ୍ୱ, ନୈତିକ ଶିକ୍ଷା ପ୍ରଦାନ ଦ୍ୱାରା ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତଥା ଗବେଷକ-ଗବେଷିକାଙ୍କ ଭିତରେ ସର୍ବଦା ଏକ ସର୍ଜନାତ୍ମକ ମନୋବୃତ୍ତିକୁ ଜାଗ୍ରତ କରିବା, ନିଜ ଐତିହ୍ୟ, ଅସ୍ମିତା, ସଂସ୍କୃତିକୁ ଗୁରୁତ୍ୱ ଦେବା ଭଳି ଶିକ୍ଷା ପ୍ରଭୃତି । ଏଥିପାଇଁ ଡ. କେ. କସ୍ତୁରୀରଙ୍ଗନ, ଆମ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ଶିକ୍ଷା ମନ୍ତ୍ରାଳୟ ଏବଂ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଡ. ରମେଶ ପୋଖରୀୟାଲ ନିଃଶୁଳ୍କ ପ୍ରମୁଖ ନିଶ୍ଚିତ ଭାବରେ ଅଭିନନ୍ଦନର ପାତ୍ର ଅଟନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାନ୍ଧୀଜୀ ଏକ ସୁସ୍ଥ ସୁନ୍ଦର ସମାଜର ସ୍ୱପ୍ନ ଶିକ୍ଷା ମାଧ୍ୟମରେ ଦେଖିଥିଲେ । ନୂତନ ଶିକ୍ଷାନୀତିରେ ଗାନ୍ଧୀଙ୍କର ଆଦର୍ଶକୁ ଅନୁସରଣ କରାଯାଇ ଏକ ସଂସ୍କାରିତ, ସଂଶୋଧିତ, ପରିବର୍ତ୍ତନଶୀଳ, ବିକଶିତ ରାଷ୍ଟ୍ର ଗଠନର ଲକ୍ଷ୍ୟ ରଖାଯାଇଛି । ଏଠାରେ ଧ୍ୟାନ ଦେବା ବିଷୟ ଏହି ଯେ, ଆଜି ଭାରତ ବିବିଧ ଜ୍ଞାନ-ବିଜ୍ଞାନ, ସୂଚନା ଓ ପ୍ରାଧ୍ୟାପକ ସ୍ତର ଏବଂ ବିଭିନ୍ନ କୌଶଳ କ୍ଷେତ୍ରରେ ଦ୍ରୁତ ଭାବରେ ଆଗକୁ ବଢୁଛି । କୌଶଳର ଆଧାରରେ ଆତ୍ମନିର୍ଭର ଭାରତର ସଂକଳ୍ପ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସଂକଳ୍ପିତ ହୋଇ ସାରିଛି । ଏହା ସହିତ ଗାନ୍ଧୀଙ୍କର ଚିନ୍ତା-ଚେତନାକୁ ନେଇ ଗଢ଼ି ଉଠିଥିବା ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ନିଶ୍ଚୟ ପ୍ରଭାବଶାଳୀ ହେବ ଓ ଏକ ନୂତନ ଭାରତର ମୂଳଦୁଆ ପ୍ରତିଷ୍ଠିତ ହେବ । ଗାନ୍ଧୀଜୀ ଯେଉଁ ଶିକ୍ଷିତ ତଥା ସୁସ୍ଥ ସମାଜ ଓ ରାମରାଜ୍ୟର ସ୍ୱପ୍ନ ଦେଖିଥିଲେ ହୁଏତ ତାହା ନୂତନ ଶିକ୍ଷାନୀତି ମାଧ୍ୟମରେ ଶିକ୍ଷାର ବିକାଶ ଦିଗରୁ ସାକାର ହେବ । ନୂତନ ଶିକ୍ଷାନୀତି ଦ୍ୱାରା ଭବିଷ୍ୟତରେ ଏକ ସୁନ୍ଦର ଓ ସମୃଦ୍ଧ ଭାରତବର୍ଷର ପରିକଳ୍ପନା ନିଶ୍ଚିତ ଭାବରେ ସଫଳ ହେବ । ଗାନ୍ଧୀଜୀଙ୍କ ଭାରତୀୟ ଶିକ୍ଷାକୁ ନେଇ ପରିକଳ୍ପିତ ସୁନ୍ଦର ବୃକ୍ଷ ନିଶ୍ଚୟ ପଲ୍ଲବିତ ହେବ ।

ଠିକଣା - ବହିଆପଦର, ବରପାଲି, ଜିଲ୍ଲା - ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମଇ ୨୦୨୩

ଲେଖା ପଠାଇବାର ଶେଷ ତାରିଖ : ୩ ମଇ ୨୦୨୩

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


## aahwaan@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan